

ଅନୁରାଗ କୁମାର ଦିଲ୍ଲୀ ପୁଲିସ କମିସନର୍ ପୃଷ୍ଠା ୫

ସଂଚାର
THE SANCHAR
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 117 ଭାଗ ୩୪ | ସଂଖ୍ୟା ୧୧୭ | Saturday 18 July 2026 | Page 8 Rs. 5.00 | ● ଭୁବନେଶ୍ୱର ଶନିବାର, ୧୮ ଜୁଲାଇ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

# ଗଠନ ହେବ ଷ୍ଟେଟ୍ ସ୍ପେସିଆଲ ସେଲ୍

- ସିଙ୍ଗଲ ୱିଣ୍ଡୋ ଭାବେ କାମ କରିବ ସ୍ୱତନ୍ତ୍ର ସେଲ୍
- ସବୁ ଭିତ୍ତିଭୂମି ପ୍ରକଳ୍ପର ହେବ ନିରନ୍ତର ସମୀକ୍ଷା
- କମିବ ଖର୍ଚ୍ଚ, ନିର୍ଦ୍ଧାରିତ ସମୟରେ ସରିବ ପ୍ରକଳ୍ପ
- ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ତତ୍ପର ହୋଇଛି ପ୍ରଶାସନ
- ଆଜି ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ପ୍ରଥମ ବୈଠକ



**ଭୁବନେଶ୍ୱର,୧୭।୭(ସଂଚାର ବ୍ୟୁରୋ):** ରାଜ୍ୟରେ ବୃହତ ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଷ୍ଟେଟ୍ ସ୍ପେସିଆଲ୍ ସେଲ୍ ଗଠନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପୁଞ୍ଜି ଖର୍ଚ୍ଚ ପାଇଁ ଚଳିତ ବର୍ଷ ସରକାର ୬୫ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି। ଏହି ବ୍ୟୟ ବରାଦକୁ ସଠିକ ଭାବେ ଖର୍ଚ୍ଚ କରିବାକୁ ହେଲେ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ ନକ୍ସା ଓ ଡିଜାଇନ ପ୍ରସ୍ତୁତି। ପ୍ରକଳ୍ପ ନକ୍ସା ପ୍ରସ୍ତୁତି ବିଳମ୍ବ ହେଲେ ପ୍ରକଳ୍ପ କାମ ବି ବିଳମ୍ବିତ ହେଉଛି। ଏହାଦ୍ୱାରା ସମୟ ସୀମା ବୃଦ୍ଧି ହେବା ସହ ବ୍ୟୟ ବରାଦ ମଧ୍ୟ ବଢୁଛି। ଏହି ସମସ୍ୟାର ସମାଧାନ କରିବାକୁ ସ୍ୱତନ୍ତ୍ର ସେଲ୍ ଗଠନ ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି।

ପ୍ରସ୍ତାବିତ ଏହି ସେଲ୍ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ଏକ ଅଗ୍ରଣୀ ଅନୁଷ୍ଠାନ ଭାବେ କାମ କରିବ। ଏହି ସେଲ୍ ବିଭିନ୍ନ ବିଭାଗ ଦ୍ୱାରା ପରିଚାଳିତ ଭିତ୍ତିଭୂମି ପ୍ରକଳ୍ପର କାର୍ଯ୍ୟକାରୀ କରିବାକୁ ଡିଜାଇନ ପ୍ରସ୍ତୁତି ଠାରୁ ଆରମ୍ଭ କରି ଡିପିଆର ପ୍ରସ୍ତୁତି ପର୍ଯ୍ୟନ୍ତ ସାହାର୍ଯ୍ୟ କରିବ। ପ୍ରକଳ୍ପଗୁଡ଼ିକୁ ନିରନ୍ତର ସମୀକ୍ଷା ଓ ମୂଲ୍ୟାୟନ କରିବ ଏହି ସେଲ୍। ଏହାଦ୍ୱାରା ଏହି ସେଲ୍ ସବୁ ଭିତ୍ତିଭୂମି ପ୍ରକଳ୍ପ ପାଇଁ ଏକ ସିଙ୍ଗଲ ୱିଣ୍ଡୋ ସେଲ୍ ଭଳି କାମ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଗତ ମାର୍ଚ୍ଚ ୧୮ ତାରିଖରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ପାଖକୁ ଏନେଇ ଏକ କନ୍‌ସେପ୍ଟ ନୋଟ୍ ମାଧ୍ୟମରେ ଏହି ନିର୍ଦ୍ଦେଶ ଦେବା ସହ ➪ ପୃଷ୍ଠା-୬



## ଓଡ଼ିଶାର ୭ଟି ପୁନଃନିର୍ମିତ ରେଳ ଷ୍ଟେସନ ଉଦ୍‌ଘାଟିତ

**ଭୁବନେଶ୍ୱର/ଝାରସୁଗୁଡ଼ା,୧୭।୭(ସଂଚାର ବ୍ୟୁରୋ):** ରେଳ ଭିତ୍ତିଭୂମିର ରୂପାନ୍ତର ଓ ଯାତ୍ରୀମାନଙ୍କ ସୁବିଧା ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଦେଶବ୍ୟାପୀ ୭୫ଟି ପୁନର୍ନିର୍ମିତ ରେଳ ଷ୍ଟେସନର ଉଦ୍‌ଘାଟନ କରିଛନ୍ତି। ଏହି କ୍ରମରେ ଓଡ଼ିଶାର ୭ଟି ପୁନର୍ନିର୍ମିତ ରେଳ ଷ୍ଟେସନ ବଲାଙ୍ଗୀର, ବରପାଲି, ପାରଳାଖେମୁଣ୍ଡି, ତାଳଚେର, କେସିଙ୍ଗା, ବାରିପଦା ଓ ବିମଳଗଡ଼କୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପିତ କରାଯାଇଛି। ପ୍ରାୟ ୧୦୯ କୋଟି ଟଙ୍କାର ବ୍ୟୟରେ ପୁନର୍ନିର୍ମିତ ଏହି ଷ୍ଟେସନଗୁଡ଼ିକ, ସେମାନଙ୍କର ସମ୍ପୃକ୍ତ ଅଞ୍ଚଳର ସାଂସ୍କୃତିକ ପରିଚୟ, ସ୍ଥାପତ୍ୟ କଳା ଓ ଐତିହ୍ୟକୁ ସଂରକ୍ଷଣ କରିବା ସହ ଆଧୁନିକ, ଯାତ୍ରୀକେନ୍ଦ୍ରିକ ➪ ପୃଷ୍ଠା-୬

# ଗଡ଼ିଲା ଦେଶର ପ୍ରଥମ ହାଇଡ୍ରୋ-ଟ୍ରେନ୍

- ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ
- ଉପଲବ୍ଧିରେ ଭାରତ ବିଶ୍ୱର ୫ମ ଦେଶ
- ୧୫ ହଜାର କୋଟିର ଭିତ୍ତିପ୍ରସ୍ତର ସ୍ଥାପନ



**ଚଣ୍ଡିଗଡ଼, ୧୭।୭:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଭାରତର ପ୍ରଥମ ଉଦ୍‌ଜାନଚାଳିତ ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ତି। ଏହା ହରିଆନାର ଜିନ୍ଦ୍ ରେଳଷ୍ଟେସନରୁ ସୋନିପତ୍ ରେଳଷ୍ଟେସନକୁ ସଂଯୋଗ କରିବ। ଆଜିର ପ୍ରଥମ ହାଇଡ୍ରୋ ଟ୍ରେନ୍ ଘଟଣା ପରେ ଦେଶର ସ୍ୱଚ୍ଛ ଓ ସ୍ଥାୟୀ ରେଳସେବା କ୍ଷେତ୍ରରେ ଏକ ମାଇଲ୍‌ଷ୍ଟୋନ ପ୍ରତିଷ୍ଠା ହୋଇଛି। ଏଥିସହ ସ୍ୱଚ୍ଛ ରେଳ ପରିବହନ ପାଇଁ ହାଇଡ୍ରୋଜେନ ବ୍ୟବହାର କରୁଥିବା ଜର୍ମାନୀ, ଜାପାନ, ଚୀନ ଓ ଆମେରିକା ପରି ଦେଶମାନଙ୍କ କ୍ଲବ୍‌ରେ ଭାରତ ନିଜକୁ ସାମିଲ୍ କରିଛି। ବିଶ୍ୱର ପଞ୍ଚମ ଦେଶ ଭାବେ ପ୍ରଧାନମନ୍ତ୍ରୀ ଦେଶର ପ୍ରଥମ ହାଇଡ୍ରୋ-ଟ୍ରେନ୍‌କୁ ଜିନ୍ଦ୍ ଷ୍ଟେସନରେ ପତାକା ହଲାଇ ଶୁଭାରମ୍ଭ କରିଛନ୍ତି। ଏଥିସହ ହରିଆନାରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଲାଗି ପ୍ରଧାନମନ୍ତ୍ରୀ ଶୁକ୍ରବାର ୧୫ ହଜାର କୋଟି ଟଙ୍କାର ଭିନ୍ନ ଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ (ଶିଳାନ୍ୟାସ) କରିଛନ୍ତି।

ପତାକା ହଲାଇ ଭାରତର ପ୍ରଥମ ହାଇଡ୍ରୋ-ଟ୍ରେନ୍‌କୁ ହରିଆନାର ଲୋକମାନଙ୍କ ନିମନ୍ତେ ଉତ୍ସର୍ଗ କରିବା ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୋଦି କହିଛନ୍ତି ଯେ ଊନବିଂଶ ଶତାବ୍ଦୀରେ ବାଷ୍ପୀୟ ଇଞ୍ଜିନରେ ରେଳଗାଡ଼ି ଚାଲୁଥିଲା। ବିଂଶ ଶତାବ୍ଦୀରେ ତାହା ଡିଜେଲ ଓ ପରେ ପରେ ବୈଦ୍ୟୁତିକ ଶକ୍ତିକୁ ରୂପାନ୍ତରିତ ହେଲା। ଏବେ ଏକବିଂଶ ଶତାବ୍ଦୀ, ଆଉ ରେଳଗାଡ଼ି ଉଦ୍‌ଜାନ ➪ ପୃଷ୍ଠା-୬

# ଶରଧାବାଲିରେ ପହଞ୍ଚିଲେ ଶ୍ରୀଜିଉ



**ପୁରୀ,୧୭।୭(ସଂଚାର ବ୍ୟୁରୋ):** ଆଜି ରଥଯାତ୍ରାର ଦ୍ୱିତୀୟ ଦିନରେ ଶରଧାବାଲିରେ ଲାଗିଲା ତିନି ରଥ। ପ୍ରଥମେ ବଡ଼ ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ, ତା’ ପଛକୁ ପଛ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଓ ଶେଷରେ କାଳିଆର ନନ୍ଦିଘୋଷ ରଥ ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚିଛି। ଜନ୍ମସ୍ଥାନରେ ତିନି ରଥ ଲାଗିବା ପୂର୍ବରୁ ଆଜି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ମନ୍ଦିରରେ ପହଞ୍ଚି ସ୍ଥିତିକୁ ତଦାରଖ କରିଥିଲେ। ଆଜି ତିନି ➪ ପୃଷ୍ଠା-୬

### ଆସନ୍ତାକାଲି ଆଡ଼ପ ମଣ୍ଡପ ବିଜେ

### ଦୁଇ ଦିନ୍ ରଥରେ କାଳିଆକୁ ଦର୍ଶନ କଲେ ଭକ୍ତ

### ଛୋଟ ପିଲା ଓ ବୟସ୍କ ନ ଆସିବାକୁ ଅପିଲ

ଗତକାଲି ଅଧାରେ ଅଟକିଥିବା ଆସ୍ଥାର ଯାତ୍ରା ଆଜି ପୂର୍ଣ୍ଣତା ପାଇଛି। ଗତକାଲି ସମୟ ସହ ଅଟକିଯାଇଥିବା ରଥ ଆଜି ଲକ୍ଷ ଲକ୍ଷ ଭକ୍ତଙ୍କ ଭକ୍ତିର ସ୍ପର୍ଶରେ ମା’ ଗୁଣ୍ଡିଚାଙ୍କ ଦ୍ୱାରରେ ପହଞ୍ଚିଛି। ଗତକାଲି ଭଳି ଆଜି ବି ଭକ୍ତଙ୍କ ମଧ୍ୟରେ ସେହି ଉତ୍ସାହ ଦେଖିବାକୁ ମିଳିଛି। ସକାଳୁ ସକାଳୁ ବଡ଼ଦାଣ୍ଡରେ ଜମିଥିଲା ଲକ୍ଷ ଲକ୍ଷ ଭକ୍ତଙ୍କ ସମୁଦ୍ର। ➪ ପୃଷ୍ଠା-୬

## ‘ଏନ୍‌ଡିଏ ସଂସଦୀୟ ଦଳ’ ହେଲା ‘ମଙ୍ଗଳ ମିଳନ’

**ନୂଆଦିଲ୍ଲୀ, ୧୭।୭:** ଜୁଲାଇ ୨୧ ତାରିଖ ସକାଳ ସାଢ଼େ ୯ଟାରେ ସଂସଦ ଭବନରେ ରାଷ୍ଟ୍ରୀୟ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ)ର ସଂସଦୀୟ ଦଳ ବୈଠକ ବସିବାର କାର୍ଯ୍ୟସୂଚୀ ଥିବା ବେଳେ ବୈଠକର ନାମକୁ ଶୁକ୍ରବାର ବଦଳାଇ ଦିଆଯାଇଛି। ୨୧ ତାରିଖ ବସିବାକୁ ଥିବା ବୈଠକର ନାମ ‘ମଙ୍ଗଳ ମିଳନ’ ରଖାଯାଇଛି। ପାର୍ଲାମେଣ୍ଟରେ ଅଧିବେଶନ ଚାଲିଥିବା ବେଳେ ପାରମ୍ପରିକ ଭାବରେ ଗୁରୁବାର ଦିନ ସଂସଦୀୟ ଦଳର ବୈଠକ ବସିଥାଏ। ୨୦ ତାରିଖରେ ଆରମ୍ଭ ହେଉଥିବା ମୌସୁମୀ ଅଧିବେଶନ ପାଇଁ ଶାସକ ଦଳ କେତେକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାଦେଶ ଗ୍ରହଣ କରିବାକୁ ଯୋଜନା କରିଛି। ସେଥିମଧ୍ୟରେ ଆୟକର ସଂଶୋଧନ, ଜାତୀୟ ସମ୍ମାନର ଅସମ୍ମାନ ପାଇଁ ଦଣ୍ଡାଦେଶ ଆଇନ୍, ସୁପ୍ରିମକୋର୍ଟ ବିଚାରପତିଙ୍କ ସଂଖ୍ୟା ସମ୍ପର୍କିତ ଆଇନ ଆଦିକୁ ସାମିଲ୍ କରାଯାଇଛି।

### ପଦବୀରୁ ହଟାଇବା ବିଲ୍‌କୁ ନେଇ ଅସହମତି

## ମୌସୁମୀ ଅଧିବେଶନରେ ଦାଖଲ ହେବନି ରିପୋର୍ଟ

**ନୂଆଦିଲ୍ଲୀ, ୧୭।୭:** ଗୁରୁତର ଆପରାଧିକ ମାମଲାରେ ଅତି କମ୍‌ରେ ୩୦ ଦିନ ଜେଲ୍ ଯାଇଥିଲେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ସେମାନଙ୍କୁ ପଦବିରୁ ହଟାଇ ଦିଆଯିବା ପାଇଁ ଉଦ୍ଦିଷ୍ଟ ତିନୋଟି ବିଧେୟକ ଉପରେ ବିଚାରବିମର୍ଶ କରୁଥିବା ମିଳିତ ସଂସଦୀୟ କମିଟି (ଜେପିସି) ତା’ର ରିପୋର୍ଟକୁ ଆସନ୍ତା ମୌସୁମୀ ଅଧିବେଶନରେ ଦାଖଲ କରିବନାହିଁ ବୋଲି ସ୍ପଷ୍ଟ କରିଛି। ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଜେପିସିର ଏକ ସ୍ୱତନ୍ତ୍ର ବୈଠକ ଶୁକ୍ରବାର ବସିଥିଲା। ମାତ୍ର ଏଥିରେ ସହମତି ମିଳିପାରିନାହିଁ। ତେଣୁ ଏହା ଉପରେ ଆହୁରି ଆଲୋଚନା କରାଯିବାର ଆବଶ୍ୟକତା ରହିଛି ବୋଲି ପ୍ୟାନେଲ୍ କହିଛି। ପ୍ରାଥମିକ ଡ୍ରାଫ୍ଟ ରିପୋର୍ଟରେ ପ୍ୟାନେଲ୍ ଉକ୍ତ ବିଧେୟକକୁ ନେଇ ପାଞ୍ଚ ଦଫା ସୁପାରିଶ କରିଥିଲା ଓ ତାହାକୁ ଜୁଲାଇ ୧୦ ତାରିଖରେ ମିଳିତ ସଂସଦୀୟ କମିଟିର ସଦସ୍ୟମାନଙ୍କ ନିକଟକୁ ପଠାଇ ଦିଆଯାଇଥିଲା। ଶୁକ୍ରବାର ବୈଠକରେ ପ୍ୟାନେଲ ଦ୍ୱାରା ଦିଆଯାଇଥିବା ପାଞ୍ଚଟି ସୁପାରିଶ ମଧ୍ୟରୁ ଦୁଇଟି ଉପରେ ଭୋଟିଂ ହୋଇଥିଲା। ମାତ୍ର କୌଣସି ସର୍ବସମ୍ମତ ନିଷ୍ପତ୍ତି ନ ଆସିବାରୁ ଡ୍ରାଫ୍ଟ ରିପୋର୍ଟ ଗ୍ରହଣକୁ ସ୍ଥଗିତ ରଖିବାକୁ ପ୍ୟାନେଲ୍ ନିଷ୍ପତ୍ତି ନେଇଛି।

### ବାଇକ୍ ଉପରେ ଚଢ଼ିଗଲା ହାଇୱା

## ଜନ୍ମ ପ୍ରମାଣପତ୍ର ନେବାକୁ ଆସିଥିଲେ, ଲିଭିଗଲା ଜୀବନ ଦୀପ



**ଭଦ୍ରକ,୧୭।୭(ସଂଚାର ବ୍ୟୁରୋ):** ଜନ୍ମଗତ ପ୍ରମାଣପତ୍ର ନେବାକୁ ଆସିଥିଲେ। କିନ୍ତୁ ବିଧିର ବିଧାନ ଥିଲା ଅଲଗା। ଜନ୍ମଗତ ପ୍ରମାଣପତ୍ର ନେବାକୁ ଆସିଥିବା ୩ ଯୁବକଙ୍କ ମଧ୍ୟରୁ ଦୁଇ ଜଣଙ୍କ ଜୀବନ ଦୀପ ଲିଭିଯାଇଛି। ସେମାନଙ୍କ ମୋଟର ସାଇକେଲ୍‌କୁ ଏକ ହାଇୱା ଟ୍ରକ୍ ଧକ୍କା ଦେବା ଫଳରେ ୨ ଜଣ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି।

ମିଳିଥିବା ସୂଚନାନୁସାରେ, ୧୬ ନମ୍ବର ଜାତୀୟ ରାଜପଥର ଭଦ୍ରକ ଗେଲପୁର ଗୋପବନ୍ଧୁପୁର ଛକ ନିକଟରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାଟି ଘଟିଛି। ଭଦ୍ରକ ଜିଲ୍ଲା କେନ୍ଦୁଆପଦା ଆମ୍ବର ଅଞ୍ଚଳରୁ ମଟର ସାଇକେଲ ଯୋଗେ ଦୀପକ ଦାସ, ଅଜୟ ଶବର ଓ ତାଙ୍କ ସାଙ୍ଗ ଭଦ୍ରକ ମେଡିକାଲକୁ ଜନ୍ମଗତ ପ୍ରମାଣପତ୍ର ନେବା ପାଇଁ ଆସିଥିଲେ। ତେବେ ମେଡିକାଲ କର୍ତ୍ତୃପକ୍ଷ ଜନ୍ମଗତ ପ୍ରମାଣପତ୍ର ଦେବାକୁ ମନା କରିବାରୁ ସେମାନେ ଘରକୁ ଫେରିଯାଉଥିଲେ। ତେବେ ଗୋପବନ୍ଧୁପୁର ଛକ ନିକଟରେ ଏକ ସାଇକେଲ ଦୋକାନ ପାଖରେ ଗାଡ଼ି ଛିଡ଼ା କରି ସେମାନଙ୍କ ମଧ୍ୟରୁ ଜଣେ ପରିସ୍ରା କରିବାକୁ ଯାଇଥିବା ସମୟରେ ଦୀପକ ଓ ଅଜୟ ଗାଡ଼ି ପାଖରେ ଛିଡ଼ା ହୋଇଥିଲେ। ଏହି ସମୟରେ ଦ୍ରୁତ ଗତିରେ ଆସି ହାଇୱା ଟ୍ରକ୍‌ଟି ସେମାନଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଉଭୟଙ୍କର ମୃତ୍ୟୁ ହୋଇଥିବା ବେଳେ ସେମାନଙ୍କ ସାଙ୍ଗ ମଧ୍ୟ ଧକ୍କାରେ ଗୁରୁତର ଭାବେ ଆହତ ହୋଇଛନ୍ତି। ଏହି ଦୁର୍ଘଟଣା ପ୍ରତିବାଦରେ ଘଟଣାସ୍ଥଳରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ଦମକଳ ବାହିନୀ ଓ ଗ୍ରାମାଞ୍ଚଳ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ମୃତଦେହକୁ ବ୍ୟବଚ୍ଛେଦ ସକାଶେ ଭଦ୍ରକ ମେଡିକାଲକୁ ପଠାଇଛନ୍ତି। ଏଥିସହ ➪ ପୃଷ୍ଠା-୬

### ■ ପାଠ୍ୟପୁସ୍ତକ ତ୍ରୁଟି ମାମଲା

## ଓସେପା କର୍ମଚାରୀଙ୍କୁ କ୍ରାଇମ୍‌ବ୍ରାଞ୍ଚ୍‌ର ଜେରା



**ଭୁବନେଶ୍ୱର,୧୭।୭:** ବହୁଚର୍ଚ୍ଚିତ ପାଠ୍ୟପୁସ୍ତକ ତ୍ରୁଟି ମାମଲାର ତଦନ୍ତ କ୍ରାଇମ୍ ବ୍ରାଞ୍ଚ୍ କରୁଥିବା ବେଳେ ଏହି ମାମଲାରେ ପୂର୍ବରୁ ଏନ୍‌ସିଇଆର୍‌ଟିର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କୁ ଗିରଫ କରାଯାଇସାରିଛି। ଏହି ମାମଲାରେ ଆଜି କ୍ରାଇମ୍ ବ୍ରାଞ୍ଚ ଡିଏସ୍‌ପି ନରେନ୍ଦ୍ର ବେହେରାଙ୍କ ନେତୃତ୍ୱାଧୀନ ଏକ ୫ଜଣିଆ ଟିମ୍ ଓସେପା ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚି ସେଠାକାର କର୍ମଚାରୀମାନଙ୍କୁ ପଚରାଉଚରା କରିଛି। ତଦନ୍ତ ସମୟରେ ଅଧିକାରୀମାନେ ଓସେପା ଉପନିର୍ଦ୍ଦେଶିକା ଇତିଶ୍ରୀ ନାୟକଙ୍କୁ ପାଠ୍ୟପୁସ୍ତକ ପ୍ରସ୍ତୁତି, ସମୀକ୍ଷା ଓ ମୁଦ୍ରଣ ସଂକ୍ରାନ୍ତ ବିଭିନ୍ନ ପ୍ରଶ୍ନ ପଚାରିଥିବା ➪ ପୃଷ୍ଠା-୬

## ଘାତକ ହେଉଛି କରୋନା

## ୪ ମୃତ; ଆକ୍ରାନ୍ତ ୧୨



**ଅମରାବତୀ,୧୭।୭:** ଦ୍ରୁତ ଗତିରେ ନ ହେଲେ ବି ଧୀରେ ଧୀରେ ଭାରତରେ ଘାତକ କରୋନା ଭାଇରସ୍ ତା’ର କାୟା ବିସ୍ତାର କରୁଛି। ଆନ୍ଧ୍ରପ୍ରଦେଶରେ କୋଭିଡ୍ ସଂକ୍ରମଣରେ ୪ ଜଣଙ୍କର ମୃତ୍ୟୁ ଘଟିଛି ଓ ଆକ୍ରାନ୍ତଙ୍କ ସଂଖ୍ୟା ୧୨କୁ ବୃଦ୍ଧି ପାଇଛି ବୋଲି ରାଜ୍ୟର ସ୍ୱାସ୍ଥ୍ୟ ଆୟୁକ୍ତ ଜି. ବୀରାପାଣ୍ଡିଆନ୍ ଏକ ସରକାରୀ ବିବୃତ୍ତିରେ କହିଛନ୍ତି। ଏଥିସହ ଜୁଲାଇ ୧ ତାରିଖଠାରୁ ସାରା ଦେଶରେ ୩୩୯ଟି କୋଭିଡ-୧୯ ମାମଲା ରେକର୍ଡ କରାଯାଇଥିବା ଆନ୍ଧ୍ର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶିତ ବିବୃତ୍ତିରେ କୁହାଯାଇଛି। ସେଥିମଧ୍ୟରୁ ସର୍ବାଧିକ ୧୧୫ ଜଣ କେରଳରେ ଚିହ୍ନଟ ହୋଇଛନ୍ତି। କର୍ଣ୍ଣାଟକରେ ୬୪, ମହାରାଷ୍ଟ୍ରରେ ୪୩, ତାମିଲନାଡୁରେ ୩୯, ଆଣ୍ଡାମାନ୍-ନିକୋବରରେ ୧୮ ଓ ରାଜସ୍ଥାନରେ ୧୨ ଜଣଙ୍କୁ କୋଭିଡ୍ ଚିହ୍ନଟ କରାଯାଇଛି। ଜୁନ୍ ୨୬ ତାରିଖରେ ପ୍ରଥମେ ଆନ୍ଧ୍ରପ୍ରଦେଶରେ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଥିଲା। ସେବେଠାରୁ ଜୁଲାଇ ୧୬ ତାରିଖ ମଧ୍ୟରେ ୪ ଜଣଙ୍କର ମୃତ୍ୟୁ ଘଟିଛି। ତେବେ କରୋନାରେ ପ୍ରାଣ ହରାଇଥିବା ଲୋକମାନେ ଏକାଧିକ ରୋଗରେ ପୀଡ଼ିତ ଥିଲେ। ସେମାନେ ଉଚ୍ଚଚାପ, ମଧୁମେହ, କିଡ୍‌ନୀଜନିତ ସମସ୍ୟା ତଥା ଅନ୍ୟାନ୍ୟ ରୋଗରେ ପୀଡ଼ିତ ଥିବା ଜଣାପଡ଼ିଛି।

ଯଦିଓ କରୋନା ସଂକ୍ରମଣ ଦ୍ରୁତ ଭାବରେ ବ୍ୟାପୁଥିବା କିମ୍ବା ଗୋଷ୍ଠୀ ସଂକ୍ରମଣ ହୋଇଥିବାର କୌଣସି ସୂଚନା ଏଯାଏ ମିଳିନାହିଁ, ତଥାପି ଏହା ବିକ୍ଷିପ୍ତ ଭାବେ ତା’ର କାୟା ମେଲାଉଛି ବୋଲି ବୀରାପାଣ୍ଡିଆନ୍ ପ୍ରେସ ବିବୃତ୍ତିରେ ସୂଚନା ଦେଇଛନ୍ତି। କୋଭିଡ୍-୧୯ରେ ଏଯାବତ୍ ପ୍ରାଣ ହରାଇଥିବା ୪ ଜଣଙ୍କ ମଧ୍ୟରୁ ୩ ଜଣ ହେଉଛନ୍ତି କଡ଼ପା ଜିଲ୍ଲାର। ସେହିପରି କଡ଼ପାର ସର୍ବାଧିକ ୮ ଜଣ କୋଭିଡ୍ ସଂକ୍ରମିତ ହୋଇଥିବା ମଧ୍ୟ ରେକର୍ଡ କରାଯାଇଛି। ଗୁଣ୍ଟୁରରେ ୨ ଜଣ ସଂକ୍ରମିତ ହୋଇଥିବା ବେଳେ ବିଶାଖାପଟ୍ଟନମ୍ ଓ କାକିନାଡ଼ାରେ ଜଣେ ଲେଖାଏଁ ସଂକ୍ରମଣର ଶିକାର ହୋଇଛନ୍ତି। ବୀରାପାଣ୍ଡିଆନ୍ କହିଛନ୍ତି ଯେ ପ୍ରଥମ କୋଭିଡ୍ ସଂକ୍ରମଣ ସାମ୍ନାକୁ ଆସିବା ପରେ ଏ ଯାଏ ମୋଟ୍ ୬୭ ଜଣଙ୍କର ନମୁନା ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ଆନ୍ଧ୍ରରେ ୧୧ ଜଣଙ୍କର କୋଭିଡ୍-ପଜିଟିଭ୍ ଆସିଥିବା ବେଳେ ଅନ୍ୟ ଜଣେ ତାମିଲନାଡୁ ଭେଲୋରଠାରେ ଥିବା ଖ୍ରୀଷ୍ଟିଆନ୍ ମେଡିକାଲ କଲେଜରେ କୋଭିଡ୍ ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। ସଂକ୍ରମିତଙ୍କ ମଧ୍ୟରୁ ତିନି ଜଣଙ୍କୁ ହୋମ୍ ଆଇସୋଲେସନ୍‌ରେ ରଖାଯାଇଛି।

## କାହିଁକି ନିଆରା ‘ପ୍ରଫୁଲ୍ଲ ଭାଇ’



**ଭୁବନେଶ୍ୱର,୧୭।୭(ସଂଚାର ବ୍ୟୁରୋ):** ଓଡ଼ିଶା ରାଜନୀତିରେ ବହୁ ନେତା ଆସିଛନ୍ତି, ଆଉ ଇତିହାସ ପୃଷ୍ଠାରୁ ଲିଭିଯାଇଛନ୍ତି। ହେଲେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ ଜଣେ ନିଆରା ରାଜନେତା। ବୟସ ୮୫ ଟପିଲାଣି। ତାଙ୍କ ସମସାମୟିକ ବହୁ ନେତାଙ୍କ ପରଲୋକ ହୋଇଗଲାଣି। ସେ ମଧ ସମ୍ପୂର୍ଣ୍ଣ ସୁସ୍ଥ ନୁହଁନ୍ତି। କିଛି ବର୍ଷ ପୂର୍ବେ ତାଙ୍କର ମଧ ଏକ ବଡ଼ ଧରଣର ଅସ୍ତ୍ରୋପଚାର ହୋଇଥିଲା। ହେଲେ ଏବୟସରେ ବି ସେ କୌଣସି ସାମାଜିକ କାର୍ଯ୍ୟକ୍ରମକୁ ଛାଡ଼ନ୍ତି ନାହିଁ। ତାଙ୍କ ଶରୀର ଯେତିକି ଅନୁମତି ଦିଏ, ସେହି ଅନୁଯାୟୀ ସେ ସାମାଜିକ କାର୍ଯ୍ୟକ୍ରମକୁ ଯାଉଛନ୍ତି। ଆଜି ତାଙ୍କର ବନ୍ଧୁ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଅସୁସ୍ଥ ଥିବା ଖବର ଶୁଣି ସେ ହସ୍ପିଟାଲ ଦୌଡ଼ି ଯାଇଥିଲେ। ତାଙ୍କୁ ଭେଟିଲେ, ସ୍ୱାସ୍ଥାବସ୍ଥା ପଚାରି ବୁଝିଲେ। ଦଳର ଯେତେ ନେତା ଭେଟିବା ଭିନ୍ନ, ଜଣେ ବନ୍ଧୁ ହସି ହସି କାନ୍ଧରେ ହତ ରଖିଦେବା ଭିନ୍ନ। ଏଇ ଗୋଟିଏ ଘଟଣା ନୁହେଁ, ତାଙ୍କୁ ଏମିତି ବହୁ ସାମାଜିକ କାର୍ଯ୍ୟକ୍ରମରେ ଦେଖିବାକୁ ମିଳେ। ଏ ବୟସରେ ସେ ତାଙ୍କର ପୁରୁଣା ନିର୍ବାଚନମଣ୍ଡଳୀ ସୁକିନ୍ଦା ମଧ ଯାଉଛନ୍ତି। ଯଦିଓ ପୂର୍ବପରି ସବୁ ଦିନ ଯାଇପାରୁନାହାଁନ୍ତି, କିନ୍ତୁ ସପ୍ତାହକୁ ଦୁଇ ତିନି ଥର ଯାଇ ଲୋକଙ୍କୁ ଭେଟୁଛନ୍ତି। ଏବେ ବି ସେ ଚିହ୍ନିଥିବା ଲୋକଙ୍କୁ ମନେ ରଖିଛନ୍ତି ଆଉ ତାଙ୍କୁ ନାଁ ଧରି ଡାକୁଛନ୍ତି। ଛୋଟଠୁ ବଡ଼ ଯାଏ ସେ ସମସ୍ତଙ୍କର ‘ପ୍ରଫୁଲ୍ଲ ଭାଇ’। ଆଜି ବି ସେ ରାଜ୍ୟ ଓ ଦେଶର ଅର୍ଥନୀତି ସମ୍ପର୍କିତ ଟିଭି ଡିବେଟ୍‌ରେ ଭାଗ ନେଉଛନ୍ତି। ରାଜ୍ୟ ରାଜନୀତି ନେଇ ବିତର୍କ କରୁଛନ୍ତି। ନିଜକୁ ସେ ସାମାଜିକ ସହ ଯୋଡ଼ି ରଖିଛନ୍ତି। ସେ ପ୍ରମାଣିତ କରିଦେଇଛନ୍ତି ଯେ କେବଳ କ୍ଷମତାରେ ରହିଲେ ଜଣେ ନେତା ହୋଇଥାଏ ତା’ ନୁହେଁ, ଲୋକ ସମ୍ପର୍କ ହିଁ ପ୍ରକୃତରେ ଜଣେ ନେତାକୁ ଜନନେତାରେ ପରିଣତ କରିଥାଏ।



### କାନ ଡେରିଥା

ପୁରୀ ବଡ଼ଦାଣ୍ଡ ପୁରି
ଉଠୁଥିଲା
ଜଗାକୁ ରଥକୁ ନେଇ
ଭକତଟି ଶେଷ ନିଶ୍ୱାସ
ଛାଡ଼ିଲା
କିଏ ଦାୟୀ ଏଥିପାଇଁ
ଆୟୋଜନ ଠିକ୍ ନାହିଁ...
ଭକତଟି କେତେ ଭକ୍ତି ଭାବେ
ଆସେ
ସୁରକ୍ଷା ସେଇଠି କାହିଁ ।

■ ଦେବାଶିଷ

# ଅବ୍ୟବସ୍ଥାକୁ ସୁବ୍ୟବସ୍ଥା ଦର୍ଶାଇ ଖସିଲେ ବାବୁ



### ଜଗନ୍ନାଥଙ୍କ ଟାହିଆ ଖସିବାକୁ ନେଇ ଦ୍ୱନ୍ଦ୍ୱ

### ଦଳାଚକଟା ଦୋଷ ମୁଣ୍ଡାଇବାକୁ ବି ନାରାଜ

**ଭୁବନେଶ୍ୱର,୧୭।୭(ସଂଚାର ବ୍ୟୁରୋ):** ଜଗତର ନାଥ ଜଗନ୍ନାଥ ଅଭିମାନ ମୁଦ୍ରାରେ ବହୁ ବିଳମ୍ବରେ ବିନା ଟାହିଆରେ ଶ୍ରୀମନ୍ଦିରୁ ପହଣ୍ଡିରେ ରଥକୁ ଆସିଲେ। ରଥ ସାମ୍ନାରେ ଦଳାଚକଟାରେ ଦୁଇ ଜଣ ଭକ୍ତ ପ୍ରାଣ ହରାଇଲେ। ସମସ୍ତ ପ୍ରସ୍ତୁତି ସତ୍ତ୍ୱେ ନନ୍ଦିଘୋଷ ବିଧିରକ୍ଷା ପାଇଁ କେଇ ହାତ ଗଡ଼ି ଅଟକିଲେ। ଚଳିତ ବର୍ଷର ରଥଯାତ୍ରାରେ ଏଭଳି ଅବ୍ୟବସ୍ଥା ଦେଖାଦେଇଥିଲେ ମଧ ତାହାକୁ ସୁବ୍ୟବସ୍ଥା କହି ବାବୁମାନେ ନିଜ ନିଜ କାନ୍ଧରୁ ଦୋଷ ଝାଡ଼ିଦେଲେ। ସମସ୍ତେ ଏହାକୁ ଦେଖୁଥିଲେ ମଧ କେହି ପାଟି ଫିଟାଇଲେ ନାହିଁ।

ଚଳିତ ବର୍ଷର ରଥଯାତ୍ରା ପାଇଁ ଘନ ଘନ ବୈଠକ, ସମୀକ୍ଷା ଆୟୋଜିତ ହୋଇଥିଲା। ପ୍ରଶାସନର ମୁଖିଆଙ୍କଠାରୁ ପୁଲିସ୍ ମୁଖିଆ ବାରମ୍ବାର ପୁରୀ ଗସ୍ତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ତାଙ୍କ ମନ୍ତ୍ରିମଣ୍ଡଳର ଅନ୍ୟ ମନ୍ତ୍ରୀମାନେ ବି ସମୀକ୍ଷା କରିଥିଲେ। ରଥଯାତ୍ରା ଯେଭଳି ସୁରୁଖୁରୁରେ ହେବ, ସେଥିପାଇଁ ମୁଖ୍ୟମନ୍ତ୍ରୀ ସରକାରୀ ଅଧିକାରୀମାନଙ୍କୁ ବାରମ୍ବାର ତାଗିଦା କରିଥିଲେ। ସମସ୍ତେ ବି ତାଙ୍କ ତାଗିଦାରେ ମୁଣ୍ଡ ଟୁଙ୍ଗାରିଥିଲେ। ହେଲେ ଅସଲ କାମ ବେଳକୁ ଦେଖାଦେଲା ବିଭ୍ରାଟ। ଚକ୍ରରାଜ ସୁଦର୍ଶନ, ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରା ବେଶ୍ ସୁରୁଖୁରୁରେ ପହଣ୍ଡିରେ ଆସି ରଥାରୂଢ଼ ହେବା ପରେ ସମସ୍ତଙ୍କ ଅପେକ୍ଷା ରହିଥିଲା ଜଗତର ନାଥ ଜଗନ୍ନାଥଙ୍କ ପାଇଁ।



ହେଲେ ବଡ଼ ଦେଉଳରୁ ଜଗା ବାହାରିଲେ ନାହିଁ। ପ୍ରାୟ ତିନି ଘଣ୍ଟା ବିଳମ୍ବରେ ଯେତେବେଳେ ବାଇଶି ପାହାଚରୁ ସିଂହଦ୍ୱାର ଦେଇ ବାହାରିଲେ, ସେତେବେଳେ ମୁଣ୍ଡରେ ତାଙ୍କର ଟାହିଆ ନ ଥିଲା। ଏହାକୁ ନେଇ ସବୁ ସ୍ତରରେ ଉଦ୍‌ବେଗ ପ୍ରକାଶ ପାଇଲା ପରେ ପ୍ରଶାସନ ପକ୍ଷରୁ ସଫେଇ ➪ ପୃଷ୍ଠା-୬

# ମାଉସୀମା’ ଚକଡ଼ାରେ ପହଞ୍ଚିଲା ବ୍ରହ୍ମ ତାଳଧ୍ୱଜ



### ହାଇଡ୍ରୋଲିକ ଜ୍ୟାକ ଲାଗି ସଳଖା ହେଲା ରଥ

### ବିଭ୍ରାଟ ଯୋଗୁଁ ଭକ୍ତ ମହଲରେ ଅସନ୍ତୋଷ

**କେନ୍ଦ୍ରାପଡ଼ା,୧୭।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ାର ପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ । ପରମ୍ପରା ଅନୁଯାୟୀ ଆଜି ଶ୍ରୀଗୁଣ୍ଡିଚାର ଦ୍ୱିତୀୟ ଦିନରେ ସନ୍ଧ୍ୟା ପୂର୍ବରୁ ରଥ ମାଉସୀ ମା’ ମନ୍ଦିରରେ ପହଂଚି ଥିଲା । ହଜାର ହଜାର ଶ୍ରଦ୍ଧାଳୁ ଏକାଠି ହୋଇ ରଥ ଟାଣି ନେଇଥିଲେ । ହରିବୋଲ ହୁଳହୁଳିରେ ଗୁଣ୍ଡିଚା ମନ୍ଦିର କମ୍ପି ଉଠିଥିଲା । ଆଜି ରାତିରେ ତିନି ଦିଅଁ ରଥ ଉପରେ ରହି ଆସନ୍ତାକାଲି ଗୁଣ୍ଡିଚା ମନ୍ଦିରକୁ ବିଜେ କରିବେ । ବାହୁଡ଼ା ପର୍ଯ୍ୟନ୍ତ ମାଉସୀମା ମନ୍ଦିରରେ ଶ୍ରୀ ଜୀଉମାନଙ୍କ ସମସ୍ତ ନୀତିକାନ୍ତି ଅନୁଷ୍ଠିତ ହେବ।

ଆଜି ଦ୍ୱିତୀୟ ଦିନରେ ମଧ୍ୟ ତୁଳସୀ କ୍ଷେତ୍ରରେ ରଥ ବିଭ୍ରାଟ ଦେଖା ଦେଇଥିଲା । ରଥ ଟଣା ହେଉହେଉ ଡାହାଣକୁ ମାଡି ଯାଇଥିଲା । ଫଳରେ ଅଟକି ରହିଥିଲା ବ୍ରହ୍ମ ତାଳଧ୍ୱଜ। ତେବେ ହାଇଡ୍ରୋଲିକ୍ ଜ୍ୟାକ ସାହାଯ୍ୟରେ ରଥକୁ ମୁଖ୍ୟ ମାର୍ଗକୁ ଅଣାଯାଇଥିଲା । ଗତ ବର୍ଷ ସମାନ ଅବସ୍ଥା ସୃଷ୍ଟି ହେବାରୁ ନୂଆ ରଥ ନିର୍ମାଣ ପାଇଁ ଦାବି ହୋଇଥିଲା। ଏଥିପାଇଁ ରାଜ୍ୟ ସରକାର ଏକ କୋଟି ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ରଥ ଦାଣ୍ଡରେ ଅଟକିଛି କେନ୍ଦ୍ରାପଡାର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ ରଥ ବିଭ୍ରାଟ ଯୋଗୁଁ ରଥ ଅଟକି ରହିଚି ।

ଶ୍ରୀଗୁଣ୍ଡିଚା ଦିନ ରଥ ଟଣା ଯାଇ ଦେବୋତ୍ତର କାର୍ଯ୍ୟାଳୟ ନିକଟରେ ଅଟକି ରହିବାର ପରମ୍ପରା ରହିଥିବା ବେଳେ ଚଳିତ ବର୍ଷ ସେ ପରମ୍ପରା ମଧ୍ୟ ଭାଙ୍ଗି ଯାଇଛି । ରଥଟଣା ଯିବାର ମାତ୍ର କୋଡ଼ିଏ ମିଟର ପରେ ଡାହାଣ ପଟକୁ ମାଡି ଯାଇଥିଲା। କିଛି ସମୟ ପରେ ରଥ ଟଣା ହେଲା କିନ୍ତୁ ଦଉଡ଼ି ଛିଣ୍ଡି ଯିବା ଦ୍ୱାରା ରଥ ଅଟକି ରହିଲା ।

ତେବେ ଆଜି ଦ୍ୱିତୀୟ ଦିନରେ ମଧ୍ୟ ସମାନ ଅବସ୍ଥା। ପୁନର୍ବାର ରଥ ଟଣା ହେବା ପରେ ଡାହାଣ କୁ ମାଡି ଯାଇଥିଲା। ପରିସ୍ଥିତି ଏପରି ହେଲା ଇଷ୍ଟ କୋଷ୍ଟ ରେଲୱେର ହାଇଡ୍ରୋଲିକ ଜାକ୍ ବ୍ୟବହାର କରାଯାଇ ରଥକୁ ମୁଖ୍ୟ ମାର୍ଗକୁ ଅଣାଯାଇଥିଲା । ଶ୍ରୀ ଗୁଣ୍ଡିଚା ପରଦିନ ରଥ ଗୁଣ୍ଡିଚା ମନ୍ଦିରରେ ଚକଡା ଲାଗିବାର ବିଧି ରହିଥିବା ବେଳେ ସନ୍ଧ୍ୟା ସୁଦ୍ଧା ରଥ ଟଣା ଶେଷ ହୋଇ ନଥିଲା। ରଥ ଟଣାରେ ବିଭ୍ରାଟ ଯୋଗୁ ଶ୍ରଦ୍ଧାଳୁ ଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ଗତ ଚାରି ବର୍ଷ ଧରି କେନ୍ଦ୍ରାପଡ଼ା ରେ ପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ରଥ ଟଣା ରେ ବିଭ୍ରାଟ ସୃଷ୍ଟି ହେଉଛି ଏହାକୁ ଦୃଷ୍ଟିରେ ରଖି ସମ୍ପୂର୍ଣ୍ଣ ନୂଆ ରଥ ନିର୍ମାଣ ପାଇଁ ବିଭିନ୍ନ ମହଲରେ ଦାବି ହେବା ପରେ ରାଜ୍ୟ ସରକାର ରଥ ନିର୍ମାଣ ପାଇଁ ଏକ କୋଟି ଟଙ୍କା ଆର୍ଥିକ ଅନୁଦାନ ଦେଇଥିଲେ । ନୂତନ ରଥ ନିର୍ମାଣ ପରେ ବି ଅବସ୍ଥାରେ କୌଣସି ପରିବର୍ତ୍ତନ ହେଲା ନାହିଁ । ତେବେ ରଥ ବିଭ୍ରାଟର ପ୍ରକୃତ କାରଣ ଖୋଜି ପାଇବାରେ ମନ୍ଦିର ପ୍ରଶାସନ ବିଫଳ ହୋଇଛି ।

ଅନ୍ୟପକ୍ଷରେ ଏ ନେଇ ଭକ୍ତ ମାନେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ନିଜ ଆରାଧ୍ୟ ଦେବତାଙ୍କ ରଥ ଟାଣିନେବା ପାଇଁ ଭକ୍ତ ମାନେ ଉତ୍କଣ୍ଠାର ସହିତ ଅପେକ୍ଷା କରିଛନ୍ତି । ତେବେ ଗତ ଚାରି ବର୍ଷ ହେବ ରଥଟଣାରେ ବାରମ୍ବାର ବିଭ୍ରାଟ ହେବା ଫଳରେ ଜନ ସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା ।

## ମାରୁତିକୁଞ୍ଜରେ ପ୍ରବାସୀଙ୍କ ପ୍ରଥମ ରଥଯାତ୍ରା



**ମାର୍ଶାଘାଇ,୧୭।୭ (ସଂଚାର ବ୍ୟୁରୋ):** ଜଗତର ନାଥ ଜଗନ୍ନାଥଙ୍କ ରଥଯାତ୍ରା ଓଡ଼ିଶା ବାହାରେ ରହିଥିବା ପ୍ରବାସୀ ଓଡ଼ିଆମାନେ ହରିଆଣାର ଗୁରୁଗ୍ରାମ ମାରୁତିକୁଞ୍ଜ ଜଗନ୍ନାଥ ମନ୍ଦିରରେ ଚଳିତ ବର୍ଷ ପ୍ରଥମ କରି ରଥଯାତ୍ରାର ଆୟୋଜନ କରିଥିଲେ। ନାମସଂକୀର୍ତ୍ତନ, ଘଣ୍ଟା ମୃଦଙ୍ଗ ବାଦକ, ଢୋଲବାଜା, ଶଙ୍ଖ, କାହାଳୀ ତାଳେ ତାଳେ ଚତୁର୍ଦ୍ଧା ବିଗ୍ରହଙ୍କୁ ଧାଡ଼ି ପହଣ୍ଡିରେ ରଥକୁ ନିଆଯାଇଥିଲା। ମନ୍ଦିର କମିଟି ସଭାପତି ସୌମ୍ୟ ରଞ୍ଜନ ରଥ ଛେରା ପହଁରା କରିଥିଲେ। ମାରୁତିକୁଞ୍ଜ, ବାଦଶାହପୁର, ଭଡ଼ାସ, ଶାନ୍ତିକୁଞ୍ଜ ଆଦି ଅଞ୍ଚଳରେ ରହୁଥିବା ପ୍ରବାସୀ ଓଡ଼ିଆ ପରିବାରଙ୍କ ସମେତ ସ୍ଥାନୀୟ ଅଂଚଳର ଶହ ଶହ ଶ୍ରଦ୍ଧାଳୁ ରଥଟଣାରେ ସାମିଲ୍ ହୋଇଥିଲେ। ମାରୁତିକୁଞ୍ଜ ଜଗନ୍ନାଥ ମନ୍ଦିର ସେବାୟତ ସଙ୍ଘ ସଭାପତି ଇଂ ସୌମ୍ୟରଞ୍ଜନ ରଥଙ୍କ ପୌରୋହିତ୍ୟରେ ସାହାଜି ରାଉତ,ଅନିଲ ବୋଇତେଇ,ପବିତ୍ର ରାଉତ, ଅରବିନ୍ଦ ମହାପାତ୍ର, ଗୁଣାକାର ବେଜ, ସମ୍ବିତ ରଥ,ପ୍ରଶାନ୍ତ ପ୍ରଧାନ, ବାଦଲ ବାବୁ,ନିରଞ୍ଜନ ସାମଲ , ଆଲୋକ ପ୍ରମୁଖ ସକ୍ରିୟ ସହଯୋଗ କରିଥଲେ । ସନ୍ଧ୍ୟାରେ ଜଗନ୍ନାଥ କଥାମୃତ ପ୍ରବଚନ ଏବଂ ସ୍ଥାନୀୟ ଦିଲ୍ଲୀ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ବେଶ୍ ମନ ମୁଗ୍ଧକର ହୋଇଥିଲା ।

## ଚଣ୍ଡିଆପଲ୍ଲୀରେ ଶ୍ରୀଗୁଣ୍ଡିଚା ଯାତ୍ରା



**ମହାକାଳପଡ଼ା,୧୭।୭ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଦେଉଳପଡ଼ା ପଞ୍ଚାୟତର ଚଣ୍ଡିଆପଲ୍ଲୀ ଗ୍ରାମରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ମହାସମାରୋହରେ ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଦିବ୍ୟ ନୀତିକାନ୍ତି ଓ ଅନନ୍ୟ ପରମ୍ପରା ପାଇଁ ଏହି ରଥଯାତ୍ରା ଅଞ୍ଚଳରେ ସ୍ୱତନ୍ତ୍ର ପରିଚିତି ଲାଭ କରିଛି। ବିଜେସ୍ଥଳୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦୈନନ୍ଦିନ ନୀତିକାନ୍ତି ସମ୍ପନ୍ନ ହେବା ପରେ ରଥ ପ୍ରତିଷ୍ଠା ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ୩ଟାରେ ମଙ୍ଗଳାର୍ପଣ ପରେ ଠାକୁରମାନେ ଧାଡ଼ି ପହଣ୍ଡିରେ ଆସି ରଥାରୂଢ଼ ହୋଇଥିଲେ। ରଥ ଉପରେ ନୂଆବସ୍ତ୍ର ଲାଗି ଓ ବେଶ ସମ୍ପନ୍ନ ହେବା ପରେ ଅପରାହ୍ନ ୪ଟାରେ ମହାପ୍ରଭୁଙ୍କ ଆଦ୍ୟ ସେବକ ଶ୍ରୀ ସୁବାଶିଷ ପରିଡ଼ା ବନ୍ଦାପନା ସହ ପାରମ୍ପରିକ ଛେରାପହଁରା ନୀତି ପାଳନ କରିଥିଲେ। ପରବର୍ତ୍ତୀ ସମୟରେ ଅପରାହ୍ନ ୫ଟାରେ ରଥରେ ଘୋଡ଼ା ଲାଗିବା ପରେ ରଥଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟା ୭ଟା ସୁଦ୍ଧା ଭକ୍ତମାନଙ୍କ ହରିବୋଲ ଓ ଜୟ ଜଗନ୍ନାଥ ଧ୍ୱନି ମଧ୍ୟରେ ରଥଟଣା ସଫଳତାର ସହ ସମ୍ପନ୍ନ ହୋଇଥିଲା। ଏହି ପବିତ୍ର ଯାତ୍ରାରେ ଚାରିପାଖର ଗ୍ରାମରୁ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲେ।

## ବେଳତଳ ଶ୍ରୀ ନୀଳମାଧବଜିୟୁଙ୍କ ରଥଯାତ୍ରା



**ପଟ୍ଟାମୁଣ୍ଡାଇ,୧୭।୭(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ବେଳତଳ ଶ୍ରୀନୀଳମାଧବ ଜିଯୁଙ୍କ ରଥଯାତ୍ରା ବିପୁଳ ଆନନ୍ଦ ଉଲ୍ଲାସ ଓ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଛି। ପ୍ରତ୍ୟୁଷରୁ ବେଦଜ୍ଞ ବ୍ରାହ୍ମଣ ପଣ୍ଡିତମାନେ ପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ମା ସୁଭଦ୍ରାଙ୍କର ଯଥାବିଧି ପୂଜା ଅର୍ଚ୍ଚନା କରିଥିଲେ। ବେଳତଳ ମାଉସୀ ମା ମନ୍ଦିର ସଦସ୍ୟମାନେ ସରୋଜ ପାଢ଼ୀଙ୍କ ନେତୃତ୍ୱରେ ନୀଳମାଧବ ଜିଯୁଙ୍କ ମନ୍ଦିରକୁ ଆସି ରଥଯାତ୍ରା ରେ ଯିବା ପାଇଁ ନିମନ୍ତ୍ରଣ କରିଥିଲେ। ବ୍ରାହ୍ମଣ ପଣ୍ଡିତମାନେ ମନ୍ତ୍ର ଧ୍ୱନି ମଧ୍ୟରେ ପହଣ୍ଡି ବିଜେ କରାଯିବା ପରେ ସୁସଜ୍ଜିତ ରଥରେ ପ୍ରଭୁ ଶ୍ରୀଜଗନ୍ନାଥ ପ୍ରଭୁ ଶ୍ରୀ ବଳଭଦ୍ର ଓ ମା ସୁଭଦ୍ରାଙ୍କୁ ରଥାରୂଢ଼ କରାଯାଇଥିଲା । ନୀଳମାଧବଜିୟୁଙ୍କ ରଥ ସମ୍ମୁଖରେ ଅଶୋକ କୁମାର ଦାଶ ଛେରା ପଂହଁରା କରିଥିବାବେଳେ ସଭାପତି ରାଜକିଶୋର ତ୍ରିପାଠୀ ସମ୍ପାଦକ ବୀରେନ୍ଦ୍ର ପ୍ରଧାନ,କାଉନ ସିଲର ଗୋପୀବଲ୍ଲଭ ନାୟକ ପୂର୍ବତନ କାଉନସିଲର ତ୍ରିଲୋଚନ ପଣ୍ଡା ଓ ସନାତନ ବିଶ୍ୱାଳ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଏହି ରଥଯାତ୍ରାରେ ଆଖପାଖ ଅଂଚଳର ହଜାର ହଜାର ପୁରୁଷ ମହିଳା ସାମିଲ ହୋଇ ପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିବା ସହିତ ରଥ ଟାଣି ଥିଲେ ।

## ଅନୁଶକ୍ତିନଗର ବାର୍କ କଲୋନୀରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପାଳିତ



**ବାଲିଆପାଳ,୧୭।୭ (ସଂଚାର ବ୍ୟୁରୋ):** ମୁମ୍ବାଇ ବାର୍କ ଅନୁଶକ୍ତିନଗର କଲୋନୀରେ ଅନୁଶକ୍ତିନଗର ଓଡ଼ିଆ ଆସୋସିଏସନ ପକ୍ଷରୁ ଆୟୋଜିତ ପବିତ୍ର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ମହା ଆଡ଼ମ୍ବର, ଭକ୍ତି ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଅନୁଶକ୍ତିନଗର ବାର୍କ କଲୋନୀର ଓଡ଼ିଆଙ୍କ ସମେତ ବିଭିନ୍ନ ରାଜ୍ୟର ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଏହି ମହୋତ୍ସବରେ ସାମିଲ ହୋଇ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଲାଭ କରିଥିଲେ। ଏବର୍ଷ ଆସୋସିଏସନ ପକ୍ଷରୁ ନିର୍ମିତ ସୁସଜ୍ଜିତ ବୃହତ କାଠ ରଥ ଉତ୍ସବର ମୁଖ୍ୟ ଆକର୍ଷଣ ପାଲଟିଥିଲା।

ଭାବା ପାର୍କରୁ ପାରମ୍ପରିକ ରୀତିନୀତି ଅନୁଯାୟୀ ରଥଯାତ୍ରା ଆରମ୍ଭ ହୋଇ ହସ୍ତିନାପୁର ମାର୍କେଟ, ଅଜନ୍ତା, ଏଲୋରା, ଶାନ୍ତିନିକେତନ, ରାଗମାଳା ଛକ ଓ ନୀଳଗିରି ଅଞ୍ଚଳ ପରିକ୍ରମା କରିଥିଲା। “ଜୟ ଜଗନ୍ନାଥ” ଧ୍ୱନି, ହରିନାମ ସଂକୀର୍ତ୍ତନ ଓ ଭଜନରେ ସମଗ୍ର କଲୋନୀ ଭକ୍ତିମୟ ପରିବେଶରେ ଉତ୍ସବମୁଖର ହୋଇଉଠିଥିଲା। ଅନୁଶକ୍ତିନଗର ଓଡ଼ିଆ ଆସୋସିଏସନର ସଭାପତି କୁବେର ଭଇଁସାଙ୍କ ନେତୃତ୍ୱରେ ଛେରା ପହଁରା ସମେତ ସମସ୍ତ ବୈଦିକ ଓ ପାରମ୍ପରିକ ନୀତିକାନ୍ତି ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। ଶ୍ରୀଜୀଉଙ୍କ ଦର୍ଶନ ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା ଏବଂ ରଥ ଟାଣିବା ପାଇଁ ଭକ୍ତମାନଙ୍କ ମଧ୍ୟରେ ବିଶେଷ ଉତ୍ସାହ ଦେଖିବାକୁ ମିଳିଥିଲା। ରଥଯାତ୍ରା ପରେ ଭକ୍ତମାନେ ମହାପ୍ରଭୁଙ୍କ ମହାପ୍ରସାଦ ସେବନ କରିଥିଲେ।

## ଭାରତୀୟ ପୂର୍ବତନ ସୈନିକ ସଙ୍ଗଠନ ପକ୍ଷରୁ ଦହି ସରବତ ବଣ୍ଟନ




**ବାଲିଆପାଳ,୧୭।୭ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକରେ ଗୁରୁବାର ପବିତ୍ର ରଥଯାତ୍ରା ଉପଲକ୍ଷେ ବାଲିଆପାଳ ଶାଖାର ଭାରତୀୟ ପୂର୍ବତନ ସୈନିକ ସଂଗଠନ ତରଫରୁ ବ୍ଲକ ଛକ ବିଶ୍ରାମ ଗାର ପରିସରରେ ଚାରି ହଜାରରୁ ଊର୍ଦ୍ଧ୍ୱ ଭକ୍ତ ମାନଙ୍କୁ ଦହି ସର୍ବତ ବଣ୍ଟନ କରାଯାଇଥିଲା। ସଂଗଠନର ସଭାପତି ମନୋଜ କୁମାର ସି ଏବଂ ସାଧାରଣ ସମ୍ପାଦକ ରାଧାନାଥ ରାଉତଙ୍କ ତତ୍ତ୍ୱାବଧାନରେ ଏକାର୍ଯ୍ୟ ସମ୍ପାଦନ ହୋଇଥିଲା। ଏଥିରେ ସଂଗଠନର ସଦସ୍ୟ ପ୍ରମୋଦ କୁମାର ସିଂ, କାଳିଚରଣ ମହାନ୍ତି, କମଳ ଲୋଚନ ପିଳା, ସୁଶାନ୍ତ କୁମାର ରାଉତ,ବିଜୟ କୁମାର ମହାପାତ୍ର, ବିଜୟ ବେହେରା, ମୁକୁନ୍ଦ ସିଂ, ରଂଜିତ ନନ୍ଦୀ, ଦେବେନ୍ଦ୍ର ନନ୍ଦୀ, ହରେକୃଷ୍ଣ ପ୍ରଧାନ, ହେମନ୍ତ କୁମାର ପ୍ରଧାନ, ଧନଞ୍ଜୟ ପ୍ରଧାନ, ନିରଞ୍ଜନ ଗିରି, ଶ୍ରୀଧର ସାହୁ,ସୁଜାତା ସାଁ,ସୁଷମା ଦାସ,ଜୟନ୍ତୀ ପ୍ରଧାନ, ବନଲତା ପ୍ରଧାନ, ଜୟନ୍ତୀ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## କଣ୍ଟେଶ୍ୱରୀ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ



**ଆଳି,୧୭।୭(ସଂଚାର ବ୍ୟୁରୋ):** ଆଳି ବ୍ଲକ ସିଙ୍ଗିରି ପଞ୍ଚାୟତର ମହାସାହାଣୀ ଗ୍ରାମରେ ଥିବା ମା କଣ୍ଟେଶ୍ୱରୀ କମ୍ୟୁନିଟି ସେଣ୍ଟର ଆଜି ଉଦଘାଟିତ ହୋଇଯାଇଛି। ଆଳି ବିଧାୟକ ପ୍ରତାପ କେଶରୀ ଦେବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧକ୍ଷ ଭୀଷ୍ମ ମହାନ୍ତି, ଆଳି ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ ପ୍ରମୁଖ ଯୋଗ ଦେଇଥିଲେ ଲ ଏହି କମ୍ୟୁନିଟି ସେଣ୍ଟର ଗ୍ରାମର ବିଭିନ୍ନ କାର୍ଯ୍ୟରେ ବ୍ୟବହୃତ ହୋଇ ପାରିବ ବୋଲି ବିଧାୟକ ଶ୍ରୀ ଦେବ କହିଥିଲେ ।

କାର୍ଯ୍ୟକ୍ରମରେ ପଞ୍ଚାୟତ କମିଟି ସଦସ୍ୟ ଆଶୁତୋସ ଦାସ, ବିଚିତ୍ର ବେହୁରା, ଆଲୋକ ପଣ୍ଡା, ପ୍ରତାପ ବାରିକ, ମନୋରଞ୍ଜନ ଲେଙ୍କା,ସୁମନ୍ତ ଦାସ, ଅଜାମ୍ବର ମହାନ୍ତିଙ୍କ ସହ ଗ୍ରାମର ଜୟରାମ ବେହେରା, ନାରାୟଣ ଜେନା, ବାବାଜୀ ବେହେରା, ମଣିଚରଣ ବେହେରା, ବଳରାମ ବେହେରା, ନିରଞ୍ଜନ ବେହେରା, ଦିଗମ୍ବର ସାହୁ, କୃଷ୍ଣଚନ୍ଦ୍ର ବେହେରା, ବସନ୍ତ ବେହେରା, ୱାର୍ଡ ସଭ୍ୟ ଉମାକାନ୍ତ ବେହେରାଙ୍କ ସହ ଗ୍ରାମର ଶତାଧିକ ଜନ ସାଧାରଣ ଉପସ୍ଥିତ ଥିଲେ।

## ରାସନ ଚାଉଳ ପାଇଁ ଦହଗଞ୍ଜ ହେଉଛନ୍ତି ମାନପୁରବାସୀ



**ଆଳି,୧୭।୭(ସଂଚାର ବ୍ୟୁରୋ):** ଆଳି ବ୍ଲକ ଭୂଇଁପୁର ପଞ୍ଚାୟତର ମାନପୁର ଗ୍ରାମବାସୀ ଦୀର୍ଘ ୬ ମାସରୁ ଊର୍ଦ୍ଧ ହେବ ରାସନ ଚାଉଳ ନେବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚାଉଳ ପାଇଁ ଗ୍ରାମବାସୀ ତିନି କିଲୋମିଟର କଳମଡ଼ା ଗ୍ରାମକୁ ଯାଉଥିବା ନେଇ ଅଭିଯୋଗ କରିଛନ୍ତି । କଳମଡା ଗ୍ରାମକୁ ଯାଇ ଚାଉଳ ଆଣିବାରେ ଗ୍ରାମବାସୀଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ପୂର୍ବରୁ ସେମାନଙ୍କୁ ଗ୍ରାମରେ ଚାଉଳ ଯୋଗାଇ ଦିଆ ଯାଉଥିବା ବେଳେ ୬ ମାସରୁ ଊର୍ଦ୍ଧ ହେବ ତିନି କିଲୋମିଟର ଗଲେ ଚାଉଳ ଦିଆ ଯାଉଛି । ସେଠାରୁ ଚାଉଳ ଆଣିବା ନିମନ୍ତେ ଗ୍ରାମର ମହିଳା ମାନଙ୍କ ସହ ଦିବ୍ୟାଙ୍ଗ, ବୃଦ୍ଧ, ବୃଦ୍ଧା ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି କଳମଡ଼ା ଡିଲର ପଏଣ୍ଟରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ଚାଉଳ ନେବାକୁ ପଡୁଛି। ଏ ନେଇ ଗ୍ରାମବାସୀ ଦାବି କରିଛନ୍ତି ଯେ ପୂର୍ବରୁ ସେମାନଙ୍କୁ ଯେଉଁ ସ୍ଥାନରେ ଚାଉଳ ଯୋଗାଇ ଦିଆ ଯାଉଥିଲା ସେହି ସ୍ଥାନରେ ଚାଉଳ ଯୋଗାଇ ଦେବାର ବ୍ୟବସ୍ଥା କରିବା ନିମନ୍ତେ ଗ୍ରାମର ଗୀତାଞ୍ଜଳି ପାତ୍ର, ପ୍ରଶାନ୍ତି ପାତ୍ର,ସ୍ୱାଧୀନ ପରିଡ଼ା, ଅକ୍ଷୟ ବୋଇତି, ଶୁଭ ଦର୍ଶନ ବୋଇତି, ସୁକାନ୍ତ ବୋଇତି, ବିଦ୍ୟୁଲତା ଦାସ, ମନମୋହନ ସାମଲ, ଦୁର୍ଯ୍ୟୋଧନ ବେହେରାଙ୍କ ସମେତ ଶତାଧିକ ଗ୍ରାମବାସୀ ଏକ ଦସ୍ତଖତ ସମ୍ବଳିତ ଦାବିପତ୍ର ଆଳି ବିଡ଼ିଓଙ୍କୁ ପ୍ରଦାନ କରିଛନ୍ତି ।

### ବ୍ୟବସାୟୀଙ୍କୁ ଆକ୍ରମଣ ଘଟଣା

## ପୁଲିସ ନିଷ୍କ୍ରିୟତା ପ୍ରତିବାଦରେ ୨୭ରେ କଖାରୁଣୀବାସୀଙ୍କ ରାସ୍ତାରୋକ

**ପଟ୍ଟାମୁଣ୍ଡାଇ,୧୭।୭(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଗ୍ରାମାଂଚଳ ଥାନା ଅନ୍ତର୍ଗତ କଖାରୁଣୀ ଗ୍ରାମର ଦୁଇ ଭାଇ କଣ୍ଟାବଣ ବଜାରରେ ଥିବା ଦୋକାନ ବନ୍ଦ କରି ଗତ ୮ତାରିଖ ରାତି ୯. ୧୫ ମିନିଟରେ ଘରକୁ ଫେରୁଥିବା ବେଳେ ବାଟରେ ତାଙ୍କ ଉପରେ ସଙ୍ଘବଦ୍ଧ ଆକ୍ରମଣ କରାଯାଇଥିଲା ।ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଲିଖିତ ଏତଲା ଦିଆଯାଇଥିଲା । ମାତ୍ର ଘଟଣାର ୧୫ଦିନ ପରେ ମଧ୍ୟ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଇ ନିଷ୍କ୍ରିୟତା ପ୍ରଦର୍ଶନ କରାଯାଉଥିବା କଖାରୁଣୀ ଗ୍ରାମ ବାସୀମାନେ ଅଭିଯୋଗ କରିବା ସହିତ ଏହାର ପ୍ରତିବାଦରେ ଆସନ୍ତା ୨୭ ତାରିଖ ରେ ପଟ୍ଟାମୁଣ୍ଡାଇ - ରାଜନଗର ରାସ୍ତା କଖାରୁଣୀ ଛକ ଠାରେ କଖାରୁଣୀ ଗ୍ରାମବାସୀମାନେ ରାସ୍ତାରୋକ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏ ସମ୍ପର୍କରେ କଖାରୁଣୀ ଗ୍ରାମବାସୀ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଏସ୍‌ପି ପଟ୍ଟାମୁଣ୍ଡାଇ ତହସିଲଦାର ଓ ଗ୍ରାମାଞ୍ଚଳ ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି ।

## ନିଟ୍ ପରୀକ୍ଷାରେ ନୀଳଗିରି ପାଇଁ ସୁନାମ ଆଣିଲେ ଜ୍ୟୋତିପ୍ରକାଶ



**ନୀଳଗିରି,୧୭।୭ (ସଂଚାର ବ୍ୟୁରୋ):** ନିଳଗିରି ଏନ୍ ଏ ସି ର କଦମସାହି ଗ୍ରାମର ଭାସ୍କର ଚନ୍ଦ୍ର ମହାନ୍ତି ଓ ସ୍ୱର୍ଗତ ସୁଜାତା ମହାନ୍ତି ଙ୍କ ଏକ ମାତ୍ର ପୁଅ ଜ୍ୟୋତିପ୍ରକାଶ ମହାନ୍ତି ନିଟ ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୧୪,୨୩୧ ରେଂକ୍ ରେ ରହି ନିଳଗିରି ପାଇଁ ସୁନାମ ଅର୍ଜନ କରିଛନ୍ତି। ଜ୍ୟୋତି ପ୍ରକାଶ ମହାନ୍ତି ମେଟ୍ରିକ୍ ପରୀକ୍ଷା ରାୟଗଡ଼ା ଜିଲ୍ଲାର ଆମ୍ବ ଦୋଳା ଶିଶୁ ମନ୍ଦିରରେ ପାସ୍ କରିଥିବା ବେଳେ ଯୁକ୍ତ ଦୁଇ ପରୀକ୍ଷା ଗଞ୍ଜାମ ଜିଲ୍ଲାର ନୀଳକଣ୍ଠ ନଗର ଶିଶୁ ମନ୍ଦିରରେ ପଢ଼ି ଉତ୍ତୀର୍ଣ୍ଣ ହେବା ପରେ ଏକ ବର୍ଷ ନିଟ୍ କୋଚିଙ୍ଗ ଭୁବନେଶ୍ୱର ଆକାଶ ରେ ନେଇ ଚଳିତବର୍ଷ ନୀଟ ପରୀକ୍ଷା ଦେଇଥିଲା। ଶେଷରେ ସର୍ବଭାରତୀୟ ସ୍ତରରେ ୧୪୨୩୧ ରେଂକ ରଖି ଅଞ୍ଚଳ ତଥା ପରିବାର ପାଇଁ ଗୌରବ ଆଣିଛନ୍ତି।

## ବିଦ୍ୟୁତ୍ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟିର ସାମ୍ବାଦିକ ସମ୍ମିଳନୀ




**ଢେଙ୍କାନାଳ,୧୭।୭ (ସଂଚାର ବ୍ୟୁରୋ):** ବଦଳିବ ନାହିଁ ପୁରୁଣା ମିଟର ,କଟିବ ନାହିଁ ଲାଇନ୍। କିଛିଦିନ ହେଲା ଢେଙ୍କାନାଳ ରେ ସ୍ମାର୍ଟ ମିଟର ଲାଗିବାକୁ ନେଇ ଟାଟା ପାୱାର ଏବଂ ଢେଙ୍କାନାଳ ବିଦ୍ୟୁତ୍ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ମଧ୍ୟରେ ତୁତମେମେ ଲାଗିରହିଥିବା ବେଳେ। କିଛିଦିନ ତଳେ ଢେଙ୍କାନାଳ ସହର ମଧ୍ୟରେ ସ୍ମାର୍ଟ ମିଟର ଲାଗୁଥିବା ଖବର ପାଇ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ସେଠାରେ ପହଞ୍ଚି ଏହା କୁ ବିରୋଧ କରିଥିଲେ।ପରେ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ଏବଂ ଟାଟା ପାୱାର କମ୍ପାନୀ ସଦସ୍ୟ ଙ୍କୁ ନେଇ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପାଞ୍ଚ ରୁ ଦଶ ବର୍ଷ ମଧ୍ୟରେ ଭଲ ଥିବା ବିଦ୍ୟୁତ ମିଟର ପରିବର୍ତ୍ତନ ହୋଇପାରିବନାହିଁ ବୋଲି ସ୍ଥିର ହେବା ସହ ଯେଉଁ ଖରାପ୍ ମିଟର ରହିଛି ତାହା ଏକ ସ୍ୱତନ୍ତ୍ର କମିଟି ମାଧ୍ୟମରେ ସ୍ଥିରୀକୃତ ହେବ ବୋଲି ସ୍ଥିର କରାଯାଇଛି। ଏହାବ୍ୟତୀତ ସ୍ମାର୍ଟ ଉପଭୋକ୍ତା ଙ୍କ ବିଦ୍ୟୁତ୍ ତିନି ମାସ ପର୍ଯ୍ୟନ୍ତ କଟା ଯାଇପାରିବ ନାହିଁ। ତିନି ମାସ ପରେ ଏକ ୧୫ ଦିନିଆ ନୋଟିସ ଦିଆଯିବ ବୋଲି ସ୍ଥିର ହୋଇଥିବା ଆଜି ଏକ ସ୍ୱତନ୍ତ୍ର ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ବିଦ୍ୟୁତ୍ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ର ସଭାପତି ଶ୍ରୀ ଗୋପାଳ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି ।

## ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ପ୍ରଥମ ଦିନର ରଥଟଣା

### ମାଉସୀମା’ ମନ୍ଦିରରେ ପହଞ୍ଚିଲା ବଳଭଦ୍ରଙ୍କ ରଥ | ବଡ଼ଦାଣ୍ଡର ନାଭିକେନ୍ଦ୍ରଠାରେ ଅଟକିଲେ ମା’ ସୁଭଦ୍ରା



**ବାରିପଦା,୧୭।୭ (ସଂଚାର ବ୍ୟୁରୋ):** ପ୍ରଥା ଅନୁଯାୟୀ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ପହଣ୍ଡି ପର ଦୁଇଦିନ ରଥଟଣା ହୋଇଥାଏ । ଗତକାଲିର ପହଣ୍ଡି ବିଜେ ପରେ ତିନିଠାକୁର ରଥାରୁଢ଼ ହୋଇଥିଲେ। ଆଜି ଥିଲା ରଥଟଣାର ପ୍ରଥମ ଦିବସ । ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ହୋଇଥିବା ସମୟ ଅନୁଯାୟୀ ଅପରାହ୍ନରେ ରଥଟଣା ଆରମ୍ଭ ହୋଇଥିଲା। ବଡ଼ଦାଣ୍ଡ ହୋଇଥିଲା ଲୋକାରଣ୍ୟ। ଭକ୍ତଙ୍କର ମହାମିଳନ ଦେଖିବାକୁ ମିଳିଥିଲା। ଶଙ୍ଖ, ହୁଳହୁଳି, ହିରିବୋଲ, ଜୟ ଜଗନ୍ନାଥ ଧ୍ୱନୀରେ ବଡ଼ଦାଣ୍ଡ ପ୍ରକୋମ୍ପିତ ହୋଇଉଠିଥିଲା। ଆନନ୍ଦ ସହକରେ ଭକ୍ତମାନେ ରଥ ଟାଣୁଥିବାର ଦେଖିବାକୁ ମିଳିଥିଲା ।

ଆଜି ପ୍ରଥମ ଦିନରେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଭକ୍ତମାନଙ୍କ ଗହଣରେ ଆସି ମାଉସୀମା ମନ୍ଦିର ସମ୍ମୁଖରେ ପହଂଚିଥିଲା। ପରେ ମା ସୁଭଦ୍ରାଙ୍କ ଦର୍ପୋଦୋଳନ ରଥକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ପୂର୍ବରୁ ରହିଥିବା ପ୍ରଥା ଅନୁଯାୟୀ କେବଳ ମହିଳାମାନେ ଟାଣି ବଡ଼ଦାଣ୍ଡର ନାଭିକେନ୍ଦ୍ର ତଥା ଟାଉନଥାନା ସମ୍ମୁଖରେ ପହଞ୍ଚାଇଥିଲେ । ପୁଣି ଆସନ୍ତାକାଲି ସେହିଠାରୁ ମହିଳାଭକ୍ତ ମାନଙ୍କ ଗହଣରେ ମା ସୁଭଦ୍ରାଙ୍କ ରଥ ଆସି ପହଞ୍ଚିବ ମାଉସୀମା ମନ୍ଦିର ନିକଟରେ । ପରେ ଜଗତର ନାଥ ପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣାହେବ।

ଆଜିକାର ରଥଟଣାରେ ଭିଡ଼କୁ ନଜରରେ ରଖି ବଡ଼ଦାଣ୍ଡରେ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯାଇଥିଲା । ରଥଟଣା ସମୟରେ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ବଡ଼ଦାଣ୍ଡରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭକ୍ତମାନଙ୍କୁ ଦହିସର୍ବତ, ଥଣ୍ଡାପାଣି, ଅନ୍ନଭୋଗ ଆଦି ବଣ୍ଟନ କରାଯାଇଥିଲା। ରଥଟଣା ସମୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜଗନ୍ନାଥ ସଂସ୍କୃତି ସହିତ ଧାରା ବିବରଣୀ ପ୍ରଦାନ କରାଯାଉଥିଲା।

## ପଛିକୋଟରେ ରଥଯାତ୍ରା



**କୋରେଇ,୧୭।୭ (ସଂଚାର ବ୍ୟୁରୋ):** କୋରେଇ ବ୍ଲକ ଅନ୍ତର୍ଗତ ପଛିକୋଟରେ ରଥଟଣା କାର୍ଯ୍ୟ ପାରମ୍ପରିକ ରୀତିନୀତି ଅନୁସାରେ ସମ୍ପର୍ଣ୍ଣ ହୋଇଯାଇଛି। ପଛିକୋଟ ଗଡ଼ ରାଜପରିବାର ପକ୍ଷରୁ ଏହି ପୁରାତନ ରଥଯାତ୍ରା ପ୍ରତିବର୍ଷ ଆୟୋଜିତ ହୋଇ ଆସୁଛି। ଦିବା ୪ଟାରେ ପହଣ୍ଡି ବିଜେ, ୫ଟାରେ ଠାକୁର ରଥାରୂଢ଼ ହେବା ପରେ ହଜାର ହଜାର ଭକ୍ତମାନେ ରଥ ଟାଣିଥଲେ। ପଛିକୋଟ ଗଡ଼ର ରାଜା ଭରତ ପ୍ରତାପ ସିଂହ ଛେରା ପହଁରା କରିଥିଲେ ପୁରୋହିତ ଜିତେନ୍ଦ୍ର ତ୍ରିପାଠୀ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ଅମର ପ୍ରତାପ ସିଂହ ମୁଖ୍ୟ ପୁରୋଧା ଥିବା ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ କୋରେଇ ଥାନା ଅଧିକାରୀ ଶ୍ରୀ ରାକେଶ କୁମାର ତ୍ରିପାଠୀ ରଥଟଣା କ୍ଷେତ୍ରରେ ଉପସ୍ଥିତ ରହିଥିଲେ।

### ସୋଆର ୨୦ତମ ପ୍ରତିଷ୍ଠା ଦିବସ

## ବିଶ୍ୱବିଦ୍ୟାଳୟର ସଫଳତା, ଉତ୍କର୍ଷତା ଓ ଅଗ୍ରଗତିର ସ୍ମୃତିଚାରଣ




**ଭୁବନେଶ୍ୱର,୧୭।୭ (ସଂଚାର ବ୍ୟୁରୋ):** ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ୟୁନିଭର୍ସିଟିର ୨୦ତମ ପ୍ରତିଷ୍ଠା ଦିବସ ଗଭୀର ଉତ୍ସାହ ଓ ଆନନ୍ଦପୂର୍ଣ୍ଣ ପରିବେଶରେ ଶୁକ୍ରବାର ପାଳିତ ହୋଇଥିବା ବେଳେ ଗତ ଦୁଇ ଦଶନ୍ଧି ମଧ୍ୟରେ ବିଶ୍ୱବିଦ୍ୟାଳୟ ହାସଲ କରିଥିବା ଉଲ୍ଲେଖନୀୟ ସଫଳତା, ଉତ୍କର୍ଷତା ଓ ଅଗ୍ରଗତିକୁ ସ୍ମରଣ କରାଯିବା ସହ ଭବିଷ୍ୟତରେ ବିଶ୍ୱବିଦ୍ୟାଳୟ ଅଧିକ ଉଚ୍ଚ ସଫଳତା ହାସଲ କରିବା ନେଇ ଆହ୍ୱାନ ଦିଆଯାଇଥିଲା।

୨୦ତମ ପ୍ରତିଷ୍ଠା ଦିବସ ଅବସରରେ ବିଶ୍ୱବିଦ୍ୟାଳୟର ୪ ଜଣ ପୂର୍ବତନ କୁଳପତି ନିଜ ଅଭିଜ୍ଞତା ବଖାଣିବା ସହ ସୋଆର ଉଲ୍ଲେଖନୀୟ ଅଗ୍ରଗତି ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ।

କାର୍ଯ୍ୟକ୍ରମରେ ସୋଆର କୁଳାଧିପତି ପ୍ରଫେସର (ଡାକ୍ତର) ଅମିତ ବାନାର୍ଜୀ ସଭାପତିତ୍ୱ କରି ଅଧ୍ୟାପକ, ଗବେଷକ ଓ ଛାତ୍ରଛାତ୍ରୀଙ୍କୁ ଆସନ୍ତା ୨୦ ବର୍ଷ ମଧ୍ୟରେ ସୋଆକୁ ଦେଶର ଅନ୍ୟତମ ଶ୍ରେଷ୍ଠ ଓ ବିକଶିତ ବିଶ୍ୱବିଦ୍ୟାଳୟ ଭାବେ ପ୍ରତିଷ୍ଠିତ କରିବା ପାଇଁ ସମସ୍ତ ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ।

ପୂର୍ବତନ କୁଳପତି ଭାବେ ଦାୟିତ୍ୱ ତୁଲାଇଥିବା ପ୍ରଫେସର (ଡାକ୍ତର) ବାନାର୍ଜୀଙ୍କ ସମେତ ପୂର୍ବତନ କୁଳପତି ପ୍ରଫେସର ମହୀପାଲ ଜୈନ, ପ୍ରଫେସର ରାଜେନ୍ଦ୍ର ପ୍ରସାଦ ମହାନ୍ତି ଏବଂ ପଦ୍ମଶ୍ରୀ ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର ନିଜର ବକ୍ତବ୍ୟ ରଖିଥିଲେ। ସୋଆର ବର୍ତ୍ତମାନ କୁଳପତି ଭାବେ ଅବସ୍ଥାପିତ ଥିବା ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମଧ୍ୟ ଏହି ଅବସରରେ ଉଦ୍‌ବୋଧନ ଦେଇଥିଲେ। ପ୍ରଫେସର ନନ୍ଦ କହିଥିଲେ ଯେ, ପୂର୍ବତନ କୁଳପତିମାନେ ବିଭିନ୍ନ କଠିନ ପରିସ୍ଥିତିରେ ସୋଆକୁ ସଫଳତାର ସହ ଆଗେଇ ନେଇଥିଲେ। ‘ସୋଆର ବିଶେଷତ୍ୱ ହେଉଛି, ଏହା ପ୍ରତ୍ୟେକ ଆହ୍ୱାନର ସାମ୍ନା କରି ସଫଳତାର ସହ ଆଗକୁ ବଢ଼ିଛି ବୋଲି ସେ କହିଥିଲେ।

ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କ ଦୃଢ଼ ନେତୃତ୍ୱର ପ୍ରଶଂସା କରି ପ୍ରଫେସର ନନ୍ଦ କହିଥିଲେ ଯେ, କଠିନ ସମୟରେ ସେ ଅବିଚଳ ରହି ଦୃଢ଼ତାର ସହ ବିଶ୍ୱବିଦ୍ୟାଳୟକୁ ଆଗେଇ ନେଇଥିଲେ, ଯାହା ଫଳରେ ସୋଆ ଆଜି ଦେଶର ଅଗ୍ରଣୀ ଉଚ୍ଚଶିକ୍ଷାନୁଷ୍ଠାନ ମଧ୍ୟରେ ସ୍ଥାନ ପାଇଛି।

କାର୍ଯ୍ୟକ୍ରମରେ ପୂର୍ବତନ କୁଳପତି ପଦ୍ମଶ୍ରୀ ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଓଡ଼ିଶାରେ ବୈଷୟିକ ଶିକ୍ଷାର ପ୍ରତିଷ୍ଠା ନେଇ ଯେଉଁ ଦୂରଦୃଷ୍ଟି ରଖିଥିଲେ ତାହା ବର୍ତ୍ତମାନ ୨୦ ବର୍ଷ ପରେ ସ୍ପଷ୍ଟ ପ୍ରତିଫଳିତ ହେଉଛି ବୋଲି କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ସୋଆ ପକ୍ଷରୁ ପ୍ରତିଷ୍ଠା ହୋଇଥିବା ବିଭିନ୍ନ ମେଡିକାଲ୍ କଲେଜ ଓ ହସ୍ପିଟାଲ ଦ୍ୱାରା ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅନେକ ସହାୟକ ହେଉଛି।

# ସାଉଦି ଆରବରେ ଫସିଛନ୍ତି ଓଡ଼ିଆ ଯୁବକ

## ଫେରାଇ ଆଣିବାକୁ ଶିଳ୍ପମନ୍ତ୍ରୀଙ୍କ ନିବେଦନ



ଭୁବନେଶ୍ୱର, ୧୭।୭ (ସଂଚାର ବ୍ୟୁରୋ): ସାଉଦି ଆରବରେ ଫସି ରହିଥିବା ଓଡ଼ିଆ ଯୁବକ ପ୍ରଳୟ ରଞ୍ଜନ ମହାପାତ୍ରଙ୍କୁ ସୁରକ୍ଷିତ ଭାବେ ଦେଶକୁ ଫେରାଇ ଆଣିବା ପାଇଁ ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ହସ୍ତକ୍ଷେପ କରିବା ସହ ଯଥାଶୀଘ୍ର ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ଏନେଇ ସେ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଚିଠି ଲେଖିଛନ୍ତି।

ଜଗତସିଂହପୁର ଜିଲ୍ଲାର ପ୍ରଳୟ ଗତ ୨୦୨୪ ମେ' ୨୪ରେ ସାଉଦି ଆରବ ଯାଇଥିଲେ। ସେଠାରେ ସେ 'ମଜାଦ୍ ଅଲ୍-ହରବି' କୋ. ନାମକ ଏକ କମ୍ପାନୀରେ ହୁଇଲ୍ ଲୋଡର୍ ଡ୍ରାଇଭର ଭାବେ କାମ କରୁଥିଲେ। ତେବେ ଗତ ଏପ୍ରିଲ ୩୦ରେ ଉକ୍ତ କମ୍ପାନୀ ଓ ପ୍ରଳୟଙ୍କ ମଧ୍ୟରେ ହୋଇଥିବା ଚୁକ୍ତି ଅବଧି ଶେଷ ହୋଇଥିଲା। କାର୍ଯ୍ୟ ଅବଧି ଶେଷ ହୋଇଯାଇଥିଲେ ମଧ୍ୟ ସମ୍ପୃକ୍ତ କମ୍ପାନୀ ପ୍ରଳୟଙ୍କୁ ଭାରତ ଫେରିବାକୁ ଅନୁମତି ଦେଉ ନ ଥିବା ନେଇ ପ୍ରଳୟଙ୍କ ମା' ପ୍ରତିମା ସେଠୀ ଅଭିଯୋଗ କରିଛନ୍ତି। ପ୍ରଳୟଙ୍କ ବାପା ସାଧୁ ଚରଣ ସେଠୀଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନାହିଁ, ଯାହା ପରିବାରର ମାନସିକ ଚିନ୍ତା ଆହୁରି ବଢ଼ାଇ ଦେଇଛି। ଏନେଇ ପ୍ରତିମା ଶିଳ୍ପ ମନ୍ତ୍ରୀଙ୍କୁ ପୁଅକୁ ସୁରକ୍ଷିତ ଫେରାଇ ଆଣିବାକୁ ନିବେଦନ କରିଥିଲେ।

ଓଡ଼ିଆ ପୁଅ ପ୍ରଳୟ ବିଦେଶ ମାଟିରେ ଫସିଥିବା ବେଳେ ତାଙ୍କ ପରିବାର ଏଠାରେ ଚିନ୍ତାରେ ଦିନ କାଟୁଛନ୍ତି। ମାନବିକତା ଦୃଷ୍ଟିକୋଣରୁ ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏହି ମାମଲାରେ ତୁରନ୍ତ ହସ୍ତକ୍ଷେପ କରି ତାଙ୍କୁ ଯଥାଶୀଘ୍ର ସୁରକ୍ଷିତ ଦେଶକୁ ଫେରାଇ ଆଣିବା ପାଇଁ ବିହିତ ପଦକ୍ଷେପ ନେବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଚିଠି ଲେଖିଛନ୍ତି। ଏଥିସହ ସାଉଦି ଆରବରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତଙ୍କୁ ତୁରନ୍ତ ପଦକ୍ଷେପ ଗ୍ରହଣ ନିମନ୍ତେ ପତ୍ର ମାଧ୍ୟମରେ ନିବେଦନ କରାଯାଇଛି।

# ମିଶନ ଶକ୍ତି ଓ ଇକ୍ରିସାଟ୍ ମଧ୍ୟରେ ବୁଝାମଣାପତ୍ର

■ କୃଷି ଉଦ୍ୟୋଗରେ ମହିଳାଙ୍କ ପାଇଁ ଖୋଲିଲା ନୂଆ ଦିଗନ୍ତ



ଭୁବନେଶ୍ୱର, ୧୭।୭ (ସଂଚାର ବ୍ୟୁରୋ): ଓଡ଼ିଶାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସଦସ୍ୟାମାନଙ୍କ ଦ୍ୱାରା ପରିଚାଳିତ କୃଷି ଉଦ୍ୟୋଗକୁ ଅଧିକ ସୁଦୃଢ଼ କରିବା ଓ ସେମାନଙ୍କ ଜୀବିକାରେ ସ୍ଥାୟୀ ଉନ୍ନତି ଆଣିବା ଲକ୍ଷ୍ୟରେ ଆଜି ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନରେ ମିଶନ ଶକ୍ତି ବିଭାଗ ଓ ଅନ୍ତର୍ଜାତୀୟ କୃଷି ଅନୁସନ୍ଧାନ ସଂସ୍ଥା 'ଇକ୍ରିସାଟ୍' ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ମାନସୀ ନିମ୍ବାଲଙ୍କ ଉପସ୍ଥିତିରେ ଏହି ଚୁକ୍ତି ସମ୍ପାଦିତ ହୋଇଛି।

ଏହି ଅବସରରେ ଶ୍ରୀମତୀ ନିମ୍ବାଲ କହିଛନ୍ତି ଯେ ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନଜନିତ ଆହ୍ୱାନକୁ ସାମ୍ନା କରିବା ପାଇଁ ମହିଳା କୃଷିମାନଙ୍କୁ ଆଧୁନିକ ଜ୍ଞାନକୌଶଳ, ବୈଜ୍ଞାନିକ ପ୍ରଯୁକ୍ତି ଓ ବଜାର ସହ ସଂଯୋଗ କରିବା ଅତ୍ୟନ୍ତ ଜରୁରୀ। ଇକ୍ରିସାଟ୍ ସହ ଏହି ସହଭାଗିତା ରାଜ୍ୟର ଲକ୍ଷାଧିକ ଏସଏଚଜି ସଦସ୍ୟାଙ୍କୁ କୃଷି କ୍ଷେତ୍ରରେ ଅଧିକ ସକ୍ଷମ କରିବ। ଏହି ପଦକ୍ଷେପ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ସହ 'ଲକ୍ଷପତି ଦିଦି', 'ବିକଶିତ ଭାରତ' ଓ 'ବିକଶିତ ଓଡ଼ିଶା'ର ଲକ୍ଷ୍ୟ ହାସଲରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ଏହି ବୁଝାମଣାପତ୍ର ଅନୁଯାୟୀ ବିଭିନ୍ନ ଜିଲ୍ଲାରେ ଭିନ୍ନ ଭିନ୍ନ କୃଷି-ଆଧାରିତ ପ୍ରକଳ୍ପ ହାତକୁ ନିଆଯିବ। ସୂଚନାଯୋଗ୍ୟ ଯେ ପୁରୀ ଓ ଖୋର୍ଦ୍ଧା ଜିଲ୍ଲାରେ ଜଳାଶୟଗୁଡ଼ିକରେ ଥିବା ଦଳଜାତୀୟ ଗୁଳ୍ମକୁ ସଫା କରି ସେଥିରୁ ମୂଲ୍ୟ ସଂଯୋଜିତ ଉତ୍ପାଦ ପ୍ରସ୍ତୁତ କରାଯିବ, ଯାହା ମହିଳାଙ୍କ ପାଇଁ ସ୍ଥାୟୀ ଜୀବିକାର ପନ୍ଥା ହେବା ସହ ଜଳାଶୟଗୁଡ଼ିକର ପରିବେଶକୁ ସୁରକ୍ଷିତ ରଖିବ। ସେହିପରି ରାୟଗଡ଼ା ଜିଲ୍ଲାରେ ଉପଲବ୍ଧ କପା ଓ ହରଡ଼ ଡାଳରୁ ବାୟୋଚାର ପ୍ରସ୍ତୁତିକୁ ପ୍ରୋତ୍ସାହନ ଦିଆଯିବ, ଯାହା ମୃତ୍ତିକାର ଉର୍ବରତା ବୃଦ୍ଧି ଓ କାର୍ବନ ସଂରକ୍ଷଣରେ ସହାୟକ ହେବ।

## ପ୍ରବାସୀ ଓଡ଼ିଆଙ୍କ ସମସ୍ୟାର ସମାଧାନ ଉପରେ ଆରତୀଙ୍କ ଗୁରୁତ୍ୱ



ଭୁବନେଶ୍ୱର, ୧୭।୭ (ସଂଚାର ବ୍ୟୁରୋ): ଓଡ଼ିଶା ପ୍ରଦେଶ କଂଗ୍ରେସର ପ୍ରବାସୀ ଭାରତୀୟ କଂଗ୍ରେସ/ପ୍ରବାସୀ ଓଡ଼ିଆ ପ୍ରକୋଷ୍ଠ ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଆଜି ଡକ୍ଟର ଆରତୀ କ୍ରିଷ୍ଣା ଅଖିଳ ଭାରତୀୟ କଂଗ୍ରେସର ପ୍ରବାସୀ ଭାରତୀୟ କଂଗ୍ରେସ ଏବଂ ବୈଦେଶିକ ନୀତି ବିଭାଗ ଅଧ୍ୟକ୍ଷଙ୍କୁ ନୂଆଦିଲ୍ଲୀଠାରେ ଭେଟି ଏହି ନବଗଠିତ ପ୍ରକୋଷ୍ଠର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଭାରତୀୟ ତଥା ଓଡ଼ିଆ ବଂଶଜମାନଙ୍କର ଭିନ୍ନ ଭିନ୍ନ ସମସ୍ୟା ଯଥା ଭିସା, ସ୍ୱଦେଶ ପ୍ରତ୍ୟାବର୍ତ୍ତନ, ପିଲାମାନଙ୍କର ଶିକ୍ଷା, ଓଡ଼ିଶାରେ ରହୁଥିବା ଅଭିଭାବଙ୍କର ସ୍ୱାସ୍ଥ୍ୟ ଓ ବର୍ତ୍ତମାନର ଦୁର୍ବଳ ବୈଦେଶିକ ନୀତି ଆଦି ବିଷୟବସ୍ତୁ ଉପରେ ଚର୍ଚ୍ଚା ହୋଇଥିଲା। ଡକ୍ଟର କ୍ରିଷ୍ଣା ଏହି ପ୍ରକୋଷ୍ଠକୁ ଜିଲ୍ଲା ଓ ବ୍ଲକ ସ୍ତରରେ ଅଧିକରୁ ଅଧିକ ସୁଦୃଢ଼ କରି ଉପରୋକ୍ତ ସମସ୍ୟାଗୁଡ଼ିକୁ ଲୋକଙ୍କ ସାମ୍ନାକୁ ଆଣିବାକୁ ପଡ଼ିବ। ୨୦୧୪ ପୂର୍ବର ଭାରତ ଓ ଆଜିର ଭାରତ ପାର୍ଥକ୍ୟକୁ ଜନତାଙ୍କୁ ଜଣାଇବାକୁ ହେବ ବୋଲି ସେ କହିଛନ୍ତି। ପୂର୍ବତନ ସାଂସଦ ସଞ୍ଜୟ ଭୋଇ, ପ୍ରକୋଷ୍ଠର ଉପାଧ୍ୟକ୍ଷ ହରିବନ୍ଧୁ ପାଢ଼ୀ, ସଂଯୋଜକ ଗୋପାଳ ଖଣ୍ଡେଲୱାଲ୍, ମୁଖ୍ୟ କମିଟି ମେମ୍ବର କୈଳାସ ମିଶ୍ର ଏହି ଆଲୋଚନାରେ ଯୋଗଦେଇ ନିଜର ମତ ଦେଇଥିଲେ।

## ଦାରା ସିଂହଙ୍କୁ ମୁକ୍ତ କରିବା ଉଦ୍ୟମକୁ ସିପିଆଇର ନିନ୍ଦା

ଭୁବନେଶ୍ୱର, ୧୭।୭ (ସଂଚାର ବ୍ୟୁରୋ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ), ରାଜ୍ୟ ପରିଷଦ ଅଷ୍ଟ୍ରେଲୀୟ ମିଶନାରୀ ଡ. ଗ୍ରାହାମ୍ ଷ୍ଟୁଆର୍ଟ ଷ୍ଟେନ୍ସ ଓ ତାଙ୍କର ଦୁଇ ନାବାଳକ ପୁଅଙ୍କୁ ଜୀଅନ୍ତା ପୋଡ଼ି ହତ୍ୟା କରିବା ଘଟଣାରେ ଦୋଷୀ ସାବ୍ୟସ୍ତ ପେସାଦାର ଅପରାଧୀ ଦାରା ସିଂହ ଓରଫ ରବୀନ୍ଦ୍ର ପାଲ ସିଂହଙ୍କୁ ସମୟ ପୂର୍ବରୁ କାରାଗାରରୁ ମୁକ୍ତ କରିବା ପାଇଁ ଉଦ୍ୟମକୁ ଦୃଢ଼ ଭାବେ ନିନ୍ଦା କରିଛି। ଦଳ କହିଛି ଯେ ଏଭଳି ପଦକ୍ଷେପ ନ୍ୟାୟର ମୂଳ ଭାବନାକୁ ଉଲ୍ଲଙ୍ଘନ କରିବ, ଆଇନର ଶାସନକୁ ଦୁର୍ବଳ କରିବ ଓ ରାଜ୍ୟରେ ସାମ୍ପ୍ରଦାୟିକ ସଦ୍ଭାବ ଓ ଆଇନଶୃଙ୍ଖଳା ପାଇଁ ଗୁରୁତର ବିପଦ ସୃଷ୍ଟି କରିବ।



ନ୍ୟାୟିକ ବ୍ୟବସ୍ଥାର ଏକ ଚିନ୍ତାଜନକ ବିଡ଼ମ୍ବନା ଏହି କି ଏକପଟେ ସର୍ବୋଚ୍ଚ ନ୍ୟାୟାଳୟ ଦାରା ସିଂହ ପରି ଦୋଷୀ ସାବ୍ୟସ୍ତ ଜଘନ୍ୟ ପେସାଦାର ହତ୍ୟାକାରୀଙ୍କ ଆବେଦନ ଉପରେ ବିଚାର କରୁଛନ୍ତି, ଅନ୍ୟପଟେ ଜେଏନୟୁର ପୂର୍ବତନ ଗବେଷକ ଉମର ଖାଲିଦଙ୍କ ସମେତ ଅନେକ ବିଚାରାଧୀନ ବନ୍ଦୀ ବର୍ଷ ବର୍ଷ ଧରି ନିୟମିତ ଶୁଣାଣି କିମ୍ବା ବିଚାର ଆରମ୍ଭ ନ ହୋଇ କାରାଗାରରେ ବନ୍ଦ ଥିବା ଘଟଣା ଦର୍ଶାଇ ସିପିଆଇ ଓଡ଼ିଶା ରାଜ୍ୟ ପରିଷଦ ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ବିଲକିସ ବାନୋ ମାମଲାରେ ସମୟ ପୂର୍ବରୁ ମୁକ୍ତ କରାଯାଇଥିବା ଦୋଷୀମାନଙ୍କର ମୁକ୍ତି ପରେ ନ୍ୟାୟିକ ପୁନଃବିଚାର ମାଧ୍ୟମରେ ବାତିଲ କରାଯାଇଥିବା ଘଟଣାକୁ ସ୍ମରଣ କରାଇ ସିପିଆଇ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ପେସାଦାର ଅପରାଧୀ ଦାରା ସିଂହଙ୍କ ମାମଲାକୁ ଅତ୍ୟନ୍ତ ସତର୍କତାର ସହ ବିଚାର କରିବାକୁ ନିବେଦନ କରିଛି।

ସିପିଆଇ କହିଛି ଯେ ଦାରା ସିଂହ କେବଳ ଗ୍ରାହାମ୍ ଷ୍ଟେନ୍ସ ହତ୍ୟାକାଣ୍ଡରେ ଦୋଷୀ ନୁହନ୍ତି, ବରଂ ସାମ୍ପ୍ରଦାୟିକ ହିଂସା ଓ ଅନେକ ଜଘନ୍ୟ ହତ୍ୟାକାଣ୍ଡ ସହ ମଧ୍ୟ ତାଙ୍କର ନାମ ଜଡ଼ିତ ରହିଛି। ୨୬ ଅଗଷ୍ଟ ୧୯୯୯ରେ ମୟୂରଭଞ୍ଜ ଜିଲ୍ଲାରେ ତାଙ୍କ ନେତୃତ୍ୱରେ ଏକ ଉନ୍ମତ୍ତ ଭିଡ଼ ମୁସଲିମ କପଡ଼ା ବ୍ୟବସାୟୀ ଶେଖ ରେହମାନଙ୍କର ଉଭୟ ହାତ କାଟି ତାଙ୍କୁ ଜୀଅନ୍ତା ପୋଡ଼ି ହତ୍ୟା କରିଥିଲା। କିଛି ଦିନ ପରେ କ୍ୟାଥୋଲିକ ମିଶନାରୀ ଫାଦର ଆରୁଲ ଦୋସଙ୍କୁ ହତ୍ୟା କରାଯାଇଥିଲା ଓ ତାଙ୍କ ଚର୍ଚ୍ଚରେ ନିଆଁ ଲଗାଇ ଦିଆଯାଇଥିଲା। ଅଭିଯୋଗ ଅନୁସାରେ ଏହି ଆକ୍ରମଣର ନେତୃତ୍ୱ ମଧ୍ୟ ସେହି ଉଗ୍ରବାଦୀ ଗୋଷ୍ଠୀ ନେଇଥିଲା।

## ଆରଏସଏସ ପକ୍ଷରୁ ପୁରୀ ରଥଯାତ୍ରାରେ ସେବାକାର୍ଯ୍ୟ

ପୁରୀ, ୧୭।୭ (ସଂଚାର ବ୍ୟୁରୋ): ପୁରୀ ରଥଯାତ୍ରାରେ ଉତ୍କଳ ବିପନ୍ନ ସହାୟତା ସମିତି ପକ୍ଷରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ସଂଯୋଜନାରେ ଚଳିତ ବର୍ଷ ୯ ପ୍ରକାରର ସେବାକାର୍ଯ୍ୟ ଅନୁଷ୍ଠିତ ହେଉଛି। ରଥଯାତ୍ରା ଦିନ ପ୍ରାତଃ ସାଢ଼େ ୮ଟାରେ ଭୋଳାନାଥ ବିଦ୍ୟାଳୟ ନିକଟରେ ଥିବା ସମିତିର ପ୍ରାଥମିକ ଚିକିତ୍ସା କେନ୍ଦ୍ର ସମ୍ମୁଖରେ ପ୍ରତି ସେବା କାମରେ ସହଯୋଗ କରୁଥିବା ସ୍ୱୟଂସେବକ ବନ୍ଧୁଙ୍କୁ ନେଇ ଆନୁଷ୍ଠାନିକ ଭାବରେ ଉଦଘାଟନ ହୋଇଥିଲା। କାର୍ଯ୍ୟକ୍ରମକୁ ଆର୍‌ଏସ୍‌ଏସ୍, ଓଡ଼ିଶା ପୂର୍ବର ପ୍ରାନ୍ତ ସଂଘଚାଳକ ସମୀର କୁମାର ମହାନ୍ତି, କ୍ଷେତ୍ର ସେବା ପ୍ରମୁଖ ଦୀପକ କୁମାର ରାଉତ ଓ ସମିତିର ସମ୍ପାଦକ ଭି. କୃଷ୍ଣ ଗୋପାଳ ସେବାକାର୍ଯ୍ୟକୁ ଉଦ୍‌ଘାଟନ କରିଥିଲେ।




ଆହତ ଓ ମୂର୍ଚ୍ଛିତଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରିବା, ଆମ୍ବୁଲାନ୍ସ ଯିବାଆସିବା ନିମନ୍ତେ ଭିଡ଼ ଭିତରେ ଆମ୍ବୁଲାନ୍ସ ପାଇଁ ମାନବୀୟ ରାସ୍ତା ନିର୍ମାଣ କରି ରୋଗୀମାନଙ୍କୁ ଭିଡ଼ ମଧ୍ୟରୁ ଆମ୍ବୁଲାନ୍ସ ମାଧ୍ୟମରେ ଚିକିତ୍ସାଳୟରେ ପହଞ୍ଚାଇବା, ବଡ଼ଦାଣ୍ଡରେ ଅସୁସ୍ଥ ହୋଇ ପଡୁଥିବା ଭକ୍ତମାନଙ୍କୁ ଷ୍ଟ୍ରେଚର ମାଧ୍ୟମରେ ଆମ୍ବୁଲାନ୍ସ ନିକଟକୁ ନେବା ଓ ତୁରନ୍ତ ସେମାନଙ୍କୁ ଚିକିତ୍ସାଳୟରେ ପହଞ୍ଚାଇବା, ଚିକିତ୍ସାଳୟରେ ଆହତମାନଙ୍କୁ ଡାକ୍ତର ନିକଟକୁ ନେଇ ଡାକ୍ତରଙ୍କ ପରାମର୍ଶ କ୍ରମେ ବିଭିନ୍ନ ପ୍ରକାର ସେବାକାର୍ଯ୍ୟ ସ୍ୱୟଂସେବକମାନେ ସୁଚାରରୂପେ ସମ୍ପାଦନ କରିଥିଲେ। ଚଳିତ ବର୍ଷ ଆମ୍ବୁଲାନ୍ସ କରିଡ଼ର, ଆମ୍ବୁଲାନ୍ସ ସେବା, ଷ୍ଟ୍ରେଚର ସେବା, ଟ୍ରାଫିକ ସେବା, ଜଳ ବିତରଣ, ଜଳ ସିଞ୍ଚନ, ହସ୍ପିଟାଲ ସେବା, ବଡ଼ଦାଣ୍ଡ ସଫେଇ, ପ୍ରାଥମିକ ଚିକିତ୍ସା ଅନ୍ତର୍ଭୁକ୍ତ। ଏଥିରେ ମୋଟେ ୧୮୦୦ ଊର୍ଦ୍ଧ୍ୱ ସ୍ୱୟଂସେବକ କାର୍ଯ୍ୟରତ। ଆହତ ଭକ୍ତମାନଙ୍କୁ ହସ୍ପିଟାଲରେ ପହଞ୍ଚାଇବା ପାଇଁ ୨ଟି ଆମ୍ବୁଲାନ୍ସରେ ୨ଟି ପର୍ଯ୍ୟାୟରେ ୪୦ ଜଣ, ଜଳ ବଣ୍ଟନ ପାଇଁ ୧୦ଟି ସ୍ଥାନରେ ୨ଟି ପର୍ଯ୍ୟାୟରେ ୫୦ ଜଣ, ଜଳ ସିଞ୍ଚନରେ ୧୦ଟି ସ୍ପ୍ରେୟରରେ ୨ଟି ପର୍ଯ୍ୟାୟରେ ୫୦ ଜଣ, ୧୦ଟି ଷ୍ଟ୍ରେଚର ପାଇଁ ୨ଟି ପର୍ଯ୍ୟାୟରେ ୮୦ ଜଣ ଏବଂ ୨ଟି ମେଡିକାଲରେ ୨୦୦ ଜଣ, ବଡ଼ଦାଣ୍ଡ ସଫେଇ ପାଇଁ ୪୦୦ ଜଣ, ପ୍ରାଥମିକ ଚିକିତ୍ସା ପାଇଁ ୪ ଜଣ ଡାକ୍ତର, ୨ ଜଣ ଫାର୍ମାସିଷ୍ଟ, ୪ ଜଣ ସହଯୋଗୀ ସମେତ ମୋଟ ୧୦ ଜଣ, ରଥ ସମ୍ମୁଖରୁ ମେଡିକାଲ ଛକ ପର୍ଯ୍ୟନ୍ତ ଆମ୍ବୁଲାନ୍ସକୁ ସୁବିଧାରେ ଆସିକୁ କରିଡର ପାଇଁ ୧୦୦୦ ଜଣ ନିୟୋଜିତ ଥିଲେ। ପ୍ରାଥମିକ ଚିକିତ୍ସା ସେବା ରଥଯାତ୍ରାଠାରୁ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

## ରଥଯାତ୍ରାରେ ମିନି ଟ୍ରକ ମାଲିକ ମହାସଂଘର ଅନ୍ନପ୍ରସାଦ ସେବା



ଭୁବନେଶ୍ୱର, ୧୭।୭ (ସଂଚାର ବ୍ୟୁରୋ): ସବୁ ବର୍ଷ ପରି ଚଳିତ ବର୍ଷ ମଧ୍ୟ ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରା ଅବସରରେ ଅଲ୍ ଓଡ଼ିଶା ମିନି ଟ୍ରକ ମାଲିକ ମହାସଂଘ ପକ୍ଷରୁ ଅନ୍ନପ୍ରସାଦ ଓ ଜନସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶ୍ରୀକ୍ଷେତ୍ରକୁ ଆସିଥିବା ପ୍ରାୟ ୫୦ ହଜାର ଶ୍ରଦ୍ଧାଳୁଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମହାପ୍ରସାଦ ବଣ୍ଟନ କରାଯିବା ସହ ବିଭିନ୍ନ ସେବା ଯୋଗାଇ ଦିଆଯାଇଥିଲା। ଏହି ସେବା କାର୍ଯ୍ୟରେ ମହାସଂଘର ସଭାପତି ବଳରାମ ମହାପାତ୍ର, ସମ୍ପାଦକ ରଣଜିତ୍ ମିଶ୍ର, କାର୍ଯ୍ୟକାରୀ ସଭାପତି ବିରଞ୍ଚି ସାହୁ, ଉପସଭାପତି ଉମେଶ ସାହୁ ଓ କେଶବ ସାହୁ, ସହସମ୍ପାଦକ ରାଜୀବ ପରିଡ଼ା ଓ କୋଷାଧ୍ୟକ୍ଷ ରାକେଶ ସିହ୍ନା ଉପସ୍ଥିତ ରହି ସହଯୋଗ କରିଥିଲେ। ଏଥିସହ ସମ୍ବଲପୁର ଜିଲ୍ଲା ସଭାପତି ଗଣେଶ ସାହୁ, ବାଲେଶ୍ୱର ଶାଖା ସଭାପତି ହୀରେନ୍ଦ୍ର ନାୟକ, ସମ୍ପାଦକ ଅଜୟ ଓଝା ଓ ପୁରୀ ରଥଯାତ୍ରା କାର୍ଯ୍ୟକ୍ରମର ଅଧ୍ୟକ୍ଷ ସୁରେଶ ସାହୁଙ୍କ ସମେତ ରାଜ୍ୟର ସମସ୍ତ ଜିଲ୍ଲାରୁ ଆସିଥିବା କର୍ମକର୍ତ୍ତା ଓ ସଦସ୍ୟ ଏଥିରେ ସାମିଲ ହୋଇଥିଲେ। ଚଳିତ ବର୍ଷ ରଥଯାତ୍ରା ସମୟରେ ପ୍ରବଳ ବର୍ଷା ହୋଇଥିଲେ ସୁଦ୍ଧା ସମସ୍ତ ସଦସ୍ୟଙ୍କ ନିଷ୍ଠାପର ଉଦ୍ୟମ ଓ ସହଯୋଗ ଯୋଗୁଁ ସେବା କାର୍ଯ୍ୟଟି ସୂଚାରୁ ରୂପେ ସମ୍ପାଦିତ ହୋଇଛି।

● ରଥଯାତ୍ରାରେ ବିଭ୍ରାଟ ନେଇ ସରକାରଙ୍କୁ ଘେରିଲା ବିଜେଡି

# ପରିଚାଳନାଗତ ତ୍ରୁଟି ଯୋଗୁଁ ଦଳାଚକଟା



ଭୁବନେଶ୍ୱର, ୧୭।୭ (ସଂଚାର ବ୍ୟୁରୋ): ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ବ୍ୟାପକ ତ୍ରୁଟି ଦେଖିବାକୁ ମିଳିଛି। ବିନା ଟାହିଆରେ ମହାପ୍ରଭୁ ବିଜେ କରିବା ଓ ବାଇଶି ପାହାଚରେ ମହାପ୍ରଭୁ ୪୦ ମିନିଟ୍ ଧରି ଅଟକି ରହିବା ଅଗଣିତ ଜଗନ୍ନାଥପ୍ରେମୀଙ୍କ ମନକୁ ଆଘାତ ଦେଇଛି। ରଥଯାତ୍ରା ପରିଚାଳନରେ ବ୍ୟାପକ ତ୍ରୁଟି ଯୋଗୁଁ ଦଳାଚକଟାରେ ଅକାଳରେ ଶ୍ରଦ୍ଧାଳୁଙ୍କ ଜୀବନ ଯାଇଥିବାରୁ ସରକାରଙ୍କୁ କଡ଼ା ଭର୍ତ୍ସନା କରିଛି ବିଜେଡି। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ପୁରୀ ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ ରଥଯାତ୍ରା ପରିଚାଳନାରେ ବ୍ୟାପକ ତ୍ରୁଟିକୁ ନେଇ ରାଜ୍ୟ ସରକାରଙ୍କୁ କଡ଼ା ନିନ୍ଦା କରିଛନ୍ତି।

ଶ୍ରୀମତୀ ମଲ୍ଲିକ କହିଛନ୍ତି ଯେ, ରଥଯାତ୍ରାରେ ହୋଇଥିବା ଅଘଟଣ ଅଗଣିତ ଜଗନ୍ନାଥ ପ୍ରେମୀଙ୍କ ମନକୁ ଆଘାତ ଦେଇଛି। ପହଣ୍ଡି ବିଜେ ବେଳେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଟାହିଆ ନଥିଲା। ଟାହିଆ ବର୍ଷାରେ ଓଦା ହୋଇ ଖସି ଯାଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ମନ୍ତବ୍ୟ ଦୁର୍ଭାଗ୍ୟଜନକ। କୋଟି କୋଟି ଓଡ଼ିଆଙ୍କ ମଉଡମଣି ମହାପ୍ରଭୁଙ୍କୁ ବିନା ଟାହିଆରେ ରଥକୁ ବିଜେ କରାଇବା ମସ୍ତବଡ଼ ଭୁଲ୍। ଏଥିପାଇଁ ସରକାର ଜଗନ୍ନାଥପ୍ରେମୀଙ୍କୁ କ୍ଷମା ମାଗିବା ଉଚିତ। ସେହିପରି ଶ୍ରୀ ଦାସବର୍ମା କହିଛନ୍ତି ଯେ କୋଟି କୋଟି ଓଡ଼ିଆଙ୍କ ଆରାଧ୍ୟ ଦେବତା ମହାପ୍ରଭୁଙ୍କ ରଥଯାତ୍ରା ଦେଖିବା ପାଇଁ ଦେଶ ବିଦେଶରୁ ଆସୁଥିବା ଭକ୍ତଙ୍କୁ ବିନା ଟାହିଆରେ ଜଗନ୍ନାଥଙ୍କୁ ପହଣ୍ଡି କରାଇବା ବ୍ୟଥିତ କରିଛି। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସକଙ୍କ ସହ ସେବାୟତ ନିଯୋଗ ବି ଦାୟୀ। ସେହିପରି ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କୁ ବ୍ୟାରିକେଡ୍‌ରେ ଅଟକାଇ ଦେବାରୁ ଭିଡ଼ ଯୋଗୁଁ ଅଘଟଣ ଘଟିଛି। ଆହତମାନଙ୍କୁ ସରକାର ଉନ୍ନତ ମାନର ଚିକିତ୍ସା ଯୋଗାଇଦେବା ସହ ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କାର ସହାୟତା ଦେବା ସକାଶେ ଶ୍ରୀ ଦାସବର୍ମା ଦାବି କରିଛନ୍ତି। ଏହାଛଡ଼ା ଶ୍ରୀ ଖୁଣ୍ଟିଆ କହିଛନ୍ତି ଯେ ଡବଲ ଇଞ୍ଜିନ ସରକାରରେ ପୁରୀ ମରଣଯନ୍ତା ପାଲଟିଛି। ଚଳିତ ବର୍ଷ ପୁଲିସ୍ ପ୍ରଶାସନ ଭିଡ଼ ନିୟନ୍ତ୍ରଣ କରିବାରେ ବିଫଳ ହେବାରୁ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଲା। ରଥଯାତ୍ରା ସୁପରିଚାଳନା ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ରାଜ୍ୟ ସରକାର କିଛି ଶିଖନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି। ଆହୁରି ଶ୍ରୀ ସାମନ୍ତରାୟ କହିଛନ୍ତି ଯେ ପୂର୍ବ ସରକାର ଅମଳରେ ରଥଯାତ୍ରାର ସୁପରିଚାଳନ ନିମନ୍ତେ ପ୍ରଶାସନିକ ସ୍ତରରେ ବିଭିନ୍ନ ପଦକ୍ଷେପ ନିଆଯାଉଥିଲା। କିନ୍ତୁ ଏହାକୁ ବିଜେପି ସରକାର ଏଡ଼ାଇ ଦେଇଛି। ଅଘଟଣ ଘଟି ଲୋକେ ପୁରୀ ହସ୍ପିଟାଲରେ ଭର୍ତ୍ତି ହେବାର ସାଢ଼େ ୪ ଘଣ୍ଟା ପରେ ସ୍ୱାସ୍ଥ୍ୟମନ୍ତ୍ରୀ ହସ୍ପିଟାଲରେ ପହଞ୍ଚିଥିଲେ ବୋଲି ସେ ଅଭିଯୋଗ କରିବା ସହ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପାଇଁ ପୁରୀ ନୂଆ ରୂପ ପାଇଥିଲା ବୋଲି କହିଛନ୍ତି।

## ଶ୍ରୀମୁଖକୁ ଶ୍ରୀହୀନ କରିଦେଇଛନ୍ତି ସରକାର: ଭକ୍ତ



ଭୁବନେଶ୍ୱର, ୧୭।୭ (ସଂଚାର ବ୍ୟୁରୋ): ଚଳିତ ବର୍ଷ ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ପରିଚାଳନାରେ ବ୍ୟାପକ ତ୍ରୁଟି ଯୋଗୁଁ ରାଜ୍ୟବାସୀଙ୍କ ଭାବାବେଗକୁ ଦାରୁଣ ଆଘାତ ପହଞ୍ଚିଛି ବୋଲି କହିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ସ୍ଥାନୀୟ କଂଗ୍ରେସ ଭବନରେ ସାମ୍ବାଦିକମାନଙ୍କୁ ଶ୍ରୀ ଦାସ କହିଛନ୍ତି ଯେ ମହାପ୍ରଭୁ ଜଗନ୍ନାଥ ଓଡ଼ିଶାର ସମସ୍ତ ଜନତାଙ୍କ ଭାବାବେଗ ସହ ଜଡ଼ିତ ଓ ରଥଯାତ୍ରା ପର୍ବ ପାଇଁ କେବଳ ଓଡ଼ିଶାରୁ ନୁହେଁ ବିଦେଶରୁ ମଧ୍ୟ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୁଏ। କିନ୍ତୁ ଚଳିତ ସରକାର କ୍ରମାଗତ ଭାବେ ତିନି ବର୍ଷ ହେଲା ଜଗନ୍ନାଥଙ୍କ ପରିଚାଳନାରେ ଗୁରୁତର ତ୍ରୁଟି କରି ମହାପ୍ରଭୁ ଜଗନ୍ନାଥଙ୍କ ଶ୍ରୀମୁଖକୁ ଶ୍ରୀହୀନ କରି ଦେଇଛନ୍ତି। ଚଳିତ ବର୍ଷ ରଥଯାତ୍ରାରେ ମହାପ୍ରଭୁ ଜଗନ୍ନାଥ ଶ୍ରୀମନ୍ଦିରରୁ ବିନା ଟାହିଆରେ ରଥାରୂଢ଼ ହେଲେ। ରଥଯାତ୍ରା ଓ ବାହୁଡ଼ାରେ ଟାହିଆ ବ୍ୟବହାର କରିବା ବାଧ୍ୟତାମୂଳକ ଶାସ୍ତ୍ରୀୟ ପରମ୍ପରା ରହି ଆସିଛି ଓ ଶହ ଶହ ବର୍ଷ ଧରି ବିନା ବ୍ୟତିକ୍ରମରେ ଚାଲିଆସିଛି। କିନ୍ତୁ ଏଥର ଟାହିଆ ପ୍ରଭୁ ବ୍ୟବହାର କରିପାରିଲେ ନାହିଁ। ଏହି ଗୁରୁତର ନୀତିକାନ୍ତି ତ୍ରୁଟି ସମସ୍ତ ରାଜ୍ୟବାସୀଙ୍କୁ ହତବାକ କରିଛି। ମନ୍ଦିର ପ୍ରଶାସକ ଅରବିନ୍ଦ ପାଢ଼ୀ ଜଣେ ସଚ୍ଚୋଟ ଓ ନିଷ୍ଠାବାନ ଅଫିସର। କିନ୍ତୁ ଶ୍ରୀ ଜଗନ୍ନାଥଙ୍କୁ ଟାହିଆ ପିନ୍ଧିବାରୁ ବଞ୍ଚିତ କରାଯାଇଥିବାରୁ ଏଥିସକାଶେ ସେ ଅନୁତପ୍ତ ହେବା ଉଚିତ ବୋଲି ଶ୍ରୀ ଦାସ କହିଛନ୍ତି।

ସେହିପରି ପିସିସିର ବରିଷ୍ଠ ମୁଖପାତ୍ର ଆଡଭୋକେଟ ଲଲାଟେନ୍ଦୁ ଦାସ କହିଛନ୍ତି ଯେ ବିଜେପି ସରକାର ତାଙ୍କ ପ୍ରଥମ ବର୍ଷରେ ପରିଚାଳନା ତ୍ରୁଟି କରିବା ଯୋଗୁଁ ଦଳାଚକଟା ଘଟି ତିନି ଜଣଙ୍କର ମୃତ୍ୟୁ ଘଟିଲା ଓ ଶତାଧିକ ଆହତ ହେଲେ। ସରକାରର ତୃତୀୟ ବର୍ଷରେ ବି ବିଭ୍ରାଟ ଓ ତ୍ରୁଟିବିଚ୍ୟୁତି ଜାରି ରହିଛି। ବିଜେପି ସରକାରରେ ଥିବା ମନ୍ତ୍ରୀମାନଙ୍କ ଅହଂକାର, ଗର୍ବ, ଔଦ୍ଧତ୍ୟ ଓ ଓଡ଼ିଶାବାସୀଙ୍କୁ ହେୟଜ୍ଞାନ କରିବା ହେଉଛି ଏସବୁ ବିଭ୍ରାଟର ମୂଳ କାରଣ ବୋଲି ମୁଖପାତ୍ର ଶ୍ରୀ ଦାସ କହିଛନ୍ତି। କାର୍ଯ୍ୟକ୍ରମକୁ ପିସିସି ଗଣମାଧ୍ୟମ ଅଧ୍ୟକ୍ଷ ଅରବିନ୍ଦ ଦାସ ପରିଚାଳନା କରି ଥିଲେ।




## ରଥଯାତ୍ରାରେ ଭକ୍ତଙ୍କ ସେବାରେ ଟିପିସିଓଡିଏଲ୍

ପୁରୀ, ୧୭।୭ (ସଂଚାର ବ୍ୟୁରୋ): ମହାପ୍ରଭୁଙ୍କ ରଥଯାତ୍ରା ଅବସରରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କୁ ତୁରନ୍ତ ଓ ସୁଲଭ ସ୍ୱାସ୍ଥ୍ୟସେବା ଦେବା ପାଇଁ ଟାଟା ପାୱାର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟୋଗ ଟିପିସିଓଡିଏଲ ପକ୍ଷରୁ ୩ଟି ମୋବାଇଲ୍ ହେଲ୍‌ଥ ଡିସପେନସାରୀ ନିୟୋଜିତ କରାଯାଇଥିଲା। ଗୁଣ୍ଡିଚା ମନ୍ଦିର ନିକଟରେ, ପୁରୀ ସମୁଦ୍ର ବେଳାଭୂମି, ପୁରୀ ରେଳ ଷ୍ଟେସନ୍ ନିକଟରେ ଏହି ମୋବାଇଲ ହେଲ୍‌ଥ ଡିସପେନସାରୀ ନିୟୋଜିତ ହୋଇଥିଲା। ଏହି ତିନିଟି ସ୍ଥାନରେ ଦୁଇ ଦିନ ମଧ୍ୟରେ ୧୦ ହଜାରରୁ ଅଧିକ ଭକ୍ତ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ପାଇଛନ୍ତି। ପ୍ରତ୍ୟେକ ମୋବାଇଲ ହେଲ୍‌ଥ ଡିସପେନସାରୀରେ ଜଣେ ଯୋଗ୍ୟ ଡାକ୍ତର, ନର୍ସ ଓ ଫାର୍ମାସିଷ୍ଟ ନିୟୋଜିତ ଥିଲେ। ଏଠାରେ ପ୍ରାଥମିକ ଚିକିତ୍ସା, ଜରୁରୀକାଳୀନ ସେବା ସହ ମାଗଣାରେ ଔଷଧ ଓ ଓଆରଏସ ପ୍ୟାକେଟ୍ ବଣ୍ଟା ଯାଇଥିଲା। ଗରମ ଓ ଭିଡ଼ ଯୋଗୁଁ ହେଉଥିବା ଡିହାଇଡ୍ରେସନକୁ ରୋକିବା ମୁଖ୍ୟ ଲକ୍ଷ୍ୟ ଥିଲା ବୋଲି ଟିପିସିଓଡିଏଲ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି। ଅତ୍ୟଧିକ ଗରମ ଓ ଜନସମାଗମ ଯୋଗୁଁ ଶରୀରରେ ଜଳଶୂନ୍ୟତା ନ ହେବା ପାଇଁ ଟିପିସିଓଡିଏଲ ପକ୍ଷରୁ ହଜାର ହଜାର ଓଆରଏସ ପ୍ୟାକେଟ୍ ବଣ୍ଟନ କରାଯାଇଥିଲା। କମ୍ପାନୀ ରଥଯାତ୍ରା ପାଇଁ ପୁରୀକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ସୁସ୍ଥତା ପ୍ରତି ନିଜର ଦାୟିତ୍ୱ ପାଳନ କରିଛି। ଆଗାମୀ ବାହୁଡ଼ା ଯାତ୍ରା ଓ ସୁନାବେଶ ଦିନ ମଧ୍ୟ ଭିଡ଼କୁ ଦୃଷ୍ଟିରେ ରଖି ଟିପିସିଓଡିଏଲ ପକ୍ଷରୁ ଏହି ୩ଟି ମୋବାଇଲ୍ ହେଲ୍‌ଥ ଡିସପେନସାରୀ ପୁଣିଥରେ ନିୟୋଜିତ କରାଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ପିକକ୍‌ର ୩୭ତମ ପ୍ରତିଷ୍ଠା ଉତ୍ସବ ପାଳିତ

**ପ୍ରଦୋଷ ପଟ୍ଟନାୟକ ଓ ବାଞ୍ଛାନିଧି ପଟ୍ଟନାୟକ ସମ୍ବର୍ଦ୍ଧିତ**




ଭୁବନେଶ୍ୱର, ୧୭।୭ (ସଂଚାର ବ୍ୟୁରୋ): ପ୍ରମୁଖ ସାମାଜିକ ଓ ସାଂସ୍କୃତିକ ବିକାଶମୂଳକ ଅନୁଷ୍ଠାନ ପିପୁଲସ୍ କଲଚରାଲ୍ ସେଣ୍ଟର (ପିକକ୍) ପକ୍ଷରୁ ଆଜି ସ୍ଥାନୀୟ ବୁଦ୍ଧ ମନ୍ଦିର ମହାବୋଧି ସମ୍ମିଳନୀ କକ୍ଷରେ ୩୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ବୃକ୍ଷରେ ଜଳ ପ୍ରଦାନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ସ୍ୱାଗତ ଭାଷଣ ଦେଇ ପିକକ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଅନୁଷ୍ଠାନର ୩୭ ବର୍ଷର ସଫଳ ଯାତ୍ରା ସମ୍ପର୍କରେ ଆଲୋକପାତ କରିଥିଲେ। ପିକକ୍‌ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି କହିଥିଲେ ଯେ ପିକକ୍ ଗତ ୩୭ ବର୍ଷ ଧରି ଶିଶୁମାନଙ୍କର ଶିକ୍ଷା ଓ ସୁରକ୍ଷା, ମହିଳା ଓ ଯୁବବର୍ଗଙ୍କ ସଶକ୍ତିକରଣ ଏବଂ ସମସ୍ତଙ୍କ ପାଇଁ ଏକ ସୁରକ୍ଷିତ, ଅନ୍ତର୍ଭୁକ୍ତିମୂଳକ ଓ ହିଂସାମୁକ୍ତ ସମାଜ ଗଠନ ଓ ପରିବେଶ ସୁରକ୍ଷା ନିମନ୍ତେ କାର୍ଯ୍ୟ କରିଆସୁଛି। ଏହି ଅବସରରେ ଏକ ସୁରକ୍ଷିତ ଓ ବିକାଶଶୀଳ ସମାଜ ଗଠନ ପାଇଁ ପୁନର୍ବାର ଆମର ସଂକଳ୍ପକୁ ଦୃଢ଼ କରୁଛୁ। ସେହିପରି ସଭାପତିତ୍ୱ କରି ପିକକ୍‌ର ଅଧ୍ୟକ୍ଷା ଡ. ମୀନାକ୍ଷୀ ପଣ୍ଡା ପିକକ୍‌ର ପ୍ରକୃତ ଶକ୍ତି ହେଉଛି ଏହାର ମୂଲ୍ୟବୋଧ, ବିଶ୍ୱସନୀୟତା ଓ ସମୁଦାୟର ବିଶ୍ୱାସ ବୋଲି କହିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ କୁମାର ପଟ୍ଟନାୟକ ଓ ବିଶିଷ୍ଟ ଚିତ୍ରଶିଳ୍ପୀ ବାଞ୍ଛାନିଧି ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପିକକ୍ ଦ୍ୱାରା ପ୍ରସ୍ତୁତ ଦୁଇଟି ସଚେତନତାମୂଳକ ଚଳଚ୍ଚିତ୍ର ଉନ୍ମୋଚିତ ହୋଇଥିବା ବେଳେ ବିଶିଷ୍ଟ କଳାକାର ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ଶୁଭ୍ରାଂଶୁ ରଞ୍ଜନ ନାୟକଙ୍କ ନିର୍ଦ୍ଦେଶିତ 'ମୋ କଥା ଆମ କଥା', ଯାହା ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ ଉପରେ ଆଧାରିତ ଏବଂ ବିଶିଷ୍ଟ କଣ୍ଠଶିଳ୍ପୀ, ସଙ୍ଗୀତ ନିର୍ଦ୍ଦେଶକ ଓ ଗୀତିକାର ମନ୍ମଥ ମିଶ୍ରଙ୍କ ନିର୍ଦ୍ଦେଶିତ ପରିବେଶ ସୁରକ୍ଷାକୁ ପ୍ରୋତ୍ସାହିତ କରୁଥିବା ସଙ୍ଗୀତଭିତ୍ତିକ ଚଳଚ୍ଚିତ୍ର 'ବସୁଧା' ମଧ୍ୟ ଉନ୍ମୋଚିତ ହୋଇଥିଲା।

ଏହି ଅବସରରେ 'ସ୍ଥାୟୀ ପରିବେଶ ପାଇଁ ସ୍ଥାନୀୟ ପଦକ୍ଷେପ: ଜଳବାୟୁ ନେତୃତ୍ୱରେ ଯୁବବର୍ଗଙ୍କ ଭୂମିକା' ଶୀର୍ଷକ ଏକ ଯୁବ କର୍ମଶାଳା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର ସିଟି ଫରେଷ୍ଟ ଡିଭିଜନର ସହକାରୀ ବନ ସଂରକ୍ଷକ ଅନିତା ସେଠୀ କର୍ମଶାଳାକୁ ଉଦ୍ଘାଟନ କରିଥିଲେ। ଇକୋସେଭର୍ସ ଯୁବ ନେଟୱାର୍କର ପ୍ରତିଷ୍ଠାତ୍ରୀ ସଭାନେତ୍ରୀ ଶୈଳାନୀ ସୁମନ ଆଲୋଚନାଚକ୍ରକୁ ପରିଚାଳନା କରିଥିଲେ। ଇକୋସେଭର୍ସର ଯୁବ ନେତୃତ୍ୱ ଶୁଭମ୍ ରାଉତ, ସ୍ମୃତିମୟୀ ପରିଜା, ସୋନାଲି ବେହେରା, ତୁଳସୀ ମୁଦୁଲି, ତନ୍ମୟୀ ପଟ୍ଟଶାଣୀ, ରୋନକ ମଲ୍ଲିକ, ଜସ୍ମିନ ଦାସ ପରିବେଶ ସୁରକ୍ଷା ସମ୍ପର୍କରେ ସେମାନଙ୍କ ଅନୁଭୂତି ଓ ନୂତନ ଚିନ୍ତାଧାରା ଉପସ୍ଥାପନ କରିଥିଲେ। ପିକକ୍‌ର କୋଷାଧ୍ୟକ୍ଷା ରତ୍ନା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀଲେଦର୍ସ ଶୋ' ରୁମ୍‌ରେ ଅଗ୍ନିକାଣ୍ଡ

**ଜଳିଗଲା ଲକ୍ଷାଧିକ ଟଙ୍କାର ସାମଗ୍ରୀ**




ଭୁବନେଶ୍ୱର, ୧୭।୭ (ସଂଚାର ବ୍ୟୁରୋ): ଭୁବନେଶ୍ୱରର ଅଶୋକ ନଗରସ୍ଥିତ ଶ୍ରୀଲେଦର୍ସ ଶୋ'ରୁମରେ ଅଗ୍ନିକାଣ୍ଡ ଘଟିଛି। ଆଜି ଭୋର ୫ଟା ବେଳେ ଶୋ'ରୁମରୁ ଧୂଆଁ ବାହାରୁଥିବା ଦେଖି ଉପର ମହଲାରେ ଥିବା ଲଜ୍ କର୍ମଚାରୀ ମାଲିକଙ୍କୁ ଖବର ଦେଇଥିଲେ। ପରେ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଘଟଣାସ୍ଥଳରେ ୩ଟି ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ନିଆଁ ଯେପରି ଉପର ମହଲାକୁ ନ ବ୍ୟାପିବ, ସେଥିପାଇଁ ପ୍ରୟାସ କରିଥିଲା ଅଗ୍ନିଶମ ବାହିନୀ। ନିଆଁ ଯୋଗୁଁ ଶୋ'ରୁମ୍ ଭିତରୁ ପ୍ରବଳ ଧୂଆଁ ବାହାରିଥିଲା। ଫଳରେ ଉପର ମହଲାରେ ଥିବା କାଚ ଝରକାକୁ ଭାଙ୍ଗିଥିଲା ଅଗ୍ନିଶମ ବାହିନୀ। ତେବେ ଅଗ୍ନିକାଣ୍ଡରେ ବିଶେଷ କ୍ଷୟକ୍ଷତି ହୋଇ ନ ଥିଲେ ବି ତଳ ମହଲାରେ ଥିବା ବ୍ୟାଗ୍ ସେକ୍ସନ ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି। ଲକ୍ଷାଧିକ ଟଙ୍କାର ସ୍କୁଲ ବ୍ୟାଗ୍, ଟ୍ରଲି ବ୍ୟାଗ୍, ବିଭିନ୍ନ ପ୍ରକାର ହ୍ୟାଣ୍ଡ ବ୍ୟାଗ୍ ପୋଡ଼ିଯାଇଛି। ୫ ଶହରୁ ଅଧିକ ବ୍ୟାଗ୍ ପୋଡ଼ିଥିବା ଅନୁମାନ କରାଯାଉଛି। ସେପଟେ ପାଣି ମାଡ଼ରେ ଅନ୍ୟ ସାମଗ୍ରୀ ମଧ୍ୟ ଓଦା ହୋଇ ନଷ୍ଟ ହୋଇଯାଇଛି। ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live



# ସୋନମ୍ ୱାଙ୍ଗସୁକ୍: ଯୁବଶକ୍ତିର ପ୍ରତୀକ



ସୋନମ୍ ୱାଙ୍ଗସୁକ୍ ଏକ ପରିଚିତ ନାମ। ଲଦାଖର ଏହି ଇଞ୍ଜିନିୟର, ଶିକ୍ଷା ସଂସ୍କାରକ, ପରିବେଶବିତ ଓ ସାମାଜିକ କର୍ମୀ ଭାରତର ଯୁବସମାଜ ପାଇଁ ପ୍ରେରଣାର ଉତ୍ସ। ହିନ୍ଦୀ ଚଳଚ୍ଚିତ୍ର ଥ୍ରୀ-ଇଡିଅଟ୍ସର ରାଞ୍ଚୋ ଚରିତ୍ର ତାଙ୍କ ଜୀବନରୁ ଅନୁପ୍ରାଣିତ ହୋଇଥିଲା ବୋଲି କୁହାଯାଏ। କିନ୍ତୁ ଏହି ଚଳଚ୍ଚିତ୍ରର ମୁଖ୍ୟ ନାୟକ ଆମିର ଖାନ ଏହାକୁ ଅସ୍ୱୀକାର କରିଛନ୍ତି। ସମ୍ପ୍ରତି କକ୍ରୋଚ୍ ଜନତା ପାର୍ଟି (ସିଜେପି) ସହ ଯୋଗ ଦେଇ ଶିକ୍ଷା ବ୍ୟବସ୍ଥାର ସଂସ୍କାର ଦାବିରେ ସକ୍ରିୟ ହୋଇଥିବା ତାଙ୍କ ପଦକ୍ଷେପ ତାଙ୍କୁ ନୂଆ ଆଲୋଚନାର କେନ୍ଦ୍ରବିନ୍ଦୁ କରିଛି। କିନ୍ତୁ ଏହା ପୂର୍ବରୁ ତାଙ୍କ ଜୀବନ କେଉଁ ପଥ ଅନୁସରଣ କରିଥିଲା? ଏହା ଜାଣିବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ।

୧୯୬୬ ମସିହା ସେପ୍ଟେମ୍ବର ୧ ତାରିଖରେ ଲଦାଖର ଉଲେଇଟୋକ୍ପୋ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ସୋନମ୍। ଗ୍ରାମରେ ସ୍କୁଲ ନଥିବାରୁ ନବମ ବର୍ଷ ପର୍ଯ୍ୟନ୍ତ ମାତାଙ୍କ ଦ୍ୱାରା ଘରୋଇ ଶିକ୍ଷା ଲାଭ କରିଥିଲେ। ପିତା ରାଜନୈତିକ କ୍ଷେତ୍ରରେ ସକ୍ରିୟ ଥିବାରୁ ଶ୍ରୀନଗରରେ ସ୍କୁଲ ପଢ଼ିବାକୁ ଯାଇଥିଲେ, କିନ୍ତୁ ଭାଷା ଓ ସଂସ୍କୃତିର ଅସଙ୍ଗତି ତାଙ୍କୁ ମାନସିକ ଯନ୍ତ୍ରଣା ଦେଇଥିଲା। ଏହି ଅନୁଭୂତି ତାଙ୍କୁ ଶିକ୍ଷା ବ୍ୟବସ୍ଥାର ସଂସ୍କାର ପାଇଁ ପ୍ରେରିତ କରିଥିଲା। ୧୯୭୭ରେ ଏକାକୀ ଦିଲ୍ଲୀ ଯାଇ କେନ୍ଦ୍ରୀୟ ବିଦ୍ୟାଳୟରେ ଭର୍ତ୍ତି ହୋଇଥିଲେ। ପରେ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ଶ୍ରୀନଗରରୁ ମେକାନିକାଲ୍ ଇଞ୍ଜିନିୟରିଙ୍ଗରେ ବି.ଟେକ୍ କରିଥିଲେ। ପିତାଙ୍କ ସହ ମତଭେଦ ହେତୁ ନିଜେ ଖର୍ଚ୍ଚ ବହନ କରି ପଢ଼ିଥିଲେ। ୨୦୧୧ରେ ଫ୍ରାନ୍ସର କ୍ରାଟେର୍ ସ୍କୁଲ୍ ଅଫ୍ ଆର୍କିଟେକ୍ଚରରୁ ମାଟି ଆର୍କିଟେକ୍ଚରରେ ଉଚ୍ଚ ଶିକ୍ଷା ଲାଭ କରିଥିଲେ।

୧୯୮୮ରେ ସୋନମ୍ ଓ ତାଙ୍କ ସାଙ୍ଗମାନେ ଲଦାଖ୍ ଛାତ୍ର ଶିକ୍ଷା ଓ ସାଂସ୍କୃତିକ ଆନ୍ଦୋଳନ ପ୍ରତିଷ୍ଠା କରିଥିଲେ। ଏହାର ଲକ୍ଷ୍ୟ ଥିଲା ଲଦାଖର ସ୍ଥାନୀୟ ସଂସ୍କୃତି ଓ ପରିବେଶ ସହ ମେଳ ଖାଉଥିବା ଶିକ୍ଷା ବ୍ୟବସ୍ଥା ଗଢ଼ିବା। ସେମାନେ ସରକାରୀ ସ୍କୁଲ ସଂସ୍କାର ପାଇଁ 'ଅପରେସନ୍ ନ୍ୟୁ ହୋପ୍' ଆରମ୍ଭ କରିଥିଲେ। ଛାତ୍ର ଶିକ୍ଷା ଓ ସାଂସ୍କୃତିକ ଆନ୍ଦୋଳନ କ୍ୟାମ୍ପସ୍ ସୌରଶକ୍ତି ଉପରେ ଚାଲେ ଓ ଜୀବାଶ୍ମ ଇନ୍ଧନ ବ୍ୟବହାର କରେ ନାହିଁ। ଏହା ତାଙ୍କ ପରିବେଶ ପ୍ରତି ପ୍ରତିବଦ୍ଧତାର ପ୍ରତୀକ।

ତାଙ୍କର ସର୍ବଶ୍ରେଷ୍ଠ ଉଦ୍ଭାବନ ହେଉଛି 'ଆଇସ୍ ସ୍ତୂପ'। ଲଦାଖର ଜଳ ସଙ୍କଟ ସମାଧାନ ପାଇଁ ଶୀତକାଳୀନ ଜଳକୁ କୋଣାକୃତି ବରଫ ସ୍ତୂପରେ ସଞ୍ଚୟ କରି ଗ୍ରୀଷ୍ମକାଳରେ କୃଷି ପାଇଁ ବ୍ୟବହାର କରାଯାଏ। ଏହା ଜଳବାୟୁ ପରିବର୍ତ୍ତନ ବିରୋଧରେ ଏକ ବୈପ୍ଲବିକ ପଦକ୍ଷେପ। ସେ ହିମାଳୟାନ ଇନଷ୍ଟିଚ୍ୟୁଟ୍ ଅଫ ଆଲଟରନେଟିଭ୍ସ ଲଦାଖ୍ (ହିଆଲ) ପ୍ରତିଷ୍ଠା କରି ଟେକ୍ନୋଲୋଜି ଓ ପରମ୍ପରାର ମିଶ୍ରଣ କରିଛନ୍ତି। ତାଙ୍କ କାର୍ଯ୍ୟ ପାଇଁ ରାମନ ମାଗସେସେ ପୁରସ୍କାର (୨୦୧୮), ରୋଲେକ୍ସ ଆୱାର୍ଡ୍, ଆଶୋକା ଫେଲୋସିପ୍ ଆଦି ଅନେକ ସମ୍ମାନ ଲାଭ କରିଛନ୍ତି।

ଲଦାଖ ଶିକ୍ଷା ଓ ସାଂସ୍କୃତିକ ଆନ୍ଦୋଳ ଓ ହିଆଲ ମାଧ୍ୟମରେ ସେ ଲଦାଖର ଯୁବକମାନଙ୍କୁ ସ୍ୱାବଲମ୍ବୀ ଓ ପରିବେଶ ସଚେତନ କରିବାରେ ଲାଗି ରହିଛନ୍ତି। ଧାରା ୩୭୦ ରଦ୍ଦ ପରେ ଲଦାଖର ଭୂମି, ସଂସ୍କୃତି ଓ ପରିବେଶ ସୁରକ୍ଷା ପାଇଁ ଆନ୍ଦୋଳନ ଆରମ୍ଭ କରିଥିଲେ। ଷଷ୍ଠ ଅନୁସୂଚୀ, ରାଜ୍ୟତ୍ୱ ଓ ରାଜନୈତିକ ପ୍ରତିନିଧିତ୍ୱ ଦାବିରେ ଅନଶନ, ପଦଯାତ୍ରା ଓ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିଛନ୍ତି। ଏହା ଯୋଗୁଁ ଥରେ ନ୍ୟାସନାଲ୍ ସେକ୍ୟୁରିଟି ଆକ୍ଟ ଅଧୀନରେ ଗିରଫ ହୋଇଥିଲେ ମଧ୍ୟ ସେ ନିରାଶ ହୋଇ ନାହାନ୍ତି।

୨୦୨୬ରେ ସେ କକ୍ରୋଚ୍ ଜନତା ପାର୍ଟିର ଶିକ୍ଷା ସଂସ୍କାର ଆନ୍ଦୋଳନରେ ଯୋଗ ଦେଇଛନ୍ତି। ନିଟ, ସିବିଏସଇ ପରୀକ୍ଷା ବିବାଦ ଓ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଦିଲ୍ଲୀର ଜନ୍ତର ମନ୍ତରରେ ଅନଶନ କରିଛନ୍ତି। ଏହା ତାଙ୍କ ପୂର୍ବ କାର୍ଯ୍ୟର ପ୍ରକୃତିକ ବିସ୍ତାର।

ଶିକ୍ଷା ଯେପରି ଛାତ୍ରଙ୍କ ଜୀବନ ସହ ମେଳ ଖାଇବ, ସେ ପାଇଁ ସେ ସର୍ବଦା ଲଢ଼ି ଆସିଛନ୍ତି। କକ୍ରୋଚ୍ ଜନତା ପାର୍ଟି ଏକ ଯୁବ ଆନ୍ଦୋଳନ ହୋଇଥିବାରୁ ତାଙ୍କ ଯୋଗଦାନ ଏହାକୁ ଅଧିକ ବିଶ୍ୱାସଯୋଗ୍ୟ କରିଛି। ସୋନମ୍ ଓ୍ୱାଙ୍ଗସୁକଙ୍କ ଜୀବନ ଦେଖାଏ ଯେ ବ୍ୟକ୍ତିଗତ ସଂଘର୍ଷ ସମଷ୍ଟିଗତ ପରିବର୍ତ୍ତନର ଆଧାର ହୋଇପାରେ। ଲଦାଖର ହିମବାହ ରକ୍ଷା କରୁଥିବା ଏହି ବ୍ୟକ୍ତି ଆଜି ସାରା ଭାରତର ଶିକ୍ଷା ଓ ପରିବେଶ ପାଇଁ ସ୍ୱର ଉଠାଉଛନ୍ତି। ତାଙ୍କ ପଥ ଶାନ୍ତିପୂର୍ଣ୍ଣ, କିନ୍ତୁ ଦୃଢ଼। ଯୁବକମାନେ ତାଙ୍କ ଠାରୁ ଶିଖିବେ ଯେ ସ୍ୱପ୍ନ ଦେଖିବା ସହିତ ତା ପାଇଁ ଲଢ଼ିବା ମଧ୍ୟ ଜରୁରୀ। ଭାରତର ଭବିଷ୍ୟତ ଏପରି ନିର୍ଭୀକ କଣ୍ଠର ଉପରେ ନିର୍ଭର କରେ। ସୋନମଙ୍କ ଆନ୍ଦୋଳନ ସଫଳ ହେଉ ଓ ଲଦାଖ ସହ ସାରା ଦେଶର ପରିବେଶ ଓ ଶିକ୍ଷା ସୁରକ୍ଷିତ ହେଉ – ଏହା ପ୍ରତ୍ୟେକ ନାଗରିକର କାମ୍ୟ।

# 'ରାଜନୀତି ପଶାପାଲିରେ ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣ'

ଡକ୍ଟର ଅମୂଲ୍ୟ କୁମାର ପଣ୍ଡା



ଓଡ଼ିଆ ସାହିତ୍ୟର ଇତିହାସରେ ପଞ୍ଚସଖାଙ୍କ ଅବଦାନ ଅତୁଳନୀୟ। ଏହି ପଞ୍ଚସଖାଙ୍କ ମଧ୍ୟରେ ବଳରାମ ଦାସଙ୍କ ସ୍ଥାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ଏମିତି ଜଣେ କବି, ଯିଏ ଧର୍ମ, ଭକ୍ତି, ସମାଜ ସଂସ୍କାର ଓ ମାନବତାର ଆଦର୍ଶକୁ ସରଳ ଓଡ଼ିଆ ଭାଷାରେ ଜନସାଧାରଣଙ୍କ ପାଖରେ ପହଞ୍ଚାଇଥିଲେ। ତାଙ୍କ ରଚିତ 'ଲକ୍ଷ୍ମୀ ପୁରାଣ' ଓଡ଼ିଆ ସାହିତ୍ୟର ଏକ ଅମୂଲ୍ୟ ସମ୍ପଦ। ଏହା କେବଳ ଧାର୍ମିକ କାବ୍ୟ ନୁହେଁ; ବରଂ ସାମାଜିକ ସମାନତା, ନାରୀ ସମ୍ମାନ, ଅସ୍ପୃଶ୍ୟତା ବିରୋଧ ଏବଂ ମାନବିକତାର ଏକ ଯୁଗାନ୍ତକାରୀ ବାର୍ତ୍ତା। 'ଲକ୍ଷ୍ମୀ ପୁରାଣ' ଆଜି ମଧ୍ୟ ଘରେ ଘରେ ପାଠ କରାଯାଏ। ବିଶେଷକରି ଗୁରୁବାର ଦିନ ମା' ଲକ୍ଷ୍ମୀଙ୍କ ପୂଜା ସମୟରେ ଏହାର ପାଠ ଓଡ଼ିଶାର ଏକ ପ୍ରାଚୀନ ପରମ୍ପରା। ଏହି ଗ୍ରନ୍ଥ ଆମକୁ ଶିଖାଏ ଯେ ଜାତି କିମ୍ବା ଜନ୍ମ ନୁହେଁ, ବରଂ ପବିତ୍ରତା, ପରିଶ୍ରମ, ନମ୍ରତା ଓ ସଦାଚାର ହିଁ ପ୍ରକୃତ ଧର୍ମ। ବଳରାମ ଦାସ ପଞ୍ଚସଖାଙ୍କ ମଧ୍ୟରୁ ଜଣେ ପ୍ରମୁଖ କବି ଥିଲେ। ସେ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ଥିଲେ। ତାଙ୍କ ରଚନାରେ ଭକ୍ତି ସହିତ ସାମାଜିକ ଚେତନାର ଅଦ୍ଭୁତ ସମନ୍ୱୟ ଦେଖାଯାଏ। ସେ ଲୋକଭାଷାରେ ଧାର୍ମିକ ଗ୍ରନ୍ଥ ରଚନା କରି ସାଧାରଣ ଲୋକଙ୍କୁ ଧର୍ମର ପ୍ରକୃତ ଅର୍ଥ ବୁଝାଇଥିଲେ। ତାଙ୍କର ପ୍ରସିଦ୍ଧ ରଚନାମାନଙ୍କ ମଧ୍ୟରେ 'ଜଗମୋହନ ରାମାୟଣ', 'ଗୁପ୍ତଗୀତା' ଏବଂ 'ଲକ୍ଷ୍ମୀ ପୁରାଣ' ବିଶେଷ ଉଲ୍ଲେଖନୀୟ। ସେହି ସମୟରେ ସମାଜରେ ଜାତିଭେଦ, ଉଚ୍ଚ-ନୀଚ ଭାବନା ଓ ଅସ୍ପୃଶ୍ୟତା ଅତ୍ୟନ୍ତ ପ୍ରବଳ ଥିଲା। ନିମ୍ନବର୍ଗର ଲୋକମାନଙ୍କୁ ମନ୍ଦିର ପ୍ରବେଶ ଓ ସାମାଜିକ ସମ୍ମାନରୁ ବଞ୍ଚିତ କରାଯାଉଥିଲା। ନାରୀମାନଙ୍କ ସ୍ଥିତି ମଧ୍ୟ ସେତେଟା ସମ୍ମାନଜନକ ନଥିଲା। ଏହି ପରିପ୍ରେକ୍ଷୀରେ ବଳରାମ ଦାସ 'ଲକ୍ଷ୍ମୀ ପୁରାଣ' ରଚନା କରି ଏକ ସାମାଜିକ ବିପ୍ଳବର ଆରମ୍ଭ କରିଥିଲେ। ସେ ଦର୍ଶାଇଥିଲେ ଯେ ମା' ଲକ୍ଷ୍ମୀ ସମସ୍ତଙ୍କର ଦେବୀ। ସେ କେବଳ ଉଚ୍ଚବର୍ଗର ନୁହେଁ; ପ୍ରତ୍ୟେକ ପରିଶ୍ରମୀ, ପବିତ୍ର ଓ ସତ୍ୟବାଦୀ ମଣିଷଙ୍କ ଘରକୁ ସେ ଯାଆନ୍ତି। ଏକଦିନ ମା' ଲକ୍ଷ୍ମୀ ଶ୍ରୀମନ୍ଦିରରୁ ବାହାରି ଜଣେ ଅତ୍ୟନ୍ତ ଗରିବ ନାରୀ ଶ୍ରୀୟା ଚାଣ୍ଡାଲୁଣୀଙ୍କ ଘରକୁ ଯାଆନ୍ତି। ଶ୍ରୀୟା ନିଜ ଘରକୁ ଅତ୍ୟନ୍ତ ସଫାସୁତରା ରଖିଥାନ୍ତି ଏବଂ ଭକ୍ତିଭାବରେ ମା'ଙ୍କୁ ସ୍ୱାଗତ କରନ୍ତି। ମା' ଲକ୍ଷ୍ମୀ ଶ୍ରୀୟାଙ୍କ ଭକ୍ତି ଓ ପବିତ୍ରତାରେ ପ୍ରସନ୍ନ ହୋଇ ତାଙ୍କ ଘରେ ଭୋଜନ କରନ୍ତି। ଏହି ଘଟଣା ଜାଣି ବଡ଼ଭାଇ ବଳଭଦ୍ର କ୍ରୋଧିତ ହୋଇ କହନ୍ତି ଯେ ଚାଣ୍ଡାଳ ଘରକୁ ଯାଇ ଭୋଜନ କରିଥିବାରୁ ଲକ୍ଷ୍ମୀଙ୍କୁ ଶ୍ରୀମନ୍ଦିରରେ ପ୍ରବେଶ କରିବାକୁ ଦିଆଯିବ ନାହିଁ। ଲକ୍ଷ୍ମୀ ମା' ଏହି ଅନ୍ୟାୟର ପ୍ରତିବାଦ କରି ଶ୍ରୀମନ୍ଦିର ଛାଡ଼ି ଚାଲିଯାଆନ୍ତି। ତାଙ୍କ ବିଦାୟ ପରେ ଶ୍ରୀଜଗନ୍ନାଥ ଓ ବଳଭଦ୍ର ଦାରିଦ୍ର୍ୟ, ଅଭାବ ଓ ଭୋକରେ କଷ୍ଟ ପାଆନ୍ତି। ସେମାନଙ୍କ ପାଖରେ ଖାଇବାକୁ କିଛି ରହେନାହିଁ। ଶେଷରେ ସେମାନେ ନିଜ ଭୁଲ ବୁଝିପାରନ୍ତି। ମା' ଲକ୍ଷ୍ମୀଙ୍କୁ କ୍ଷମା ପ୍ରାର୍ଥନା କରି ପୁନର୍ବାର ଶ୍ରୀମନ୍ଦିରକୁ ଆଣନ୍ତି। ଲକ୍ଷ୍ମୀ ମା' ସର୍ତ୍ତ ରଖନ୍ତି ଯେ ଭବିଷ୍ୟତରେ କେବେ ମଧ୍ୟ ଜାତିଭେଦ କିମ୍ବା ଅସ୍ପୃଶ୍ୟତାକୁ ପ୍ରଶ୍ରୟ ଦିଆଯିବ ନାହିଁ। ସମସ୍ତ ମଣିଷ ସମାନ ସମ୍ମାନର ଅଧିକାରୀ ହେବେ। 'ଲକ୍ଷ୍ମୀ ପୁରାଣ'ର ସବୁଠାରୁ ବଡ଼ ବାର୍ତ୍ତା ହେଉଛି ସମାନତା। ଏଠାରେ ସ୍ପଷ୍ଟ କରାଯାଇଛି ଯେ ମଣିଷର ମହତ୍ତ୍ୱ ତାହାର ଜାତିରେ ନୁହେଁ, ତାହାର କର୍ମରେ। ଏହା ଅସ୍ପୃଶ୍ୟତା ବିରୋଧରେ ଏକ ଶକ୍ତିଶାଳୀ ସାହିତ୍ୟିକ ପ୍ରତିବାଦ।ଏହି କାବ୍ୟରେ ଲକ୍ଷ୍ମୀ କେବଳ ଗୃହଦେବୀ ନୁହେଁ; ସେ ନ୍ୟାୟ, ସ୍ୱାଭିମାନ ଓ ଆତ୍ମସମ୍ମାନର ପ୍ରତୀକ। ଅନ୍ୟାୟ ବିରୋଧରେ ସେ ନିଜ ନିଷ୍ପତ୍ତି ନିଜେ ନିଅନ୍ତି। ଏହା ନାରୀଙ୍କ ସ୍ୱାଧୀନ ସ୍ଥାନ ଓ ସମ୍ମାନକୁ ଉଚ୍ଚ ସ୍ଥାନ ଦେଇଥାଏ। ଲକ୍ଷ୍ମୀ ପୁରାଣରେ ସଫାସୁତରା, ପରିଶ୍ରମ ଓ ଶୃଙ୍ଖଳାକୁ ଅତ୍ୟଧିକ ଗୁରୁତ୍ୱ ଦିଆଯାଇଛି। ଯେଉଁ ଘର ସଫା, ଯେଉଁଠାରେ ପରିଶ୍ରମ, ସତ୍ୟ ଓ ଭକ୍ତି ଅଛି, ସେଠାରେ ଲକ୍ଷ୍ମୀଙ୍କ ବାସ ହୁଏ ବୋଲି କୁହାଯାଇଛି।ଓଡ଼ିଶାରେ ଗୁରୁବାର ଦିନ ଲକ୍ଷ୍ମୀ ପୁରାଣ ପାଠର ପରମ୍ପରା ଆଜି ମଧ୍ୟ ବହୁ ପ୍ରଚଳିତ। ଏହା କେବଳ ଧନଲାଭ ପାଇଁ ନୁହେଁ, ବରଂ ଘରେ ଶାନ୍ତି, ସଦ୍ଭାବ, ସଫାସୁତରା ଓ ନୈତିକ ଜୀବନ ଗଠନ ପାଇଁ ପାଠ କରାଯାଏ। ବଳରାମ ଦାସ ସରଳ, ସୁନ୍ଦର ଓ ସଙ୍ଗୀତମୟ ଓଡ଼ିଆ ଭାଷା ବ୍ୟବହାର କରିଛନ୍ତି। ତାଙ୍କ ଭାଷା ସାଧାରଣ ଲୋକଙ୍କ ପାଇଁ ସହଜବୋଧ୍ୟ। ଉପମା, ରୂପକ, ଭକ୍ତିରସ ଓ ନୀତିବୋଧର ସୁନ୍ଦର ସମନ୍ୱୟ ଏହି କାବ୍ୟକୁ କାଳଜୟୀ କରିଛି। ଆଜି ମଧ୍ୟ ସମାଜରେ ବିଭିନ୍ନ ପ୍ରକାରର ବୈଷମ୍ୟ ଦେଖିବାକୁ ମିଳେ। 'ଲକ୍ଷ୍ମୀ ପୁରାଣ' ଆମକୁ ଶିଖାଏ ଯେ ସମସ୍ତ ମଣିଷଙ୍କୁ ସମାନ ସମ୍ମାନ ଦେବା ଉଚିତ। ନାରୀ ସମ୍ମାନ, ସାମାଜିକ ନ୍ୟାୟ, ପରିଚ୍ଛନ୍ନତା, ପରିଶ୍ରମ ଓ ମାନବିକତାର ମୂଲ୍ୟବୋଧ ଆଜି ମଧ୍ୟ ସମାନ ଭାବେ ପ୍ରସଙ୍ଗିକ। ବଳରାମ ଦାସଙ୍କ 'ଲକ୍ଷ୍ମୀ ପୁରାଣ' ଓଡ଼ିଆ ସାହିତ୍ୟର ଏକ ଅନନ୍ୟ କୃତି। ଏହା କେବଳ ଧାର୍ମିକ ଗ୍ରନ୍ଥ ନୁହେଁ; ଏହା ସାମାଜିକ ସଂସ୍କାର, ମାନବ ସମାନତା ଓ ନାରୀ ମର୍ଯ୍ୟାଦାର ଘୋଷଣାପତ୍ର। ଶ୍ରୀୟା ଚାଣ୍ଡାଲୁଣୀଙ୍କ ଘରକୁ ଲକ୍ଷ୍ମୀଙ୍କ ଯିବା ଘଟଣା ସମଗ୍ର ସମାଜକୁ ଏହି ଶିକ୍ଷା ଦିଏ ଯେ ଈଶ୍ୱରଙ୍କ ଦୃଷ୍ଟିରେ ସମସ୍ତେ ସମାନ। ତେଣୁ ଆମେ ଜାତି, ବର୍ଣ୍ଣ, ଧନ କିମ୍ବା ପଦମର୍ଯ୍ୟାଦା ଆଧାରରେ କେବେ ବିଭେଦ କରିବା ଉଚିତ ନୁହେଁ। ସତ୍ୟ, ପରିଶ୍ରମ, ପବିତ୍ରତା, ଦୟା ଓ ସମାନତାର ଆଦର୍ଶକୁ ଜୀବନରେ ଅନୁସରଣ କରିବା ହିଁ 'ଲକ୍ଷ୍ମୀ ପୁରାଣ'ର ପ୍ରକୃତ ଶିକ୍ଷା। ଏହି କାରଣରୁ ବଳରାମ ଦାସଙ୍କ ଏହି ଅମର କୃତି ଯୁଗେ ଯୁଗେ ଓଡ଼ିଆ ଜାତିର ସାଂସ୍କୃତିକ ଓ ନୈତିକ ଜୀବନକୁ ଆଲୋକିତ କରିଆସିଛି। କିନ୍ତୁ ବର୍ତ୍ତମାନର ସରକାର ଏହି ପାରମ୍ପରିକ ଲକ୍ଷ୍ମୀ ପୁରାଣକୁ ସଂଶୋଧନ ଆଳରେ ବଦଳାଇ ନୂଆ ବହି ଛାପିବାକୁ ଘୋଷଣା କରିଛି ଯାହା ଓଡ଼ିଶାର ପୁରପଲ୍ଲୀ ରେ ଥିବା ମହିଳାଙ୍କ ମନରେ ଆଘାତ ଦେଇଛି ଓ ଏହାର ବିରୋଧରେ ସ୍ୱର ଉତ୍ତୋଳନ ମଧ୍ୟ ହେଉଛି। ତେବେ ଗୋଟିଏ କଥା ସତ ଯେ ଯେଉଁ ଲକ୍ଷ୍ମୀ ପୁରାଣ ବହି ସମଗ୍ର ଓଡ଼ିଶାର ନାରୀ ମାନଙ୍କ ଭକ୍ତି ଓ ହୃଦୟରେ ବସି ସାରିଛି ସେହି ପାରମ୍ପରିକ ବହିକୁ ବଦଳାଇବା ପୂର୍ବରୁ ସରକାରଙ୍କୁ ପୁନଃବିଚାର କରିବା ଆବଶ୍ୟକ।

ଅରଙ୍ଗାବାଦ ବରୀ ଯାଜପୁର

ମୋବାଇଲ - ୮୨୪୯୫୦୨୭୭୬

# ଶ୍ରୀକ୍ଷେତ୍ର ବା ପୁରୁଷୋତ୍ତମ କ୍ଷେତ୍ର

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ବ୍ରହ୍ମାଣ୍ଡ ପୁରାଣରେ କୁହାଯାଇଛି ଯେ 'ବର୍ଷାଣାଂ ଭାରତ ଶ୍ରେଷ୍ଠଃ ଦେଶାନାଂ ଉତ୍କଳ ସ୍ମୃତଃ। ଉତ୍କଳସ୍ୟ ସମଦେଶ ଦେଶନାସ୍ତି ମହୀତଳେ।' ଉତ୍କଳ ସମବେଶ ଏ ପୃଥିବୀରେ ବିରଳ। ଉତ୍କଳର ଗୌରବ ହେଉଛନ୍ତି ଶ୍ରୀ ଶ୍ରୀ ଜଗନ୍ନାଥ ଯେ କି ପୁରୀ, ପୁରୁଷୋତ୍ତମ ଶଙ୍ଖକ୍ଷେତ୍ର, ନୀଳାଚଳ ବା ଶ୍ରୀକ୍ଷେତ୍ରରେ ଲୀଳାଖେଳା ସମ୍ପାଦନା କରନ୍ତି। ଶ୍ରୀକ୍ଷେତ୍ର ମହୋଦଧି କୂଳରେ ଅବସ୍ଥିତ ଏହି କଲିକତା ଠାରୁ ୩୧୧ ମାଇଲ, ବନାରସରୁ ୫୭୨ ମାଇଲ, ମାଡ୍ରାସରୁ ୭୧୯ ମାଇଲ, ଦିଲ୍ଲୀରୁ ୯୧୦ ମାଇଲ ଏବଂ ବମ୍ବେ ଠାରୁ୧୦୫୨ ମାଇଲ ଦୂରରେ ଅବସ୍ଥିତ। ଏ ସ୍ଥାନରେ ଅତ୍ୟଧିକ ଗ୍ରୀଷ୍ମ ବର୍ଷା ଓ ଶୀତ ଅନୁଭୂତ ହୁଏ ନାହିଁ। ବ୍ରହ୍ମ ପୁରାଣରେ କୁହାଯାଇଛି, 'ପୁରୁଷୋତ୍ତମାତ୍ ପରକ୍ଷେତ୍ରଂ ନାସ୍ତ୍ୟେବ ପୃଥିବୀତଳେ, ଭୂସ୍ୱର୍ଗମିତି ବିଖ୍ୟାତଂ ଦେବାନାମପି ଦୁର୍ଲ୍ଲଭମ୍।' ଏହି ପବିତ୍ର ଭୂମିରେ ପ୍ରବେଶ କଲେ ପୁନର୍ଜନ୍ମ ହୁଏ ନାହିଁ ବୋଲି ମୁନି ଋଷିମାନେ ନିଶ୍ଚିତ ଅଭିମତ। କପିଳ ସଂହିତାରେ ବର୍ଣ୍ଣନା କରାଯାଇଛି ଯେ 'ସର୍ବେଷାଂ ଚୈବ ଦେବାନାଂ ରାଜା ଶ୍ରୀ ପୁରୁଷୋତ୍ତମଃ, ସର୍ବେଷାଂ ଚୈବ କ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମଃ।'

ପୁରୁଷୋତ୍ତମ ଶବ୍ଦ ମଧ୍ୟରେ ଯେଉଁ ଉଦବୋଧନ ରହିଛି ଶ୍ରୀ ଶବ୍ଦରେ ମଧ୍ୟ ସେହି ଉଦବୋଧନ ରହିଅଛି 'ଶ୍ରୀ' ଅର୍ଥାତ୍ ଶ୍ରେଷ୍ଠ, ସୌନ୍ଦର୍ଯ୍ୟ, ଶୋଭନୀୟତା, ସୁଲକ୍ଷଣ, ଶୌର୍ଯ୍ୟ ଓ ସମୃଦ୍ଧି, ଲକ୍ଷ୍ମୀଙ୍କର ଅନ୍ୟନାମ ମଧ୍ୟ ଶ୍ରୀ। 'ଶ୍ରୀ' ମଧ୍ୟ ଆଦ୍ୟ ପରମ ଓ ସର୍ବପ୍ରଧାନ। ତେଣୁ ଚତୁର୍ଦ୍ଧାମ ମଧ୍ୟରେ ତଥା ସମଗ୍ର ବିଶ୍ୱରେ ନୀଳାଚଳ କ୍ଷେତ୍ର 'ଶ୍ରୀ' ଅର୍ଥାତ୍ ଶ୍ରେଷ୍ଠ ହୋଇଥିବାରୁ ଏହା ଶ୍ରୀକ୍ଷେତ୍ର ନାମରେ ପରିଚିତ। ଉକ୍ତ ଶ୍ରୀକ୍ଷେତ୍ର ବା ପୁରୁଷୋତ୍ତମ କ୍ଷେତ୍ର ବିସ୍ତୀର୍ଣ୍ଣତା ଦଶଯୋଜନ ଓ ଆୟତନ ପାଞ୍ଚ ଯୋଜନ ଥିଲା ବୋଲି 'ବ୍ରହ୍ମ ପୁରାଣ'ରେ ବର୍ଣ୍ଣନା କରାଯାଇଛି। ଯଥା 'ଦଶଯୋଜନ ବିସ୍ତୀର୍ଣ୍ଣଂ ପଞ୍ଚଯୋଜନମାୟତମ୍, ନାନାଶ୍ଚର୍ଯ୍ୟ ସମାୟୁକ୍ତଂ କ୍ଷେତ୍ରଂ ପରମଦୁର୍ଲ୍ଲଭମ୍।'

ପୂର୍ବରୁ କୁହାଯାଇଛି ଯେ ଶ୍ରୀକ୍ଷେତ୍ରର ଅନ୍ୟନାମ ଶଙ୍ଖକ୍ଷେତ୍ର। ଏହାର ଭୌଗଳିକ ଅବସ୍ଥିତି ଓ ଆକାରକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ଏ କ୍ଷେତ୍ରଟି ଗୋଟିଏ ଶଙ୍ଖ ଆକାରର। ପବିତ୍ର ଶଙ୍ଖକ୍ଷେତ୍ରର ପଶ୍ଚିମ ଭାଗରେ ଶ୍ରୀଲୋକନାଥଙ୍କ ମନ୍ଦିର, ପୂର୍ବଭାଗରେ ଶ୍ରୀନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିର। ଏହାର ନାଭିଦେଶରେ ରୋହିଣୀ କୁଣ୍ଡ, କଳ୍ପବଟ ଏବଂ ସ୍ୱୟଂ ଶ୍ରୀଜଗନ୍ନାଥ ରତ୍ନସିଂହାସନରେ ବିରାଜିତ। ଶ୍ରୀକ୍ଷେତ୍ର ଅନ୍ତର୍ବେଦୀ ରତ୍ନସିଂହାସନର ସୁରକ୍ଷା ପାଇଁ ଯୋଗମାୟା ବିମଳା, ସର୍ବମଙ୍ଗଳା ଓ ଅର୍ଦ୍ଧାଶନୀ ପ୍ରଭୃତି ଦେବୀଗଣ ବିରାଜିତ।

ପବିତ୍ର ଉତ୍କଳ ଖଣ୍ଡ ଭଗବାନଙ୍କ ଆୟୁଧ ଶଙ୍ଖ, ଚକ୍ର, ଗଦା ଓ ପଦ୍ମର ନାମାନୁସାରେ ଚାରିଭାଗରେ ବିଭକ୍ତ ହୋଇଅଛି। ଚକ୍ରକ୍ଷେତ୍ର ଭାବରେ ଭୁବନେଶ୍ୱର, ପଦ୍ମକ୍ଷେତ୍ର ଭାବରେ କୋଣାର୍କ, ଗଦାକ୍ଷେତ୍ର ଭାବରେ ଯାଜପୁର ଏବଂ ଶଙ୍ଖକ୍ଷେତ୍ର ଭାବରେ ଶ୍ରୀକ୍ଷେତ୍ର ପ୍ରସିଦ୍ଧିଲାଭ କରିଅଛି। ଶ୍ରୀଜଗନ୍ନାଥ ଦାସ 'ପରିଚୟ ବୋଧିନୀ'ରେ ଶ୍ରୀଜଗନ୍ନାଥଙ୍କୁ ଶ୍ରୀକୃଷ୍ଣ, ନୀଳାଚଳକୁ ଗୋବର୍ଦ୍ଧନ ଭାର୍ଗବୀକୁ ଯମୁନା, କଳ୍ପବକ୍ଷକୁ ଶ୍ୟାମକୁଞ୍ଜ, ସୁନା କୂଅକୁ ରାଧାକୁଣ୍ଡ ଏବଂ ପୁଣ୍ୟ ନୀଳାଚଳକୁ ନିତ୍ୟ ରାସସ୍ଥଳୀ ବୃନ୍ଦାବନ ବୋଲି ବର୍ଣ୍ଣନା କରିଅଛନ୍ତି। ତାଙ୍କ ଭାଷାରେ, 'ଏକ୍ଷତ୍ର ପୁରୁଷୋତ୍ତମ, ଅଟଇ ନିତ୍ୟ ବୃନ୍ଦାବନ।'

ସ୍କନ୍ଦପୁରାଣ ଅନୁଯାୟୀ ଶ୍ରୀକ୍ଷେତ୍ର ନୃସିଂହ କ୍ଷେତ୍ର ଭାବରେ ପରିଚିତ। ମହାରାଜା ଇନ୍ଦ୍ରଦ୍ୟୁମ୍ନ ମନ୍ଦିର ନିର୍ମାଣ କରାଇ ମନ୍ଦିର ପ୍ରତିଷ୍ଠା ପାଇଁ ବ୍ରହ୍ମାଙ୍କୁ ଆଣିଥିଲେ। ଏକ ଯଜ୍ଞ ଅନୁଷ୍ଠିତ ହେଲା ଏବଂ ସେ ଯଜ୍ଞରୁ ଚତୁର୍ଭୁଜ ବିଶିଷ୍ଟ ଏକ ଭୟଙ୍କର ନୃସିଂହ ମୂର୍ତ୍ତି, ଯାହାଙ୍କର ଶିରଦେଶରେ ସପ୍ତଫଣା ବିଶିଷ୍ଟ ଅନନ୍ତ, କୋଳରେ ହରିଦ୍ ବର୍ଣ୍ଣା ମହାଲକ୍ଷ୍ମୀ, ଏପରି ଏକ ମୂର୍ତ୍ତି ଉଦ୍ଭବ ହେଲେ। ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ମନରେ ଆଶ୍ଚର୍ଯ୍ୟ ତଥା ଭୟ ସଞ୍ଚାର ହେବାରୁ ଅନ୍ତର୍ଯ୍ୟାମୀ ଶ୍ରୀପୁରୁଷୋତ୍ତମ ସଙ୍ଗେ ସଙ୍ଗେ ଏକ ଶାନ୍ତାକାର ନାରାୟଣ ମୂର୍ତ୍ତିରେ ପରିଣତ ହୋଇଗଲେ। ଯଜ୍ଞରୁ ପ୍ରଥମେ ନୃସିଂହ ମୂର୍ତ୍ତି ଉତ୍ପନ୍ନ ହୋଇଥିବାରୁ ଶ୍ରୀକ୍ଷେତ୍ରର ଅନ୍ୟନାମ ନୃସିଂହ କ୍ଷେତ୍ର ବୋଲି ସର୍ବଜନ ବିଦିତ। ଯଜ୍ଞରୁ ଉଦ୍ଭବ ହୋଇଥିବା ଦୁଇଟି ଯାକ ମୂର୍ତ୍ତିର ଚିତ୍ର ଫଳକ ଶ୍ରୀମନ୍ଦିରସ୍ଥ ନାଟ୍ୟ ମନ୍ଦିର ମଧ୍ୟରେ ଦେଖିବାକୁ ମିଳେ। ଶ୍ରୀକ୍ଷେତ୍ର ଧାମକୁ ଅଷ୍ଟଚଣ୍ଡୀ, ଅଷ୍ଟଶମ୍ଭୁ ଏବଂ ଅଷ୍ଟ ମହାବୀର ରକ୍ଷା କରୁଥାନ୍ତି ବୋଲି ପୌରାଣିକ ଉପାଖ୍ୟାନ ମାନଙ୍କରୁ ସୂଚନା ମିଳେ। ଅଷ୍ଟଚଣ୍ଡୀ ହେଲେ ରାମଚଣ୍ଡୀ, ହରଚଣ୍ଡୀ, ବାସେଳୀ, ବରାହୀ, ଆଲାମଚଣ୍ଡୀ, ଦକ୍ଷିଣକାଳୀ, ଝାଡ଼େଶ୍ୱରୀ ଏବଂ ଶ୍ରୀକ୍ଷେତ୍ର ରାଜେଶ୍ୱରୀ ବିମଳା। ସ୍କନ୍ଦ ପୁରାଣରେ ଅଷ୍ଟ ଶକ୍ତିଙ୍କ ନାମ ମଧ୍ୟ ଉଲ୍ଲେଖ ଅଛି। ସେମାନେ ହେଲେ, ବାଟମଙ୍ଗଳା, ବିମଳା, ବିମାନବଡ଼ୁ ସାହିର ସର୍ବମଙ୍ଗଳା। ଅର୍ଦ୍ଧାଶନୀ (ମାଉସୀ ମା) ଆଲାମଚଣ୍ଡୀ, ଦକ୍ଷିଣକାଳୀ, ମରିଚୀକା ଏବଂ ଚାମୁଣ୍ଡା ଅଷ୍ଟଶକ୍ତିଙ୍କ ବ୍ୟତୀତ, ଅନେକ ଉପଶକ୍ତି ଶ୍ରୀକ୍ଷେତ୍ର ଧାମରେ ବିରାଜମାନ କରୁଅଛନ୍ତି। ଶ୍ରୀକ୍ଷେତ୍ରର ଅଷ୍ଟଶମ୍ଭୁ ହେଲେ ଲୋକନାଥ ଯମେଶ୍ୱର, ମାର୍କଣ୍ଡେଶ୍ୱର, କପାଳମୋଚନ, ନୀଳକଣ୍ଠେଶ୍ୱର, ବାଟ ଲୋକନାଥ, ବାନାମ୍ବର ଏବଂ ଶଙ୍କରେଶ୍ୱର। ଅଷ୍ଟମହାବୀର ହେଉଛନ୍ତି ସିଦ୍ଧ ମହାବୀର, ଦରିଆ ମହାବୀର, କାନପାତା ମହାବୀର, ବର୍ଗୀ ହନୁମାନ, ମଶାଣି ମହାବୀର, ପଞ୍ଚମୁଖୀ ମହାବୀର, ଫତେ ମହାବୀର ଏବଂ ଶିରୁଳି ମହାବୀର। ଶ୍ରୀମନ୍ଦିରର ସୁରକ୍ଷା ପାଇଁ ଚାରି ଦ୍ୱାରରେ ବୀର ହନୁମାନଙ୍କ ମୂର୍ତ୍ତି ବିରାଜମାନ।

ଶ୍ରୀକ୍ଷେତ୍ର ପୁରୁଷୋତ୍ତମଙ୍କୁ ଯୋଗୁଁ ସର୍ବୋତ୍ତମ କ୍ଷେତ୍ର ବୋଲି ବିବେଚିତ। ଏହାକୁ ମର୍ତ୍ତ୍ୟ ବୈକୁଣ୍ଠ ବୋଲି କୁହାଯାଇଥାଏ। ପ୍ରସିଦ୍ଧ ଚୈତନ୍ୟ ଭାଗବତରେ ଏହି ପୀଠର ଜୟଗାନ କରି ଶ୍ରୀକୃଷ୍ଣ ଶିବଙ୍କୁ ବୁଝାଇଛନ୍ତି। ଯଥା 'ସେଇ ସ୍ଥାନେ ଆମାର ପରମଗୋପ୍ୟପୁରୀ, ସେହି ସ୍ଥାନ ଶିବ! ଆଜି କହି ତୋମାସ୍ଥାନେ ସେ ପୁରୀର ମର୍ମ ମୋର କେହି ନାହିଁ ଜାନେ। ସିନ୍ଧୁତୀରେ ବଟମୂଳେ ନୀଳାଚଳ ନାମ କ୍ଷେତ୍ର ଶ୍ରୀ ପୁରୁଷୋତ୍ତମ ଅତି ରମ୍ୟସ୍ଥାନ। ସେ ସ୍ଥାନେ ନାୟିକା ଯମଦଣ୍ଡ ଅଧିକାର, ଆମି କରି ଭଲ ମନ୍ଦ ବିଚାର ସଭାର।

ଏଥିରୁ ସୂଚନାମିଳେ ଯେ ଶ୍ରୀକ୍ଷେତ୍ର ଅତ୍ୟନ୍ତ ମନୋରମ। ଏ କ୍ଷେତ୍ରରେ ଯମର ପ୍ରଭାବ ଅନୁଭୂତ ହୁଏନାହିଁ। ଶ୍ରୀକ୍ଷେତ୍ର ମଧ୍ୟରେ ସ୍ୱର୍ଗବାସ ହୁଏ, ଫଳରେ ଯମଦଣ୍ଡ ଭୋଗ କରିବାକୁ ପଡ଼ିନଥାଏ। ଶ୍ରୀକ୍ଷେତ୍ରର ମାହାତ୍ମ୍ୟ ଅସୀମ ତଥା ଅପରିକଳ୍ପିତ। ଷୋଡ଼ଶ ଖ୍ରୀଷ୍ଟାବ୍ଦର ଓଡ଼ିଆ କବି ଭକ୍ତ ବଳରାମ ଦାସ 'ଭାବ ସମୁଦ୍ର'ରେ ଶ୍ରୀକ୍ଷେତ୍ରର ସାମ୍ୟଭାବକୁ ଉପଲବ୍ଧିକରି ଲେଖିଛନ୍ତି ଯେ, 'କାହୁଁ ଭିଆଇଲୁ କ୍ଷେତ୍ର ତୋହର ଚଉଦ ଭୁବନ ମଧ୍ୟୁ ବାହାର। ନାଥ ତୋ କ୍ଷେତ୍ରେ ସାନ ବଡ଼ ନାହିଁ, ବ୍ରାହ୍ମଣ ଚାଣ୍ଡାଳ ଯେ ସରି ଦୁଇ।'



ବିଭିନ୍ନ ପୁରାଣ ଯଥା - ବ୍ରହ୍ମ ପୁରାଣ, ସ୍କନ୍ଦ ପୁରାଣ ବାମଦେବ ସିଂହିତା ଏବଂ ନୀଳାଦ୍ରି ମହୋଦୟ ପ୍ରଭୃତିରେ ଶ୍ରୀକ୍ଷେତ୍ରର ମାହାତ୍ମ୍ୟ ବର୍ଣ୍ଣିତ ହୋଇଅଛି। ବ୍ରହ୍ମ ପୁରାଣରେ ବ୍ରହ୍ମାଙ୍କ ମୁଖ ନିସୃତ ବାଣୀ ହେଲା - 'ଯଥା ସର୍ବେଶ୍ୱରୋ ବିଷ୍ଣୁ ସର୍ବଲୋକୋତ୍ତମୋତ୍ତମଃ, ତଥା ସମସ୍ତ ତୀର୍ଥାନାଂ ବରିଷ୍ଟଂ ପୁରୁଷୋତ୍ତମମ୍। ସତ୍ୟଂ ସତ୍ୟଂ ମୁନିଶ୍ରେଷ୍ଠୋ ଭବଦ୍ଭିଃ ସମୁଦାହୃତମ୍। ପୁରୁଷୋତ୍ତମସମଂ କ୍ଷେତ୍ରଂ ନାସ୍ତ୍ୟତ୍ର ପୃଥିବୀ ତଳେ।' 'ବର୍ଣ୍ଣାନାଂ ବ୍ରହ୍ମଣୋ ଯତ୍ ବୈନତେୟଶ୍ଚ ପକ୍ଷିଣାମ୍, ତଥା ସମସ୍ତ ତୀର୍ଥାନାଂ ବରିଷ୍ଟଂ ପୁରୁଷୋତ୍ତମମ୍।' 'ମୁନୀନାଂ ଚ ଯଥା ବ୍ୟାସଃ କୁବେରୋ ଯକ୍ଷରକ୍ଷସାମ୍, ତଥା ସମସ୍ତ ତୀର୍ଥାନାଂ ବରିଷ୍ଟଂ ପୁରୁଷୋତ୍ତମମ୍।' ସ୍କନ୍ଦ ପୁରାଣ, ବିଷ୍ଣୁଖଣ୍ଡ, ଚତୁର୍ଥ ଅଧ୍ୟାୟରେ ମହାଲକ୍ଷ୍ମୀ ଯମଙ୍କୁ କହିଛନ୍ତି ଯେ, 'ପୃଥିବ୍ୟାଂ ଯାନି-ତୀର୍ଥାନି ଗଗନେତ ତ୍ରିପିଷ୍ଟପେ, ସାର୍ଦ୍ଧଂକୋଟି ସଂଖ୍ୟାନି ସ୍ୱର୍ଗମୋକ୍ଷପ୍ରଦାନି ବୈ, ତେଷାମୟଂ ତୀର୍ଥରାଜଃ କୀର୍ତ୍ତିରାଜଃ ପୁରୁଷୋତ୍ତମଃ, ସର୍ବେଷାଂ ମୁକ୍ତିକ୍ଷେତ୍ରାଣାମ୍ ଇଦଂ ସାଯୁଜ୍ୟଦଂ ମତମ୍।' ଏତଦ୍ ବ୍ୟତୀତ, ଜୈମିନୀ, ମୁନି ଋଷିମାନଙ୍କୁ ଶ୍ରୀକ୍ଷେତ୍ରର ବିଶେଷତ୍ୱ ବର୍ଣ୍ଣନା କରିବାକୁ ଯାଇ କହିଥିଲେ ଯେ ଏହା କୋଟି ବ୍ରହ୍ମାଣ୍ଡ ଈଶ୍ୱରଙ୍କ ବାସସ୍ଥଳୀ ହୋଇଥିବାରୁ ଶ୍ରୀପୁରୁଷୋତ୍ତମ ନିଜେ ଏହି କ୍ଷେତ୍ରକୁ ନିଜ ନାମରେ ନାମିତ କରିଅଛନ୍ତି। ଏ କ୍ଷେତ୍ରରେ ସାମ୍ୟ, ମୈତ୍ରୀ ଏବଂ ଭ୍ରାତୃତ୍ୱ ପ୍ରଚାରିତ ହୁଏ ଏବଂ ଏ ସମସ୍ତ ଆନ୍ତରିକତାର ସହିତ କାର୍ଯ୍ୟକାରୀ ହୋଇଥାଏ। ଶ୍ରୀମନ୍ଦିରସ୍ଥ ଆନନ୍ଦ ବଜାରରେ ଏବଂ ଅନ୍ୟ ଯେ କୌଣସି ସ୍ଥାନରେ ଜାତିବର୍ଣ୍ଣ ନିର୍ବିଶେଷରେ ଏକତ୍ର ବସି ମହାପ୍ରସାଦ ସେବା ଏ ନୀତିର କାର୍ଯ୍ୟକାରିତା ସମ୍ବନ୍ଧରେ ବେଶ ସୂଚନା ଦିଏ। ଓଡ଼ିଆ ଜାତିର ମଉଡ଼ମଣି ଗଜପତି ମହାରାଜା ଛେରାପହରା କରି ଶ୍ରମର ମର୍ଯ୍ୟାଦା ପରି ଏକ ସୁସ୍ଥ ନୀତିର ପ୍ରଚାର ତଥା ପ୍ରସାର କରିଥାନ୍ତି। ଶ୍ରୀକ୍ଷେତ୍ର ଯେ ପରମପାବନ କ୍ଷେତ୍ର ଏହା ନିଃସନ୍ଦେହ।

ପ୍ରତିରତ୍ୱିକ ଓ ଅବସର ପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ଏକାଧିକ ବ୍ୟାଙ୍କ ଆକାଉଣ୍ଟ ରହିଛି କି ?

ଡକ୍ଟର ତପନ କୁମାର ପାଳ



ମୋ କଲେଜ ପଢ଼ା ସମୟର ସାଙ୍ଗ 'ନରେନ୍ଦ୍ର' କଥା କହୁଛି। ତାହାର ଏକ ଭଲ ଅଭ୍ୟାସ ଥିଲା ଡାକଘର ବ୍ୟତୀତ ସେ ସମୟରେ ଯେତେ ସବୁ ଛୋଟବଡ଼ ବ୍ୟାଙ୍କ ଥିଲା, ସେ ପ୍ରାୟତଃ ଆଗ୍ରହର ସହିତ ସବୁ ବ୍ୟାଙ୍କରେ ନିଜର ଆକାଉଣ୍ଟ ଖୋଲୁଥିଲା। ଆମ ସମୟରେ ବ୍ୟାଙ୍କ ପାସବୁକ ଖୋଲିବା ପାଇଁ ଏତେ ଜଟିଳ ପ୍ରକ୍ରିୟା ନଥିଲା। କଲେଜ ଆଇଡିଏଣ୍ଟି କାର୍ଡ଼ ଥିଲା ପରିଚୟ ପତ୍ର ଆଉ ପଚାଶ ଟଙ୍କା ରଖିଲେ ମଧ୍ୟ ସର୍ବନିମ୍ନ ଭାବରେ ବ୍ୟାଙ୍କରେ ଖାତା ଖୋଲି ହେବା ସମ୍ଭବପର ଥିଲା। ବର୍ତ୍ତମାନ କିନ୍ତୁ ରିଜର୍ଭ ବ୍ୟାଙ୍କର ଗାଇଡ଼ ଲାଇନ ଅନୁଯାୟୀ ଏକ ଜାତୀୟ କରଣ ବ୍ୟାଙ୍କରେ ଆକାଉଣ୍ଟ ଖୋଲିବା ପାଇଁ ଅନେକ ସର୍ତ୍ତାବଳୀ ଓ ଜରୁରୀ କାଗଜପତ୍ରର ଆବଶ୍ୟକତା ରହିଛି। ତେବେ ମୋର ଆଜିର ଆଲୋଚନାଟି ହେଉଛି ଜଣେ ଭିନ୍ନ ଭିନ୍ନ ବ୍ୟାଙ୍କରେ ନିଜ ଆକାଉଣ୍ଟ ଖୋଲିବା କେତେ ଭଲ? କେତେ ମନ୍ଦ?

ଅର୍ଥବିଶେଷଜ୍ଞମାନେ ଗୋଟିଏ ସୁନ୍ଦର ପରାମର୍ଶ ଦିଅନ୍ତି। ସେମାନେ ସବୁବେଳେ ଗୋଟିଏ କଥା କୁହନ୍ତି ଯେ ଜଣେ ନିଜର ସମସ୍ତ ପୁଞ୍ଜି ବା ସଞ୍ଚୟ ଗୋଟିଏ ସ୍ଥାନରେ ଏକତ୍ର ନରଖୁ। ଦିନ ଥିଲା ଲୋକମାନେ ବ୍ୟାଙ୍କରେ ଆକାଉଣ୍ଟ ଖୋଲୁଥିଲେ ତାହା ପୁଣି ସେମାନଙ୍କର ବିଶ୍ୱାସ ଓ ଭରସା ତଥା ଆଖପାଖର ଯୋଗାଯୋଗ ବ୍ୟବସ୍ଥାକୁ ଦେଖି ହେଲେ ବର୍ତ୍ତମାନ ଆଉ ସେ ସମୟ ନାହିଁ। ଅଧିକାଂଶ ଲୋକଙ୍କ ଭିନ୍ନ ଭିନ୍ନ ବ୍ୟାଙ୍କରେ ଆକାଉଣ୍ଟ ରହିଛି। ତେବେ ଏକାଧିକ ଆକାଉଣ୍ଟ ବ୍ୟବସ୍ଥା ବା ବିଭିନ୍ନ ବ୍ୟାଙ୍କରେ ପାସବୁକ ଖୋଲିବା ସହଜ ଓ ଲାଭଦାୟକ ଦିଗ ସମ୍ପର୍କରେ କିଛି ଲେଖୁଛୁ। ପ୍ରଥମତଃ ଜଣେ ଭିନ୍ନ ଭିନ୍ନ ବ୍ୟାଙ୍କରେ ସେଭିସିଂ ଆକାଉଣ୍ଟ ଖୋଲିଲେ ଟଙ୍କାର ଉଚିତ ଓ ଯଥାର୍ଥ ଉପଯୋଗ ହୋଇପାରିବ। ଧରନ୍ତୁ ଜଣେ ତାଙ୍କ ଆୟର ନିର୍ଦ୍ଦିଷ୍ଟ ଭାଗ ସଉଦା କିଣା ଠାରୁ ଘରଭଡ଼ା ଏପରିକି ଦୈନନ୍ଦିନ ଖର୍ଚ୍ଚର କାରବାର ପାଇଁ ଗୋଟିଏ ଜମା ଖାତା ବ୍ୟବହାର କରିପାରିବେ। ଅନ୍ୟ ବ୍ୟାଙ୍କର ଆକାଉଣ୍ଟ ଆପଣଙ୍କର କେବଳ ସଞ୍ଚୟ ପାଇଁ ବ୍ୟବସ୍ଥା କରନ୍ତୁ ଯାହାଦ୍ୱାରା ଜଣେ ବେଶ ଭଲ ଭାବେ ବୁଝି ପାରିବ ଏବଂ ଟଙ୍କାକୁ ମଧ୍ୟ ମାପି ପାରିବ ଯେ ବାସ୍ତବରେ ତାଙ୍କର କେତେ ଖର୍ଚ୍ଚ ହେଉଛି? ତା ଭିତରୁ ବଦ୍ ଖର୍ଚ୍ଚ କେତେ?

ତେଲ ଲୁଣ ଗୁଜୁରାଣ ଭିତରେ ଅନେକଙ୍କର ଅନେକ ସମୟରେ ଜରୁରୀ ଅର୍ଥ ଦରକାର ପଡ଼ିଥାଏ। ଦୁର୍ଘଟଣା ହେଉ ବା ଆକସ୍ମିକ ଖର୍ଚ୍ଚ। ଭୋଜିଭାତ ହେଉ ବା ପର୍ବପର୍ବାଣୀ, ଏ ସବୁ ଅପ୍ରତ୍ୟାସିତ ଖର୍ଚ୍ଚ ପାଇଁ ବିଭିନ୍ନ ଆକାଉଣ୍ଟରେ ଥିବା ସଞ୍ଚୟ ଅର୍ଥ ଜରୁରୀ କାଳୀନ ପାଣ୍ଠି ସୁରକ୍ଷା କବଚ ପରି କାମ କରେ। ଏହା ଆପଣଙ୍କର ଜରୁରୀ କାଳୀନ ଖର୍ଚ୍ଚକୁ ସମ୍ଭାଳି ପାରିଥାଏ କାରଣ ଏକ ପୃଥକ ଆକାଉଣ୍ଟରେ ଅର୍ଥ ରହିବା ଦ୍ୱାରା ଜଣେ ତାଙ୍କର ଯାବତୀୟ ଅନାବଶ୍ୟକ ଖର୍ଚ୍ଚକୁ କମେଇବା ସମ୍ଭବପର ହୋଇଥାଏ। ସେହିପରି ଆଉ ଗୋଟିଏ ହୁଏତ ଛୋଟିଆ ଲାଭ ହୋଇପାରେ କିନ୍ତୁ ଏହା ହିଁ ଭିନ୍ନ ଆକାଉଣ୍ଟର ସଫଳତା କହିଲେ ଅତ୍ୟୁକ୍ତି ହେବନାହିଁ ତାହା ହେଉଛି ସୁଧ। ଭାରତରେ କିଛି ବ୍ୟାଙ୍କ ଜମାକାରୀଙ୍କୁ ଉଚ୍ଚ ହାରରେ ସୁଧ ପ୍ରଦାନ କରିଥାନ୍ତି ତେଣୁ ଜଣେ ଯଦି ନିର୍ଭରଯୋଗ୍ୟ ଓ ବିଶ୍ୱସ୍ତ ଉଚ୍ଚ ହାରର ସୁଧ ମିଳୁଥିବା ଆକାଉଣ୍ଟରେ ଅର୍ଥ ସଞ୍ଚୟ କରିଥାନ୍ତି ତାହାଲେ ସେଥିରୁ ଉଚ୍ଚହାରର ସୁଧ ମିଳିବାର ସମ୍ଭାବନା ରହିଥାଏ। ସେହିପରି ଅନ୍ୟ ଏକ ସୁବିଧାର ଦିଗଟି ହେଉଛି ବର୍ତ୍ତମାନ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଏକ ପ୍ରକାର ଡିଜିଟାଲ ବ୍ୟବସ୍ଥାରେ ପରିଚାଳିତ ହେଉଛି। ଡିଜିଟାଲ ଦେଣନେଣ ବ୍ୟବସ୍ଥା ବ୍ୟାଙ୍କ ଟେକ୍ନୋଲୋଜିର ଗତିକୁ ଦ୍ରୁତ ଗତିରେ ଆଗଉଛି। ବ୍ୟାଙ୍କିଙ୍ଗ ସମ୍ବନ୍ଧୀୟ ଅନେକ କାମ ଇଣ୍ଟରନେଟ ଦ୍ୱାରା ପରିଚାଳିତ ହୋଇଥାଏ। ତେବେ ଅନେକ ସମୟରେ ସର୍ଭର ସମ୍ବନ୍ଧୀୟ ସମସ୍ୟା ବା ଲିଙ୍କ ଫେଲ ହୋଇ ଘଣ୍ଟା ଘଣ୍ଟା ଏପରିକି ଦିନେ ଦୁଇଦିନ ପାଇଁ କାରବାର ଏକ ପ୍ରକାର ଅଚଳ କରିଦେଇଥାଏ। ଜଣେ ଆର୍ଥିକ କାରବାର ପାଇଁ ଏହି ସମୟରେ ବଡ଼ କଷ୍ଟ ଅନୁଭବ କରିଥାଏ କିନ୍ତୁ ଏକାଧିକ ଆକାଉଣ୍ଟ ଏହିପରି ସମୟରେ ଆପଣଙ୍କର ଅସୁବିଧାକୁ ସୁବିଧାଜନକ କରିପାରେ। କାରଣ ସବୁ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ସମାନ ସମୟରେ ଟେକ୍ନୋଲୋଜି ବିଭ୍ରାଟ ବା ସର୍ଭର ସମସ୍ୟା ପ୍ରାୟତଃ ରହିନଥାଏ।

ହଁ, କେହି କେହି ଏକାଧିକ ଆକାଉଣ୍ଟ ଖୋଲିବା ପାଇଁ କ'ଣ କ'ଣ ସବୁ ଜରୁରୀ ଆବଶ୍ୟକତା ତାହା ଉପରେ ପ୍ରଶ୍ନ ପଚାରନ୍ତୁ। ତେବେ ଜଣଙ୍କର କୌଣସି ଏକ ନିର୍ଦ୍ଦିଷ୍ଟ ବ୍ୟାଙ୍କରେ ଆକାଉଣ୍ଟ ଥିଲେ ପରବର୍ତ୍ତୀ ସମୟରେ ଏକାଧିକ ବ୍ୟାଙ୍କରେ ଆକାଉଣ୍ଟ ଖୋଲିବା ପାଇଁ ସେମିତି କିଛି ସର୍ତ୍ତାବଳୀ ବା ନିୟମାବଳୀ ନାହିଁ। ତେବେ ଆପଣ ଖୋଲୁଥିବା ଆକାଉଣ୍ଟର ସମ୍ପୃକ୍ତ ବ୍ୟାଙ୍କ କିଛି ଛୋଟିଆ ନିୟମାବଳୀ ରଖିପାରିବେ। ଅଠର ବର୍ଷ ବୟସରେ ଜଣେ ପହଞ୍ଚିବା ପରେ ସାବାଳକ ଜଣେ ବ୍ୟାଙ୍କରେ ଆକାଉଣ୍ଟ ଖୋଲିପାରିବେ। ନାବାଳକ ହୋଇଥିଲେ ବାପା - ମାଆ କିମ୍ବା ଅଭିଭାବକ ଦ୍ୱାରା ଆକାଉଣ୍ଟରେ ଦେଣନେଣ ବ୍ୟବସ୍ଥା ସମ୍ଭବ ହୋଇଥାଏ। ଏକାଧିକ ବ୍ୟାଙ୍କ ଆକାଉଣ୍ଟ ଖୋଲିବାର ଅନ୍ୟତମ ଯୋଗ୍ୟତା ହେଉଛି ଆପଣ ଭାରତର ନାଗରିକ ହୋଇଥିବେ ବା ଜଣେ ପ୍ରବାସୀ ଭାରତୀୟ ହୋଇଥିବେ। ସେହିପରି ଭାରତୀୟ ରିଜର୍ଭ ବ୍ୟାଙ୍କର ସମସ୍ତ କେୱାଇସି ନିର୍ଦ୍ଦେଶାବଳୀକୁ ପାଳନ କରିବା ବିଧେୟ।

ଏକାଧିକ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ନେଇ ଅନେକ ପ୍ରଶ୍ନ ମୋତେ ଅନେକ ଲୋକ ପଚାରି ଥାନ୍ତି। କେତେଟା ବ୍ୟାଙ୍କରେ ଆପଣ ପାସବୁକ୍ ଖୋଲି ପାରୁଛନ୍ତି ତାହା ବଡ଼ କଥା ନୁହେଁ। ସବୁଠାରୁ ବଡ଼ କଥା ହେଉଛି ଆପଣ ଆପଣଙ୍କ ରୋଜଗାର ଓ ଖର୍ଚ୍ଚକୁ ଦେଖି ଏକ ବ୍ୟକ୍ତିଗତ ବଜେଟ ତିଆରି କରନ୍ତୁ। କେତେ ରୋଜଗାର? କେତେ ଖର୍ଚ୍ଚ? କେତେ ସଞ୍ଚୟ? ଏସବୁକୁ ଭଲ ଭାବେ ଦୃଷ୍ଟିରେ ରଖି ଆକାଉଣ୍ଟ ଖୋଲିବା ପାଇଁ ମନ ଦିଅନ୍ତୁ। କାରଣ ଅନେକ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ଦେଇ ଏଥିରେ କାରବାର ବ୍ୟବସ୍ଥା ଜାରି ନରଖିଲେ ପରବର୍ତ୍ତୀ ସମୟରେ ବ୍ୟାଙ୍କ ଆକାଉଣ୍ଟ ପରିଚାଳନା କରିବା ଅସୁବିଧା ଜନକ ହୋଇପାରେ। କେବଳ ସେତିକି ନୁହେଁ ଆପଣ ଯଦି ସେହି ଆକାଉଣ୍ଟରେ କୌଣସି କାରବାର ନକରନ୍ତି ତେବେ ବ୍ୟାଙ୍କ ତାର ନିର୍ଦ୍ଧାରିତ ସମୟରେ ରକ୍ଷଣାବେକ୍ଷଣ ଦେୟ, ସୁଧ ଓ ଅନ୍ୟାନ୍ୟ ଚାର୍ଜ ଆପଣଙ୍କ ପକେଟକୁ ବାଧି ପାରେ। ତେବେ ଏକାଧିକ ବ୍ୟାଙ୍କ ଆକାଉଣ୍ଟ ଖୋଲୁଥିଲେ ବ୍ୟାଙ୍କ ନିକଟରେ ଆପଣ ନିଜର ସମସ୍ତ ଜରୁରୀ ଓ ନିର୍ଭରଯୋଗ୍ୟ ସୂଚନା ପ୍ରଦାନ କରନ୍ତୁ। ଆପଣଙ୍କ ଆର୍ଥିକ କାରବାର ଯେପରି ବିବାଦୀୟ କିମ୍ବା ଆଇନଗତ ଜଟିଳତା କ୍ଷେତ୍ର ଭିତରେ ନଥାଏ ସେ ଦିଗ ପ୍ରତି ଭଲଭାବେ ଦେଖନ୍ତୁ। ବ୍ୟାଙ୍କରୁ ଯଦି ଲୋନ ଆଣୁଥାନ୍ତି ସେ କ୍ଷେତ୍ରରେ ସ୍ୱଚ୍ଛତା ରଖିବା ଜରୁରୀ। ଲୋନ ଆଣୁଥିଲେ ନିଜ ଖର୍ଚ୍ଚକୁ ଦେଖି ନିର୍ଦ୍ଧାରିତ ସମୟରେ ଋଣ ବା କିସ୍ତି ସୁଜିଦେବା ଖୁବ ଭଲ। ତେଣୁ କେତେଟା ବ୍ୟାଙ୍କରେ ଆପଣ ନିଜ ବଡ଼ିମା ଦେଖାଇ ଆକାଉଣ୍ଟ ଖୋଲି ପାରୁଛନ୍ତି ତାହା ବଡ଼କଥା ନୁହେଁ। ସର୍ବନିମ୍ନ ଭାବରେ ଏକାଧିକ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ନିଜର ଆର୍ଥିକ ସୁପରିଚାଳନା ସହ ଦେଣନେଣରେ କୌଣସି ଝାମେଲାର ଶିକାର ହୋଇନାହାଁନ୍ତି ତାହେଲେ ଭାବନ୍ତୁ ଆପଣ ଏକାଧିକ ଆକାଉଣ୍ଟ ଖୋଲି କିଛି ଭୁଲ କରିନାହାଁନ୍ତି।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ,

ଦେଉଳ ସାହି, ତୁଳସୀପୁର, କଟକ,

ଦୂରଭାଷ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩

## ଷଷ୍ଠ ଦିନରେ ଇରାନ୍-ଆମେରିକା ଯୁଦ୍ଧ

# ଧୂଳିରେ ମିଶିଲା ଦୁଇଦେଶର ବେସାମରିକ ଭିତ୍ତିଭୂମି





- ଇରାନ୍‌ର ରେଳ ଷ୍ଟେସନ୍, ବିମାନ ଘାଟି ଓ ୬ ସେତୁ ଧ୍ୱଂସ
- ହର୍ମୁଜଗାନ୍‌ରେ ୭ ସାଧାରଣ ନାଗରିକ ମୃତ
- ସିରିଆର ସ୍ୱତନ୍ତ୍ର ଅପରେସନ୍ କମାଣ୍ଡ ସେଣ୍ଟର ବିଧ୍ୱସ୍ତ
- କୁୱେତ୍‌ର ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ଓ ୱାଟର ଡିସାଲାଇନେସନ୍ କେନ୍ଦ୍ର ଧ୍ୱଂସ
- ଖୁବ୍‌ଶୀଘ୍ର ସୃଷ୍ଟିହେବ ତୈଳ ଓ ଶକ୍ତିର ଉତ୍କଟ ସଂକଟ: ଅନ୍ତର୍ଜାତୀୟ ଶକ୍ତିସଂସ୍ଥା



**ତେହରାନ୍/ୱାଶିଂଟନ, ୧୭।୭:** ଆମେରିକା-ଇରାନ୍ ଯୁଦ୍ଧ ଷଷ୍ଠଦିନରେ ପହଞ୍ଚିଛି। ଶୁକ୍ରବାର ଇରାନ ଓ ଆମେରିକା ପରସ୍ପର ଉପରେ ଘାତକ ଆକ୍ରମଣ ଜାରି ରଖିଛନ୍ତି। ଶାନ୍ତି କଥାବାର୍ତ୍ତା ବିଫଳ ହେବା ପରେ ଆମେରିକା ବେସାମରିକ ଭିତ୍ତିଭୂମି ଉପରେ ମିସାଇଲ୍ ଓ ଆତ୍ମଘାତୀ ଡ୍ରୋନ୍ ମାଡ଼ କରୁଛି ବୋଲି ଇରାନ ଅଭିଯୋଗ କରିଛି। ଇରାନର ସରକାରୀ ଗଣମାଧ୍ୟମ ଓ ପ୍ରାଦେଶିକ କର୍ତ୍ତୃପକ୍ଷମାନେ କହିଛନ୍ତି ଯେ, ଆମେରିକା ଏବେ କେବଳ ବେସାମରିକ ଭିତ୍ତିଭୂମିକୁ ଟାର୍ଗେଟ୍ କରୁଛି। ଆମେରିକାର ଆକ୍ରମଣରେ ଗୋଟିଏ ରେଳ ଷ୍ଟେସନ୍ ଓ ଗୋଟିଏ ବେସାମରିକ ବିମାନ ଘାଟି ଉପରେ ମାର୍କିନ୍ ସେନା ଆକ୍ରମଣ କରିଛନ୍ତି। ବିଶ୍ୱର ପ୍ରମୁଖ ଖବର ସରବରାହ ସଂସ୍ଥା ବିବିସି ମଧ୍ୟ ତେହରାନର ଦାବିକୁ ନିଶ୍ଚିତ କରିଛି। ଆମେରିକା ହର୍ମୁଜ୍‌ଗାନ ପ୍ରଦେଶର ଗୋଟିଏ ସେତୁ ଉପରେ ଆକ୍ରମଣ କରି ତାହାକୁ ଧ୍ୱଂସ କରିଦେଇଛି ବୋଲି ବିବିସି ତା'ର ରିପୋର୍ଟରେ ପ୍ରକାଶ କରିଛି। ତେବେ ଆମେରିକାର ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍) ଆକ୍ରମଣ ସ୍ଥଳର ତାଲିକା ଦେଇନାହିଁ। ଇରାନର ସାମରିକ ଶକ୍ତିକୁ ହ୍ରାସ କରିବା ଉଦ୍ଦେଶ୍ୟ ନେଇ ଆକ୍ରମଣ କରାଯାଇଥିବା ସେଣ୍ଟକମ୍ ସ୍ପଷ୍ଟୀକରଣ ଦେଇଛି।

ତେହରାନକୁ ପୁଣିଥରେ ଶାନ୍ତି କଥାବାର୍ତ୍ତା ଟେବୁଲକୁ ଆଣିବା ପାଇଁ ଆମେରିକା ଇରାନର ସେତୁ ଓ ପାୱାର ଷ୍ଟେସନ୍ ଉପରେ ଆକ୍ରମଣ ଜୋରଦାର କରିବାକୁ ରାଷ୍ଟ୍ରପତି ଟ୍ରମ୍ପ ଚେତାବନୀ ଦେଇଥିବା ବେଳେ ଏହାର ଓଲଟା ପରିଣାମ ଦେଖିବାକୁ ମିଳିଛି। ଇରାନ୍ ଶାନ୍ତି ବୈଠକକୁ ଫେରିବା ବଦଳରେ ଆମେରିକା, ଇସ୍ରାଏଲ ଓ ଆମେରିକାର ସହଯୋଗୀ ଉପସାଗରୀୟ ରାଷ୍ଟ୍ରଗୁଡ଼ିକ ଉପରେ ପ୍ରତିଆକ୍ରମଣ କରିବା ଜାରି ରଖିଛି। କ୍ରମାଗତ ୬ ରାତି ଧରି ଆମେରିକା ଇରାନ୍‌କୁ ଟାର୍ଗେଟ୍ କରି ଏହାର ଏୟାର ଷ୍ଟ୍ରାଇକ୍ ଜାରି ରଖିଛି। ଇରାନର ସରକାରୀ ଗଣମାଧ୍ୟମ ତଥା ଜଣେ ସ୍ଥାନୀୟ ବାସିନ୍ଦା କହିଛନ୍ତି ଯେ, ଦକ୍ଷିଣ ଇରାନର ଇରାନଶାହର ବିମାନଘାଟି, ଗୋଟିଏ ରେଳଷ୍ଟେସନ୍ ଓ ହର୍ମୁଜଗାନ ପ୍ରଦେଶରେ ଥିବା ୬ଗୋଟି ସେତୁ ଉପରେ ଗୁରୁବାର ରାତିରେ ଆମେରିକା ଆକାଶମାର୍ଗରୁ ମିସାଇଲ୍ ଓ ଡ୍ରୋନ୍ ମାଡ଼ କରିଛି। ଏଥିରେ ୭ ଜଣ ସାଧାରଣ ଲୋକଙ୍କ ମୃତ୍ୟୁ ହୋଇଥିବା ହର୍ମୁଜଗାନ କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି। ବିବିସିର ପାରସ୍ୟ ସଂସ୍କରଣ ଇରାନର ଏକ ପ୍ରମୁଖ ସେତୁ ଗାରିଭେ ବ୍ରିଜ ଉପରେ ହୋଇଥିବା ନୈଶକାଳୀନ ଏୟାର ଷ୍ଟ୍ରାଇକ୍‌ର ଭିଡ଼ିଓ ଫୁଟେଜ୍ ଜାରି କରିଛି। ରାତିର ଅନ୍ଧାରରେ ବ୍ରିଜ୍ ଉପରେ ଏକ ନିଆଁର ପିଣ୍ଡୁଳା ଉଠୁଥିବା ଭିଡ଼ିଓରେ ଦେଖିବାକୁ ମିଳୁଛି। ଦିବାଲୋକରେ ନିଆଯାଇଥିବା ଫଟୋରେ ଗାରଭେ ବ୍ରିଜ୍‌ଟି ଭାଙ୍ଗି ଖଣ୍ଡଖଣ୍ଡ ହୋଇଥିବା ଦେଖାଯାଉଛି।

ତେହରାନ୍ ଆମେରିକାର ସଦ୍ୟତମ ଆକ୍ରମଣର କଡ଼ା ଜବାବ ଦେଇଛି। ଇରାନର ରିଭଲ୍ୟୁସନାରି ଗାର୍ଡ କର୍ପସ୍ (ଆଇଆରଜିସି) କହିଛି ଯେ, ଏହା ଓମାନ ସମେତ କୁୱେତ୍ ଓ ବାହାରିନ୍‌ରେ ଥିବା ଆମେରିକାର ସାମୁଦ୍ରିକ ନିରୀକ୍ଷଣ ରାଡାର ସ୍ଥଳ (ମାରିଟାଇମ୍ ସର୍ଭେଲିଆନ୍ସ ରାଡାର ସାଇଟ୍) ଉପରେ ଆକ୍ରମଣ କରିଛି। ସେହିଭଳି ସିରିଆର ଆଲ-ତାନ୍‌ଫଠାରେ ଥିବା ଆମେରିକାର ସ୍ୱତନ୍ତ୍ର ଅପରେସନ୍ କମାଣ୍ଡ ସେଣ୍ଟର ଉପରେ ଆକ୍ରମଣ କରିଥିବା ଆଇଆରଜିସି ଦାବି କରିଛି। ତେବେ ଆଇଆରଜିସିର ଦାବିକୁ ସିରିଆ କିମ୍ବା ଆମେରିକା କେହି ବି ପୁଷ୍ଟି କରି ନାହାନ୍ତି। ଇରାନ ଆକ୍ରମଣରେ କୁୱେତ୍‌ର ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ଓ ସାମୁଦ୍ରିକ ଜଳ ବିଶୋଧନ (ୱାଟର ଡିସାଲାଇନେସନ୍) ଧ୍ୱଂସ ହୋଇଯାଇଥିବା କୁଏତ୍ କର୍ତ୍ତୃପକ୍ଷ ଜଣାଇଛନ୍ତି। ଇରାନ-ଆମେରିକା ଦୁଇଦେଶ ମଧ୍ୟରେ ଆକ୍ରମଣ ବୃଦ୍ଧିପାଉଥିବା ବେଳେ ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ଜଳପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି। ଫଳରେ ଆଗାମୀ ଦିନରେ ତୈଳ ଓ ଶକ୍ତିର ଉତ୍କଟ ସଂକଟ ଦେଖାଦେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଅନ୍ତର୍ଜାତୀୟ ଶକ୍ତି ସଂସ୍ଥାର ମୁଖ୍ୟ ଫାତିହ ବିରୋଲ୍ କହିଛନ୍ତି ଯେ, ବିଶ୍ୱର ଏକ ପଞ୍ଚମାଂଶ ତୈଳ ଓ ତରଳୀକୃତ ପ୍ରାକୃତିକ ଗ୍ୟାସ୍ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଦେଇ ପରିବହନ କରାଯାଇଥାଏ। ହର୍ମୁଜକୁ ବନ୍ଦ କରି ଦିଆଯାଇଥିବାରୁ ବିଶ୍ୱରେ ଶକ୍ତିଯୋଗାଣକୁ ନେଇ ତାଙ୍କ ଭିତରେ ଉଦବେଗ ସୃଷ୍ଟି ହୋଇଛି। ଯଦି ଆଗାମୀ କିଛି ସପ୍ତାହ ମଧ୍ୟରେ ଇରାନ୍ ଓ ଆମେରିକା ମଧ୍ୟରେ ଚାଲିଥିବା ଯୁଦ୍ଧ କୌଣସି ନିର୍ଣ୍ଣାୟକ ମୋଡ଼ ନନିଏ ତା'ହେଲେ ଏହାର ବିଶ୍ୱବାସୀଙ୍କୁ ଏହାର ମୂଲ୍ୟ ଦେବାକୁ ପଡ଼ିବ ବୋଲି ସେ ଚେତାଇ ଦେଇଛନ୍ତି।

● ୨୦ ଦିନରେ ୱାଙ୍ଗଚୁକ୍‌ଙ୍କ ଅନଶନ

## ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ନଷ୍ଟ ହେବା ଚେତାବନୀ ଦେଲେ ଡାକ୍ତର



**ନୂଆଦିଲ୍ଲୀ, ୧୭।୭:** ଶିକ୍ଷାବିତ୍ ସୋନମ ୱାଙ୍ଗଚୁକଙ୍କ ଅନଶନ ୨୦ ଦିନରେ ପ୍ରବେଶ କରିଥିବାବେଳେ ତାଙ୍କ ସ୍ୱାସ୍ଥ୍ୟ ଗଭୀର ଭାବେ ପ୍ରଭାବିତ ହେବାର ଆଶଙ୍କା ରହିଛି ବୋଲି ଡାକ୍ତରମାନେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ସେ ଜୁଲାଇ ୨୦ ତାରିଖରେ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେଉଥିବାବେଳେ ସଂସଦ ଅଭିମୁଖେ କକ୍ରୋଚ ଜନତା ପାର୍ଟି ପକ୍ଷରୁ ହେବାକୁ ଥିବା ଆନ୍ଦୋଳନ ପର୍ଯ୍ୟନ୍ତ ଜୀବିତ ରହିଥିବେ ବୋଲି ୱାଙ୍ଗଚୁକ୍ କହିଛନ୍ତି। ଅନଶନ ଯୋଗୁ ଅତ୍ୟଧିକ ଦୁର୍ବଳ ହୋଇପଡ଼ିଥିବା ୱାଙ୍ଗଚୁକ୍ ଯନ୍ତରମନ୍ତରଠାରେ ଏକାଠି ହୋଇଥିବା ଆନ୍ଦୋଳନକାରୀଙ୍କୁ ମଜାରେ କହିଛନ୍ତି, ମୁଁ ଜୁଲାଇ ୨୦ ତାରିଖ ପର୍ଯ୍ୟନ୍ତ ଜୀବିତ ରହିବି। ଯଦି ତୁମେମାନେ ଆନ୍ଦୋଳନକୁ ଆସିବ ନାହିଁ ଓ ଆନ୍ଦୋଳନ ବିଫଳ ହୁଏ ତାହା ହେଲେ ମୁଁ ଭୂତ ହୋଇ ଫେରି ଆସିବି। ଅନଶନ ଯୋଗୁ ୱାଙ୍ଗଚୁକ୍‌ଙ୍କ ବିଭିନ୍ନ ଅଙ୍ଗ ଗୁରୁତର ଭାବେ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ଦିଲ୍ଲୀ ହାଇକୋର୍ଟ ପ୍ରତିଦିନ ୱାଙ୍ଗଚୁକ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରିବାକୁ ନିର୍ଦ୍ଦେଶ ଦେବାପରେ ବିଭିନ୍ନ ରାଜନୈତିକ ଦଳର ନେତା, ଜନପ୍ରତିନିଧି ଓ ଆଇନଗତ ସଂସ୍ଥା ତାଙ୍କୁ ଅନଶନ ଭଙ୍ଗ କରିବାକୁ ଅନୁରୋଧ କରିଛନ୍ତି। କିନ୍ତୁ ୱାଙ୍ଗଚୁକ୍ ତାଙ୍କ ଜିଦ୍‌ରେ ଅଟଳ ରହିଛନ୍ତି।

## ସ୍କୁଲ ଭ୍ୟାନ୍‌କୁ ଧକ୍କାଦେଲା ଟ୍ରେନ୍, ୩ ଛାତ୍ର ମୃତ



**ମୁର୍ଶିଦାବାଦ, ୧୭।୭:** ପଶ୍ଚିମବଙ୍ଗରେ ଏକ ଦୁଃଖଦ ଘଟଣାକ୍ରମରେ ମୁର୍ଶିଦାବାଦ ଜିଲ୍ଲାର ଆଜିମଗଞ୍ଜ-କଟୱା ସେକ୍ସନର କର୍ଣ୍ଣସୁବର୍ଣ୍ଣ ଷ୍ଟେସନ ଓ ଗୋବିନ୍ଦପୁର ରେଳ ଫାଟକ ମଧ୍ୟରେ ଶୁକ୍ରବାର ଏକ ଲୋକାଲ ଟ୍ରେନ ସ୍କୁଲ ଭ୍ୟାନ୍‌କୁ ଧକ୍କା ଦେବାରୁ ତିନି ଜଣ ସ୍କୁଲ ଛାତ୍ର ଓ ଜଣେ ସ୍ଥାନୀୟ ବାସିନ୍ଦାଙ୍କ ସମେତ ଚାରି ଜଣଙ୍କର ମୃତ୍ୟୁ ହୋଇଛି। ଦୁର୍ଘଟଣା ସକାଳ ୭ଟାରେ ହୋଇଥିଲା। ଅନ୍ୟ ଚାରି ଜଣ ଛାତ୍ର ଓ ଭ୍ୟାନ୍ ଡ୍ରାଇଭରଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ ଓ ସ୍ଥାନୀୟ ବାସିନ୍ଦାଙ୍କ ଅନୁଯାୟୀ, ନିମତିତା-କାଟୱା ଲୋକାଲ୍ ଟ୍ରେନ୍ ଡାଉନ୍ ଲାଇନରେ ଯାତ୍ରା କରୁଥିବା ସମୟରେ ଏକ ଖୋଲା ଲେଭଲ୍ କ୍ରସିଂରେ ସ୍କୁଲ ଭ୍ୟାନକୁ ଧକ୍କା ଦେଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ଅଭିଯୋଗ ଅନୁଯାୟୀ ହାଓଡ଼ା ଯାଉଥିବା ନବଦ୍ୱୀପ ଏକ୍ସପ୍ରେସ୍ ଅପ୍ ଲାଇନ ଦେଇ ଯିବା ପରେ ଗୋବିନ୍ଦପୁର ରେଳ ଫାଟକ ଖୋଲା ରହିଥିଲା। ଏକ ଘରୋଇ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ନେଇ ଯାଉଥିବା ଭ୍ୟାନ୍ ଓ ଜଣେ ସାଇକେଲ ଆରୋହୀ ଫାଟକ ଖୋଲା ଥିବାରୁ ସେହି ରାସ୍ତା ଦେଇ ରେଳଲାଇନ ପାର ହେବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଆସୁଥିବା ଲୋକାଲ ଟ୍ରେନ୍ ସ୍କୁଲ ଭ୍ୟାନକୁ ଧକ୍କା ଦେଇଥିଲା।

● ରାମ ମନ୍ଦିର ଦାନ ଚୋରି ପ୍ରସଙ୍ଗ

## ଲାଇଭ୍ ଟିଭିରେ ଚପଲ ମାଡ଼

**ହାଇଦ୍ରାବାଦ, ୧୭।୭:** ଅଯୋଧ୍ୟା ରାମ ମନ୍ଦିରର କଥିତ ଦାନ ରାଶି ହଡ଼ପ ଓ ରାଜନୈତିକ ପ୍ରଚାରରେ ହିନ୍ଦୁ ଦେବାଦେବୀଙ୍କ ଉପଯୋଗ ଉପରେ ପ୍ରଶ୍ନ କରିବାରୁ ତେଲେଙ୍ଗାନାର ଜଣେ ଦକ୍ଷିଣପନ୍ଥୀ ନେତା ଲାଇଭ ଟିଭି କାର୍ଯ୍ୟକ୍ରମରେ ହିନ୍ଦୁ ସାମାଜିକ କାର୍ଯ୍ୟକର୍ତ୍ତା ଟି.ଭି.ରମନ୍ନା ମୂର୍ତ୍ତିଙ୍କୁ ଚପଲରେ ମାଡ଼ ମାରିଛନ୍ତି। ଏହି ଘଟଣା ଚଳିତ ସପ୍ତାହରେ ଏକ ୟୁଟ୍ୟୁବ ଲାଇଭ କାର୍ଯ୍ୟକ୍ରମ ବେଳେ ଘଟିଛି, ଯାହା ଏବେ ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି। ହିନ୍ଦୁ ଫର ପ୍ଲୁରାଲିଟି ଆଣ୍ଡ ଇକ୍ୱାଲିଟି(ଏଚପିଇ) ର ସମ୍ପାଦକ ତଥା ଜୟ ଭାରତ ପବ୍ଲିକେସନର ଜାତୀୟ ସାଧାରଣ ସମ୍ପାଦକ ରମନ୍ନା ମୂର୍ତ୍ତି ତେଲଗୁ ୟୁଟ୍ୟୁବ ଚ୍ୟାନେଲ 'ବିଆରକେ ନ୍ୟୁଜ୍'ରେ 'ଧର୍ମ ନା ରାଜନୀତି' ଶୀର୍ଷକ ବିତର୍କରେ ଅଂଶଗ୍ରହଣ କରିଥିଲେ। ତାଙ୍କ ଉପରେ ଚରମପନ୍ଥୀ ସମୂହ ହିନ୍ଦୁ ଧର୍ମବୀର ନେତା କଶ୍ୟପ ରେଡ୍ଡୀ ଆକ୍ରମଣ କରିଛନ୍ତି।

## ୨୦ରୁ ମୌସୁମୀ ଅଧିବେଶନ

**ନୂଆଦିଲ୍ଲୀ, ୧୭।୭:** ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଯାଉଛି ଏବଂ ଏହିଥର କେନ୍ଦ୍ର ସରକାର ଅଧିବେଶନରେ ୭ଟି ବଡ଼ ବିଲ୍ ପେଶ୍ କରିବେ। ଏଥିମଧ୍ୟରୁ ୨ଟି ପୁରୁଣା ବିଲ୍ ଏବଂ ୫ଟି ପ୍ରଥମ ଥର ପାଇଁ ଆଗତ କରାଯାଉଛି। ସୂତ୍ର ଅନୁସାରେ, ମୌସୁମୀ ଅଧିବେଶନ ଜୁଲାଇ ୨୦ ରୁ ଆରମ୍ଭ ହୋଇ ଅଗଷ୍ଟ ୧୩ ପର୍ଯ୍ୟନ୍ତ ଚାଲିପାରେ। କେନ୍ଦ୍ର ସରକାର ଅଧିବେଶନର ଏଜେଣ୍ଡା ସ୍ଥିର କରିସାରିଥିବା ବେଳେ ବିରୋଧୀ ଦଳଗୁଡ଼ିକ ମଧ୍ୟ ସରକାରଙ୍କୁ ଘେରିବା ପାଇଁ ପ୍ରସ୍ତୁତ ହୋଇଛନ୍ତି। ବିରୋଧୀ ମେଣ୍ଟ ଏହିଥର ନିଟ୍-ୟୁଜି ପେପର ଲିକ୍, ନିଯୁକ୍ତି ପରୀକ୍ଷାରେ ଅନିୟମିତତା, ଅଯୋଧ୍ୟା ରାମ ମନ୍ଦିର ଦାନ ବିବାଦ, ଇ-୨୦ ଇନ୍ଧନ ଏବଂ ବୈଦେଶିକ ନୀତି ଭଳି ମୁଦ୍ଦାକୁ ନେଇ କେନ୍ଦ୍ର ସରକାରଙ୍କୁ ଘେରିବାକୁ ଯୋଜନା କରିଛନ୍ତି। ଏଥିସହିତ ଅଧିବେଶନରେ 'ବନ୍ଦେ ମାତରମ୍'ର ଅବମାନନା ସହ ଜଡ଼ିତ ମୁଦ୍ଦା ମଧ୍ୟ ତୀବ୍ର ହୋଇପାରେ।

## ମୌଲାନା ଜରଜିସ ଅନସାରୀଙ୍କ ବିବାଦୀୟ ମନ୍ତବ୍ୟ

# ଶ୍ରୀକୃଷ୍ଣ ଜଣେ ମୁସଲମାନ, ସେ ୫ ଥର ପଢୁଥିଲେ ନମାଜ



**ନୂଆଦିଲ୍ଲୀ, ୧୭।୭:** ଉତ୍ତରପ୍ରଦେଶର ଜଣେ ମୁସଲିମ୍ ଧର୍ମଗୁରୁ ଅର୍ଥାତ୍ ମୌଲାନା ଜରଜିସ ଅନସାରୀଙ୍କ ଏକ ବିବାଦୀୟ ମନ୍ତବ୍ୟକୁ ନେଇ ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସୋସିଆଲ୍ ମିଡିଆରେ ଭାଇରାଲ ହୋଇଥିବା ଏକ ଭିଡିଓରେ ସେ ଦାବି କରୁଥିବା ଦେଖାଯାଇଛି ଯେ, ଭଗବାନ ଶ୍ରୀକୃଷ୍ଣ ଜଣେ ମୁସଲିମ ଥିଲେ ଓ ସେ ନମାଜ ପାଠ କରୁଥିଲେ। ତାଙ୍କ ଜୀବନଶୈଳୀ ଇସଲାମ ପରମ୍ପରା ସହ ମେଳ ଖାଉଥିଲା। ମୌଲାନା କହିଥିଲେ, ଗୀତାରେ ଅଛି: ଯୋଗୀ ଯୁଞ୍ଜୀତ ସତତମାତ୍ମାନଂ ରହସି ସ୍ଥିତଃ। ଏହି ମନ୍ତବ୍ୟ ପ୍ରକାଶ ପାଇବା ପରେ ବିଭିନ୍ନ ହିନ୍ଦୁ ସଂଗଠନ ଓ ରାଜନୈତିକ ଦଳ ପକ୍ଷରୁ କଡ଼ା ବିରୋଧ କରାଯାଇଛି।

ମୌଲାନା ଦାବି କରିଥିଲେ ଯେ, ଭଗବାନ୍ ଶ୍ରୀକୃଷ୍ଣ ସମଗ୍ର ଶରୀର ଦେଇ ଭଗବାନଙ୍କ ଉପାସନା କରିବାକୁ ଭକ୍ତମାନଙ୍କୁ କହୁଥିଲେ ଓ ସେ ନିଜେ ପାଞ୍ଚଥର ନମାଜ କରୁଥିଲେ। ଯଦି ମୋ କଥା ବିଶ୍ୱାସ ହେଉନି, ତେବେ ଗୀତାର ଷଷ୍ଠ ଅଧ୍ୟାୟର ଦଶମ ଶ୍ଳୋକ ଦେଖନ୍ତୁ। ତାଙ୍କର ଏହି ଦାବିକୁ ନେଇ ସାମାଜିକ ଗଣମାଧ୍ୟମରେ ତୀବ୍ର ଚର୍ଚ୍ଚା ଆରମ୍ଭ ହୋଇଛି। ଅନେକ ଲୋକ ଏହାକୁ ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇବା ଭଳି ମନ୍ତବ୍ୟ ବୋଲି କହିଛନ୍ତି। ଏହି ଘଟଣା ପରେ ହିନ୍ଦୁ ସଂଗଠନଗୁଡ଼ିକ ମୌଲାନାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ସେମାନଙ୍କ କହିବା ଅନୁସାରେ, ଏଭଳି ବୟାନ ସାମ୍ପ୍ରଦାୟିକ ସଦ୍ଭାବନାକୁ କ୍ଷତି ପହଞ୍ଚାଇପାରେ ଏବଂ ଧାର୍ମିକ ଉତ୍ତେଜନା ସୃଷ୍ଟି କରିପାରେ। କିଛି ସଂଗଠନ ସ୍ଥାନୀୟ ପୁଲିସ ନିକଟରେ ଅଭିଯୋଗ ମଧ୍ୟ କରିଛନ୍ତି ଏବଂ ତାଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ଦାବି କରିଛନ୍ତି। ଅନ୍ୟପଟେ, ମୌଲାନା ଜରଜିସ ଅନସାରୀ ନିଜ ବୟାନକୁ ନେଇ ସଫେଇ ଦେଇଛନ୍ତି। ସେ କହିଛନ୍ତି ଯେ, କାହାର ଧାର୍ମିକ ଭାବନାକୁ ଆଘାତ ଦେବା ତାଙ୍କର ଉଦ୍ଦେଶ୍ୟ ନ ଥିଲା। ତାଙ୍କ ମନ୍ତବ୍ୟକୁ ପ୍ରସଙ୍ଗରୁ ଅଲଗା କରି ପ୍ରଚାର କରାଯାଇଛି ବୋଲି ସେ ଦାବି କରିଛନ୍ତି। ତଥାପି ତାଙ୍କ ସ୍ପଷ୍ଟୀକରଣ ପରେ ମଧ୍ୟ ବିବାଦ ଥମିନାହିଁ। ଘଟଣାକୁ ନେଇ ପୋଲିସ ପରିସ୍ଥିତି ଉପରେ ନଜର ରଖିଛି। ଏପର୍ଯ୍ୟନ୍ତ ଏହି ମାମଲାରେ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ସମ୍ପର୍କରେ ସୂଚନା ମିଳିନାହିଁ।

## ଜୈଶ-ଇ-ମହମ୍ମଦର ୫ ଆତଙ୍କୀ ଗିରଫ



**ଅହମଦାବାଦ, ୧୭।୭:** ଗୁଜୁରାଟ ଏଟିଏସ୍ ଜୈଶ-ଇ-ମହମ୍ମଦ ସହିତ ଜଡିତ ୫ ଜଣ ଆତଙ୍କବାଦୀଙ୍କୁ ଗିରଫ କରିଛି। ଜୈଶ ଆତଙ୍କବାଦୀଙ୍କ ସମ୍ପର୍କରେ ଗୁପ୍ତ ସୂଚନା ପାଇ ଗୁଜୁରାଟ ଆତଙ୍କବାଦ ନିରୋଧୀ ଦଳ (ଏଟିଏସ୍) ଏହି ପାଞ୍ଚ ଜଣଙ୍କୁ ତୁରନ୍ତ ଗିରଫ କରିଛି। ଏହି ଗିରଫଦାରୀ ସହିତ, ଏହି ମାମଲାରେ ଅଟକ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ସଂଖ୍ୟା ୧୩ ରେ ପହଞ୍ଚିଛି। ପୂର୍ବରୁ, ଏଟିଏସ୍ ୮ଜଣ ସନ୍ଦିଗ୍ଧଙ୍କୁ ଅଟକ ରଖିଥିଲା; ଏହି ବ୍ୟକ୍ତିମାନଙ୍କୁ ପଚରାଉଚରା କରିବା ପରେ ନେଟୱାର୍କ ସହିତ ଜଡିତ ଅନ୍ୟ ପାଞ୍ଚ ଜଣଙ୍କୁ ଚିହ୍ନଟ କରାଯାଇଥିଲା। ସୂତ୍ର ଅନୁଯାୟୀ, ସମସ୍ତ ଅଭିଯୁକ୍ତଙ୍କୁ ଉତ୍ତର ଗୁଜୁରାଟର ସିଦ୍ଧପୁର ଏବଂ ଆଖପାଖ ଅଞ୍ଚଳରୁ ଗିରଫ କରାଯାଇଥିଲା। ତଦନ୍ତକାରୀ ସଂସ୍ଥାଗୁଡ଼ିକ ଦାବି କରୁଛନ୍ତି ଯେ ଏହି ମଡ୍ୟୁଲ ଦେଶବ୍ୟାପୀ ବଡ଼ ଧରଣର ବୋମା ବିସ୍ଫୋରଣ ଷଡଯନ୍ତ୍ର କରୁଥିଲା। ମହମ୍ମଦ ଆୟୁବ ଏବଂ ଅମିନ ଶେରାଙ୍କୁ ଏହି ଗୋଷ୍ଠୀର ମାଷ୍ଟରମାଇଣ୍ଡ ଭାବରେ ଚିହ୍ନଟ କରାଯାଉଛି। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ଅଭିଯୁକ୍ତମାନେ ବିସ୍ଫୋରକ ତିଆରି କରିବା ପାଇଁ ବାରୁଦ ଏବଂ ଅନ୍ୟାନ୍ୟ ରାସାୟନିକ ପଦାର୍ଥ ସଂଗ୍ରହ କରିଥିଲେ।

## ଅନୁରାଗ କୁମାର ଦିଲ୍ଲୀ ପୁଲିସ କମିସନର୍



**ନୂଆଦିଲ୍ଲୀ, ୧୭।୭:** କେନ୍ଦ୍ର ସରକାର ଶୁକ୍ରବାର ୧୯୯୪ ବ୍ୟାଚ ଭାରତୀୟ ପୁଲିସ ସେବା (ଆଇପିଏସ୍) ଅଧିକାରୀ ଅନୁରାଗ କୁମାରଙ୍କୁ ଦିଲ୍ଲୀ ପୁଲିସର କମିସନର ଭାବେ ନିଯୁକ୍ତ କରିଛନ୍ତି। ବର୍ତ୍ତମାନ ଦିଲ୍ଲୀ ପୁଲିସର ମୁଖ୍ୟ ଥିବା ସତୀଶ ଗୋଲଛାଙ୍କୁ ଅବସର ଗ୍ରହଣର ନଅ ମାସ ପୂର୍ବରୁ ବଦଳି କରାଯାଇଛି।

ଶୁକ୍ରବାର ସକାଳେ ଭାରତ ସରକାରଙ୍କ ଅଧୀନ ସଚିବ ରାକେଶ କୁମାର ସିଂହଙ୍କ ଦ୍ୱାରା ଜାରି ଏକ ନିର୍ଦ୍ଦେଶରେ କୁହାଯାଇଛି ଯେ, ଅରୁଣାଚଳ ପ୍ରଦେଶ, ଗୋଆ, ମିଜୋରାମ ଏବଂ କେନ୍ଦ୍ରଶାସିତ ଅଞ୍ଚଳ (ଏଜିଏମ୍‌ୟୁଟି) କ୍ୟାଡରର ୧୯୯୪ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଅନୁରାଗ କୁମାରଙ୍କୁ ଦିଲ୍ଲୀ ପୁଲିସ କମିସନର ଭାବେ ନିଯୁକ୍ତ କରାଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ତାଙ୍କୁ ଦିଲ୍ଲୀ ପୁଲିସ କମିସନର ଭାବରେ ନିଯୁକ୍ତ କରାଯାଇଛି।

## ପିଲାଙ୍କ ମାନସିକ ଚାପ ବଢ଼ାଇବ ୩ ଭାଷା ନୀତି



**ନୂଆଦିଲ୍ଲୀ, ୧୭।୭:** ତାମିଲନାଡୁର ପ୍ରତି ଜିଲାରେ 'ଜବାହର ନବୋଦୟ ବିଦ୍ୟାଳୟ' (ଜେଏନ୍‌ଭି) ପ୍ରତିଷ୍ଠା କରିବା ପାଇଁ ମାଡ୍ରାସ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ବିରୋଧରେ ରାଜ୍ୟ ସରକାର କରିଥିବା ଆବେଦନର ଶୁଣାଣି ସମୟରେ ସୁପ୍ରିମକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ତାମିଲନାଡୁ ସରକାର ଦୀର୍ଘ ଦିନ ଧରି ନବୋଦୟ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟକାରୀ ହେଉଥିବା 'ତ୍ରିଭାଷୀ ସୂତ୍ର' (ତିନୋଟି ଭାଷା ପଢ଼ାଇବା ନୀତି) କୁ ବିରୋଧ କରିଆସୁଛନ୍ତି। ରାଜ୍ୟ ସରକାରଙ୍କ ଓକିଲ ଯେତେବେଳେ ଦର୍ଶାଇଥିଲେ ଯେ ପାଠ୍ୟକ୍ରମରେ ତୃତୀୟ ଭାଷା ନବମ ଶ୍ରେଣୀରୁ ବାଧ୍ୟତାମୂଳକ ହେଉଛି, ସେତେବେଳେ ଜଷ୍ଟିସ ନାଗରତ୍ନା କହିଥିଲେ, ନବମ ଶ୍ରେଣୀରେ ଏହାକୁ ରଖିବା ଭୁଲ୍ ନିଷ୍ପତ୍ତି ଏବଂ ଏହାକୁ ଷଷ୍ଠ ଶ୍ରେଣୀରୁ ଆରମ୍ଭ କରାଯିବା ଉଚିତ।

ଖଣ୍ଡପୀଠ ଶୁଣାଣି ସମୟରେ ସ୍ପଷ୍ଟ କରିଛନ୍ତି ଯେ ତ୍ରିଭାଷା ନୀତିରେ କେଉଁଠି ହେଲେ ହିନ୍ଦୀକୁ ତୃତୀୟ ଭାଷା ଭାବେ ବାଧ୍ୟତାମୂଳକ କରାଯାଇନାହିଁ। ଏଥିରେ ମାତୃଭାଷା, ଇଂଲିଶ ଏବଂ ଯେକୌଣସି ତୃତୀୟ ଆଞ୍ଚଳିକ କିମ୍ବା ଶାସ୍ତ୍ରୀୟ ଭାଷା ପଢ଼ିବାର ବିକଳ୍ପ ରହିଛି। ଜଷ୍ଟିସ ନାଗରତ୍ନା ତାମିଲନାଡୁ ସରକାରଙ୍କୁ ପରାମର୍ଶ ଦେଇ କହିଛନ୍ତି ଯେ କେବଳ କେନ୍ଦ୍ର ସରକାରଙ୍କ ଯୋଜନା ବୋଲି କହି କୌଣସି ଜନହିତକର ଯୋଜନା ବା ଶିକ୍ଷାନୁଷ୍ଠାନକୁ ପ୍ରତ୍ୟାଖ୍ୟାନ କରିବା ଉଚିତ ନୁହେଁ। ରାଜ୍ୟର ନିଜସ୍ୱ ଶିକ୍ଷା ବ୍ୟବସ୍ଥା ରହିପାରେ, ମାତ୍ର କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠାକୁ ବିରୋଧକରି ଗରିବ ପିଲାଙ୍କୁ ଉନ୍ନତ ଶିକ୍ଷା ପାଇବାର ଅଧିକାରରୁ ବଞ୍ଚିତ କରାଯିବା ଅନୁଚିତ।

**ପୁରୁଷ ଏବେ ଅସୁରକ୍ଷିତ**

# ସିୟା, ସୋନମ୍‌ଙ୍କ ପରେ ସ୍ୱାମୀଙ୍କୁ ହତ୍ୟାକଲେ ସମିତା

*"ହନିମୁନ୍ କରିବାକୁ ଯାଇ ରାଜା ରଘୁବଂଶୀଙ୍କୁ ପତ୍ନୀ ସୋନମ୍ ନିଜ ପ୍ରେମିକ ଦ୍ୱାରା ହତ୍ୟା କରିବା ଘଟଣା ହେଉ କି ଭାବୀସ୍ୱାମୀ କେତନ ଅଗ୍ରୱାଲଙ୍କୁ ସିଆ ଗୋୟଲ ପାହାଡ଼ରୁ ଠେଲି ମାରିବା ଘଟଣା ମନରୁ ଲିଭି ନଥିବା ବେଳେ ବିହାରର କଟିହାରରୁ ଆଉ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ସମିତା ନାମକ ଜଣେ ମହିଳା ନିଜ ପ୍ରେମିକ ଅଜିତ ସହ ମିଶି ସ୍ୱାମୀ ଦେବକୁମାର ଗୁଞ୍ଜନଙ୍କୁ ଚଳନ୍ତା ଟ୍ରେନ୍‌ରେ ହତ୍ୟା କରିଛନ୍ତି। ଏହି ସବୁ ଘଟଣା ଗୋଟିଏ କଥା ପ୍ରମାଣିତ କରୁଛି ଯେ, ସ୍ୱାମୀ, ବିଶେଷକରି, ପୁରୁଷମାନେ ଏବେ ଦିନକୁଦିନ ଅସୁରକ୍ଷିତ ହୋଇପଡୁଛନ୍ତି..."*



**ନୂଆଦିଲ୍ଲୀ, ୧୭।୭:** ସମିତା ନାମ୍ନୀ ଜନୈକା ମହିଳା ତାଙ୍କ ପ୍ରେମିକ ଅଜିତ ସହ ମିଶି ସ୍ୱାମୀ ଦେବକୁମାର ଗୁଞ୍ଜନଙ୍କୁ ଚଳନ୍ତା ଟ୍ରେନ୍‌ରେ ହତ୍ୟା କରିଛନ୍ତି। ସ୍ୱାମୀଙ୍କୁ ହତ୍ୟା କରିବାର ଯୋଜନା ଖୁବ୍ ସୁଚିନ୍ତିତ ଥିଲେ ମଧ୍ୟ ଅଭିଯୁକ୍ତଙ୍କ ତିନୋଟି ବଡ଼ ଭୁଲ୍ ମାସକ ମଧ୍ୟରେ ସେମାନଙ୍କର ସବୁ ଷଡ଼ଯନ୍ତ୍ରର ପର୍ଦ୍ଦାଫାସ କରି ଦେଇଛି।

ଜମୁଇ ଜିଲ୍ଲାରେ ବିଦ୍ୟୁତ୍ ବିଭାଗରେ କାର୍ଯ୍ୟ କରୁଥିଲେ ଦେବ କୁମାର ଗୁଞ୍ଜନ। ଜୁନ୍ ୧୧ ତାରିଖରେ ପତ୍ନୀ ସମିତା କୁମାରୀଙ୍କ ପାଖକୁ ସୁପୌଲ ଆସୁଥିଲେ। ଏକ୍ସପ୍ରେସ୍ ଟ୍ରେନ୍‌ରେ ବସିଥିବା ଦେବଙ୍କୁ ଖଗଡ଼ିଆ ଜିଲ୍ଲାର ମାନସିରେ ବଦଲାଘାଟ ଷ୍ଟେସନ ନିକଟରେ ଜଣେ ସୁଟର ଗୁଳିକରି ହତ୍ୟା କରିଥିଲା। ଏହି ମାମଲାରେ ପୁଲିସ ଦେବକୁମାରଙ୍କ ପତ୍ନୀ ସମିତା, ତା'ର ପ୍ରେମୀ ଅଜିତ କୁମାର ଓ ସୁପାରିକିଲର ସୁଟର ରାଜୁକୁ ଗିରଫ କରିଛି।

ଦେବକୁମାର ଝାଡ଼ଖଣ୍ଡର ଗୋଡ୍ଡା ଜିଲ୍ଲାରେ ରହୁଥିଲେ। ସେ ବିହାରର ଜମୁଇ ଜିଲ୍ଲାରେ ବିଦ୍ୟୁତ୍ ବିଭାଗରେ କାର୍ଯ୍ୟ କରୁ ଥିଲେ। ପତ୍ନୀ ସମିତା ସୁପୌଲରେ ମୋଟରଯାନ ନିରୀକ୍ଷକ (ଏମଭିଆଇ) ପଦରେ ନିଯୁକ୍ତ ଅଛନ୍ତି। ସମିତାଙ୍କ ପ୍ରେମିକ ଅଜିତ ନାଳନ୍ଦାରେ ବିଦ୍ୟୁତ୍ ବିଭାଗର ଜଣେ ଟେକ୍ନିସିଆନ ଭାବେ କାମ କରନ୍ତି।

ଉଲ୍ଲେଖନୀୟ ଯେ, ସମିତା କୁମାରୀ ୯ ବର୍ଷ ପୂର୍ବେ ଯେବେ ସୀତାମଢିରେ ବିଦ୍ୟୁତ୍ ବିଭାଗରେ ଚାକିରି ପାଇଥିଲେ। ସେତେବେଳେ ନିଜର ସହକର୍ମୀ ଅଜିତ କୁମାରଙ୍କ ସହ ତାଙ୍କର ବନ୍ଧୁତା ହୋଇଥିଲା। ଦୁହିଁଙ୍କର ବନ୍ଧୁତା ପ୍ରେମରେ ବଦଳିଗଲା। ଏହି ସମୟରେ ସମିତାଙ୍କ ଘରଲୋକ ତାଙ୍କର ବିବାହ ଦେବକୁମାର ଗୁଞ୍ଜନଙ୍କ ସହ କରାଇଦେଲେ। ସେ ବିଦ୍ୟୁତ୍ ବିଭାଗର ଟେକ୍ନିସିଆନ ଥିଲେ। ବିବାହ କରିବା ସତ୍ତ୍ୱେ ସମିତାଙ୍କର ଅଜିତ ସହ ପ୍ରେମ ସମ୍ପର୍କ ଜାରି ରହିଲା। ଅଜିତ ବିବାହ କଲେ ନାହିଁ। ଦେବ କୁମାରଙ୍କୁ ରାସ୍ତାରୁ ହଟାଇବାକୁ ଉଭୟେ ସ୍ଥିରକଲେ। ୩ ବର୍ଷ ପୂର୍ବେ ସମିତା ଏମ୍‌ଭିଆଇ ହୋଇ ସୁପୌଲ ଆସିଥିଲେ। ସ୍ୱାମୀ ଦୂରରେ ରହିଥିବାରୁ ସୁପୌଲରେ ନିଜର ପ୍ରେମିକ ସହ ତାଙ୍କର ନିରନ୍ତର ସମ୍ପର୍କ ରହିଥିଲା। ଏହା ପରେ ଦୁହେଁ ଶେଷରେ ଦେବଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର ରଚି ଥିଲେ।

ପୁଲିସ୍ ତଥ୍ୟ ଅନୁସାରେ, ସମିତା ଓ ଅଜିତ ଦେବକୁମାରଙ୍କୁ ହତ୍ୟା କରିବା ପାଇଁ ଜଣେ କଣ୍ଟ୍ରାକ୍ଟ କିଲର ହାୟର କରିଥିଲେ। ଶୁଟରକୁ ୪ ଲକ୍ଷ ଟଙ୍କାର ସୁପାରି ଦେଲେ। ଏଥିରୁ ୧.୬୦ ଲକ୍ଷ ଟଙ୍କା ଆଡଭାନ୍ସ ଦିଆଗଲା। ବାକି ଟଙ୍କା କାମ ହୋଇ ସାରିବା ପରେ ଦେବାକୁ ସ୍ଥିର ହୋଇଥିଲା। ଶୁଟରକୁ ପ୍ରେମିକ ଅଜିତ ଖୋଜି ଆଣିଥିଲା। ସେ ଦେବକୁମାରଙ୍କ ଫଟୋ ଓ ଅନ୍ୟ ଡିଟେଲ୍ସ ଆକ୍ରମଣକାରୀକୁ ଦେଇଥିଲା। ହତ୍ୟାକୁ ଲୁଟ୍‌ର ରୂପ ଦେବାକୁ ଷଡ଼୍‌ଯନ୍ତ୍ର କରାଯାଇଥିଲା। ଏଥିପାଇଁ ଚଳନ୍ତା ଟ୍ରେନ୍‌ରେ ଗୁଳି କରିବାର ଯୋଜନା ରଚାଗଲା। କଟିହାରର ରେଳବାଇ ଏସ୍‌ପି ହରିଶଙ୍କର କୁମାର କହିଛନ୍ତି ଯେ, ଗିରଫ ସୁପାରିକିଲର ରାଜୁ ଓରଫ ଧୀରଜ ନାଳନ୍ଦା ଜିଲ୍ଲା ନିବାସୀ। ପୂର୍ବରୁ ସେ ହତ୍ୟାକାଣ୍ଡ ମାମଲାରେ ଜେଲ ଯାଇସାରିଛି। ସେ ଏବେ ଜାମିନରେ ବାହାରକୁ ଆସିଥିଲା।

ପ୍ରେମ ପ୍ରସଙ୍ଗ ଓ ଅବୈଧ ସମ୍ପର୍କରେ ପ୍ରତିବନ୍ଧକ ହେଉଥିବା ସ୍ୱାମୀ ଦେବକୁମାର ଗୁଞ୍ଜନଙ୍କୁ ରାସ୍ତାରୁ ହଟେଇବା ପୂର୍ବରୁ ସମିତା ଓ ଅଜିତ ମିଶି ଅନେକ ସସପେନ୍ସ-ଥ୍ରିଲର ଦେଖିଥିଲେ। ଅଲଗା ଅଲଗା ଫିଲ୍ମରୁ ଉପାୟ ଖୋଜିବା ପରେ ସେମାନେ ହତ୍ୟା ଷଡ଼ଯନ୍ତ୍ର ରଚିଥିଲେ। ଏହାପରେ ଦୁହେଁ ଅନ୍ତିମ ନିଷ୍ପତ୍ତି ନେଲେ ଯେ, ଦେବଙ୍କୁ ଚଳନ୍ତା ଟ୍ରେନରେ ହତ୍ୟା କରାଇବେ। ସୁପାରିକିଲର ରାଜୁ କୁମାର ଓରଫ ଧୀରଜ ହତ୍ୟା କରିବା ପୂର୍ବରୁ ପ୍ରଥମେ ଦେବ ଗୁଞ୍ଜନଙ୍କର ରେକି କରିଥିଲା। ସେ ଦୁଇରୁ ତିନିଥର ଟ୍ରେନରେ ଯାତ୍ରା କରୁଥିବା ଦେବକୁମାରଙ୍କର କାର୍ଯ୍ୟକଳାପକୁ ଦେଖିଥିଲା। ସମିତା ଲଗାତାର ତାଙ୍କର ଲୋକେସନ ଓ ଯାତ୍ରାର ସୂଚନା ଶୁଟରକୁ ହ୍ୱାଟ୍ସଆପ୍‌ରେ ଦେଉଥିଲା। ଏହାପରେ ୧୧ ଜୁନରେ ହତ୍ୟା କରାଯାଇ ଥିଲା।

# ବେଦାନ୍ତ ଆଲୁମିନିୟମର ରଥଯାତ୍ରା ପାଳିତ



ଭୁବନେଶ୍ୱର,୧୭।୭(ସଂଚାର ବ୍ୟୁରୋ): ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଏବଂ ସମୃଦ୍ଧ ପରମ୍ପରାକୁ ସଂରକ୍ଷଣ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରି, ବେଦାନ୍ତ ଆଲୁମିନିୟମ ପୁରୀର ପ୍ରଭୁ ଜଗନ୍ନାଥ ମନ୍ଦିର ପରିସରରେ ବ୍ୟାପକ ସାମୁଦାୟିକ ସେବା ପ୍ରୟାସ ଏବଂ ତୀର୍ଥଯାତ୍ରୀ କଲ୍ୟାଣ ପଦକ୍ଷେପ ଏବଂ ଓଡ଼ିଶା ତଥା ଛତିଶଗଡ଼ରେ ଏହାର ପ୍ଲାଣ୍ଟ ପରିସର ମଧ୍ୟରେ ସ୍ପନ୍ଦନଶୀଳ ସାଂସ୍କୃତିକ ପଦକ୍ଷେପ ଆୟୋଜନ କରି ରଥଯାତ୍ରା ୨୦୨୬ ପାଳନ କରିଛି। ଏହି ପ୍ରୟାସ ମାଧ୍ୟମରେ କମ୍ପାନୀ ଲକ୍ଷ ଲକ୍ଷ ଭକ୍ତଙ୍କୁ ସମର୍ଥନ କରିବା ଏବଂ ଓଡ଼ିଶାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ବହୁଳ ଭାବରେ ପୂଜିତ ପର୍ବଗୁଡ଼ିକ ମଧ୍ୟରୁ ଗୋଟିଏ ପାଳନ କରିବାରେ କର୍ମଚାରୀ, ବ୍ୟବସାୟିକ ଅଂଶୀଦାର ଏବଂ ସ୍ଥାନୀୟ ସମ୍ପ୍ରଦାୟକୁ ଏକତ୍ରିତ କରିବା ଲକ୍ଷ୍ୟ ରଖିଛି। ସେବାର ନୀତି ଦ୍ୱାରା ପରିଚାଳିତ, ଆଶା ବିନା ଅନ୍ୟମାନଙ୍କୁ ସେବା କରିବାର ନିଃସ୍ୱାର୍ଥପର ପ୍ରୟାସ, ବେଦାନ୍ତ ଆଲୁମିନିୟମର ରଥଯାତ୍ରା ପଦକ୍ଷେପଗୁଡ଼ିକ ଭକ୍ତମାନଙ୍କୁ ସମର୍ଥନ କରିବା, ସାମୁଦାୟିକ ବନ୍ଧନକୁ ସୁଦୃଢ଼ କରିବା ଏବଂ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା ପାଇଁ ଉତ୍ସର୍ଗୀକୃତ। କମ୍ପାନୀର ପଦକ୍ଷେପଗୁଡ଼ିକ ମଧ୍ୟରେ ଖାଦ୍ୟ ଓ ପାନୀୟ ଜଳ ବଣ୍ଟନ, ତୀର୍ଥଯାତ୍ରୀଙ୍କ ପାଇଁ ସ୍ୱେଚ୍ଛାସେବୀ ସହାୟତା, ଭକ୍ତି ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ, ପାରମ୍ପରିକ କଳା ଫର୍ମର ପ୍ରୋତ୍ସାହନ ଏବଂ ସାମୂହିକ ଉତ୍ସବ ପାଇଁ ସମର୍ଥନ ଅନ୍ତର୍ଭୁକ୍ତ। ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ଘନିଷ୍ଠ ସହଯୋଗରେ ଓ ପରିବେଶଗତ ଦାୟିତ୍ୱପୂର୍ଣ୍ଣ ଅଭ୍ୟାସ ଦ୍ୱାରା ପରିପୂର୍ଣ୍ଣ, ଏହି ପ୍ରୟାସଗୁଡ଼ିକ ପ୍ରଭୁ ଜଗନ୍ନାଥଙ୍କ କାଳଜୟୀ ଐତିହ୍ୟକୁ ସମ୍ମାନ ଜଣାଇ ସମସ୍ତ ଭକ୍ତଙ୍କ ପାଇଁ ଏକ ନିରାପଦ, ଅନ୍ତର୍ଭୁକ୍ତ ଓ ପରିପୂର୍ଣ୍ଣ ଅଭିଜ୍ଞତା ପ୍ରଦାନ କରିବା ଲକ୍ଷ୍ୟ ରଖିଛି।

ଏହି ଅବସରରେ ମତାମତ ଦେଇ, ବେଦାନ୍ତ ଆଲୁମିନିୟମର ସିଇଓ ରାଜେଶ କୁମାର କହିଛନ୍ତି ଯେ ରଥଯାତ୍ରା ହେଉଛି ବିଶ୍ୱାସ, ସେବା ଏବଂ ଏକତାର ଏକ ଉତ୍ସବ ଯାହା ଓଡ଼ିଶାର ସାଂସ୍କୃତିକ ଆତ୍ମାକୁ ପ୍ରତିଫଳିତ କରେ। ବେଦାନ୍ତ ଆଲୁମିନିୟମରେ, ତୀର୍ଥଯାତ୍ରୀ କଲ୍ୟାଣକୁ ପ୍ରୋତ୍ସାହିତ କରୁଥିବା, ଆମର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରୁଥିବା ଓ ଲୋକଙ୍କୁ ଏକାଠି କରୁଥିବା ପଦକ୍ଷେପ ମାଧ୍ୟମରେ ଏହି ଦୀର୍ଘକାଳୀନ ପରମ୍ପରାକୁ ପାଳନ କରିବାରେ ଆମର ସମ୍ପ୍ରଦାୟ ସହ ଯୋଗଦାନ କରି ଆମେ ସମ୍ମାନିତ। ଏକତା, ସେବା ଏବଂ ସାମୂହିକ ଉତ୍ସାହକୁ ପ୍ରେରଣା ଦେଉଥିବା ପରମ୍ପରାକୁ ସମର୍ଥନ କରି ଆମେ ଓଡ଼ିଶାର ସମ୍ପ୍ରଦାୟ ସହିତ ଆମର ସହଭାଗୀତାକୁ ମଜବୁତ କରିବା ପାଇଁ ପ୍ରତିବଦ୍ଧ।

● କପଡ଼ା ବ୍ୟବସାୟ ଆଳରେ ଗଞ୍ଜେଇ ବେପାର

## ୧୫ କେଜି ଗଞ୍ଜେଇ ଜବତ, ୩ ଗିରଫ

କୋଲକାତା,୧୭।୭(ସଂଚାର ବ୍ୟୁରୋ): ବାଙ୍କୁଡାର ବିଷ୍ଣୁପୁରରୁ ସ୍ଥାନାନ୍ତରିତ ହେବା ପରେ ଦୁଇ ଭାଇ ପଶ୍ଚିମ ମେଦିନୀପୁରର ଖଡ଼ଗପୁରର ୬ ନମ୍ବର ୱାର୍ଡର ମଠପଡ଼ା ଅଞ୍ଚଳରେ ଏକ ଘର ଭଡ଼ା ନେଇଥିଲେ। ସେମାନେ ଏକ କପଡ଼ା ବ୍ୟବସାୟ ଚଲାଇବା ଆଢୁଆଳରେ ଏହି ସମ୍ପତ୍ତିକୁ ଲିଜ୍ ଦେଇଥିଲେ, କିନ୍ତୁ ପ୍ରକୃତରେ ଏହାକୁ ଗଞ୍ଜେଇ ଚାଲାଣ ପାଇଁ ଏକ ଫ୍ରଣ୍ଟ ଭାବରେ ବ୍ୟବହାର କରୁଥିଲେ। ଏକ ସୂଚନା ପାଇ ଖଡ଼ଗପୁର ଟାଉନ୍ ଥାନାର ପୁଲିସ ଗୁରୁବାର ଅପରାହ୍ଣରେ ଚଢ଼ାଉ କରିଥିଲା। ଦୁଇଭାଇଙ୍କ ସମେତ ମୋଟ ତିନି ଜଣଙ୍କୁ ଗିରଫ କରାଯାଇଛି। ଘରର ତଲାସୀ ସମୟରେ ପ୍ରାୟ ୧୫ କିଲୋଗ୍ରାମ ଗଞ୍ଜେଇ ଉଦ୍ଧାର କରାଯାଇଛି। ଏହି ଘଟଣା ପରେ ୬ ନମ୍ବର ୱାର୍ଡର ମଠପଡ଼ା ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଖଡ଼ଗପୁର ଟାଉନ୍ ଥାନାର ଆଇସି ଅମିତ କୁମାର ମିତ୍ର କହିଛନ୍ତି ଯେ, ପ୍ରାରମ୍ଭିକ ପଚରାଉଚରା ପରେ ସେହି ସନ୍ଧ୍ୟାରେ ତିନିଜଣଙ୍କୁ ଗିରଫ କରାଯାଇଥିଲା। ଜାଣିବାକୁ ମିଳିଛି ଯେ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟରେ ହାଜର କରାଯାଇ ପୁଲିସ ହେପାଜତକୁ ନିଆଯାଇଛି। ପୁଲିସ ସୂତ୍ର ଅନୁଯାୟୀ, ବିଷ୍ଣୁପୁରର ଦୁଇ ଭାଇ ଜଗନ୍ନାଥ ପାତ୍ର ଏବଂ ରାହୁଲ ପାତ୍ର କିଛି ମାସ ପୂର୍ବରୁ ଏହି ଘର ଭଡ଼ା ନେଇଥିଲେ।

## ବନ୍ଧୁକ ଓ ଗୁଳି ସହ ୨ ଗିରଫ

କୋଲକାତା,୧୭।୭(ସଂଚାର ବ୍ୟୁରୋ): କ୍ୟାନିଂର ଜୀବନତଲା ଥାନା ପୁଲିସ ବେଆଇନ ବନ୍ଧୁକ ସହ ଦୁଇଜଣଙ୍କୁ ଗିରଫ କରିଛି। ପୁଲିସ ସୂତ୍ର ଅନୁଯାୟୀ, ଜୀବନତଲା ଥାନାର ସବ-ଇନ୍ସପେକ୍ଟର (ଏସ୍‌ଆଇ) ଶୁଭଙ୍କର କରଣଙ୍କ ନେତୃତ୍ୱରେ ଖାଗଡ଼ା ଅଞ୍ଚଳର ଖୈରୁଲ ଲସ୍କରଙ୍କ ବାସଭବନରେ ଚଢ଼ାଉ କରାଯାଇଥିଲା। ଏହି ଅଭିଯାନ ସମୟରେ ଦୁଇ ଅଭିଯୁକ୍ତ ସୁବିଦ ଅଲି ଢାଲି ଓ ମନିରୁଲ ପାଇଲାନଙ୍କୁ ଗିରଫ କରାଯାଇଛି। ପୁଲିସ ଦାବି କରିଛି ଯେ, ଗିରଫ ପରେ ପଚରାଉଚରା କରିବା ସମୟରେ ଅଭିଯୁକ୍ତମାନେ ଅବୈଧ ବନ୍ଧୁକ ଓ ଗୁଳି ଲୁଚାଇ ରଖିଥିବା ପ୍ରକାଶ କରିଥିଲେ। ଏହି ସୂଚନା ଆଧାରରେ, ପୁଲିସ କଳା ପାଲ ଢଙ୍କା ଯାଇଥିବା ପଥର ଗଦା ତଳୁ ଗୋଟିଏ ବନ୍ଧୁକ ଓ ଦୁଇ ରାଉଣ୍ଡ ଗୁଳି ଜବତ କରିଛି। ପୃଥକ ଭାବରେ ମନିରୁଲଙ୍କୁ ପଚରାଉଚରା ପରେ ପୁଲିସ ସ୍ଥାନୀୟ ପୋଖରୀ ନିକଟରୁ ଆଉ ଏକ ବନ୍ଧୁକ ଜବତ କରିଛି। ଅଭିଯୁକ୍ତମାନଙ୍କ ପାଖରେ ଉଦ୍ଧାର ହୋଇଥିବା ବନ୍ଧୁକ ଓ ଗୁଳି ପାଇଁ କୌଣସି ବୈଧ ଲାଇସେନ୍ସ କିମ୍ବା ସରକାରୀ ପ୍ରାଧିକରଣ କାଗଜପତ୍ର ନଥିଲା। ଜୀବନତଲା ପୁଲିସ ଆନୁଷ୍ଠାନିକ ଭାବରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ ଆରମ୍ଭ କରିଛି।

● ରଥଟଣା ବେଳେ ଅଘଟଣ

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୨୫ ଆହତ

କୋଲକାତା,୧୭।୭ (ସଂଚାର ବ୍ୟୁରୋ): ପୂର୍ବ ମେଦିନୀପୁର ଜିଲ୍ଲା ନନ୍ଦିଗ୍ରାମ ଅଞ୍ଚଳରେ ରଥଯାତ୍ରା ସମୟରେ ଗୁରୁବାର ସନ୍ଧ୍ୟାରେ ଏକ ବଡ଼ ଦୁର୍ଘଟଣା ଘଟିଛି। ନନ୍ଦିଗ୍ରାମ-୧ ବ୍ଲକର ତେଖାଲି ଅଞ୍ଚଳରେ ରଥର ଉପର ଅଂଶ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ୨୫ ଜଣ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ ୧୫ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତରଖାନାରୁ ଡିସଚାର୍ଜ କରାଯାଇଛି। ୧୦ ଜଣ ନନ୍ଦିଗ୍ରାମ ସୁପର ସ୍ପେଶାଲିଟି ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ସୂତ୍ରରୁ ଜଣାପଡିଛି ଯେ, ତେଖାଲି ବଜାର ବ୍ୟବସାୟୀ ସଂଘ ଦ୍ୱାରା ରଥଯାତ୍ରା ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ବହୁ ସଂଖ୍ୟକ ଭକ୍ତ ରଥ ଟାଣିବା ଓ ପ୍ରାର୍ଥନା କରିବା ପାଇଁ ଏକାଠି ହୋଇଥିଲେ। ରଥଟଣା ହେବାର କିଛି ସମୟ ପରେ ରଥର ଉପର ଅଂଶ ଉପରେ ଯାଇଥିବା ବିଦ୍ୟୁତ୍ ତାରକୁ ସ୍ପର୍ଶ କରିଥିଲା। ରଥଟି ଲୁହା ଓ କାଠରେ ନିର୍ମିତ ହୋଇଥିବାରୁ ବିଦ୍ୟୁତ୍ ଚାର୍ଜ ହୋଇଯାଇଥିଲା। ନନ୍ଦିଗ୍ରାମ ଥାନାର ଭାରପ୍ରାପ୍ତ ଅଧିକାରୀ ଅଜୟ ମିଶ୍ର କହିଛନ୍ତି ଯେ, ଆହତମାନଙ୍କୁ ତୁରନ୍ତ ଡାକ୍ତରଖାନାକୁ ପଠାଯାଇଥିଲା।

## ଅଗ୍ନିକାଣ୍ଡରେ ଜଳିଗଲା ହୋଟେଲ

କୋଲକାତା,୧୭।୭(ସଂଚାର ବ୍ୟୁରୋ): ରାସ୍ତାକଡ଼ରେ ଥିବା ଏକ ଖାଦ୍ୟ ଦୋକାନରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳି ଯାଇଛି। ଦୁର୍ଗାପୁରର ଗାନ୍ଧୀ ମୋଡ ନିକଟସ୍ଥ ଅଞ୍ଚଳରେ ଶୁକ୍ରବାର ସକାଳେ ଏହି ଘଟଣା ଘଟିଛି। ନିଆଁ ଦ୍ରୁତ ଗତିରେ ବ୍ୟାପିବାରୁ ଦୋକାନଟି ପୋଡି ପାଉଁଶ ହୋଇଯାଇଛି। ସ୍ଥାନୀୟ ସୂତ୍ର ଅନୁଯାୟୀ, ମାଲିକ ଏକ ପ୍ୟାନରେ ତେଲ ଗରମ କରି ରୋଷେଇ କରୁଥିବା ସମୟରେ ହଠାତ୍ ନିଆଁ ଲାଗିଯାଇଥିଲା।

## ମୁର୍ଶିଦାବାଦ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ଶୋକପ୍ରକାଶ

କୋଲକାତା,୧୭।୭(ସଂଚାର ବ୍ୟୁରୋ): ଶୁଭେନ୍ଦୁ ଅଧିକାରୀ ମୁର୍ଶିଦାବାଦର ରେଳ ଦୁର୍ଘଟଣା ଘଟଣାରେ ଶୋକପ୍ରକାଶ କରିଛନ୍ତି। ଏକ୍ସରେ ଲେଖି ସେ କହିଛନ୍ତି, ଆଜି ସକାଳେ ମୁର୍ଶିଦାବାଦରେ ଘଟିଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ମୁଁ ଗଭୀର ଦୁଃଖିତ। ପରିବାରବର୍ଗଙ୍କ ପ୍ରତି ବିଶେଷକରି ପିତାମାତାଙ୍କ ପ୍ରତି ମୋର ସମବେଦନା। ଏହି ଅସହ୍ୟ ଦୁଃଖକୁ ଦୂର କରିବା ପାଇଁ କୌଣସି ଶବ୍ଦ ନାହିଁ। ଏହି କଷ୍ଟକର ସମୟରେ ସମଗ୍ର ରାଜ୍ୟ ଶୋକସନ୍ତପ୍ତ ପରିବାର ପାଖରେ ଠିଆ ହୋଇଛି। ଶୁଭେନ୍ଦୁ ଆହୁରି ମଧ୍ୟ ଲେଖିଛନ୍ତି, ଆହତ ତଥା ପ୍ରଭାବିତ ପରିବାର ପକ୍ଷରୁ ସମସ୍ତ ସମ୍ଭାବ୍ୟ ସହଯୋଗ ସୁନିଶ୍ଚିତ କରିବାକୁ ମୁଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛି। ମନ୍ତ୍ରୀ ଗୌରୀ ଶଙ୍କର ଘୋଷ ଡାକ୍ତରଖାନାରେ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଛନ୍ତି। ଜିଲ୍ଲା ମାଜିଷ୍ଟ୍ରେଟ ଏବଂ ପୁଲିସ ଅଧୀକ୍ଷକ ମଧ୍ୟ ସକାଳଠାରୁ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି ଏବଂ ପରବର୍ତ୍ତୀ ସମସ୍ତ କାର୍ଯ୍ୟର ତଦାରଖ କରୁଛନ୍ତି। ମୁଖ୍ୟମନ୍ତ୍ରୀ ଲେଖିଛନ୍ତି, ଆହତଙ୍କ ଚିକିତ୍ସା ପାଇଁ ଆମେ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେଉଛୁ। ସ୍ୱାସ୍ଥ୍ୟମନ୍ତ୍ରୀ ଶାରଦ୍ୱତ ମୁଖାର୍ଜୀ ବ୍ୟକ୍ତିଗତ ଭାବରେ ପରିସ୍ଥିତିର ତଦାରଖ କରୁଛନ୍ତି ଯାହା ଦ୍ୱାରା ମେଡିକାଲ କଲେଜରେ ଚିକିତ୍ସାଧୀନ ଥିବା ବ୍ୟକ୍ତିମାନେ ସର୍ବୋଚ୍ଚ ଗୁଣବତ୍ତାର ଚିକିତ୍ସା ପାଇପାରିବେ। ଏହି ଘଟଣା ସମ୍ପର୍କରେ କୌଣସି ଅବହେଳାକୁ ବରଦାସ୍ତ କରାଯିବ ନାହିଁ। ରାଜ୍ୟ ପୁଲିସ ଇତିମଧ୍ୟରେ ରେଳ ଫାଟକପାଳଙ୍କୁ ଗିରଫ କରିଛି। ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ପୂର୍ଣ୍ଣାଙ୍ଗ ତଦନ୍ତ କରାଯିବ। ଦାୟୀ ଲୋକଙ୍କ ବିରୁଦ୍ଧରେ କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମୁଁ ପଶ୍ଚିମବଙ୍ଗର ଲୋକମାନଙ୍କୁ ଆଶ୍ୱାସନା ଦେଉଛି।

## ଅସ୍ଥାୟୀ ସଫେଇ କର୍ମଚାରୀଙ୍କ ବିକ୍ଷୋଭ

କୋଲକାତା,୧୭।୭(ସଂଚାର ବ୍ୟୁରୋ): ରାଜ୍ୟରେ ସରକାର ପରିବର୍ତ୍ତନ ହେବା ପରଠାରୁ ତୃଣମୂଳ କଂଗ୍ରେସ ଦ୍ୱାରା ପରିଚାଳିତ ପୌରସଭା ସମ୍ପର୍କରେ ସ୍ୱଚ୍ଛତାର ଅଭାବର ଅଭିଯୋଗ ବାରମ୍ବାର ଆସିଛି। ନିକଟରେ ଅସ୍ଥାୟୀ ସଫାଇ କର୍ମଚାରୀମାନେ ଉପଯୁକ୍ତ ମଜୁରୀ ଦେବାରେ ବିଫଳତା ଯୋଗୁଁ କାର୍ଯ୍ୟ ବନ୍ଦ ଡାକରା ଦେଇଥିଲେ। ଯାହା ପୌରସଭା ଫାଟକରେ କୋଦାଳ ଓ ଟୋକେଇ ଝୁଲାଇ ପ୍ରତୀକାତ୍ମକ ଥିଲା। ଶୁକ୍ରବାର ଏହି କର୍ମଚାରୀମାନେ ନଦିଆର ଶାନ୍ତିପୁର ପୌରସଭା ସମ୍ମୁଖରେ ତୁରନ୍ତ ମଜୁରୀ ବୃଦ୍ଧି ଏବଂ ବକେୟା ପ୍ରାପ୍ୟ ପ୍ରଦାନ ଦାବି କରି ଏକ ଦୀର୍ଘ ପ୍ରତିବାଦ କରିଥିଲେ।

## ହାଓଡ଼ାର ପ୍ରତିଭାବାନ ସୁଟର ନିଖୋଜ

କୋଲକାତା,୧୭।୭(ସଂଚାର ବ୍ୟୁରୋ): ହାଓଡ଼ାର ଜଣେ ପ୍ରତିଭାବାନ ରାଇଫଲ ସୁଟର ନିଖୋଜ ହୋଇଛନ୍ତି। ସୂତ୍ର ଅନୁଯାୟୀ ୧୫ ବର୍ଷୀୟା କିଶୋରୀ ଗୁରୁବାର ସକାଳେ ଏକ ଦୋକାନରୁ କିଛି କିଣିବା ପାଇଁ କେନ୍ଦ୍ରୀୟ ହାଓଡ଼ାରେ ଥିବା ତାଙ୍କ ଘରୁ ବାହାରିଥିଲା କିନ୍ତୁ ଆଉ ଫେରି ନଥିଲା। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କ ପରିବାର ତାଙ୍କୁ ପାଇପାରି ନଥିଲେ। ତାଙ୍କୁ ଶେଷ ଥର ପାଇଁ ହାଓଡ଼ା ଷ୍ଟେସନର ଏକ ପ୍ଲାଟଫର୍ମରେ ଦେଖାଯାଇଥିଲା। ତାଙ୍କ ବାପା କହିଛନ୍ତି ଯେ ସେ ଜଣେ ଦକ୍ଷ ରାଇଫଲ ସୁଟର ଯିଏକି ଜାତୀୟ ଦଳ ପାଇଁ ଟ୍ରାଏଲରେ ଯୋଗଦେବାର ସୁଯୋଗ ପାଇଥିଲେ। ସେ ଜଣେ ନିୟମିତ ଅଭ୍ୟାସକାରୀ ଥିଲେ, ପ୍ରତିଦିନ ଭୋର ସମୟରେ ତାଲିମ ନେଉଥିଲେ। ସେ ବୁଧବାର ରାତିରେ ଶୀଘ୍ର ଶୋଇବାକୁ ଯାଇଥିଲେ, ଏବଂ ତାଙ୍କ ମୋବାଇଲ ଫୋନ୍ ଘରେ ରହିଯାଇଥିଲା। କୌଣସି ପାରିବାରିକ ବିବାଦ କିମ୍ବା ମତଭେଦ ହୋଇନଥିଲା। ପରିବାର ପକ୍ଷରୁ ହାଓଡ଼ା ଥାନାରେ ଏକ ନିଖୋଜ ବ୍ୟକ୍ତି ରିପୋର୍ଟ ଦାଖଲ କରିଛନ୍ତି ଏବଂ ଗୁରୁବାର ଅପରାହ୍ଣରେ ସୋସିଆଲ ମିଡିଆରେ ତାଙ୍କ ନିଖୋଜ ଖବର ସେୟାର କରିଛନ୍ତି। ପୁଲିସ ତଦନ୍ତ ଆରମ୍ଭ କରିଛି।

## କିମ୍ବଦନ୍ତୀ କ୍ରିକେଟର୍ ଗ୍ୟାରୀ ସୋବର୍ସଙ୍କ ପରଲୋକ



ଜାମାଇକା,୧୭।୭: ବିଶ୍ୱ କ୍ରିକେଟର ଅନ୍ୟତମ କିମ୍ବଦନ୍ତି ପୁରୁଷ ତଥା ୱେଷ୍ଟଇଣ୍ଡିଜ୍‌ର ପୂର୍ବତନ ଅଲରାଉଣ୍ଡର ସାର୍ ଗ୍ୟାରି ସୋବର୍ସଙ୍କ ଶୁକ୍ରବାର ୮୯ ବର୍ଷରେ ପରଲୋକ ଘଟିଛି। ବିଶ୍ୱ କ୍ରିକେଟ୍ ଦୁନିଆର ଜଣେ ମହାନ କ୍ରିକେଟିଅର ଭାବରେ ବିବେଚିତ ସାର ସୋବର୍ସ ୧୯୫୪ରୁ ୧୯୭୪ ମଧ୍ୟରେ ୯୩ଟି ଟେଷ୍ଟ ଖେଳି ୮,୦୩୨ ରନ୍ କରିଥିବା ବେଳେ ୨୩୫ଟି ୱିକେଟ୍ ଅକ୍ତିଆର କରିଥିଲେ। ବିଶ୍ୱର ଜଣେ ପ୍ରମୁଖ ଏଣ୍ଟରଟେନିଂ କ୍ରିକେଟର ଭାବେ ବିବେଚିତ ଏହି ବାମହାତି ବ୍ୟାଟ୍ସମ୍ୟାନ୍ ୧୯୫୮ରେ ପାକିସ୍ତାନ ବିରୋଧରେ ସର୍ବାଧିକ ୩୬୫ ରନ୍ କରି ପଡ଼ିଆରେ ଶେଷ ପର୍ଯ୍ୟନ୍ତ ନଟ୍-ଆଉଟ୍ ରହିଥିଲେ। ପଡ଼ିଆରେ ତାଙ୍କର ସ୍ପିନ୍ ଓ ସିମ୍ ଥ୍ରୋ ପ୍ରତିପକ୍ଷ ବ୍ୟାଟରଙ୍କ ପାଇଁ ସବୁବେଳେ ହୃତ୍‌କମ୍ପର କାରଣ ପାଲଟୁଥିଲା। ନଟିଂହାମସାୟାର ପାଇଁ କାଉଣ୍ଟି କ୍ରିକେଟ୍ ଖେଳିଥିବା ସୋବରଙ୍କୁ ୧୯୭୫ରେ ତାଙ୍କର କ୍ରୀଡ଼ା ପ୍ରତି ଉତ୍ସର୍ଗୀକୃତ ମନୋଭାବ ଲାଗି ନାଇଟ୍ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ୱିଜଡେନ୍ ତାଲିକାରେ ବିଂଶ ଶତାବ୍ଦୀର ଶ୍ରେଷ୍ଠ ୫ କ୍ରିକେଟିଅରଙ୍କ ମଧ୍ୟରୁ ଜଣେ ଥିଲେ। ୧୯୬୮ ମସିହାରେ ନଟିଂହାମସାୟାରରେ ଖେଳୁଥିବାବେଳେ ସେ ଗୋଟିଏ ପ୍ରଥମ ଶ୍ରେଣୀ ମ୍ୟାଚ୍‌ର ଗୋଟିଏ ଓଭରରେ ୬ଟି ବଲରେ ୬ଟି ଛକା ମାରିଥିଲେ। ଏପରି ରେକର୍ଡ କାଏମ କରିବାରେ ସେ ବିଶ୍ୱର ପ୍ରଥମ ବ୍ୟାଟ୍ସମ୍ୟାନ୍ ହୋଇଥିଲେ। ସୋବର୍ସଙ୍କ ଦେହାନ୍ତରେ ନଟିଂହାମସାୟାର ପକ୍ଷରୁ ଶୋକ ପ୍ରକାଶ ପାଇଛି। ଶନିବାର ଏଜବାଷ୍ଟନଠାରେ ହାମ୍ପସାୟାର ବିରୋଧରେ ଟି-୨୦ ବ୍ଲାଷ୍ଟ ସେମିଫାଇନାଲ ପୂର୍ବରୁ ସୋବର୍ସଙ୍କ ଉଦ୍ଦେଶ୍ୟରେ କିଛି ସମୟ ପାଇଁ ସ୍ମୃତିଚାରଣ କରାଯିବ। ବ୍ରିଟେନ୍ ସୋବର୍ସଙ୍କ ମୃତ୍ୟୁ ଖବରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କୁ କ୍ରିକେଟ୍‌ର ଜଣେ ମହାନ୍ ପୁରୁଷ ବୋଲି କହିଛି। ବିସିସିଆଇ ସୋବର୍ସଙ୍କ ଅମର ଆତ୍ମାର ସଦଗତି କାମନା କରିଛି। ସୋବର୍ସ କ୍ରିକେଟ୍‌ର 'ଟ୍ରୁ ଆଇକନ୍' ବୋଲି ବିସିସିଆଇ କହିଛି।

## ରାଜସ୍ୱ ମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ରାଜା

● ବନ୍ୟା ପ୍ରଭାବିତ ଚାଷୀଙ୍କୁ ସହାୟତା ଦାବି

ଭୁବନେଶ୍ୱର,୧୭।୭(ସଂଚାର ବ୍ୟୁରୋ): ଗତ ୧୫ ଓ ୧୬ ତାରିଖର ଲଗାଣ ବର୍ଷା ଯୋଗୁଁ ଆଠଗଡ଼ ବିଧାନସଭା କ୍ଷେତ୍ରର ବହୁ ଅଞ୍ଚଳ ଜଳମଗ୍ନ ହୋଇଛି। ସାପୁଆ ଓ କାଣ୍ଟିଆ ନଦୀର ବନ୍ୟା ଜଳରେ ବହୁ ଚାଷଜମିରେ ପାଣି ମାଡ଼ିଯାଇଛି। ଶହ ଶହ ଏକର ଚାଷ ଜମିରେ ଫସଲ ନଷ୍ଟ ହୋଇଛି। ଇଚ୍ଛାପୁର, ଖୁଣ୍ଟକଟା, ବେଣ୍ଟପଡ଼ା, ରାଜନଗର, ଜୋରନ୍ଦା, କୁଲେଇଲୋ, ତାରଡିଙ୍ଗ, ଦୋରଡ଼ା ଭଳି ୧୨ ପଞ୍ଚାୟତ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ୪୦ ହଜାରରୁ ଅଧିକ ଲୋକ ବନ୍ୟା ଘେରରେ ଅଛନ୍ତି। ଘରବାଡ଼ି ସହ ବ୍ୟାପକ ଫସଲ ନଷ୍ଟ ହୋଇଛି। ଏହିସବୁ ଅଞ୍ଚଳର ଲୋକେ ମୁଖ୍ୟତଃ ଚାଷ ଉପରେ ନିର୍ଭର କରନ୍ତି। ଧାନ ପରେ ହୋଇଥିବା ପରିବା ଚାଷ ପୂରା ନଷ୍ଟ ହୋଇଯାଇଛି। ଏହି ଦୃଷ୍ଟିରୁ ସରକାର ତୁରନ୍ତ ସହାୟତା ସହ ଇନପୁଟ ସବ୍‌ସିଡି ଦେବାକୁ ସେ ଦାବି କରିଛନ୍ତି।

## ମୁଣ୍ଡ ତଳକୁ ନକରିବାରୁ ନର୍ସରୀ ଛାତ୍ରକୁ ନିସ୍ତୁକ ମାଡ଼

ଲକ୍ଷ୍ନୌ,୧୭।୭: ଲକ୍ଷ୍ନୌର ଏକ ସ୍କୁଲର ଜଣେ ପାଞ୍ଚବର୍ଷର ନର୍ସରୀ ଛାତ୍ରକୁ ତାଙ୍କ କ୍ଲାସ ମନିଟର ଶ୍ରେଣୀଗୃହ ଭିତରେ ପ୍ରାୟ ଆଠ ମିନିଟ୍ ପର୍ଯ୍ୟନ୍ତ ମାଡ଼ ମାରିଛନ୍ତି। ଫଳରେ ତାଙ୍କ ମୁହଁରେ ଗଭୀର ଆଘାତ ଲାଗିଛି। ମାଡ଼ ଯୋଗୁ ପିଲାଟିର ମୁହଁ ଓ ଗାଲରେ ଗୁରୁତର ଆଘାତ ଲାଗିଛି। ପିଲାଟିକୁ ପିଜିଆଇ ଟ୍ରମା ସେଣ୍ଟରରେ ଭର୍ତ୍ତି କରାଯାଇଥିଲାବେଳେ ତା'ର ଚିକିତ୍ସା ଚାଲିଛି। ଦଶ ମିନିଟର ଭିଡିଓ ଫୁଟେଜରେ ଦେଖିବାକୁ ମିଳିଛି ଯେ, ଜଣେ ଶିକ୍ଷୟିତ୍ରୀ ଓ ପ୍ରାୟ ୧୮ ଜଣ ଛାତ୍ରଛାତ୍ରୀ ଏକ ଶ୍ରେଣୀଗୃହରେ ଥିବାବେଳେ ପ୍ରାୟ ଗୋଟିଏ ମିନିଟ୍ ପରେ ଶିକ୍ଷୟିତ୍ରୀ ଜଣକ ପିଲାମାନଙ୍କୁ ସେମାନଙ୍କ ମୁଣ୍ଡ ଡେସ୍କ ଉପରେ ରଖିବାକୁ କହିଥିଲେ ଓ କ୍ଲାସ ମନିଟରଙ୍କୁ ସେମାନଙ୍କ ଉପରେ ନଜର ରଖିବାକୁ କହି ବାହାରକୁ ଚାଲିଯାଇଥିଲେ।

● ଓଡ଼ିଶୀ ଆଶ୍ରମର ୩୩ତମ ବାର୍ଷିକ ଉତ୍ସବ

## ଉତ୍କଳ କଳା ସଂସ୍କୃତିର ନିଦର୍ଶନ ଓଡ଼ିଶୀ

କୋଲକାତା,୧୭।୭(ସଂଚାର ବ୍ୟୁରୋ): ଭାରତରେ ଶାସ୍ତ୍ରୀୟ ନୃତ୍ୟଗୁଡ଼ିକ ମଧ୍ୟରୁ ଓଡ଼ିଶୀ ନୃତ୍ୟ ଅନ୍ୟତମ। ଏହା ବହୁତ ପ୍ରାଚୀନ ହୋଇଥିବା ବେଳେ ଦେଶ ବିଦେଶରେ ଖ୍ୟାତି ଅର୍ଜନ କରିଛି। ଆଜି ଧାକୁରିଆ ମଧୁସୂଦନ ମଞ୍ଚରେ ଓଡ଼ିଶୀ ଆଶ୍ରମର ୩୩ତମ ବାର୍ଷିକ ଉତ୍ସବ 'ଏକ ଓଡ଼ିଶୀ ସନ୍ଧ୍ୟା' ଓ ବର୍ଷା ମଙ୍ଗଳମ୍' ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ ନୃତ୍ୟ ବିଶାରଦ କୋହିନୁର ସେନ ବିରାଟ ଯୋଗଦେଇ ସ୍ୱର୍ଗତଃ ଓଡ଼ିଶୀ ନୃତ୍ୟଗୁରୁ ଗିରିଧାରୀ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି ଯେ ତାଙ୍କ ଗଢ଼ା ଓଡ଼ିଶୀ ଆଶ୍ରମ ଆଜି ବଟବୃକ୍ଷ। ବହୁ ଛାତ୍ରଛାତ୍ରୀ ଆଜି ନିଜକୁ ଏହି ପେସାରେ ପ୍ରତିଷ୍ଠିତ କରିଛନ୍ତି ନିଜକୁ। ତାଙ୍କ କନ୍ୟା ସୁଜାତା ନାୟକ ପ୍ରତିବେଶୀ ରାଜ୍ୟରୁ ଆରମ୍ଭ କରି ବିଶ୍ୱ ଦରବାରରେ ଓଡ଼ିଶୀ ନୃତ୍ୟ ମାଧ୍ୟମରେ ମହନୀୟ ଉତ୍କଳ କଳା ସଂସ୍କୃତିର ପରିଚୟ ବଜାୟ ରଖିବା ପାଇଁ ପ୍ରୟାସ କରୁଛନ୍ତି, ତାହା ପ୍ରଶଂସନୀୟ। ଓଡ଼ିଶୀ ଆଶ୍ରମର କଳାକାର ନିର୍ଦ୍ଦେଶକ ଗୁରୁମା ତମାଳିକା ନାୟକ ଅତିଥି ସମ୍ବର୍ଦ୍ଧନା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏକ ଓଡ଼ିଶୀ ସାନ୍ଧ୍ୟ ଓ ବର୍ଷା ମଙ୍ଗଳମ୍ କୋରିଓଗ୍ରାଫି ଓ ନିର୍ଦ୍ଦେଶନା ସୁଜାତା ନାୟକ ଦେଇଥିବା ବେଳେ ତାଙ୍କ ନୃତ୍ୟ ବେଶ୍ ଚିତ୍ତାକର୍ଷକ ଥିଲା 'ଆହେ ନୀଳା ଶୈଳ' ସୋଲୋ ନୃତ୍ୟ।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ବନ ମହୋତ୍ସବ ପାଳିତ




ଭୁବନେଶ୍ୱର, ୧୭।୭ (ସଂଚାର ବ୍ୟୁରୋ): ରିଖ ରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ବନମୋହତ୍ସବ ପାଳିତ ହୋଇ ଯାଇ ଅଛି । ଏହି ଅବସରରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳସଚିବ ଶ୍ରୀମତୀ ଅନାମିକା ଅଧିକାରୀ ଏହି ଉତ୍ସବ କୁ ଉଦଘାଟନ କରିଥିଲେ ଏବଂ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଛାତ୍ର ଛାତ୍ରୀ ମାନେ ଯୋଗ ଦେଇ ବିଶ୍ୱବିଦ୍ୟାଳୟ ପରିସର ରେ ବୃକ୍ଷ ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ବିଶ୍ୱବିଦ୍ୟାଳୟ ର ଜାତୀୟ ସେବା ଯୋଜନାର ସଂଯୋଜକ ଡ. ସନ୍ଦୀପ କୁମାର ରାଉତ ଓ କାର୍ଯ୍ୟକ୍ରମ ଅଧିକାରୀ ଡ. ସାରଦା ପ୍ରସନ ଦାସ ଆୟୋଜନ କରିଥିଲେ।

# ଶିଳ୍ପପତି ଏବେ ବଙ୍ଗମୁହାଁ

ଭୁବନେଶ୍ୱର,୧୭।୭: ବଡ଼ ବଡ଼ ଶିଳ୍ପପତିମାନେ ଏବେ ପଶ୍ଚିମବଙ୍ଗମୁହାଁ। ସେଠାରେ ଡବଲ ଇଞ୍ଜିନ ସରକାର ଗଠନ ହେବାପରେ ଜଣକ ପରେ ଜଣେ ଶିଳ୍ପପତି ସେହି ରାଜ୍ୟରେ ନିବେଶ ପାଇଁ ଧାଡି ଲଗାଇଛନ୍ତି। ଶିଳ୍ପପତିମାନଙ୍କର ବଙ୍ଗମୁହାଁ ଆଚରଣ ଏବେ ଓଡ଼ିଶାରେ ପ୍ରଭାବ ପକାଇବ କି ନାହିଁ ତାହାକୁ ନେଇ ତର୍ଜମା ଆରମ୍ଭ ହୋଇଛି। ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱରେ ପଶ୍ଚିମବଙ୍ଗରେ ବିଜେପି ସରକାର ଗଠନ ପରେ ନାମୀଦାମୀ ଶିଳ୍ପପତିମାନେ ସେଠାରେ ପୁଞ୍ଜି ଖଟାଇବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଦୁଇମାସ ମଧ୍ୟରେ ପଶ୍ଚିମବଙ୍ଗରେ ୨୮,୦୦୦ କୋଟି ଟଙ୍କା ନିବେଶପାଇଁ ଆଗ୍ରହ ପ୍ରକାଶ ପାଇଛି। ଏହିସବୁ ଶିଳ୍ପପତିମାନଙ୍କ ମଧ୍ୟରେ ଅଦାନୀ ଗ୍ରୁପ୍, ରିଲାୟନ୍ସ, ଅମୁଲ, ଟାଟା ସମେତ ବିଦେଶୀ ସଂସ୍ଥା ମିତସୁବିଶ୍ ଆଦି ରହିଛନ୍ତି। ଏମାନଙ୍କ ବ୍ୟତିତ ଆହୁରି ଅନେକ ଶିଳ୍ପସଂସ୍ଥା ବି ରହିଛନ୍ତି।

ପଶ୍ଚିମବଙ୍ଗରେ ତୃଣମୂଳ ସରକାର ଅମଳରେ ସିଙ୍ଗୁରରୁ ଟାଟା କମ୍ପାନୀକୁ ହଟାଇବାପରେ ଶିଳ୍ପପତିମାନେ ସେଠାକୁ ଯିବାକୁ ରାଜି ହେଉନଥିଲେ। ହେଲେ ଏବେ କିନ୍ତୁ ସ୍ଥିତି ବଦଳିଛି। ବିଜେପି ସରକାରଙ୍କ ଆଶ୍ୱାସନା ପାଇ ଶିଳ୍ପପତିମାନେ ବଙ୍ଗମୁହାଁ ହୋଇଥିବା ଲକ୍ଷ୍ୟ କରାଯାଉଛି। ଅନ୍ୟ ପକ୍ଷରେ ଓଡ଼ିଶାର ବିଜେପି ସରକାର ମଧ୍ୟ ନିଜ ରାଜ୍ୟକୁ ଶିଳ୍ପପତିମାନଙ୍କୁ ଆଣିବା ପାଇଁ ଜୋରଦାର ଉଦ୍ୟମ ଚଳାଇଛନ୍ତି। ଦେଶର ବିଭିନ୍ନ ସ୍ଥାନରେ ସମ୍ମିଳନୀ ଆୟୋଜନ କରିବା ସହିତ ବିଭିନ୍ନ ପ୍ରତିଶ୍ରୁତି ପ୍ରଦାନ କରୁଛନ୍ତି। ଏବେ ଆଶଙ୍କା କରାଗଲାଣି ଯେ ଓଡ଼ିଶାକୁ ଆସିବାକୁ ଥିବା ଶିଳ୍ପପତିମାନେ ପଶ୍ଚିମବଙ୍ଗ ମୁହାଁ ହୋଇପାରନ୍ତି। ଏହା ହେଲେ ଓଡ଼ିଶାରେ ପୁଞ୍ଜିନିବେଶ ନେଇ ଆଶା ରହିଛି ସେଥିରେ ବାଧା ସୃଷ୍ଟିହେବ।

କେବଳ ପଶ୍ଚିମବଙ୍ଗ ନୁହେଁ, ଆସାମର ହିମନ୍ତ ବିଶ୍ୱଶର୍ମାଙ୍କ ବିଜେପି ସରକାର ମଧ୍ୟ ନିଜ ରାଜ୍ୟକୁ ଶିଳ୍ପପତିମାନଙ୍କୁ ଆକୃଷ୍ଟ କରିବାରେ ଲାଗିଛନ୍ତି। ବଡ ବଡି ଶିଳ୍ପ ପାଇଁ ବିଭିନ୍ନ ଆକର୍ଷଣୀୟ ରିହାତି ଘୋଷଣା କରୁଥିବାରୁ କେତେକ ଶିଳ୍ପସଂସ୍ଥା ଆସାମରେ ନିବେଶ ପାଇଁ ମନ ବଳାଇବାରେ ଲାଗିଛନ୍ତି। ଉଭୟ ପଶ୍ଚିମବଙ୍ଗ ଓ ଆସାମରେ ବିଜେପି ସରକାର ଗଠନ ପରେ ସେଠାରେ ନିବେଶ ପାଇଁ ଯେଭଳି ଶିଳ୍ପପତିମାନେ ଧାଡ଼ି ଲଗାଉଛନ୍ତି ତାହା ଆଗାମୀ ଦିନରେ ଓଡ଼ିଶାର ଶିଳ୍ପ ବିକାଶ କ୍ଷେତ୍ରରେ ବାଧା ଉପୁଜାଇପାରେ। କାରଣ ଏବେ ବି ଓଡ଼ିଶାକୁ ଆସୁଥିବା ଶିଳ୍ପସଂସ୍ଥାମାନେ ଜମି ପାଇବାପାଇଁ କସରତ କରୁଥିବାବେଳେ ସ୍ଥାନୀୟ ଲୋକଙ୍କର ବିରୋଧର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ କେତେକ ଶିଳ୍ପପତି ରାଜ୍ୟ ସରକାରଙ୍କ ସହିତ ଚୁକ୍ତିନାମା କରିବା ପରେ ବି ଓଡ଼ିଶା ଛାଡୁଛନ୍ତି।

ବର୍ତ୍ତମାନ ତିନି ବିଜେପି ଶାସିତ ରାଜ୍ୟ ଓଡ଼ିଶା, ପଶ୍ଚିମବଙ୍ଗ ଓ ଆସାମ ମଧ୍ୟରେ ପୁଞ୍ଜିନିବେଶ ପାଇଁ ଶିଳ୍ପପତିମାନଙ୍କୁ ନିଜ ନିଜ ରାଜ୍ୟକୁ ଆଣିବାପାଇଁ ଯେଭଳି ଦୌଡ ଆରମ୍ଭ ହୋଇଛି ସେଥିରେ ଓଡ଼ିଶା କେତେ ଲାଭାନ୍ୱିତ ହେବ ଓ କେତେ ସଂଖ୍ୟକ ଶିଳ୍ପପତିକୁ ନିଜ ରାଜ୍ୟକୁ ଆଣିବାରେ ସଫଳ ହେବ ତାହା ଉପରେ ଏବେ ସମସ୍ତଙ୍କ ନଜର। (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗଠନ ହେବ...

ସେଲ୍ ଗଠନ ପାଇଁ ପ୍ରକ୍ରିୟା ଆରମ୍ଭ କରିବାକୁ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ପ୍ରଶାସନ ଏ ଦିଗରେ ଆଗକୁ ବଢ଼ିଛି। ଆସନ୍ତାକାଲି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏହାର ପ୍ରଥମ ବୈଠକ ଅନୁଷ୍ଠିତ ହେବ। ସବୁ ବିଭାଗୀୟ ମୁଖ୍ୟମାନେ ଏହି ବୈଠକରେ ଯୋଗ ଦେବେ। ଏଥିପାଇଁ ଯୋଜନା ଓ ସଂଯୋଜନା ବିଭାଗକୁ ସବୁ ବିଭାଗୀୟ ମୁଖ୍ୟଙ୍କ ସହ ସମନ୍ୱୟ ରକ୍ଷା କରିବାକୁ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ଲେଖାଯାଇଛି। ଭିଜନ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ହାସଲ ପାଇଁ ଆଗାମୀ ବର୍ଷଗୁଡ଼ିକରେ ପରିବହନ, ସହରୀ ବିକାଶ, ସ୍ୱାସ୍ଥ୍ୟ, ଶିକ୍ଷା, ପର୍ଯ୍ୟଟନ, ସୂଚନା ପ୍ରଯୁକ୍ତି ଓ ଶିଳ୍ପ କ୍ଷେତ୍ରରେ ବୃହତ୍ ଭିତ୍ତିଭୂମି ପ୍ରକଳ୍ପ ହାତକୁ ନିଆଯିବ। କିନ୍ତୁ ବର୍ତ୍ତମାନ ବିଭିନ୍ନ ବିଭାଗ ପୃଥକ ପୃଥକ ପରାମର୍ଶଦାତାଙ୍କ ମାଧ୍ୟମରେ ଡିପିଆର୍ ପ୍ରସ୍ତୁତ କରୁଥିବାରୁ ଡିଜାଇନ୍, ବ୍ୟୟ ଆକଳନ, ବୈଷୟିକ ମାନଦଣ୍ଡ ଓ ଯୋଜନା ପ୍ରଣାଳୀରେ ଅସମାନତା ଦେଖାଦେଉଛି। ଏହା ଯୋଗୁଁ ପ୍ରକଳ୍ପ ବିଳମ୍ବ, ବ୍ୟୟ ବୃଦ୍ଧି ଓ ଗୁଣବତ୍ତା ସମସ୍ୟା ସୃଷ୍ଟି ହେଉଛି। ଏହି ସମସ୍ୟାର ସମାଧାନ ପାଇଁ ଗଠନ ହେବାକୁ ଥିବା ଷ୍ଟେଟ୍ ସ୍ପେଶାଲ ସେଲ୍ ଏକ କେନ୍ଦ୍ରୀୟ ବୈଷୟିକ ସଂସ୍ଥା ଭାବେ କାର୍ଯ୍ୟ କରିବ। ଏହା ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପର ଯୋଜନା, ଡିପିଆର୍ ପ୍ରସ୍ତୁତି ଓ ଯାଞ୍ଚ, ଡିଜାଇନ୍ ମୂଲ୍ୟାଙ୍କନ, ବ୍ୟୟ ଯୁକ୍ତିସଙ୍ଗତକରଣ, ନିର୍ମାଣ ଗୁଣବତ୍ତା ନିଶ୍ଚିତକରଣ ଓ ପ୍ରକଳ୍ପ ନିରୀକ୍ଷଣ କରିବ। ଏଥିସହ ସମସ୍ତ ବିଭାଗ ପାଇଁ ସମାନ ଡିପିଆର ଫର୍ମାଟ୍, ଡିଜାଇନ୍ ମାନଦଣ୍ଡ, କଷ୍ଟିଂ ପଦ୍ଧତି, ଷ୍ଟାଣ୍ଡାର୍ଡ ଟେମ୍ପ୍ଲେଟ୍, ରେଟ୍ ବ୍ୟାଙ୍କ ଓ ପ୍ରଯୁକ୍ତିଗତ ନିର୍ଦ୍ଦେଶିକା ପ୍ରସ୍ତୁତ କରାଯିବ। ଏଥିରେ ଦୀର୍ଘମିଆଦି ଭିତ୍ତିଭୂମି ପରିକଳ୍ପନା ୱିଙ୍ଗ୍, ପ୍ଲାନିଂ ଆଣ୍ଡ ମନିଟରିଂ ୱିଙ୍ଗ୍, ଆର୍କିଟେକ୍ଚରାଲ୍ ୱିଙ୍ଗ୍, ଡିପିଆର୍ ପ୍ରସ୍ତୁତି ଓ ସମୀକ୍ଷା ୱିଙ୍ଗ୍, ଷ୍ଟ୍ରକ୍ଚରାଲ୍ ଡିଜାଇନ୍ ୱିଙ୍ଗ୍, ଟ୍ରେନିଂ ୱିଙ୍ଗ୍ ଏବଂ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ୱିଙ୍ଗ୍ ଭଳି ସ୍ୱତନ୍ତ୍ର ଶାଖା ରହିବ। ଏହି ସେଲ୍‌ରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ବିଲ୍ଡିଂ ଇନଫର୍ମେସନ୍ ମଡେଲିଂ, ଜିଆଇଏସ, ଡିଜିଟାଲ ଟ୍ୱିନ୍, ଡ୍ରୋନ ସର୍ଭେ, ଡିଜିଟାଲ୍ ସିମୁଲେସନ ଓ ଆଧୁନିକ ଇଞ୍ଜିନିୟରିଂ ପ୍ରଯୁକ୍ତିର ବ୍ୟବହାର କରାଯିବ। ଏହି ସେଲ୍ କେବଳ ଡିଜାଇନ ଓ ଡିପିଆର ଯାଞ୍ଚରେ ସୀମିତ ରହିବ ନାହିଁ। ସରକାରୀ ଇଞ୍ଜିନିୟର ଓ ବୈଷୟିକ କର୍ମଚାରୀଙ୍କ ଦକ୍ଷତା ବିକାଶ ପାଇଁ ନିୟମିତ ପ୍ରଶିକ୍ଷଣ, ସମ୍ପୂର୍ଣ୍ଣ ଗୁଣବତ୍ତା ପରିଚାଳନା, ନୂତନ ନିର୍ମାଣ ପ୍ରଯୁକ୍ତି ଓ ଜଳବାୟୁ ସହନଶୀଳ ଭିତ୍ତିଭୂମି ଉପରେ ଗବେଷଣାକୁ ମଧ୍ୟ ପ୍ରାଧାନ୍ୟ ଦିଆଯିବ।

### ଓଡ଼ିଶାର ୭ଟି...

ରେଳ ଷ୍ଟେସନ ବିକଶିତ କରିବା ପାଇଁ ଭାରତ ସରକାରଙ୍କ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି। ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ରେଳ ଷ୍ଟେସନଗୁଡ଼ିକର ସାମଗ୍ରିକ ବିକାଶ କରାଯାଇଛି। ଏଥିରେ ଆଧୁନିକ ଷ୍ଟେସନ ଭବନ, ଉନ୍ନତ ଚଳାଚଳ ପରିସର, ଅତ୍ୟାଧୁନିକ ପ୍ରତୀକ୍ଷାଳୟ, ଆଧୁନିକ ଶୌଚାଳୟ, ଉନ୍ନତ ପ୍ଲାଟଫର୍ମ ଛାଉଣି, ଡିଜିଟାଲ ଯାତ୍ରୀ ସୂଚନା ପ୍ରଣାଳୀ, ଉନ୍ନତ ଆଲୋକୀକରଣ, ମାନକ ସୂଚନା ଫଳକ ଓ ବହୁମାଧ୍ୟମ ପରିବହନ ସଂଯୋଗୀକରଣ ଭଳି ଯାତ୍ରୀ ସୁବିଧା ଅନ୍ତର୍ଭୁକ୍ତ।

### ଗଡ଼ିଲା ଦେଶର...

ଶକ୍ତି ଦ୍ୱାରା ଚଳପ୍ରଚଳ କରିବ। ଜିନ୍ଦ୍‌କୁ ହରିଆନାରେ ବିଜେପି-ଏନଡିଏ ସୁଶାସନର ମଡେଲ୍ ଭାବେ ଉପସ୍ଥାପିତ କରି ପିଏମ ମୋଦି କହିଛନ୍ତି ଯେ ହରିଆନାରେ ବିଜେପିର ଡବଲ-ଇଞ୍ଜିନ୍ ସରକାରକୁ ଆଜିର କାର୍ଯ୍ୟକ୍ରମ ଅଫୁରନ୍ତ ଶକ୍ତି ସଂଚାର କରିବ। ହାଇଡ୍ରୋଜେନ୍ ଶକ୍ତିଚାଳିତ ଟ୍ରେନ୍‌ର ଶୁଭ ଉଦ୍‌ଘାଟନକୁ ଏକ ଐତିହାସିକ ମାଇଲଷ୍ଟୋନ୍ ଭାବେ ବର୍ଣ୍ଣନା କରିଛନ୍ତି ମୋଦି।

### ଶରଧାବାଲିରେ ପହଞ୍ଚିଲେ...

ରଥରେ ତିନି ଠାକୁରଙ୍କ ସମସ୍ତ ନୀତିକାନ୍ତି କରାଯିବ। ଆସନ୍ତାକାଲି ଗୋଟି ପହଣ୍ଡିରେ ଭାଇ ଭଉଣୀ ଆଡ଼ପ ମଣ୍ଡପ ବିଜେ କରିବେ। ବରିଷ୍ଠ ସେବାୟତ ବିନାୟକ ଦାସ ମହାପାତ୍ର ଏନେଇ ସୂଚନା ଦେଇ କହିଛନ୍ତି ଯେ ଆଜି ରଥ ଉପରେ ଗୋପାଳବଲ୍ଲଭ, ସକାଳ ଧୂପ ନୀତି, ମଧ୍ୟାହ୍ନ ଧୂପ, ସନ୍ଧ୍ୟା ଆଳତି, ସନ୍ଧ୍ୟା ଧୂପ, ବଡ଼ ସିଂହାର ବେଶ ଓ ପହୁଡ଼ ନୀତି ଅନୁଷ୍ଠିତ ହୋଇଥିଲା। ଆସନ୍ତାକାଲି ଭୋର୍‌ରୁ ମଙ୍ଗଳା ଆଳତୀ, ଅବକାଶ, ଗୋପାଳ ବଲ୍ଲଭ, ସକାଳ ଧୂପ, ଯାତ୍ରାଙ୍ଗି ମହାସ୍ନାନ, ମଧ୍ୟାହ୍ନ ଧୂପ, ସନ୍ଧ୍ୟା ଆଳତି, ସନ୍ଧ୍ୟା ଧୂପ, ଘୋଡ଼ା ପିଠା, ଚାରମାଳ ବନ୍ଧା ନୀତି ପରେ ପୁଷ୍ପାଞ୍ଜଳି, ଡୋର ଲାଗି ଓ ଗୋଟି ପହଣ୍ଡିରେ ତିନି ଠାକୁର ଜନ୍ମ ବେଦୀକୁ ଯିବେ। ଘୋଷଯାତ୍ରାର ଦ୍ୱିତୀୟ ଦିନରେ ସମସ୍ତଙ୍କ ମୁହଁରେ 'ଜୟ ଜଗନ୍ନାଥ' ଧ୍ୱନି ପ୍ରତିଧ୍ୱନିତ ହୋଇଥିଲା। ଭକ୍ତି ଓ ଭାବର ପଥ ପାଲଟିଥିଲା ବଡ଼ଦାଣ୍ଡ। ଘଣ୍ଟଘଣ୍ଟା ମାଡ଼ ସାଙ୍ଗକୁ ହରିବୋଲ ଓ ହୁଳହୁଳି ଦେଇ ରଥକୁ ଆଗ୍ରହର ସହ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଟାଣି ନେଇଥିଲେ ଭକ୍ତ। ଯେଉଁ ଦଉଡ଼ି ରଥକୁ ଟାଣେ, ସେହି ଦଉଡ଼ି ମଣିଷର ଅହଙ୍କାରକୁ ବି ଟାଣି ନେଇଯାଏ। ଏହି ବିଶ୍ୱାସରେ ଅନେକ ଭକ୍ତ ଆଗ୍ରହର ସହକାରେ ରଥ ଟାଣିଥିବା ଦେଖିବାକୁ ମିଳିଛି। ଆଜି ସକାଳ ୯ଟାରୁ ପୁଣି ରଥଟଣା ଆରମ୍ଭ ହୋଇଥିବାବେଳେ ପ୍ରଥମେ ତାଳଧ୍ୱଜ ଓ ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଅପରାହ୍ନ ୧ଟା ମଧ୍ୟରେ ଶରଧାବାଲିରେ ଲାଗିଥିଲା। ଅପରାହ୍ନ ୩ଟା ପାଖାପାଖି ନନ୍ଦିଘୋଷ ବି ଶ୍ରୀଗୁଣ୍ଡିଚା ମନ୍ଦିରରେ ଲାଗିଥିଲା।

### ଛୋଟ ପିଲା ଓ ବୟସ୍କ...

ତେବେ ଭିଡ଼କୁ ଦୃଷ୍ଟିରେ ରଖି ଛୋଟ ପିଲା ଓ ବୟସ୍କଙ୍କୁ ନେଇ ପୁରୀ ନ ଆସିବାକୁ ପୁଲିସ ଡିଜି ୱାଇବି ଖୁରାନିଆ ଅପିଲ କରିଛନ୍ତି। ବଡ଼ଦାଣ୍ଡରେ ଗତକାଲି ତିନି ରଥ ଅଟକି ଥିବାରୁ ରାତିସାରା ବଡ଼ଦାଣ୍ଡରେ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା। ବିଶେଷକରି ନନ୍ଦିଘୋଷ ସାମ୍ନାରେ ଅଧିକ ଭିଡ଼ ପରିଲକ୍ଷିତ ହୋଇଥିଲା। ଭିଡ଼ ଯୋଗୁଁ ଅଣନିଃଶ୍ୱାସୀ ହୋଇ ରଥଯାତ୍ରାରେ ଦୁଇ ଜଣ ଭକ୍ତଙ୍କ ଜୀବନ ଯାଇଛି। ଏଭଳି ସ୍ଥିତିକୁ ଦୃଷ୍ଟିରେ ରଖି ବାହୁଡ଼ା ଯାତ୍ରା ଓ ସୁନାବେଶ ପାଇଁ ଜନସାଧାରଙ୍କ ସକାଶେ ପୁଲିସର ନିର୍ଦ୍ଦେଶାବଳୀକୁ ଜନସାଧାରଣ ମାନିବାକୁ ଅପିଲ କରିଛନ୍ତି ଶ୍ରୀ ଖୁରାନିଆ। ଛୋଟ ପିଲା ଓ ବୟସ୍କଙ୍କୁ ଧରି ପୁରୀ ନ ଆସିବାକୁ ସେ ଅନୁରୋଧ କରିଛନ୍ତି।

### ଅବ୍ୟବସ୍ଥାକୁ ସୁବ୍ୟବସ୍ଥା...

ଦିଆଗଲା। ବର୍ଷାରେ ଓଜନିଆ ହେବାରୁ ଟାହିଆ ଖସିଗଲା। ଏହାର ଦାୟିତ୍ୱ ସେବକଙ୍କର। ଏଥିରେ ପ୍ରଶାସନର କିଛି କରିବାର ନାହିଁ। ତେବେ ପ୍ରଶ୍ନ ଉଠୁଛି ବର୍ଷାରେ ବଳଭଦ୍ର ଓ ସୁଭଦ୍ରାଙ୍କ ଟାହିଆ ଠିକ୍ ରହିଥିବା ବେଳେ ଜଗନ୍ନାଥଙ୍କ ଟାହିଆ ଖସିଗଲା କିଭଳି? ଖସିଥିବା ଟାହିଆ ଗଲା କୁଆଡ଼େ? ଜଗନ୍ନାଥ ରଥାରୂଢ଼ ହେବା ପରେ ରଥ ସାମ୍ନାରେ ଆରମ୍ଭ ହୋଇଥିଲା ଦଳଚକଟା। ଏଥିରେ ଦୁଇ ଜଣ ଭକ୍ତଙ୍କର ପ୍ରାଣ ଚାଲିଗଲା। ବର୍ତ୍ତମାନ ସୁଦ୍ଧା କ୍ଷତିପୂରଣ ଘୋଷଣା ନାହିଁ। ଓଲଟା କ'ଣ ପାଇଁ ଦଳାଚକଟା ହେଲା ଓ ଏଥିପାଇଁ କେଉଁମାନେ ଦାୟୀ, ତାହା କେହି ଜାଣିପାରୁନାହାନ୍ତି। ବାବୁମାନଙ୍କ ନୀରବତା ଯୋଗୁଁ ବିରୋଧୀ ଦଳ ଏହି ପ୍ରସଙ୍ଗରେ ସରକାରଙ୍କୁ କାଠଗଡ଼ାରେ ଛିଡ଼ା କରାଇବାରେ ଲାଗିଛନ୍ତି। ପୂର୍ବରୁ ସ୍ଥିର ହୋଇଥିଲା ଅପରାହ୍ନ ୪ଟା ସୁଦ୍ଧା ରଥ ଟଣାହେବ। ହେଲେ ଜଗନ୍ନାଥଙ୍କ ରଥ ରାତି ୭ଟା ପରେ ଗଡ଼ିଲା। ବିଧି ରକ୍ଷା ପାଇଁ ହାତେ ଗଡ଼ି ରଥ ଅଟକିଲା। କାହା ପାଇଁ ଏଭଳି ବିଳମ୍ବ ହେଲା, ତାହାର ଉତ୍ତର କାହା ପାଖରେ ନାହିଁ। ଯେଉଁମାନେ ନୀତିକାନ୍ତି ସଠିକ ସମୟରେ ନିଶ୍ଚିତ ହେବ ବୋଲି କହିଆସୁଥିଲେ, ସେମାନେ ଏବେ ନୀରବ। ଓଲଟା ସବୁ ସୁରୁଖୁରୁରେ ହୋଇଛି ବୋଲି କହି ଦୋଷ ଝାଡ଼ିବାରେ ଲାଗିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବାରମ୍ବାର ତାଗିଦା ସତ୍ତ୍ୱେ ଏଭଳି ବିଶୃଙ୍ଖଳା କିଭଳି ହେଲା ଓ ଏଥିପାଇଁ କେଉଁମାନେ ଦାୟୀ, ସେମାନଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ବିରୋଧୀ ଦଳକୁ ଏହା ବେଶ୍ ସୁହାଇବ ବୋଲି ଆଲୋଚନା ହେଉଛି।

### ଓସେପା କର୍ମଚାରୀଙ୍କୁ...

ସୂଚନା ମିଳିଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକଗୁଡ଼ିକ ପିଲାମାନଙ୍କୁ ବଣ୍ଟାଯିବା ପୂର୍ବରୁ ଏଥିରେ ଓସେପା କର୍ମଚାରୀମାନଙ୍କର ଭୂମିକା ଓ ପ୍ରକ୍ରିୟାର ଯାଞ୍ଚ୍ କରିଛି। ଓସେପାରୁ ତଥ୍ୟ ଓ ରିପୋର୍ଟ ସଂଗ୍ରହ କରି ତଦନ୍ତ କମିଟି ଏସ୍‌ସିଇଆର୍‌ଟି କାର୍ଯ୍ୟାଳୟର କର୍ମଚାରୀମାନଙ୍କୁ ବି ଜେରା କରିବ ବୋଲି ଟିମ୍‌ର ଜଣେ ସଦସ୍ୟ କହିଛନ୍ତି।

### ଜନ୍ମ ପ୍ରମାଣପତ୍ର...

ପୁଲିସ୍ ଦୁର୍ଘଟଣା ଘଟାଇଥିବା ହାଇୱା ଟ୍ରକ୍‌କୁ ଜବତ କରିଛି। ତେବେ ଏହି ଦୁର୍ଘଟଣା ପ୍ରତିବାଦରେ ସ୍ଥାନୀୟ ଲୋକେ ଜାତୀୟ ରାଜପଥକୁ ଅବରୋଧ କରିଥିବା ଉତ୍ତ୍ୟକ୍ତ ଲୋକଙ୍କୁ ପୁଲିସ୍ ବୁଝାଇବାକୁ ଉଦ୍ୟମ କରିଥିଲା। ଫଳତଃ ପାଖାପାଖି ୨ ଘଣ୍ଟା ଧରି ରାସ୍ତା ବନ୍ଦ ରହିଥିଲା। ଏନେଇ ଖବର ପାଇ ଭଦ୍ରକ ଉପଜିଲ୍ଲାପାଳ ଓ ତହସିଲଦାର ସେଠାରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ଜିଲ୍ଲା ରେଡ୍‌କ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ପ୍ରଦାନ କରିବା ସହ ଅନ୍ୟାନ୍ୟ ସହାୟତା ରାଶି ମୃତକଙ୍କ ପରିବାରକୁ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ସାମାନ୍ୟ ହ୍ରାସ ପାଇଥିଲା। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ମୃତକଙ୍କ ପରିବାର ଲୋକେ ୫୦ ଲକ୍ଷର କ୍ଷତିପୂରଣ ଦାବିରେ ଅଡ଼ି ବସିଛନ୍ତି।

## ୩୫ ପୌରାଧ୍ୟକ୍ଷ ପଦ ପାଇଁ ସଂରକ୍ଷଣ ତାଲିକା ପ୍ରକାଶ

ଭୁବନେଶ୍ୱର,୧୭।୭(ସଂଚାର ବ୍ୟୁରୋ): ପୌର ନିର୍ବାଚନ ପାଇଁ ଆରମ୍ଭ ହୋଇଛି ଆଇନଗତ ପ୍ରକ୍ରିୟା। ରାଜ୍ୟର ୩୫ଟି ପୌରସଂସ୍ଥା ଓ ଏନଏସିର ପୌରାଧ୍ୟକ୍ଷ ପଦ ପାଇଁ ସଂରକ୍ଷଣ ତାଲିକା ପ୍ରକାଶ କରିଛନ୍ତି ରାଜ୍ୟ ସରକାର। ବିଜ୍ଞପ୍ତି ଓଡ଼ିଶା ଗେଜେଟ୍‌ରେ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଲୋକେ ନିଜର ଆପତ୍ତି କିମ୍ବା ପରାମର୍ଶ ଦାଖଲ କରିପାରିବେ। ନିର୍ଦ୍ଦେଶକ, ପୌର ପ୍ରଶାସନଙ୍କ କାର୍ଯ୍ୟାଳୟ'ରେ ଏହି ଆପତ୍ତି ଗ୍ରହଣ କରାଯିବ ଏବଂ ସମସ୍ତ ମତାମତର ଅନୁଧ୍ୟାନ ପରେ ହିଁ ସରକାର ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ କରିବେ। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ମିଳୁଥିବା ସମସ୍ତ ମତାମତକୁ ରାଜ୍ୟ ସରକାର ବିଚାରକୁ ନେବେ। ତାଲିକା ଅନୁସାରେ, ୧୧ଟି ପୌରସଂସ୍ଥା ଓ ଏନଏସିର ପୌରାଧ୍ୟକ୍ଷ ପଦ ଅନୁସୂଚିତ ଜାତି (ମହିଳା) ପାଇଁ ସଂରକ୍ଷିତ ରହିଛି। ସେହିପରି ୭ଟି ପଦ ଅନୁସୂଚିତ ଜାତି, ୭ଟି ପଦ ଅନୁସୂଚିତ ଜନଜାତି (ମହିଳା), ୪ଟି ପଦ ଅନୁସୂଚିତ ଜନଜାତି, ୪ଟି ପଦ ମହିଳା ଏବଂ ୨ଟି ପଦ ଅଣସଂରକ୍ଷିତ ବର୍ଗ ପାଇଁ ପ୍ରସ୍ତାବିତ ହୋଇଛି।

## କୋଟିଆରେ ରଥଯାତ୍ରା ପାଳିତ



କୋରାପୁଟ,୧୭।୭ (ସଂଚାର ବ୍ୟୁରୋ)ଃ କୋରାପୁଟ ଜିଲ୍ଲାର ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୋଟିଆରେ ପବିତ୍ର ରଥଯାତ୍ରା ଉତ୍ସବ ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଯାଇଛି। ହଜାର ହଜାର ଭକ୍ତଙ୍କ ସମାଗମ ମଧ୍ୟରେ ମହାପ୍ରଭୁଙ୍କ ରଥ ଟାଣି ମାଉସୀମା ମନ୍ଦିରକୁ ନିଆଯାଇଥିଲା। ଉତ୍ସବର ଆରମ୍ଭରେ ପୂର୍ବତନ ସରପଞ୍ଚ ସିଦ୍ଧେଶ୍ୱର ଗେମେଲ ପାରମ୍ପରିକ 'ଛେରାପହଁରା' ନୀତି ସମ୍ପାଦନ କରିଥିଲେ। ଏହି ଅବସରରେ ଉପସ୍ଥିତ ଅତିଥିମାନଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ରଥଯାତ୍ରାରେ ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ, କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ମାଛ, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଏସପି ରୋହିତ ବର୍ମା, ପୂର୍ବତନ ସାଂସଦ ଜୟରାମ ପାଙ୍ଗି, ପୂର୍ବତନ ଜିଲ୍ଲାପାଳ ଗଦାଧର ପରିଡ଼ା, ପୂର୍ବତନ ବିଧାୟକ ପ୍ରୀତମ ପାଢ଼ୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗି, ଜିଲ୍ଲା ପରିଷଦ ସଭ୍ୟ ଲଇଚନ ଖରା, ସମିତି ସଭ୍ୟା ଅମ୍ବିକା ପାଙ୍ଗି ଓ ସରପଞ୍ଚ ଲିଉ ଗେମେଲ ପ୍ରମୁଖ ଉପସ୍ଥିତ ଥିଲେ। ପଟ୍ଟାଙ୍ଗୀ ବିଡିଓ ରାମକୃଷ୍ଣ ନାୟକ ଏବଂ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆଙ୍କ ନେତୃତ୍ୱରେ ସମଗ୍ର ରଥଯାତ୍ରା ସୁଚାରୁରୂପେ ପରିଚାଳିତ ହୋଇଥିଲା।

## ଶଗଡ଼ ଗାଡ଼ିରୁ ବିରାଟ ରଥ ପର୍ଯ୍ୟନ୍ତ

# ଭକ୍ତିର କାହାଣୀ କୁହେ ବନ୍ତିଲୋ ଘୋଷଯାତ୍ରା

କାକଟପୁର/ଅସ୍ତରଙ୍ଗ,୧୭।୭ (ସଂଚାର ବ୍ୟୁରୋ)ଃ ଥରେ ଥିଲା ଶଗଡ଼ ଗାଡି, ଆଜି ହୋଇଛି ବିରାଟ ରଥ। ଥରେ ଥିଲେ କେଇ ଜଣ ଭକ୍ତ, ଆଜି ହେଉଛନ୍ତି ହଜାର ହଜାର। ଥରେ ଥିଲା ଗଛ ମୂଳର ଛୋଟ ବେଦୀ, ଆଜି ହୋଇଛି ବିଶାଳ ମନ୍ଦିର। ଏହା ହିଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବନ୍ତିଲୋ ଗ୍ରାମର ଜଗନ୍ନାଥ ମହିମା। ଏହା ହିଁ ଭକ୍ତିର ଶକ୍ତି। ବ୍ରିଟିଶ ଅମଳରୁ ଆରମ୍ଭ ହୋଇଥିବା ଏହି ରଥଯାତ୍ରା ଆଜି ୨ଶହ ବର୍ଷରୁ ଉର୍ଦ୍ଧ ପୂରଣ କଲାଣି। କିମ୍ବଦନ୍ତୀ ଅନୁସାରେ ପ୍ରଥମେ ଗୋଟେ ଛୋଟିଆ ଗଛ ମୂଳେ ଚତୁର୍ଦ୍ଧାମୂରତି ପୂଜା ପାଉଥିଲେ। ସେତେବେଳେ ରାସ୍ତା ନଥିଲା, ଟଙ୍କା ନଥିଲା, କେବଳ ଶ୍ରଦ୍ଧା ଥିଲା। ସେହି ଶ୍ରଦ୍ଧାରେ ଗ୍ରାମବାସୀ ମାନେ ଗୋଟେ ସାଧାରଣ ଶଗଡ଼ ଗାଡି ଉପରେ ପ୍ରଭୁଙ୍କୁ ବସାଇ ଟାଣୁଥିଲେ। ସେହି ଥିଲା ପ୍ରଥମ ରଥଯାତ୍ରା।

କ୍ରମେ ଦିନ ବଦଳିଲା। ଭକ୍ତି ବଢ଼ିଲା। ଦାନ ଆସିଲା। ଆଉ ଶଗଡ଼ ଗାଡି ପରିଣତ ହେଲା ବିରାଟ ରଥରେ। ଆଜି



୨୧ ଫୁଟରୁ ଉର୍ଦ୍ଧ ଉଚ୍ଚର ଦିବ୍ୟ ରଥରେ ବିଜେ କରୁଛନ୍ତି ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରା। କିନ୍ତୁ ପରମ୍ପରା ସେହି ପୁରୁଣା।

ସବୁଠୁ ବଡ କଥା ହେଲା ଏହି ରଥଯାତ୍ରା ହୁଏ ପୁରୀ

### ଅନନ୍ୟ ଜଗନ୍ନାଥ ମହିମା

### ବ୍ରିଟିଶ ଅମଳର ଜଗନ୍ନାଥ ମନ୍ଦିର କିମ୍ବଦନ୍ତୀ

ଶ୍ରୀକ୍ଷେତ୍ର ଗୋଟେ ଦିନ ପରେ। ଏହା ପଛରେ ରହିଛି ଗୋଟେ ହୃଦୟସ୍ପର୍ଶୀ କାହାଣୀ। ପୂର୍ବପୁରୁଷମାନେ ଶ୍ରୀକ୍ଷେତ୍ର ପୁରୀ ପାଦରେ ଚାଲିଚାଲି ରଥଯାତ୍ରା ଦେଖିବାକୁ ଯାଉଥିଲେ। ଅସ୍ତରଙ୍ଗରୁ ପୁରୀ ପହଂଚିବାକୁ ଲାଗୁଥିଲା ଗୋଟେ ପୂରା ଦିନ। ସେତେବେଳେ ନଥିଲା ବସ୍, ନଥିଲା ଗାଡି। ରଥଯାତ୍ରା ଦିନ ବନ୍ତିଲୋରେ ଯଥେଷ୍ଟ ଭକ୍ତ ନଥିବାରୁ ଶ୍ରୀଜୀଉମାନଙ୍କ ରଥ ଟଣା ହୋଇପାରୁ ନଥିଲା। ଭକ୍ତବତ୍ସଳ ପ୍ରଭୁ ଜଗନ୍ନାଥ ନିଜ ଭକ୍ତଙ୍କ ପାଇଁ ଅପେକ୍ଷା କଲେ। ପୁରୀରୁ ଭକ୍ତ ମାନେ ଫେରି ଆସିବା ପରେ ସେମାନେ ଏହି ରଥକୁ ଟାଣି ଗୁଣ୍ଡିଚା ମନ୍ଦିର ରେ ପହଞ୍ଚାଇଥିଲେ। ସେହି ଦିନଠାରୁ ଏହି ଐତିହାସିକ ପରମ୍ପରା ଚାଲି ଆସିଛି।

ଆଜିବି ଭକ୍ତମାନେ ରଥଯାତ୍ରା ଦିନ ପୁରୀ ଯାଆନ୍ତି ଏବଂ ତା ପରଦିନ ଫେରି ଆସି ଏହି ରଥକୁ ଟାଣି ଗୁଣ୍ଡିଚା ମନ୍ଦିରରେ ଲଗାନ୍ତି। ଏହା କେବଳ ଏକ ଉତ୍ସବ ନୁହେଁ, ଏହା ଶ୍ରଦ୍ଧା ଓ ଭକ୍ତିର ମିଳନ।

ଏହି ରଥଯାତ୍ରା ଦେଖିବା ପାଇଁ ପୁରା କାକଟପୁର ନିର୍ବାଚନ ମଣ୍ଡଳୀ ସମେତ ଦୂର ଦୁରାନ୍ତରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ। ଚଳିତ ବର୍ଷ ମଧ୍ୟ ବହୁ ସଂଖ୍ୟାରେ ଭକ୍ତ ଏହି ଉତ୍ସବରେ ସାମିଲ ହୋଇଥିଲେ। ଭଜନ ସନ୍ଧ୍ୟା, ଦୋକାନ ବଜାର ସହିତ ବଡ ମେଳଣ ମଧ୍ୟ ଏଠାରେ ଲାଗିଥାଏ। ସ୍ଥାନୀୟ ଲୋକେ ଏହାକୁ "ଛୋଟ ପୁରୀ ଘୋଷଯାତ୍ରା" ବୋଲି କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ।

## ରଥଯାତ୍ରାରେ ଆମ ଗାଁ ଖଟି ପକ୍ଷରୁ ଥଣ୍ଡା ସରବତ ବଣ୍ଟନ



ବେତନଟୀ,୧୭।୭ (ସଂଚାର ବ୍ୟୁରୋ)ଃବେତନଟୀ ବଙ୍ଗଳଛକର ଅଗ୍ରଣୀ ସାମାଜିକ ସଂଗଠନ " ଆମ ଗାଁ ଖଟି " ପକ୍ଷରୁ ପବିତ୍ର ରଥଯାତ୍ରାରେ ହାଟ ଛକ ମାଉସୀ ମା ମନ୍ଦିର ନିକଟରେ ଥଣ୍ଡା ଲେମ୍ବୁ ସରବତ ବଣ୍ଟନ କରାଯାଇଥିଲା। ବଣ୍ଟନ ସମୟରେ ଆମ ଗାଁ ଖଟି ର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ। ଏହି ବଣ୍ଟନ ଅପରାହ୍ନ ୪ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୭ ଘଟିକା ପର୍ଯ୍ୟନ୍ତ ଚାଲୁରହିଥିଲା ୪ ହଜାର ରୁ ଉର୍ଦ୍ଧ ଶ୍ରଦ୍ଧାଳୁ, ଭକ୍ତ, ପୋଲିସ ସମସ୍ତେ ଏହି ସରବତକୁ ପିଇ ନିଜ ଶୋଷ ମେଣ୍ଟାଇ ଥିଲେ। ଆମ ଗାଁ ଖଟି ବେତନଟୀ ର ଏହି କାର୍ଯ୍ୟକ୍ରମ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ପାତ୍ର ସାଜିଛି। ଦୁଇ ବର୍ଷ ଧରି ଏହି ସରବତ ବଣ୍ଟନ କାର୍ଯ୍ୟକ୍ରମ ଲାଗିରହିଥିବା ବେଳେ ଆଗାମୀ ଦିନରେ ଏପରି ଅନେକ ସାମାଜିକ କାର୍ଯ୍ୟକ୍ରମ ସଂଗଠନ ପକ୍ଷରୁ ଚାଲୁରହିବା ନେଇ ସୂଚନା ପ୍ରଦାନ କରାଯାଇଛି।

## ପାରାଦ୍ୱୀପରେ ଧୂମ୍‌ଧାମ୍‌ରେ ରଥଯାତ୍ରା ପାଳିତ

- ଗ୍ରୀନ ଟ୍ରଷ୍ଟ ପକ୍ଷରୁ ଚାରା ଓ ମୃଦୁ ପାନୀୟ ବିତରଣ



ପାରାଦ୍ୱୀପ,୧୭।୭ (ସଂଚାର ବ୍ୟୁରୋ)ଃ ଭକ୍ତି ଭାବରେ ପାରାଦ୍ୱୀପରେ ପବିତ୍ର ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମା ସୁଭଦ୍ରାଙ୍କ ରଥ ଟଣାରେ ହଜାର ହଜାର ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଏହି ଅବସରରେ ପାରାଦ୍ୱୀପ ଗ୍ରୀନ ଟ୍ରଷ୍ଟ ପକ୍ଷରୁ ଏକ ବୃହତ ସେବା ଶିବିର ଆୟୋଜନ କରାଯାଇଥିଲା। ଟ୍ରଷ୍ଟ ତରଫରୁ ଆସିଥିବା ଶ୍ରଦ୍ଧାଳୁଙ୍କୁ ବୃକ୍ଷ ଚାରା, ଥଣ୍ଡା ମୃଦୁ ପାନୀୟ ଓ ପାଣି ବୋତଲ ବିତରଣ କରାଯାଇଥିଲା। ଏହି ସେବା ଭକ୍ତମାନଙ୍କ ପାଇଁ ବେଶ ଆଶ୍ୱସ୍ତିଦାୟକ ହୋଇଥିଲା।

କାର୍ଯ୍ୟକ୍ରମରେ ପାରାଦ୍ୱୀପ ପୌରାଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏବଂ ସେବା ଶିବିରର ଶୁଭାରମ୍ଭ କରିଥିଲେ। ସମଗ୍ର କାର୍ଯ୍ୟକ୍ରମ ପାରାଦ୍ୱୀପ ଗ୍ରୀନ ଟ୍ରଷ୍ଟର ସଭାପତି ଶ୍ରୀ ରାକେଶ କୁମାର ପଟ୍ଟନାୟକ ଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା। ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀମାନେ ଏଥିରେ ସହଯୋଗ କରିଥିଲେ।

## ଇଣ୍ଡିଆନ ଅଏଲ୍ ପାରାଦୀପ ରିଫାଇନରୀରେ ରଥଯାତ୍ରା ପାଳିତ

ପାରାଦ୍ୱୀପ,୧୭।୭ (ସଂଚାର ବ୍ୟୁରୋ)ଃ ଇଣ୍ଡିଆନଅଏଲ୍ ପାରାଦୀପ ରିଫାଇନରୀ ଟାଉନସିପରେ ରଥଯାତ୍ରା ପାଳନ କରାଗଲା । ପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରା ମା'ଙ୍କ ବାର୍ଷିକ ଆଗମନକୁ ଭକ୍ତମାନେ ଉତ୍ସାହ ଓ ଆନନ୍ଦ ସହିତ ପାଳନ କରିଥିଲେ। ବାତାବରଣଟି ଭଜନ, ପାରମ୍ପରିକ ବାଦ୍ୟ ଯନ୍ତ୍ର ଏବଂ ସୁଗନ୍ଧିତ ଫୁଲର ସାଜସଜ୍ଜାରେ ପରିପୂର୍ଣ୍ଣ ହୋଇ ଆଧ୍ୟାତ୍ମିକତା ଏବଂ ଆନନ୍ଦର ପରିବେଶ ସୃଷ୍ଟି କରିଥିଲା। ଉତ୍ସବଟି ଅତ୍ୟନ୍ତ ଯତ୍ନର ସହିତ ଆୟୋଜିତ କରାଯାଇଥିଲା। ଏହି ପବିତ୍ର ରଥଯାତ୍ରା ପାରାଦୀପ ରିଫାଇନରୀର ମନ୍ଦିରରୁ ଆରମ୍ଭ ହୋଇଥିଲା, ଯାହାକି ରାସ୍ତାରେ ହଜାର ହଜାର ଲୋକଙ୍କୁ ଏକତ୍ରିତ କରିଥିଲା। ଏକ ପାରମ୍ପାରିକ ମାର୍ଗ ଅନୁସରଣ କରି ସମସ୍ତ ଭକ୍ତମାନେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦିବ୍ୟ ଦର୍ଶନ ସହିତ ଆଶୀର୍ବାଦ ପ୍ରାପ୍ତ କରିଥିଲେ।

# ଭୁଶୁଡ଼ି ପଡ଼ିଛି ଯୋଡ଼ାର ପରିମଳ ବ୍ୟବସ୍ଥା

### କାଗଜପତ୍ରରେ ସଫେଇ

### କ୍ଷେତ୍ରସ୍ତରରେ ଅବ୍ୟବସ୍ଥା

### ବଢୁଛି ଜନଅସନ୍ତୋଷ



ଯୋଡ଼ା,୧୭।୭ (ସଂଚାର ବ୍ୟୁରୋ)ଃ ଯୋଡ଼ା ପୌରାଞ୍ଚଳର ପରିମଳ ବ୍ୟବସ୍ଥା ଦିନକୁ ଦିନ ଶୋଚନୀୟ ହୋଇପଡ଼ିଥିବା ଅଭିଯୋଗ ଉଠିଛି। ନିୟମିତ ସଫେଇ, ଘାସ କଟିଂ, ବ୍ଲିଚିଂ ପାଉଡର ଛିଞ୍ଚନ ଓ ମଶା ନିୟନ୍ତ୍ରଣ ପାଇଁ ଧୂଆଁକରଣ ଭଳି କାର୍ଯ୍ୟ ଠିକ୍ ଭାବେ ହେଉନଥିବାରୁ ଜନସାଧାରଣ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ବର୍ଷା ଋତୁରେ ମଶାଙ୍କ ଉପଦ୍ରବ ବଢ଼ିଥିବା ବେଳେ ପ୍ରତିଷେଧକ ପଦକ୍ଷେପ ନ ନିଆଯାଇଥିବାରୁ ଡେଙ୍ଗୁ ଓ ମ୍ୟାଲେରିଆ ଭଳି ରୋଗର ଆଶଙ୍କା ବଢ଼ିଛି। ଅନ୍ୟପଟେ ଅଳିଆ ସଂଗ୍ରହ ଗାଡ଼ି ନିୟମିତ ଭାବେ ବସ୍ତି ଅଞ୍ଚଳକୁ ନ ଯାଉଥିବାରୁ ଲୋକେ ରାସ୍ତା କଡ଼ ଓ ଖାଲି ସ୍ଥାନରେ ଅଳିଆ ଆବର୍ଜନା ପକାଉଥିବା ଦେଖାଯାଉଛି। ଫଳରେ ସହରର ସ୍ୱଚ୍ଛତା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପୂର୍ବ ଭେଣ୍ଡର ସମୟରେ ୮୬ ଜଣ ଶ୍ରମିକ କାମ କରୁଥିଲେ ମଧ୍ୟ ସଫେଇ ବ୍ୟବସ୍ଥା ଅପେକ୍ଷାକୃତ ଭଲ ଥିଲା। କିନ୍ତୁ ବର୍ତ୍ତମାନ ଭେଣ୍ଡାର କଟକ ନଗରର କଳିଙ୍ଗ ବିକାଶ କନଷ୍ଟ୍ରାକ୍ସନ ନାମକ ସଂସ୍ଥାକୁ ଦିଆ ଯାଇଥିବା ବେଳେ ସେ କଟକରେ ବସି ୧୬୦ ଜଣ ଶ୍ରମିକ ନିୟୋଜିତ ଥିବା ଦାବି କରାଯାଉଥିଲେ ମଧ୍ୟ କ୍ଷେତ୍ରସ୍ତରରେ ତାହାର ପ୍ରତିଫଳନ ଦେଖିବାକୁ ମିଳୁନାହିଁ। ଅନେକ ଶ୍ରମିକଙ୍କ କହିବା ଅନୁଯାୟୀ, ପ୍ରତିଦିନ ମାତ୍ର ୬୦ରୁ ୭୦ ଜଣ କାମକୁ ଆସୁଛନ୍ତି।

ସେହିପରି ପୌରପାଳିକାର କିଛି ସଫେଇ ଗାଡ଼ି ଅଚଳ ଥିବା ସତ୍ତ୍ୱେ କାଗଜପତ୍ରରେ ଚାଲୁ ଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ସ୍ଥାନୀୟ ସ୍ତରରେ ପର୍ଯ୍ୟାପ୍ତ ତଦାରଖ ନ ହେବାରୁ କାର୍ଯ୍ୟରେ ଅବ୍ୟବସ୍ଥା ଦେଖାଦେଇଥିବା ଚର୍ଚ୍ଚା ହେଉଛି।

ଯୋଡ଼ା ପୌରପାଳିକା ୧୪ଟି ୱାର୍ଡ ଥିବାବେଳେ ୧୪ଟି ଯାକ ୱାର୍ଡରେ ଅନାବନା ଗଛଲତା ଆବର୍ଜନା ଦୁର୍ଗନ୍ଧ ବାତାବରଣ ଦିନକୁଦିନ ବଢ଼ି ଥିବା ବେଳେ ଏହାପ୍ରତି ଯୋଡ଼ା ନଗରନିଗମ ବା ଯୋଡ଼ା ଇଓଙ୍କର ମଧ୍ୟ କୌଣସି ପ୍ରତିକ୍ରିୟା ନଥିବା ଜଣାପଡିଛି ।

ଏହି ପରିସ୍ଥିତି ଜାରି ରହିଲେ ଆଗାମୀ ଦିନରେ ଡେଙ୍ଗୁ, ମ୍ୟାଲେରିଆ ସମେତ ବିଭିନ୍ନ ଚର୍ମରୋଗ ବ୍ୟାପିବାର ଆଶଙ୍କା ରହିଥିବା ବେଳେ, ଯୋଡ଼ାବାସୀ ତୁରନ୍ତ ପରିମଳ ବ୍ୟବସ୍ଥାର ସୁଧାର ଓ ସ୍ୱଚ୍ଛତା କାର୍ଯ୍ୟର ସ୍ୱଚ୍ଛ ତଦନ୍ତ ଦାବି କରିଛନ୍ତି।

## ମା' ବିଡ୍ରି ଠାକୁରାଣୀଙ୍କ ଭୋଗ ମଣ୍ଡପ ଶିଳାନ୍ୟାସ



ନବରଙ୍ଗପୁର/ଝରିଗାଁ,୧୭।୭ (ସଂଚାର ବ୍ୟୁରୋ)ଃ ଝରିଗାଁ ନିର୍ବାଚନ ମଣ୍ଡଳୀର ଧୋଡ୍ରା ପଞ୍ଚାୟତ ଅନ୍ତର୍ଗତ ଭାସ୍କେଲ ନଦୀ କୂଳରେ ଅବସ୍ଥିତ ଥିବା ଅଞ୍ଚଳର ଜଣେ ପ୍ରତ୍ୟକ୍ଷ ଦେବୀ ମା ବିଡ୍ରି ଠାକୁରାଣୀଙ୍କ ପୀଠରେ ଭୋଗ ମଣ୍ଡପ ନିର୍ମାଣ ପାଇଁ ଆଜି ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ଝରିଗାଁ ବିଧାୟକ ନରସିଂହ ଭତରା ଏବଂ ମାନ୍ୟବର ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ରହି ଏହି ଭିତ୍ତି ପ୍ରସ୍ତର ସ୍ଥାପନ କରି ଆସନ୍ତାକାଲି ଠାରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ନେଇ ସୂଚନା ଦେଇଛନ୍ତି। ମା' ଯେହେତୁ ଅଞ୍ଚଳର ଆରାଧ୍ୟ ଦେବୀ, ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ମାଙ୍କ ନିକଟକୁ ଅଧିଆ ପଡିବା ସହିତ ମା ଙ୍କ ପୀଠରେ ଭୋଗରାଗର ଆୟୋଜନ ମଧ୍ୟ କରିଥାନ୍ତି। ହେଲେ ଭୋଗ ମଣ୍ଡପ ନଥିବା ଯୋଗୁଁ ଅନେକ ସମୟରେ ଭକ୍ତ ଓ ଶ୍ରଦ୍ଧାଳୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦୃଷ୍ଟିଗୋଚର ହେଉଛି।

ଏସବୁ ଲକ୍ଷ୍ୟ କରି ସ୍ଥାନୀୟ ବିଧାୟକ ଓ ଶିକ୍ଷାମନ୍ତ୍ରୀ ମନ୍ଦିରର ଉନ୍ନତିକରଣ ପାଇଁ ଆଲୋଚନା କରିଥିଲେ। ପରେ ମନ୍ଦିରର ଉନ୍ନତି ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ କିପରି ମନ୍ଦିରର ଉନ୍ନତି ହୋଇପାରିବ ସେଥିପାଇଁ ଚିନ୍ତା କରିଥିଲେ। ଆଜି ଦଳୀୟ କର୍ମୀ ଓ କର୍ମକର୍ତ୍ତା ମାନଙ୍କୁ ସାଙ୍ଗରେ ଧରି ମନ୍ଦିର ପ୍ରାଙ୍ଗଣରେ ପହଂଚି ଭୋଗ ମଣ୍ଡପର ଭିତ୍ତି ପ୍ରସ୍ତର ସ୍ଥାପନ କରିବା ସହିତ ଶ୍ରଦ୍ଧାଳୁ ମାନଙ୍କୁ ନିଜସ୍ୱ ଇଚ୍ଛାରେ ଅନୁଦାନ ଦେବାକୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ଡିସି ଅଧ୍ୟକ୍ଷ ବାସନ୍ତୀ ମାଝୀ, ସାଂସଦ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ବିଧାୟକ ପ୍ରତିନିଧି ଗଣପତି ସାହୁ ସମେତ ସହ ବୁଦ୍ଧିଜୀବି ସମାଜ ସେବୀ ପ୍ରମୁଖ ଉପସ୍ଥିତ ଥିଲେ।

## ଲୋଚନ ସରକାରୀ ହାଇସ୍କୁଲ ଦର୍ଲିପାଲି ଜୁନିଅର ରେଡକ୍ରସ ପକ୍ଷରୁ ସେବା ଶିବିର

ସୁନ୍ଦରଗଡ଼,୧୭।୭ (ସଂଚାର ବ୍ୟୁରୋ)ଃ ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ଦର୍ଲିପାଲି ରଥଯାତ୍ରାରେ ଲୋଚନ ସରକାରୀ ହାଇସ୍କୁଲର ଜୁନିଅର ରେଡକ୍ରସ ୟୁନିଟ୍ ପକ୍ଷରୁ ଏକ ସେବା ଶିବିର ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ସ୍କୁଲର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ପଟେଲଙ୍କ ସହଯୋଗ ଓ ଜେ.ଆର.ସି. କାଉନସିଲର ଶ୍ରୀମତୀ ବିଜୟଲକ୍ଷ୍ମୀ



ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୬ଜଣ ଛାତ୍ରଛାତ୍ରୀ ସ୍ୱେଚ୍ଛାସେବୀ ଶ୍ରଦ୍ଧାଳୁମାନଙ୍କୁ ବିଶୁଦ୍ଧ ଥଣ୍ଡା ପିଇବା ପାଣି ବଣ୍ଟନ କରିବା ସହ ଜରୁରୀକାଳୀନ ପ୍ରାଥମିକ ଚିକିତ୍ସା ଏବଂ ବୟସ୍କମାନଙ୍କୁ ଯାତାୟାତରେ ସହାୟତା କରିଥିଲେ। ପିଲାମାନଙ୍କର ଏହି ନିଷ୍ଠାପର "ମାନବ ସେବା" ପାଇଁ ସ୍ୱେଚ୍ଛାସେବୀଙ୍କୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

## ଜୟପୁର-ନବରଙ୍ଗପୁର ନୂଆ ରେଳପଥ ପାଇଁ ଜମି ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ

ବୋରିଗୁମ୍ମା,୧୭।୭ (ସଂଚାର ବ୍ୟୁରୋ)ଃ ଜୟପୁର-ନବରଙ୍ଗପୁର ନୂତନ ରେଳପଥ ପ୍ରକଳ୍ପ ନିମନ୍ତେ ସର୍ଭେ କାର୍ଯ୍ୟ ପରେ ଜମି ଅଧିଗ୍ରହଣ ପ୍ରକ୍ରିୟା ପ୍ରାୟ ଶେଷ ହୋଇଥିବା ବେଳେ, ଏବେ ପ୍ରଶାସନ ଅଧିଗ୍ରହଣ ଜମି କୁ ରେଲୱେ ବିଭାଗ କୁ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ କରିଛି।ବୋରିଗୁମ୍ମା ତହସିଲ ଅନ୍ତର୍ଗତ ବରଗାଁ ଓ ଆଉଁଳି ମୌଜା ର ମୋଟ ୩୦.୪୧୦ ଏକର ଜମି ରେଳ ବିଭାଗକୁ ହସ୍ତାନ୍ତର କରାଯାଇଛି। ଯେଉଁଠି ଜମି ଅଧିଗ୍ରହଣ ହୋଇଛି, ସେହି ସ୍ଥାନରେ ବୋରିଗୁମ୍ମା ତହସିଲଦାର ଶୋଭନ କୁମାର ବେହେରା ବରଗାଁ ଓ ଆଉଁଳି ମୌଜାର ମୋଟ ୩୦.୪୧୦ ଏକର ଜମିର କାଗଜପତ୍ର ରେଲୱେ ବିଭାଗର ଅଧିକାରୀ ଏସଏସଇ ରାୟଗଡ଼ା ସାଇ ରାମକ୍ରିଷ୍ଣା ଙ୍କୁ ହସ୍ତାନ୍ତର କରିଥିଲେ। ସେଥି ମଧ୍ୟରୁ ବରଗାଁ ମୌଜାର ୧୦.୯୭୧ ଏକର



ଜମି ଅଧିଗ୍ରହଣ କରାଯାଇଥିବା ବେଳେ ଜମି ହରାଇଥିବା ୧୯ଟି ପରିବାରଙ୍କୁ ମୋଟ ଏକ କୋଟି ୪୨ ଲକ୍ଷ ୫୫ ହଜାର ୯୪୦ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଭାବେ ଆଉଁଳି ମୌଜାରେ ୧୯.୪୩୯ ଏକର ଜମି ଅଧିଗ୍ରହଣ କରାଯାଇଥିବା ବେଳେ ଜମି ହରାଇଥିବା ୩୪ ଜଣଙ୍କୁ ମଧ୍ୟରୁ ୩୦ ଜଣ ପରିବାର ଙ୍କୁ ୧ କୋଟି ୩୨ ଲକ୍ଷ ୭୭ ହଜାର ୭୨୨ ଟଙ୍କା ପ୍ରଦାନ କରାଯାଇଛି ବୋଲି ତହସିଲଦାର ଶୋଭନ କୁମାର ବେହେରା ସୂଚନା ଦେଇଛନ୍ତି।

## ମାଲକାନଗିରିରେ ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ ବୈଠକ

### ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର ସମୀକ୍ଷା କଲେ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ

ମାଲକାନଗିରି,୧୭।୭ (ସଂଚାର ବ୍ୟୁରୋ)ଃ ମାଲକାନଗିରି ଜିଲ୍ଲାରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ସମୃଦ୍ଧ କରିବା ପାଇଁ ଆଜି ମାଥିଲି ବ୍ଲକ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ ସମୀକ୍ଷା ବୈଠକ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ (ଇଲେକ୍ଟୋରାଲ ରୋଲ ଅବଜରଭର) ମହମ୍ମଦ ସାଦିକ ଆଲାମ ଜିଲ୍ଲାର ପ୍ରଥମ ଗସ୍ତ ସୂଚୀରେ ଭୋଟର ତାଲିକାରେ ଚାଲିଥିବା ସଂଶୋଧନ କାର୍ଯ୍ୟର ବିଧିବଦ୍ଧ ତଦାରଖ କରିଥିଲେ।





ବୈଠକରେ ଉପସ୍ଥିତ ସମସ୍ତ ଅଧିକାରୀ ଓ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ସମ୍ବୋଧିତ କରି ମହମ୍ମଦ ସାଦିକ ଆଲାମ କହିଛନ୍ତି, ଏକ ସୁଦୃଢ଼ ଗଣତନ୍ତ୍ର ଗଠନ ପାଇଁ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବା ଜରୁରୀ ଏବଂ ଏହି ପ୍ରକ୍ରିୟାରେ କୌଣସି ପ୍ରକାର ତ୍ରୁଟିକୁ ବରଦାସ୍ତ କରାଯିବ ନାହିଁ, ତେଣୁ ସମସ୍ତ ଅଧିକାରୀ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ନିଷ୍ଠାର ସହ କାର୍ଯ୍ୟ କରିବା ଉଚିତ |

ଏହି ଅବସରରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର କୋଣ ଅନୁକୋଣରେ ଥିବା ଯୋଗ୍ୟ ଭୋଟରଙ୍କୁ ଯୋଡ଼ିବା ଏବଂ ମୃତ କିମ୍ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦେବା ପାଇଁ ପ୍ରଶାସନ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛି ଏବଂ ଆମେ ଏକ ସମ୍ପୂର୍ଣ୍ଣ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରିବାକୁ ପ୍ରତିବଦ୍ଧ।

ଆସନ୍ତା ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ନାଗରିକମାନେ ନୂତନ ନାମ ପଞ୍ଜୀକରଣ ପାଇଁ ଫର୍ମ-୬, ନାମ ବାଦ୍ ଦେବା ପାଇଁ ଫର୍ମ-୭ ଏବଂ ତ୍ରୁଟି ସଂଶୋଧନ ପାଇଁ ଫର୍ମ-୮ ମାଧ୍ୟମରେ ଆବେଦନ କରିପାରିବେ ବୋଲି ବୈଠକରେ ସମସ୍ତଙ୍କୁ ସଚେତନ କରାଯାଇଛି ।



## ପଞ୍ଚଭୂତରେ ଲୀନହେଲେ ସୁନ୍ଦରଗଡ଼ ଶୋମ୍ୟାନ ଭୂପେନ ଅମାତ

ସୁନ୍ଦରଗଡ଼,୧୭।୭ (ସଂଚାର ବ୍ୟୁରୋ)ଃ ସୁନ୍ଦରଗଡ଼ କଳାଜଗତର ଆଗଧାଡ଼ିର ଜଣେ ଜଣାଶୁଣା ଅଭିନେତା, ନିର୍ଦ୍ଦେଶକ ଭୂପେନ ଅମାତଙ୍କ ଗତକାଲି ଭୁବନେଶ୍ୱର ଠାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ତାଙ୍କ ପ୍ରଚେଷ୍ଟାରେ ୧୯୯୩ରେ ସାଂସ୍କୃତିକ ଅନୁଷ୍ଠାନ "ସୁର"ର ପ୍ରତିଷ୍ଠା ହୋଇଥିଲା। ସ୍ୱର୍ଗୀୟ ଅମାତ ଏହାର ସଭାପତି ଦାୟିତ୍ୱ ତୁଲାଇଥିଲେ। ଏହି ଅନୁଷ୍ଠାନ ମାଧ୍ୟମରେ ସେ ସୁନ୍ଦରଗଡ଼ ଓ ଆଖପାଖ ଅଞ୍ଚଳର ଅନେକ ପ୍ରତିଭାଙ୍କୁ ସୁଯୋଗ ଦେଇ ବିଭିନ୍ନ କଳାକ୍ଷେତ୍ରରେ ପ୍ରତିଷ୍ଠିତ କରେଇ ପାରିଛନ୍ତି। ସେଥିପାଇଁ ସେ ସୁନ୍ଦରଗଡ଼ କଳାଜଗତର ଶୋମ୍ୟାନ ଭାବେ ପରିଚିତ।

ତାଙ୍କର ପରଲୋକରେ କଳାଜଗତରେ ଏକ ଅପୂରଣୀୟ କ୍ଷତି ଘଟିଛି। ଆଜି ତାଙ୍କର ମରଶରୀର ସୁନ୍ଦରଗଡ଼ ପହଂଚିବା ପରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ,ଆଜି ଶୋକାକୁଳ ପରିବେଶ ଭିତରେ ଭୋଜପୁର ସ୍ୱର୍ଗଦ୍ୱାର ଠାରେ ତାଙ୍କର ମରଶରୀରର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ଶୋଚନୀୟ ଅବସ୍ଥାରେ ପାଷ୍ଟିକୁଡ଼ି-ପିପୋଲଭାଡ଼ି ରାସ୍ତା

### ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ





କଳାହାଣ୍ଡି,୧୭।୭ (ସଂଚାର ବ୍ୟୁରୋ)ଃ କଳାହାଣ୍ଡି ଜିଲ୍ଲାର କେସିଙ୍ଗା ବ୍ଲକ ଅନ୍ତର୍ଗତ ପାଷ୍ଟିକୁଡ଼ି ଛକ ଠାରୁ ପିପୋଲଭାଡ଼ି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଏବଂ ପାଷ୍ଟିକୁଡ଼ି ଠାରୁ ଭାୟା ଠେମରା- ପୂଜୁଗୁଡ଼ା ଦେଇ ନାଶିଗାଁ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ପ୍ରାୟ ସାତ ବର୍ଷ ତଳେ ନିର୍ମାଣ କରାଯାଇଥିଲା। ମାତ୍ର ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଯେ, ଏହି ରାସ୍ତାଗୁଡ଼ିକ ଆଜି ସମ୍ପୂର୍ଣ୍ଣ ଭାବେ ଜରାଜୀର୍ଣ୍ଣ ହୋଇପଡ଼ିଛି। ବଡ଼ ବଡ଼ ଖାଲ ସାଙ୍ଗକୁ ବର୍ଷାଦିନେ ପାଣି ଜମି ରହିବା ଯୋଗୁଁ ସାଧାରଣ ଲୋକଙ୍କ ପାଇଁ ଯାତାୟାତ ଅତ୍ୟନ୍ତ ବିପଦଜନକ ହୋଇପଡ଼ିଛି।

ପ୍ରତିଦିନ ଏହି ରାସ୍ତା ଦେଇ ଶହ ଶହ ଛାତ୍ରଛାତ୍ରୀ, କୃଷକ, ଶ୍ରମିକ, ସରକାରୀ କର୍ମଚାରୀ, ବ୍ୟବସାୟୀ, ରୋଗୀ ଏବଂ ସାଧାରଣ ଲୋକ ଯାତାୟାତ କରୁଛନ୍ତି। ରାସ୍ତାର ଦୟନୀୟ ଅବସ୍ଥା ଯୋଗୁଁ ଦୁଇଚକିଆ ଓ ଚାରିଚକିଆ ଯାନ ଚଳାଚଳ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ହୋଇପଡ଼ିଛି। ଅନେକ ସମୟରେ ଲୋକମାନେ ଖାଲରେ ପଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି। କେହି କେହି ଗୁରୁତର ଆହତ ହେଉଥିବା ବେଳେ ଅନେକ ଗାଡ଼ି ମଧ୍ୟ କ୍ଷତିଗ୍ରସ୍ତ ହେଉଛି। ବିଶେଷକରି ବର୍ଷା ଋତୁରେ ରାସ୍ତାର ପ୍ରକୃତ ଅବସ୍ଥା ଜଣାପଡୁ ନଥିବାରୁ ଦୁର୍ଘଟଣାର ଆଶଙ୍କା ବହୁଗୁଣ ବଢ଼ିଯାଉଛି।

ସ୍ଥାନୀୟ ଲୋକମାନେ ଏନେଇ ବାରମ୍ବାର ଆର୍‌ଡି ବିଭାଗର ସମ୍ପୃକ୍ତ ଅଧିକାରୀମାନଙ୍କୁ ଅନେକ ଥର ଜଣାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯାଇନାହିଁ। କେବଳ ଆଶ୍ୱାସନ ଦିଆଯାଉଛି, କିନ୍ତୁ ବାସ୍ତବରେ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହେଉନାହିଁ। ଏହା ଫଳରେ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି।

ଏହି ରାସ୍ତା କେବଳ ପାଷ୍ଟିକୁଡ଼ି ଗ୍ରାମ ପାଇଁ ନୁହେଁ, ବରଂ ପିପୋଲଭାଡ଼ି, ଠେମରା, ପୂଜୁଗୁଡ଼ା, ନାଶିଗାଁ ସମେତ ଅନେକ ଗ୍ରାମର ଲୋକଙ୍କ ପାଇଁ ଏକ ପ୍ରମୁଖ ଯୋଗାଯୋଗ ମାର୍ଗ। ରାସ୍ତା ଖରାପ ଥିବାରୁ ରୋଗୀଙ୍କୁ ହସ୍ପିଟାଲ ନେବା, ଛାତ୍ରଛାତ୍ରୀଙ୍କ ବିଦ୍ୟାଳୟ ଯିବା, କୃଷିଜାତ ଦ୍ରବ୍ୟ ବଜାରକୁ ପହଞ୍ଚାଇବା ଏବଂ ଦୈନନ୍ଦିନ ଜୀବନର ସମସ୍ତ କାର୍ଯ୍ୟ ବହୁତ ପ୍ରଭାବିତ ହେଉଛି।

ସରକାର ଗ୍ରାମାଞ୍ଚଳର ବିକାଶ ଏବଂ ଉନ୍ନତ ଯୋଗାଯୋଗ ବ୍ୟବସ୍ଥା ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ, ମାତ୍ର ଦୁଇ ବର୍ଷ ମଧ୍ୟରେ ଏଭଳି ରାସ୍ତା ଭାଙ୍ଗିଯିବା ଅତ୍ୟନ୍ତ ଦୁଃଖଦ ଓ ଚିନ୍ତାଜନକ। ତେଣୁ ଜନସାଧାରଣଙ୍କ ସୁବିଧା ପାଇଁ ଶୀଘ୍ର ରାସ୍ତାକୁ ଚଳାଚଳ ଉପଯୋଗୀ କରାଯିବାକୁ ଦାବି ହେଉଛି।

## ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ

ଖୋର୍ଦ୍ଧା,୧୭।୭ (ସଂଚାର ବ୍ୟୁରୋ)ଃ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସର ମଧ୍ୟରେ ଚାରା ରୋପଣ କରାଯାଇଛି। ବିଦ୍ୟାଳୟର





ଅଧ୍ୟକ୍ଷ ମାଧବ ଚନ୍ଦ୍ର ରାଉତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅପା ଓ ଭାଇ ମାନଙ୍କ ସହଯୋଗରେ ବିଭିନ୍ନ ଔଷଧୀୟ ବୃକ୍ଷ ହରିଡ଼ା, ଅଁଳା, ଅଗସ୍ତି, ବ୍ରହ୍ମଯଷ୍ଟି ସହ କଦମ୍ବ, ପଳାସ ଆଦି ବୃକ୍ଷ ରୋପଣ କରାଯାଇଛି।

ଏଥିରେ ବିଦ୍ୟାଳୟର ମନୋଜ କୁମାର ମହାପାତ୍ର, ଶାଶ୍ୱତୀ ରାଉତରାୟ, ଦିପ୍ତିମୟୀ ସାହୁ, ସାଗରିକା ଦାସ, ସରୋଜିନୀ ସାହୁ, ବିଶ୍ୱଜିତ ସାହୁ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ବୃକ୍ଷ ରୋପଣର ଉପକାରିତା ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।

# ବିଜେପି କାର୍ଯ୍ୟାଳୟରେ ବଡ଼ ଧରଣର ମିଶ୍ରଣ ପର୍ବ

## ମ୍ୟୁନିସିପାଲିଟି ଅଧ୍ୟକ୍ଷା, ଉପାଧ୍ୟକ୍ଷ ଓ ଏନ୍ଏସି ଅଧ୍ୟକ୍ଷ, ଉପାଧ୍ୟକ୍ଷା ସାମିଲ୍



ଭୁବନେଶ୍ୱର,୧୭।୭(ସଂଚାର ବ୍ୟୁରୋ): ବିଜେପିର ବିଚାରଧାରାରେ ଅନୁପ୍ରାଣିତ ହୋଇ ଏବଂ ରାଜ୍ୟରେ ଡବଲଇଞ୍ଜିନ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ଆସ୍ଥା ପ୍ରକଟ କରି ଆଜି ରାୟଗଡ଼ା ଜିଲ୍ଲା ଅନ୍ତର୍ଗତ ଗୁଣୁପୁର ମ୍ୟୁନିସିପାଲିଟି ଅଧ୍ୟକ୍ଷା ମମତା ଗୌଡ଼, ଉପାଧ୍ୟକ୍ଷ ଶିବପ୍ରସାଦ ଗୌଡଙ୍କ ସମେତ ୧୦ ଜଣ କାଉନସିଲର, ଗୁଣୁପୁର ବ୍ଲକ ଅଧ୍ୟକ୍ଷା ଝିଲି ଶବର, ଉପାଧ୍ୟକ୍ଷ ସୁଦର୍ଶନ ଶବର, ଗୁଡାରୀ ବ୍ଲକ୍ ଅଧ୍ୟକ୍ଷ ବିଶ୍ୱନାଥ ଶବର, ନୂଆପଡ଼ା ଜିଲ୍ଲା ଖରିଆର ଏନଏସିର ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା, ଉପାଧ୍ୟକ୍ଷ ଶକୁନ୍ତଳା ରାଉତଙ୍କ ସମେତ ୭ ଜଣ କାଉନସିଲର, ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ମ୍ୟୁନିସିପାଲିଟିର ପୂର୍ବତନ ଅଧ୍ୟକ୍ଷ ଓ ପୂର୍ବତନ ସଭାପତି ଜୟନ୍ତ କୁମାର ଦୀକ୍ଷିତଙ୍କ ସମେତ ଶତାଧିକ ନେତୃବୃନ୍ଦ ଓ କର୍ମୀ ବିଜେଡି ଛାଡ଼ି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି।

ଏହି ଅବସରରେ ରାଜ୍ୟସଭା ସାଂସଦ ତଥା ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି ଯେ ବିଜେପି ଏକ କାର୍ଯ୍ୟକର୍ତ୍ତା ଆଧାରିତ ଦଳ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ବିଜେପି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ ହୋଇପାରିଛି। ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ପାଇଁ ସେ ଯେଉଁ ପ୍ରୟାସ ଜାରି ରଖିଛନ୍ତି, ସେଥିରେ ଓଡ଼ିଶାର ସର୍ବାଧିକ ଭାଗିଦାରୀ ରହିବ। ଏହି ଯୋଗଦାନ ଦ୍ୱାରା ରାଜ୍ୟରେ ବିଜେପି ସଂଗଠନ ଆହୁରି ମଜଭୁତ ହୋଇଛି ବୋଲି ସେ କହିଛନ୍ତି। ସେହିପରି ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ବିଜେପି ପରିବାର ଦିନକୁ ଦିନ ବଢ଼ିଚାଲିଛି। ବିଜେପି ସରକାର ଓଡ଼ିଶାର ବିକାଶ ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ସମାଜର ଶେଷ ସୋପାନରେ ରହୁଥିବା ବ୍ୟକ୍ତି ପାଖରେ ଯେପରି ସବୁ ସୁବିଧା ପହଞ୍ଚିପାରିବ ସେନେଇ ବିଜେପି ସରକାର କାମ କରୁଛି। ଏହି ଅବସରରେ ଶ୍ରୀ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଉତ୍ତରୀୟ ପ୍ରଦାନ କରିବା ସହ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରିଛନ୍ତି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, କଳାହାଣ୍ଡି ସାଂସଦ ମାଳବିକା ଦେବୀ, ରାଜ୍ୟ ଉପସଭାପତି ରମେଶ ସାହୁ, ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ ଓ ପୂର୍ଣ୍ଣିମା ନାୟକ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ରାଜ୍ୟ ସମ୍ପାଦକ ସରୋଜ କର, କୋରାପୁଟ ସାଂସଦ ପ୍ରାର୍ଥୀ କାଳିରାମ ମାଝୀ, ରାୟଗଡ଼ା ଜିଲ୍ଲା ସଭାପତି ଗୋପୀ ଆନନ୍ଦ, ନୂଆପଡ଼ା ଜିଲ୍ଲା ସଭାପତି କମଳେଶ ଦୀକ୍ଷିତ, ଝାରସୁଗୁଡ଼ା ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା, ଖରିଆର ରୋଡ ଏନଏସି ଅଧ୍ୟକ୍ଷା ଡ. ସୋନିଆ ଗୋଲ୍ଟି ଅଗ୍ରୱାଲ ଉପସ୍ଥିତ ଥିଲେ।

## ଉଛୁଳିଲା ସାପୁଆ

# ୧୦ରୁ ଉର୍ଦ୍ଧ୍ୱ ଗାଁ ଜଳବନ୍ଦୀ

ଆଠଗଡ଼, ୧୭।୭ (ସଂଚାର ବ୍ୟୁରୋ) : : ଲଗାଣ ବର୍ଷା ରେ ଉଛୁଳିଲା ସାପୁଆ ନଦୀ। ଆଠଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ସହିତ ଶତାଧିକ ଏକର ଜମି ଜଳମଗ୍ନ।ଲଘୁଚାପ ଜନିତ ଲଗାଣ ବର୍ଷାରେ ସାପୁଆ ନଦୀ ସହିତ ବେଙ୍ଗା, କଣ୍ଟିଆ, ରମ୍ଭାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ୧୦ରୁ ଉର୍ଦ୍ଧ୍ୱ ଗାଁ ଜଳବନ୍ଦୀ । ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ୩ ନମ୍ବର ୱାର୍ଡ ଗଦାସାହି ସହିତ ଆଠଗଡ ବ୍ଲକ କୁଲାଇଲୋ ପଞ୍ଚାୟତର କରକମଲ, ଇଚ୍ଛାପୁର ପଞ୍ଚାୟତର ଇଚ୍ଛାପୁର, ଗୁଡୁପଡା, ମୁକ୍ତାଦେଇପୁର, ମହାକାଳବସ୍ତ ପଞ୍ଚାୟତର ହରିପୁର, ଦହିସରା, ସମସରପୁର ପଞ୍ଚାୟତକୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ । ପ୍ରଶାସନ ପକ୍ଷରୁ ବିପନ୍ନଙ୍କୁ ଉଦ୍ଧାର ସହିତ ଉଭୟ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ବଣ୍ଟନ ବ୍ୟବସ୍ଥା କରାଯାଇଛି । ନଦୀବନ୍ଧ ଉଛୁଳି ନଦୀ କୂଳରେ ଥିବା ଏକାଧିକ ଗାଁର ଶତାଧିକ ଏକର ଜମି ଜଳମଗ୍ନ ହୋଇପଡିଛି । ସାପୁଆ ନଦୀ କୂଳରେ ଥିବା ଇଚ୍ଛାପୁର, ସମସରପୁର, ସଠିଲୋ, ବେଣ୍ଟପଦା, ମହାକାଳବସ୍ତ, ରାଜନଗର ଆଦି ପଞ୍ଚାୟତର ଗହୀରରେ ପାଣି ପଶିଯାଇ ଶତାଧିକ ଏକର ଜମି ଜଳମଗ୍ନ ହୋଇପଡିଛି । ସେହିପରି ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ୩ ନଂ ୱାର୍ଡର ରଜକସାହି, ମୁସଲମାନ ବସ୍ତି ଆଦିରେ ପାଣି ପଶିଛି । ୩ ନଂ ୱାର୍ଡ ନବଗ୍ରହ ମନ୍ଦିର ଠାରେ ୩ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଛି । ସେହିପରି ଯୋରନ୍ଦା ହରିପୁର, ତରଡିଙ୍ଗ, ଦହିସରା, ମାନପୁର, ବେଣ୍ଟପଦା ରାଜନଗର ତଇଲାମାଳ ମୌଜାର ଗହୀର ବନ୍ୟା ପାଣିରେ ବୁଡିଯାଇ ବ୍ୟାପକ ପରିବା ଫସଲ ସହିତ ଧାନ ତଳି ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି ।

# ଡିଜିଟାଲ୍ ପ୍ଲାଟଫର୍ମରେ ହେବ ଜନଗଣନା

## ସବୁ ବିଭାଗକୁ ସରକାରଙ୍କ ଚିଠି

ଭୁବନେଶ୍ୱର,୧୭।୭(ସଂଚାର ବ୍ୟୁରୋ): ଜନଗଣନା-୨୦୨୭କୁ ଦୃଷ୍ଟିରେ ରଖି ଓଡ଼ିଶାରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ୍ (ଡିସିଏଚ୍‌ବି) ପ୍ରସ୍ତୁତି ପାଇଁ ଆବଶ୍ୟକ ଗ୍ରାମ ଓ ସହର ନିର୍ଦ୍ଦେଶିକା ସମ୍ବନ୍ଧୀୟ ତଥ୍ୟ ସଂଗ୍ରହରେ ସମସ୍ତ ବିଭାଗ ଓ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲା ପରିଷଦର ସିଡିଓ ତଥା ଇଓ ଏବଂ ବ୍ଲକ୍ ଉନ୍ନୟନ ଅଧିକାରୀ (ବିଡିଓ)ମାନଙ୍କୁ ଚିଠି ଜାରି କରାଯାଇଛି । ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସ୍ୱତନ୍ତ୍ର ସଚିବ ସୂର୍ଯ୍ୟ ନାରାୟଣ ଦାଶ ଜାରି କରିଥିବା ଏହି ନିର୍ଦ୍ଦେଶରେ କୁହାଯାଇଛି ଯେ ଭାରତ ସରକାରଙ୍କ ଜନଗଣନା ପରିଚାଳନା ଓ ନାଗରିକ ପଞ୍ଜୀକରଣ ନିର୍ଦ୍ଦେଶକଙ୍କ ଅନୁରୋଧ କ୍ରମେ ଏହି ତଥ୍ୟ ସଂଗ୍ରହ କାର୍ଯ୍ୟ ଆରମ୍ଭ ହେଉଛି। ତେଣୁ ଅଧୀନସ୍ଥ ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କୁ ଏହି କାର୍ଯ୍ୟ ସମ୍ପର୍କରେ ସଚେତନ କରିବା ସହ ଜନଗଣନା କର୍ତ୍ତୃପକ୍ଷ ଆବଶ୍ୟକ ପଡ଼ିଲେ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ କୁହାଯାଇଛି।

ଜନଗଣନା ବିଭାଗ ସୂଚନା ଦେଇଛି ଯେ ଡିଷ୍ଟ୍ରିକ୍ଟ ସେନ୍‌ସସ୍ ହ୍ୟାଣ୍ଡବୁକ୍ ହେଉଛି ଜନଗଣନାର ଏକ ପ୍ରମୁଖ ପ୍ରକାଶନ। ଏଥିରେ ପ୍ରତ୍ୟେକ ଗାଁ ଓ ସହର ସମ୍ବନ୍ଧୀୟ ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟାଙ୍କିଂ, ପରିବହନ, ଯୋଗାଯୋଗ, ପରିମଳ ବ୍ୟବସ୍ଥା, ନାଗରିକ ସୁବିଧା ଓ ଅନ୍ୟାନ୍ୟ ସାମାଜିକ-ଆର୍ଥିକ ସୂଚନା ସ୍ଥାନ ପାଇଥାଏ। ଏହି ତଥ୍ୟ ସରକାରୀ ଯୋଜନା ପ୍ରସ୍ତୁତି, ପ୍ରଶାସନିକ କାର୍ଯ୍ୟ, ଗବେଷଣା ଓ ନୀତି ନିର୍ଦ୍ଧାରଣରେ ଗୁରୁତ୍ୱପୂର୍ଣ୍ଣ ଆଧାର ଭାବେ ବ୍ୟବହୃତ ହୁଏ। ଜନଗଣନା-୨୦୨୭ ପାଇଁ ଗ୍ରାମ ଓ ସହର ନିର୍ଦ୍ଦେଶିକା ତଥ୍ୟ ଡିଜିଟାଲ୍ ପ୍ଲାଟଫର୍ମ ଓ ମୋବାଇଲ୍ ଆପ୍ ମାଧ୍ୟମରେ ସଂଗ୍ରହ କରାଯିବ। ଏଥିପାଇଁ ୩୧ ଡିସେମ୍ବର ୨୦୨୫କୁ ରେଫରେନ୍ସ ତାରିଖ ଭାବେ ଧାର୍ଯ୍ୟ କରାଯାଇଛି। ଗ୍ରାମ ଓ ସହରରେ ଉପଲବ୍ଧ ବିଭିନ୍ନ ସରକାରୀ ସୁବିଧା ଓ ସେବା ସମ୍ବନ୍ଧୀୟ ବିସ୍ତୃତ ତଥ୍ୟ ସଂଗ୍ରହ ଓ ଯାଞ୍ଚ କରାଯିବ। କ୍ଷେତ୍ର ସ୍ତରରେ ତଥ୍ୟ ସଂଗ୍ରହ ଓ ସତ୍ୟାପନର ଦାୟିତ୍ୱ ମୁଖ୍ୟତଃ ରାଜସ୍ୱ ବିଭାଗ ଓ ନିଯୁକ୍ତ ଚାର୍ଜ ଅଫିସରମାନଙ୍କ ଉପରେ ରହିବ।

# ବେଆଇନ କ୍ଲିନିକରେ ଚଢ଼ାଉ, ୫ ଗିରଫ



ହିନ୍ଦୋଳ,୧୭।୭(ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲା ରାସୋଳ ଥାନା ବେଡ଼ାପଡ଼ା ଗ୍ରାମରେ ଏକ ଭଡ଼ା ଘରେ ଚାଲିଥିବା ବେଆଇନ କ୍ଲିନିକ୍ ଉପରେ ଚଢ଼ାଉ କରାଯାଇଛି। ଉକ୍ତ କ୍ଲିନିକରେ ଲିଙ୍ଗ ନିରୂପଣ କରାଯାଉଥିବା ଅଭିଯୋଗ ହୋଇଥିଲା। ଏହି ଚଢ଼ାଉରେ ପୁଲିସ୍ ୫ ଜଣଙ୍କୁ ଗିରଫ କରିଛି। ମିଳିଥିବା ସୂଚନାନୁସାରେ, ଢେଙ୍କାନାଳ ଜିଲ୍ଲା ରାସୋଳ ଥାନା ବେଡ଼ାପଡ଼ା ଗ୍ରାମରେ ଏକ ଭଡ଼ା ଘରେ ଚାଲିଥିଲା ବେଆଇନ କ୍ଲିନିକ। ସେଠାରେ ଲିଙ୍ଗ ନିରୂପଣ କରାଯାଉଥିବା ଅଭିଯୋଗ ହେବା ପରେ ରାସୋଳ ଓ ମୋଟଙ୍ଗା ଥାନା ମିଳିତ ଭାବେ ଚଢ଼ାଉ କରିଥିଲା। ବେଡ଼ାପଡ଼ା ଗ୍ରାମରେ ଉକ୍ତ କ୍ଲିନିକ୍‌ଟି ଭଡ଼ା ଘରେ ଦୀର୍ଘଦିନ ହେବ ଚାଲୁଥିଲା। ତେବେ ଚଢ଼ାଉ ସମୟରେ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି କ୍ଲିନିକରେ ଆହୁରି ଅନେକ ମୁଷ୍ଟିମେୟ ଲୋକଙ୍କ ସମ୍ପୃକ୍ତି ଥିବା ନେଇ ପୁଲିସ ସନ୍ଦେହ କରୁଛି। କଟକ ଜିଲ୍ଲା ପାଞ୍ଚଗାଁ ଅଞ୍ଚଳରୁ ଜଣେ, ପରଜଙ୍ଗ ବ୍ଲକ କୁମୁସୀ ଅଞ୍ଚଳରୁ ଜଣେ ଓ ଚାନ୍ଦପୁର ଅଞ୍ଚଳରୁ ଦୁଇ ଜଣଙ୍କ ସହ ଜଣେ ଗାଡ଼ି ଚାଳକଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। କ୍ଲିନିକରେ ବ୍ୟବହୃତ ଅଲଟ୍ରାସାଉଣ୍ଡ ମେସିନକୁ ମଧ୍ୟ ଜବତ କରି ରାସୋଳ ପୁଲିସ ଏହାକୁ ନିଜ ହେପାଜତକୁ ନେଇଥିବା ଜଣାପଡ଼ିଛି।

## ● ବିୟୁଟି ମହାନ୍ତି ମୃତ୍ୟୁ ମାମଲା

# ମିଳିଲା ଡିଜିଟାଲ ପ୍ରମାଣ, ତଥାପି ରହସ୍ୟ



କଟକ,୧୭।୭(ସଂଚାର ବ୍ୟୁରୋ): କଟକ ଚାଉଳିଆଗଞ୍ଜ ଥାନାର ପୂର୍ବତନ ଆଇଆଇସି ବିୟୁଟି ମହାନ୍ତି ଆତ୍ମହତ୍ୟା ପଛର ସଠିକ୍ କାରଣ କ'ଣ, ତାହା ଏବେବି ରହସ୍ୟ ଘେରରେ। ତା'ର ଅର୍ଥ ନୁହେଁ ଯେ ପୁଲିସକୁ କିଛି ତଥ୍ୟ ବା ପ୍ରମାଣ ମିଳିନାହିଁ। ବିୟୁଟି ବ୍ୟବହାର କରୁଥିବା ଦୁଇଟି ମୋବାଇଲ ଫୋନରୁ କିଛିଟା ଡିଜିଟାଲ ଏଭିଡେନ୍ସ ମିଳିଛି। ଏହାର ସଠିକ୍ ଯାଞ୍ଚ କରିବା ଲାଗି ଜଣେ ଅତିରିକ୍ତ ଡିସିପିଙ୍କୁ ଦାୟିତ୍ୱ ଦିଆଯାଇଛି। ଘଟଣା ଦିନର କିଛି ଡିଜିଟାଲ ଡାଟା ମଧ୍ୟ ପୁଲିସର ହସ୍ତଗତ ହୋଇଛି, ଯାହାକୁ ଆଧାର କରି ଅନେକଙ୍କୁ ପଚରାଉଚରା କରାଯାଇଛି। ଏସବୁ ସତ୍ତ୍ୱେ ତଦନ୍ତ ଯେମିତି ଅଧୁରା ରହିଛି ଓ ପୁଲିସ କେବଳ ଏକ ଅପମୃତ୍ୟୁ ମାମଲାକୁ ଆଧାର କରି ଆଗକୁ ବଢ଼ୁଛି। ଚାଉଳିଆଗଞ୍ଜ ଥାନା ପରିସରରେ ଥିବା ଆଇଆଇସିଙ୍କ ରେଷ୍ଟ ରୁମ୍‌ରୁ ମିଳିଥିଲା ବିୟୁଟି ମହାନ୍ତିଙ୍କ ଝୁଲନ୍ତା ମୃତଦେହ। ତେଣୁ ଥାନାର ସମସ୍ତ କାଗଜପତ୍ର ସମେତ ଅନେକ ଡିଜିଟାଲ ଡାଟାକୁ ଯାଞ୍ଚ କରୁଛି ତଦନ୍ତକାରୀ ଟିମ୍। ଆର୍ଥିକ କାରବାରକୁ ନେଇ ବିବାଦରୁ ବିୟୁଟି ମହାନ୍ତିଙ୍କୁ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରି ବିୟୁଟିଙ୍କ ବ୍ୟାଙ୍କ ଡିଟେଲ୍ସ ମଗାଯାଇ ତା'ର ଅନାଲିସିସ କରାଯାଉଛି। କିନ୍ତୁ ସେଥିରୁ ଏବେ ସୁଦ୍ଧା କୌଣସି ବଳିଷ୍ଠ ପ୍ରମାଣ ମିଳିନାହିଁ। ତେଣୁ ତାଙ୍କ ପରିବାର ଲୋକଙ୍କ ସହାୟତା ଲୋଡ଼ିଛି ପୁଲିସ। ଯଦି କୌଣସି ସୂତ୍ରରୁ କିଛି ବି ସନ୍ଦେହଜନକ ତଥ୍ୟ ବା ପ୍ରମାଣ ମିଳିଲା, ତେବେ ତଦନ୍ତର ଦିଗ ବଦଳିବା ସହ ଅପମୃତ୍ୟୁ ମାମଲା ପରିବର୍ତ୍ତନ ହୋଇପାରିବ ବୋଲି ଡିସିପି ସୂଚନା ଦେଇଛନ୍ତି। ବିୟୁଟି ମହାନ୍ତି ଜଣେ ନିର୍ଭୀକ ଓ ସଚ୍ଚୋଟ ଅଫିସର ଥିଲେ ବୋଲି ତାଙ୍କ ବିଭାଗ ସ୍ୱୀକାର କରୁଛି। ତେଣେ ପୁଲିସ ବିଭାଗ ଉପରେ ପଡୁଥିବା ଅତ୍ୟଧିକ ଚାପ ତାଙ୍କ ମୃତ୍ୟୁର କାରଣ ବୋଲି ପୂର୍ବରୁ ଅଭିଯୋଗ କରିସାରିଛି ଓଡ଼ିଶା ପୁଲିସ ଆସୋସିଏସନ। ହେଲେ ଜଣେ ଦକ୍ଷ ପୁଲିସ ଅଫିସର ସମସ୍ତ ମାୟାମୋହକୁ ତୁଟାଇ କାହିଁକି ମୃତ୍ୟୁକୁ ଆପଣେଇବାକୁ ଉଚିତ ମନେ କଲେ, ତା'ର ରହସ୍ୟ ଭେଦ କରିବାରେ ଏବେ ସୁଦ୍ଧା ସଫଳ ହୋଇପାରିନାହିଁ ପୁଲିସ। ବିୟୁଟି ମହାନ୍ତି ମୃତ୍ୟୁ ମାମଲାର ତଦନ୍ତ ଲାଗି ଗଠିତ ହୋଇଛି ୩ଟି ତଦନ୍ତକାରୀ ଟିମ୍।

# ହାତୀଛୁଆର ମୃତ୍ୟୁ

ରିଆମାଳ, ୧୭।୭ (ସଂଚାର ବ୍ୟୁରୋ) : ଦେବଗଡ଼ ଜିଲା ରିଆମାଳ ବନାଞ୍ଚଳ ରେଙ୍ଗାଲବେଡ଼ା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ମହାସିନ୍ଧୁ ଗ୍ରାମ ଜଙ୍ଗଲରେ ଗୁରୁବାର ସନ୍ଧ୍ୟାରେ ଏକ ଅକାଳରେ ଜନ୍ମିତ ହାତୀ ଶାବକର ମୃତ୍ୟୁ ଘଟିଛି। ଗାଈ ଜଗୁଆଳି ତଥା ଗ୍ରାମବାସୀ ଏ ଘଟଣା ଜାଣିଲା ପରେ ବନ ବିଭାଗକୁ ଖବର ଦେଇଥିଲେ। ମୃତ



ହାତୀ ଶାବକକୁ ଗତ ଗୁରୁବାର ବନବିଭାଗ କର୍ମଚାରୀମାନେ ଜଗି ରହିଥିଲେ। ଶୁକ୍ରବାର ସକାଳେ ଡିଏଫ୍‌ଓ ରଶ୍ମି ଜୀ, ଏସିଏଫ୍ ସ୍ୱାଧୀନତା ସାହାଣୀ, ଏସିଏଫ୍ ଅରୁଣ କୁମାର ବେହେରା, ରେଞ୍ଜର ନିରଞ୍ଜନ ଧାରୁଆ, ଫରେଷ୍ଟର ସୁବାସ ଚନ୍ଦ୍ର ଦେହୁରୀ ଓ ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ରମାକାନ୍ତ ଶତପଥୀ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। କେମିତି ଅସମୟରେ ହାତୀ ଶାବକ ଜନ୍ମ ହୋଇ ମୃତ୍ୟୁ ଘଟିଲା ପୋଷ୍ଟମର୍ଟମ ରିପୋର୍ଟ ପରେ ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ● ପେନ୍‌ସନ୍ ପ୍ରଦାନରେ ବିଳମ୍ବ ମାମଲା

# ଦୁଇ ମାସ ମଧ୍ୟରେ ନିଷ୍ପତ୍ତି ନିଅ: ହାଇକୋର୍ଟ



କଟକ,୧୭।୭(ସଂଚାର ବ୍ୟୁରୋ): ପେନ୍‌ସନ୍ ପ୍ରଦାନରେ ବିଳମ୍ବକୁ ନେଇ ରୁଜୁ ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଆବେଦନକାରୀଙ୍କ ସ୍ମାରକପତ୍ର ଉପରେ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ସାନି ଏକ ସ୍ମାରକପତ୍ର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିବେ। ଏହି ସ୍ମାରକପତ୍ର ଉପରେ ଯୁକ୍ତିଯୁକ୍ତ କାରଣ ସହ ନିଷ୍ପତ୍ତି ନେବା ସହ ଏହାର ୧୦ ଦିନ ମଧ୍ୟରେ ଆବେଦନକାରୀଙ୍କୁ ଏ ସଂକ୍ରାନ୍ତରେ ଅବଗତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ତୁଷାରକାନ୍ତ ମହାନ୍ତିଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଆଦିତ୍ୟ କୁମାର ମହାପାତ୍ର ଉପରୋକ୍ତ ଆଦେଶ ଦେଇଛନ୍ତି। ଆବେଦନକାରୀ ୩୫ ବର୍ଷ ନିରବଚ୍ଛିନ୍ନ ଭାବେ ଚାକିରିରେ ରହିଥିଲା ବେଳେ ତାଙ୍କୁ ଅବସର ପରେ ପେନ୍‌ସନ୍ ଓ ଅନ୍ୟାନ୍ୟ ଅବସରକାଳୀନ ସୁବିଧା ମିଳିଲା ନାହିଁ। ଏନେଇ ସେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ତାଙ୍କ ଦାବି ପ୍ରତି କର୍ଣ୍ଣପାତ କରାଗଲା ନାହିଁ। ଫଳରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ତାଙ୍କୁ ପେନ୍‌ସନ୍ ଓ ଅନ୍ୟାନ୍ୟ ସୁବିଧା ପ୍ରଦାନ ଲାଗି ପ୍ରାର୍ଥନା କରିଥିଲେ। ହାଇକୋର୍ଟ ତାଙ୍କ ପ୍ରାର୍ଥନାକୁ ଗ୍ରହଣ କରି ଉପରୋକ୍ତ ଆଦେଶ ଦେଇଛନ୍ତି।

# ନାବାଳକକୁ ଉଲଗ୍ନ କରି ନିର୍ଘାତ ମାଡ଼

କଟକ, ୧୭।୭ (ସଂଚାର ବ୍ୟୁରୋ) : କଟକ ଚାଉଳିଆଗଞ୍ଜ ଅଞ୍ଚଳରେ ଜଣେ ନାବାଳକୁ ଉଲଗ୍ନ କରି ନିର୍ଘାତ ମାଡ଼ । କିଛି ଯୁବକ ଜଣେ ନାବାଳକ ସହ ଆଉ ଜଣଙ୍କୁ ଅଟକ ରଖି ଉଲଗ୍ନ କରିବା ସହ ନିସ୍ତୁକ ପିଟିଥିବା ଅଭିଯୋଗ ହୋଇଛି। ଏହାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ନାବାଳକଙ୍କ ପରିବାର ପକ୍ଷରୁ ଚାଉଳିଆଗଞ୍ଜ ଥାନାରେ ଏତଲା ହୋଇଛି। ମାଡ଼ମରା ଘଟଣା ଦୁଇ ଦିନ ତଳେ ଘଟିଥିଲା। କିନ୍ତୁ ନାବାଳକ ଜଣ ଏ ଘଟଣା ବିଷୟରେ ପରିବାର ଲୋକଙ୍କୁ କିଛି କହିନଥିଲା। ଭିଡିଓଟି ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପରିବାର ଲୋକେ ଘଟଣା ସମ୍ପର୍କରେ ଜାଣିବାକୁ ପାଇ, ଥାନାର ଦ୍ୱାରସ୍ଥ ହୋଇଛନ୍ତି। କଣ ପାଇଁ ମାଡ଼ ମରାଯାଇଛି ସେନେଇ କିଛି ସ୍ପଷ୍ଟ ହୋଇନି ।

# ଦୁଇ ଜିଲ୍ଲା କୋର୍ଟକୁ ବୋମାରେ ଉଡ଼ାଇଦେବାକୁ ଧମକ



ଝାରସୁଗୁଡ଼ା/ବାଲିକୁଦା, ୧୭।୭(ସଂଚାର ବ୍ୟୁରୋ): ଝାରସୁଗୁଡ଼ା ଜିଲ୍ଲା ଓ ଦୌରାଜଜ୍‌ଙ୍କ ଅଦାଲତ ଓ ଜଗତସିଂହପୁର ଜିଲ୍ଲା କୋର୍ଟ ପରିସରକୁ ବୋମା ମାଡ଼ କରି ଉଡ଼ାଇଦେବା ପାଇଁ ଏକ ସମ୍ବେଦନଶୀଳ ଧମକପୂର୍ଣ୍ଣ ସୂଚନା ମିଳିଛି। ଝାରସୁଗୁଡ଼ା ଜିଲ୍ଲା ଜଜ୍‌ଙ୍କ ସରକାରୀ ଇ-ମେଲ ଆଇଡି dj.jharsuguda-od@gov.inକୁ ଏକ ଅଜ୍ଞାତ ମେଲ ଆସିବା ପରେ କୋର୍ଟ ପରିସରରେ ଉତ୍ତେଜନା ଓ ଆଶଙ୍କା ପ୍ରକାଶ ପାଇଛି। ଜିଲ୍ଲା ଜଜ୍‌ଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ମିଳିବା ପରେ ପ୍ରଶାସନ ଓ ପୁଲିସ ତୁରନ୍ତ ତତ୍ପରତା ପ୍ରକାଶ କରିଛନ୍ତି। ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଝାରସୁଗୁଡ଼ା ଜିଲ୍ଲା ବାର୍ ଆସୋସିଏସନ ପକ୍ଷରୁ ସମସ୍ତ ଆଇନଜୀବୀ, କୋର୍ଟ କର୍ମଚାରୀ ଓ ସାଧାରଣ ଜନତାଙ୍କୁ ତୁରନ୍ତ କୋର୍ଟ ପରିସର ଛାଡ଼ି ସୁରକ୍ଷିତ ସ୍ଥାନକୁ ଚାଲିଯିବା ପାଇଁ ଅନୁରୋଧ କରାଯାଇଛି। ଏଥିସହ ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ସମସ୍ତଙ୍କୁ ଧୈର୍ଯ୍ୟ ରଖିବା ସହ ସୁରକ୍ଷା କର୍ମୀ ଓ ସ୍ଥାନୀୟ ପ୍ରଶାସନକୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ନିବେଦନ କରାଯାଇଛି।

ସୂଚନାନୁଯାୟୀ, ulaganathan.santhosh@atomicmail.io ନାମକ ଏକ ସନ୍ଦେହଜନକ ଇ-ମେଲ ଆଇଡିରୁ ଗତକାଲି ଏହି ଧମକପୂର୍ଣ୍ଣ ବାର୍ତ୍ତା ଆସିଥିଲା। ଏହି ମେଲରେ ଅପରାହ୍ନ ୧ଟା ୧୫ ମିନିଟ୍ ସମୟରେ ବିଚାରପତିଙ୍କ କାର୍ଯ୍ୟାଳୟ, ଚାମ୍ବରରେ ସାଂଘାତିକ ଗ୍ୟାସ ବୋମା ବିସ୍ଫୋରଣ କରାଯିବ ବୋଲି ଉଲ୍ଲେଖ ରହିଛି। ଏଥିସହ ବାହାରକୁ ଯିବା ସମୟରେ ନାକ ଓ ମୁହଁ ଘୋଡ଼ାଇବା ପାଇଁ ମଧ୍ୟ ଏଥିରେ କୁହାଯାଇଛି। ତେବେ ଏହି ଇ-ମେଲରେ ଭାଷା ଓଡ଼ିଶା ବାହାରର କୌଣସି ସଂଗଠନ ଦ୍ୱାରା ଟ୍ରାନ୍ସଲେଟ କରାଯାଇଥିବା ଭଳି ପ୍ରତିତ ହେଉଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ଝାରସୁଗୁଡ଼ା ପୁଲିସ ଓ ସୁରକ୍ଷା ଏଜେନ୍ସିଗୁଡ଼ିକ ପକ୍ଷରୁ କୋର୍ଟ ପରିସରରେ ସୁରକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ କଡ଼ାକଡ଼ି କରାଯାଇଛି। ବୋମା ନିଷ୍କ୍ରିୟକାରୀ ସ୍କ୍ୱାଡ୍ ଓ ସ୍ନାଇଫର୍ ଡଗ ସହାୟତାରେ ସମଗ୍ର ଅଞ୍ଚଳରେ ସର୍ଚ୍ଚ ଅପରେସନ ଜାରି ରହିଛି। ଏହି ବୋମା ଧମକ ପଛରେ ଥିବା ପ୍ରକୃତ ସତ୍ୟତା ଓ ସାଇବର ଲିଙ୍କ୍‌ର ଯାଞ୍ଚ ପାଇଁ ଝାରସୁଗୁଡ଼ା ପୁଲିସର ଏକ ସ୍ୱତନ୍ତ୍ର ଟିମ ତଦନ୍ତ ଚଳାଇଛି। ଅଯଥା ଆତଙ୍କିତ ନ ହେବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଆଶ୍ୱାସନା ଦିଆଯାଇଛି।

### କୋର୍ଟ ପରିସର ଖାଲି କରିବାକୁ ନିର୍ଦ୍ଦେଶ

ସେହିପରି ଜଗତସିଂହପୁର ଜିଲ୍ଲା କୋର୍ଟ ପରିସରକୁ ବୋମାରେ ଉଡ଼ାଇ ଦେବାକୁ ଧମକ ଦେଇ ଏକ ଇ-ମେଲ ଆସିବା ପରେ ଆଜି କୋର୍ଟ ପରିସରରେ ଭୟର ବାତାବରଣ ଖେଳିଯାଇଥିଲା। ସୁରକ୍ଷା ଦୃଷ୍ଟିରୁ ସମସ୍ତ ଆଇନଜୀବୀ, କର୍ମଚାରୀ ଓ ଅନ୍ୟାନ୍ୟ ଲୋକଙ୍କୁ ତୁରନ୍ତ କୋର୍ଟ ପରିସରରୁ ବାହାରକୁ ନିଆଯାଇଥିଲା। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଜିଲ୍ଲା ଏସ୍‌ପି ଅଙ୍କିତ କୁମାର ବର୍ମାଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଏସ୍‌ପି ସତ୍ୟବ୍ରତ ଦାସଙ୍କ ନେତୃତ୍ୱରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଜଗତସିଂହପୁର ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ସମେତ ଶତାଧିକ ପୁଲିସ କର୍ମଚାରୀ, ବମ୍ ସ୍କ୍ୱାଡ୍, ସନ୍ଧାନୀ କୁକୁର ଓ ବୈଜ୍ଞାନିକ ତଦନ୍ତକାରୀ ଦଳ କୋର୍ଟ ପରିସରରେ ପହଞ୍ଚି ତନ୍ନତନ୍ନ କରି ତଲାସ କରିଥିଲେ। ତେବେ ଦୀର୍ଘ ସମୟ ଧରି ସର୍ଚ୍ଚ ଅପରେସନ୍ ଚାଲିବା ସତ୍ତ୍ୱେ କୌଣସି ବୋମା କିମ୍ବା ସନ୍ଦେହଜନକ ବିସ୍ଫୋରକ ସାମଗ୍ରୀ ମିଳିନଥିଲା।

# ଖାକିରେ ଦାଗ: ପ୍ରତାରଣା-ଦୁଷ୍କର୍ମ ଅଭିଯୋଗରେ ଓଏଏସଆଇ ଗିରଫ

ଛତ୍ରପୁର, ୧୭।୭ (ସଂଚାର ବ୍ୟୁରୋ) : ପୁଣି ଥରେ ଖାକି ପୋଷାକରେ ଲାଗିଛି ଦାଗ। ଜଣେ ମହିଳାଙ୍କ ଇଚ୍ଛା ବିରୋଧରେ ଜବରଦସ୍ତ ଶାରୀରିକ ସମ୍ପର୍କ ରଖିବା ଏବଂ ପ୍ରତାରଣା କରିବା ଅଭିଯୋଗରେ ଜଣେ ପୋଲିସ କର୍ମଚାରୀଙ୍କୁ ଗିରଫ କରାଯାଇଛି। ଗିରଫ ପୋଲିସ କର୍ମଚାରୀ ଜଣକ ହେଲେ ଛତ୍ରପୁର ରିଜର୍ଭ ପୋଲିସରେ କାର୍ଯ୍ୟରତ ତଥା ପ୍ରଶିକ୍ଷଣରେ ଥିବା ଓଏଏସଆଇ ଗୌରାଙ୍ଗ ବେହେରା। ଛତ୍ରପୁର ଥାନା ପୋଲିସ ଶୁକ୍ରବାର ତାଙ୍କୁ ଗିରଫ କରିବା ସହ ସ୍ଥାନୀୟ ଅଦାଲତରେ ହାଜର କରି କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସମ୍ପୃକ୍ତ ମହିଳା ଜଣକ ଓଏଏସଆଇ ଗୌରାଙ୍ଗ ବିରୋଧରେ ଗୁରୁତର ଅଭିଯୋଗ ଆଣିଥିଲେ। ଗୌରାଙ୍ଗ ତାଙ୍କ ଇଚ୍ଛା ବିରୋଧରେ ଶାରୀରିକ ସମ୍ପର୍କ ସ୍ଥାପନ କରିବା ସହ ଦୀର୍ଘ ଦିନ ଧରି ଧୋକା ଦେଇଥିବା ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମହିଳାଙ୍କ ଅଭିଯୋଗ ଆଧାରରେ ଛତ୍ରପୁର ଥାନାରେ କେସ୍ ନମ୍ବର ୨୯୮/୨୦୨୬ ରୁଜୁ କରାଯାଇଛି। ଘଟଣାର ସତ୍ୟାସତ୍ୟ ଜାଣିବା ପରେ ଶୁକ୍ରବାର ପୁଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

# ପାହାଡ଼ ଉପରୁ ନାବାଳକର ମୃତଦେହ ଉଦ୍ଧାର

ଯୋଡ଼ା, ୧୭।୭ (ସଂଚାର ବ୍ୟୁରୋ): ପାହାଡ଼ ଉପରୁ ନାବାଳକର ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ । କେନ୍ଦୁଝର ଯୋଡ଼ା ଥାନା ଖୁଣ୍ଟପାଣି ପାହାଡ଼ ଉପରୁ ଜଣେ ନାବାଳକଙ୍କ ମୃତଦେହ ଉଦ୍ଧାର। ମୃତକ ହେଲେ କମାରଯୋଡ଼ା ତାରିଣୀ ଛକ ଅଞ୍ଚଳର ୧୧ ବର୍ଷିୟ କ୍ରିଷ୍ଣା କାଳନ୍ଦୀ। ଅଭିଯୋଗ ଅନୁଯାୟୀ, ବାପା-ମାଆ ଛେଉଣ୍ଡ କ୍ରିଷ୍ଣା ନିଜ ବିବାହିତା ଭଉଣୀ ପୂର୍ଣ୍ଣିମା ଓ ଶଯ୍ୟାଶାୟୀ ଆଈ ସହ ରହୁଥିଲେ। ଗତ ବୁଧବାର ତାଙ୍କ ଭିଣୋଇ ଆରିୟା ନାଏକ ଲୁହା ଆଣିବାକୁ କହି କ୍ରିଷ୍ଣାକୁ ସାଙ୍ଗରେ ନେଇଯାଇଥିଲେ। କିନ୍ତୁ ତା'ପରଠାରୁ କ୍ରିଷ୍ଣା ଆଉ ଘରକୁ ଫେରିନଥିଲେ। ପରେ ଆରିୟା ଘରକୁ ଆସି କ୍ରିଷ୍ଣାକୁ ବାତ ମାରିଥିବା ଓ ସେ ଅଚେତ୍ ହୋଇ ପାହାଡ଼ରେ ପଡ଼ିଥିବା କହିଥିଲେ । ଗାଡ଼ି ନେଇ ପରେ ତାକୁ ନେଇ ଆସିବି ବୋଲି କହିଥିଲେ। ତେବେ ଗତକାଲିଠାରୁ ନାବାଳକର ଭିଣୋଇ ଫେରାର ଥିବା ସୂଚନା ମିଳିଛି। ସେପଟେ ମୃତକଙ୍କ ମାମୁ ରାଜୁ ମୁଣ୍ଡା ଏହା ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ପୋଲିସ ଖୁଣ୍ଟପାଣି ପାହାଡ଼ ଉପରେ ଥିବା ଗଛ ତଳୁ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଯୋଡ଼ା ପୋଲିସ କହିଛି ।

# ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଅସୁସ୍ଥ



● ଆଶୁ ଆରୋଗ୍ୟ କାମନା କଲେ ନବୀନ

● ପ୍ରଫୁଲ୍ଲଙ୍କୁ ଭେଟିଲା ବିଜେଡି ପ୍ରତିନିଧିମଣ୍ଡଳୀ

ଭୁବନେଶ୍ୱର,୧୭।୭(ସଂଚାର ବ୍ୟୁରୋ): ବିଜୁ ଶ୍ରମିକ ସାମ୍ମୁଖ୍ୟର ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଅସୁସ୍ଥ ହୋଇ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ହସ୍ପିଟାଲକୁ ଯାଇ ତାଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଶ୍ରୀ ସାମଲଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇ ଚିକିତ୍ସା ଜାରି ରହିଛି। ହସ୍ପିଟାଲରେ ଶ୍ରୀ ସାମଲଙ୍କୁ ଉନ୍ନତ ଚିକିତ୍ସା ସେବା ଯୋଗାଇଦେବାକୁ ଡାକ୍ତରଙ୍କ ସହ ଆଲୋଚନା କରିବା ସହ ତାଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ ବିଜେଡି ପ୍ରତିନିଧିମଣ୍ଡଳୀ।

ସେହିପରି ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରାଙ୍କ ମା' ଅସୁସ୍ଥ ହୋଇ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କୁ ମଧ୍ୟ ବିଜେଡି ପ୍ରତିନିଧିମଣ୍ଡଳୀ ଭେଟିଛନ୍ତି। ସ୍ୱାସ୍ଥ୍ୟାବସ୍ଥା ବାବଦରେ ଡାକ୍ତରଙ୍କ ସହ ଆଲୋଚନା କରିବା ସହ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ଓ ପୁରୀ ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ ସାମିଲ ଥିଲେ।

## ଜୀବିତ ମା'ଙ୍କୁ ମୃତ ଦର୍ଶାଇ ଘରବାଡ଼ି ଜମି ହଡ଼ପ

# ଦୁଇ ପୁଅ, ଆର୍‌ଆଇ, ୪ ସାକ୍ଷୀଙ୍କ ନାଁରେ ଏତଲା



ଧାମନଗର,୧୭।୭(ସଂଚାର ବ୍ୟୁରୋ): ଧାମନଗର ତହସିଲ ଓ ଏନଏସି ଅଧୀନସ୍ଥ ଜୟନଗର ମୌଜା (ହବିବନଗର) ରେ ଜଣେ ଜୀବିତ ମହିଳାଙ୍କୁ ସରକାରୀ କାଗଜପତ୍ରରେ ମୃତ ଦର୍ଶାଇ ତାଙ୍କ ନାମରେ ଥିବା ଖାତା ନମ୍ବର- ୧୧୨୬/୫୮, କିସମ- ଘରବାଡ଼ିର ପ୍ରାୟ ୧୪ ଡିସିମିଲ ଜମି ଓ କୋଠାଘର ଦୁଇ ପୁଅ ନିଜ ନାମକୁ କରାଇ ନେଇଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ପୀଡ଼ିତା ଆଇଶା ବିବି ଗତ ୧୦ ତାରିଖରେ ଧାମନଗର ଥାନାରେ ଦୁଇ ପୁଅ, ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ (ଆରଆଇ) ଓ ୪ ଜଣ ସାକ୍ଷୀଙ୍କ ବିରୋଧରେ ଏତଲା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଆଇଶା ବିବିଙ୍କ ସ୍ୱାମୀ ମୃତ୍ୟୁବରଣ କରିସାରିଥିବା ବେଳେ ତାଙ୍କର ୨ ପୁଅ ଓ ୬ ଝିଅ ଅଛନ୍ତି। ଝିଅମାନେ ବାହା ହୋଇ ଶାଶୂଘରେ ରହିଥିବା ବେଳେ ଆଇଶା ଦୁଇ ବର୍ଷ ପୂର୍ବେ ହଜ ଯାତ୍ରା ପାଇଁ ସାଉଦି ଆରବ ଯାଇଥିଲେ। ସେଠାରୁ ଫେରିବା ପରେ ଦୁଇ ପୁଅ ତାଙ୍କୁ ଘରୁ ବାହାର କରିଦେଇଥିଲେ। ପରେ ସେ ଜାଣିବାକୁ ପାଇଥିଲେ ଯେ ତାଙ୍କ ନାମରେ ଥିବା ଘରବାଡ଼ି ଜମି ଓ କୋଠାଘର କାଗଜପତ୍ରରେ ତାଙ୍କୁ ମୃତ ଦର୍ଶାଇ ଦୁଇ ପୁଅ ନିଜ ନାମରେ କରାଇ ନେଇଛନ୍ତି। ଏନେଇ ସେ ବାରମ୍ବାର ନିଜକୁ ଜୀବିତ ଦର୍ଶାଇବା ପାଇଁ ଜିଲ୍ଲାପାଳଙ୍କ ପାଖକୁ ଦୌଡ଼ିଥିଲେ ମଧ୍ୟ ତାଙ୍କ ଅଭିଯୋଗ ପ୍ରତି କେହି ବି କର୍ଣ୍ଣପାତ କରିନଥିଲେ।

ପରେ ଭଦ୍ରକର ସୂଚନା ଅଧିକାର କର୍ମୀ ବିକାଶ ଧଳଙ୍କ ଦ୍ୱାରା ସୂଚନା ଅଧିକାର ଆଇନ ବଳରେ ସଂଗ୍ରହ କରାଯାଇଥିବା ତଥ୍ୟରୁ ଜଣାପଡ଼ିଛି ଯେ ୨୦୨୫ରେ ଦୁଇ ପୁଅ ଏକ ଘୋଷଣାନାମା ଦାଖଲ କରି ତାଙ୍କ ମା' ୪୦ ବର୍ଷ ପୂର୍ବରୁ ମୃତ୍ୟୁବରଣ କରିଥିବା ଦର୍ଶାଇଥିଲେ। ଏହାକୁ ଆଧାର କରି ଉକ୍ତ ଘରବାଡ଼ି ଜମିର ରେକର୍ଡ ପରିବର୍ତ୍ତନ କରାଯାଇଥିବା ଅଭିଯୋଗ ହୋଇଛି। ଘଟଣାରେ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ ପ୍ରକାଶ ମଲ୍ଲିକ କ୍ଷେତ୍ର ତଦନ୍ତ ନ କରି ମହିଳା ମୃତ ବୋଲି ରିପୋର୍ଟ ଦେଇଥିଲେ। ପୁଅମାନେ ଏହାରି ଆଧାରରେ ଉକ୍ତ ଜମି ନିଜ ନାମରେ କରିନେଇଥିଲେ। ଏପଟେ ଆଇଶା ବିବି ଆଧାର କାର୍ଡ, ପାସପୋର୍ଟ ସମେତ ବିଭିନ୍ନ ଦସ୍ତାବିଜ ଧରି ନିଜକୁ ଜୀବିତ ପ୍ରମାଣିତ କରିବା ପାଇଁ ଜିଲ୍ଲାପାଳ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଘଟଣା ସମ୍ପର୍କରେ ଜିଲ୍ଲା ପ୍ରଶାସନ ଅବଗତ ହୋଇଥିବା ବେଳେ ତଦନ୍ତ ପରେ ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ସହ ଜମି ପୁନର୍ବାର ଆଇଶା ବିବିଙ୍କ ନାମକୁ ଫେରାଇବା ପାଇଁ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି। ଜଣେ ଜୀବିତ ମହିଳାଙ୍କୁ କେବଳ ଏକ ଅଫିଡେଭିଟ ଆଧାରରେ ମୃତ ଦର୍ଶାଇ ଜମିର ରେକର୍ଡ ପରିବର୍ତ୍ତନ କରାଯିବା ଘଟଣା ରାଜସ୍ୱ ବ୍ୟବସ୍ଥାର ତଦନ୍ତ ପ୍ରକ୍ରିୟା ଓ ଦାୟିତ୍ୱବୋଧକୁ ନେଇ ଗୁରୁତର ପ୍ରଶ୍ନ ଉଠାଇଛି। ଏନେଇ ଧାମନଗର ରାଜସ୍ୱ ନିରୀକ୍ଷକ ପ୍ରକାଶ ମଲ୍ଲିକ ସ୍ୱୀକାର କରିଛନ୍ତି ଯେ ଆଇଶା ବିବିଙ୍କ ପୁଅମାନେ ମା'ଙ୍କର ୪୦ ବର୍ଷ ପୂର୍ବରୁ ମୃତ୍ୟୁ ହୋଇଥିବା ଦର୍ଶାଇ ଏକ ଆଫିଡେଭିଟ ଦେଇଥିଲେ ଓ ସେ କ୍ଷେତ୍ରସ୍ତରୀୟ ତଦନ୍ତ ନ କରି କେବଳ ଆଫିଡେଭିଟ୍ ଆଧାରରେ ରିପୋର୍ଟ ଦେଇଥିଲେ। ସେ ଏହାକୁ ନିଜର ଭୁଲ ବୋଲି ସ୍ୱୀକାର ମଧ୍ୟ କରିବା ସହ ଭଦ୍ରକ ଉପଜିଲ୍ଲାପାଳଙ୍କ କୋର୍ଟରେ ମାମଲା ଚାଲିଥିବା ଓ ଆଇନଗତ ପ୍ରକ୍ରିୟାରେ ଶୀଘ୍ର ଜମି ଆଇଶା ବିବିଙ୍କ ନାମକୁ ଫେରିବ ବୋଲି କହିଛନ୍ତି।

# ଜୁଲାଇରେ ୧୭% ଅଧିକ ବର୍ଷା, ବଙ୍ଗୋମୁଣ୍ଡାରେ ସର୍ବାଧିକ

ଭୁବନେଶ୍ୱର,୧୭।୭(ସଂଚାର ବ୍ୟୁରୋ): ଚଳିତ ମାସରେ ରାଜ୍ୟରେ ମୌସୁମୀ ପ୍ରଭାବରେ ବେଶ୍ ଭଲ ବର୍ଷା ହୋଇଛି। ମିଳିଥିବା ସୂଚନାନୁସାରେ, ଆଜି ସୁଦ୍ଧା ରାଜ୍ୟରେ ସ୍ୱାଭାବିକଠାରୁ ୧୭ ପ୍ରତିଶତ ଅଧିକ ବର୍ଷା ହୋଇଛି। ବିଶେଷକରି ବଲାଙ୍ଗୀର ବଙ୍ଗୋମୁଣ୍ଡାରେ ସର୍ବାଧିକ ୧୩୨ ମିଲିମିଟର ବର୍ଷା ହୋଇଛି। ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ କୁମାର ରାଉତ ଏହି ସୂଚନା ଦେଇଛନ୍ତି। ସେହିପରି ପୁରୀରେ ମଧ୍ୟ ୧୦୦ ମିଲିମିଟରରୁ ଅଧିକ ବର୍ଷା ହୋଇଛି। ଅଧିକନ୍ତୁ ସାପୁଆରେ ବର୍ଷା ୫୦ ବର୍ଷର ରେକର୍ଡ ଭାଙ୍ଗିଛି। ଯାହାର ପ୍ରଭାବରେ ଏଠାରେ ଛୋଟକାଟର ବନ୍ୟା ହୋଇଛି। ଢେଙ୍କାନାଳ ଓ ଆଠଗଡ଼ର ମଧ୍ୟ କେତେକ ଅଞ୍ଚଳ ଜଳମଗ୍ନ ହୋଇଛି। ସେହିପରି ଆଖୁଆପଦାରେ ସତର୍କ ସଙ୍କେତ ନିକଟରେ ପାଣି ରହିଛି। ବର୍ଷା ବଢ଼ିଲେ ଏଠାରେ ପାଣି ବିପଦ ସଂକେତ ଟପିବାର ଆଶଙ୍କା ରହିଛି। ସେହିପରି ଜଳକାର ମଥାନିରେ ୬.୫ ମିଟର ଅର୍ଥାତ ବିପଦ ସଂକେତ ନିକଟରେ ପାଣି ରହିଛି। ଅଧିକ ବର୍ଷା ଯୋଗୁଁ ଶାଳନ୍ଦୀରେ ମଧ୍ୟ ଗୋଟିଏ ଗେଟ୍ ଖୋଲା ଯାଇଛି। ହୀରାକୁଦ ଉପର ମୁଣ୍ଡରେ ଅଧିକ ବର୍ଷା ଯୋଗୁଁ ଗତକାଲି ସୁଦ୍ଧା ୭୦ ହଜାର କ୍ୟୁସେକ ଜଳ ଜଳଭଣ୍ଡାରରେ ପ୍ରବେଶ କରିବ। ସେଠାରେ ପରିସ୍ଥିତି ଅନୁସାରେ ଗେଟ୍ ଖୋଲାଯିବା ନେଇ ନିଷ୍ପତ୍ତି ହେବ। ତେବେ ବୌଦ୍ଧ ସୋନପୁରରେ ଭଲ ବର୍ଷା ହୋଇଥିବା ଯୋଗୁଁ ମହାନଦୀରେ ପାଣି ବଢ଼ିବାର ସମ୍ଭାବନା ରହିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ମହଙ୍ଗା ହେବ ପେଟ୍ରୋଲ-ଡିଜେଲ | ୧୦୦ ଡଲାର ଛୁଇଁପାରେ ଅଶୋଧିତ ତୈଳ



**ନୂଆଦିଲ୍ଲୀ, ୧୭।୭:** ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧ ତେଜିବା ସହ ଅଶୋଧିତ ତୈଳ ଦର ପୁଣି ଉପରମୁହାଁ ହୋଇଛି। ମଧ୍ୟପ୍ରାଚ୍ୟରେ ଅସ୍ଥିରତା ଯୋଗୁ ବ୍ୟାରେଲ ପିଛା ବ୍ରେଣ୍ଟ କ୍ରୁଡ୍ ପ୍ରାୟ ୮୭ରୁ ୮୮ ଡଲାର ମଧ୍ୟରେ ରହିଛି। ପୂର୍ବମାସ ଯୁଦ୍ଧ ଶିଥିଳ ପଡ଼ିବା ଯୋଗୁ ଅଶୋଧିତ ତୈଳ ଦର ଏପ୍ରିଲ ମାସର ସର୍ବୋଚ୍ଚ ସ୍ତରରୁ ୪୨% ଖସିଯାଇଥିଲା। କିନ୍ତୁ ସ୍ଥିତି ଏବେ ବିପରୀତ। ଯୁଦ୍ଧ ପୁଣି ବଜାରରେ ଅସ୍ଥିରତା ଆଣିଛି । ଗତ ସପ୍ତାହରେ ଦର ପାଖାପାଖି ୨୦% ବଢ଼ିଗଲାଣି। ବର୍ତ୍ତମାନ ସ୍ଥିତିରେ ଯୁଦ୍ଧବିରାମର ଚିହ୍ନବର୍ଣ୍ଣ ନାହିଁ। ଏଭଳି ପରିସ୍ଥିତିରେ ନିକଟରେ ତୈଳ ଦର ୭୦ ଡଲାର ସ୍ତରକୁ ଆସିବା ଭଳି ଜଣା ପଡୁ ନ ଥିବା କୁହନ୍ତି ଜେଏମ୍ ଫାଇନାନସିଆଲର କରେନ୍ସି ଏବଂ କମୋଡିଟି ବିଭାଗ ବରିଷ୍ଠ ଉପସଭାପତି ପ୍ରଣବ ମେର୍।

ସେ କହିଛନ୍ତି ଯେ, ଯୁଦ୍ଧ ଯଦି ବନ୍ଦ ନ ହୁଏ ତେବେ ବ୍ୟାରେଲ ପିଛା ବ୍ରେଣ୍ଟ କ୍ରୁଡ୍ ଦର ୯୨ରୁ ୯୫ ଡଲାର ପର୍ଯ୍ୟନ୍ତ ଯାଇପାରେ। ଯଦି ସ୍ଥିତି ଅଧିକ ଖରାପ ହୁଏ ତେବେ ଏହା ୧୦୦ ଡଲାର ପାର୍ କରିଯାଇପାରେ।

କୋଟାକ ସିକ୍ୟୁରିଟିଜର ମୁଖ୍ୟ( କମୋଡିଟି ରିସର୍ଚ୍ଚ) ଆନିନ୍ଦ୍ୟ ବାନାର୍ଜୀ କୁହନ୍ତି, ଭୁ-ରାଜନୈତିକ ଅସ୍ଥିରତା ଯୋଗୁ ଅଶୋଧିତ ତୈଳ ଦର ପୁଣି ବଢ଼ିବା ଆରମ୍ଭ ହେଲାଣି। ଆଗକୁ ଏହା ୭୦ରୁ ୯୦ ଡଲାର ମଧ୍ୟରେ ରହିପାରେ ବୋଲି ସେ ଅନୁମାନ କରିଛନ୍ତି। ପ୍ରମୁଖ ଗଲ୍ଫ ରପ୍ତାନି ଭିତ୍ତିଭୂମିରେ ହମଲା ତୈଳ ଦରକୁ ୯୫ରୁ ୧୦୦ ଡଲାର ପର୍ଯ୍ୟନ୍ତ ନେଇଯାଇପାରେ ବୋଲି ବାନାର୍ଜୀ କହିଛନ୍ତି ।



# ଖୁବଶୀଘ୍ର ଆସିବ ୧୦ ଓ ୨୦ ଟଙ୍କିଆ ପ୍ଲାଷ୍ଟିକ ନୋଟ୍

**ନୂଆଦିଲ୍ଲୀ, ୧୭।୭:** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଖୁବଶୀଘ୍ର ଦେଶରେ ପ୍ଲାଷ୍ଟିକ ଅର୍ଥାତ୍ 'ପଲିମର'ରେ ନିର୍ମିତ ନୋଟର ପ୍ରଥମ ପାଇଲଟ୍ ପ୍ରୋଜେକ୍ଟ ଆରମ୍ଭ କରିବାକୁ ଯାଉଛି। ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଦେଶରେ ନୂତନ ପିଢ଼ିର କରେନ୍ସି (ମୁଦ୍ରା) ପ୍ରଚଳନ କରିବା ପାଇଁ ଆରବିଆଇ ଯେଉଁ ଯୋଜନା ପ୍ରସ୍ତୁତ କରିଛି, ଏହା ହେଉଛି ତାର ପରବର୍ତ୍ତୀ ପଦକ୍ଷେପ। ରିଜର୍ଭ ବ୍ୟାଙ୍କ ପ୍ରାଥମିକ ପର୍ଯ୍ୟାୟରେ ସବୁଠାରୁ କମ୍ ମୂଲ୍ୟର ନୋଟ୍ ଗୁଡ଼ିକ ଉପରେ ଏହାର ପରୀକ୍ଷା କରିବ। ମିଳିଥିବା ସୂଚନା ଅନୁଯାୟୀ, ପ୍ରଥମ ପାଇଲଟ୍ ପ୍ରୋଜେକ୍ଟ ୧୦ ଏବଂ ୨୦ ମୂଲ୍ୟର ଛୋଟ ନୋଟ୍ ଗୁଡ଼ିକ ସହିତ ଆରମ୍ଭ ହେବାର ସମ୍ଭାବନା ରହିଛି। ଏହି ଟ୍ରାଏଲରୁ ମିଳିବାକୁ ଥିବା ଫଳାଫଳ ଏବଂ ଅନୁଭବ ଆଧାରରେ ଆରବିଆଇ ପରବର୍ତ୍ତୀ ନିଷ୍ପତ୍ତି ନେବ। ଯଦି ଏହି ପରୀକ୍ଷଣ ସମ୍ପୂର୍ଣ୍ଣ ସଫଳ ହୁଏ, ତେବେ ଆରବିଆଇ ବର୍ଷ ୨୦୨୭ ସୁଦ୍ଧା ସାରା ଦେଶରେ ଏହି ପଲିମର ନୋଟର ପ୍ରଚଳନ ଆରମ୍ଭ କରିପାରେ। ଭାରତୀୟ ବଜାରରେ ପଲିମର ନୋଟ୍ ଆସିବାର ଅର୍ଥ ଏହା ନୁହେଁ ଯେ, ବର୍ତ୍ତମାନର କାଗଜ ନୋଟ୍ ଗୁଡ଼ିକ ତୁରନ୍ତ ବନ୍ଦ ହୋଇଯିବ। ଆରବିଆଇ ସ୍ପଷ୍ଟ କରିଛି ଯେ, ଏହି ନୂଆ କରେନ୍ସି ପୁରୁଣା ପେପର ନୋଟର ସ୍ଥାନ ନେବ ନାହିଁ। ବଜାରରେ ପଲିମର ଏବଂ କାଗଜ, ଦୁଇ ପ୍ରକାରର ନୋଟ୍ ଏକ ସଙ୍ଗେ ପ୍ରଚଳିତ ହେବ। ଏହି ପରିବର୍ତ୍ତନ ଧୀରେ ଧୀରେ ଏବଂ ବିଭିନ୍ନ ପର୍ଯ୍ୟାୟରେ କରାଯିବ। ଯେପର୍ଯ୍ୟନ୍ତ ନୂଆ ନୋଟ୍ ସମ୍ପୂର୍ଣ୍ଣ ଭାବରେ ବଜାରରେ ଉପଲବ୍ଧ ହୋଇନାହିଁ, ସେପର୍ଯ୍ୟନ୍ତ କାଗଜ ନୋଟ୍ ପ୍ରଚଳିତ ହେବ । ଆରବିଆଇର ନୋଟ୍ ପ୍ରିଣ୍ଟିଂ ୟୁନିଟ୍ ଗ୍ଲୋବାଲ୍ ସ୍ତରରେ 'ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ' (ଇଓଆଇ) ଜାରି କରିବା ପରେ ଏହି ସମ୍ପୂର୍ଣ୍ଣ ପ୍ରୋଜେକ୍ଟର ପ୍ରସ୍ତୁତି ଜୋରଦାର ହୋଇଛି। ଏହି ନୋଟ୍ ଗୁଡ଼ିକୁ ଛାପିବା ପାଇଁ ବ୍ୟବହୃତ ହେଉଥିବା ଏକ ବିଶେଷ ପ୍ରକାରର 'ପଲିମର ସବଷ୍ଟ୍ରେଟ୍ ସିଟ୍'ର ଉତ୍ପାଦନ ଏବଂ ଯୋଗାଣ ପାଇଁ ଏହି ଟେଣ୍ଡର ଆହ୍ୱାନ କରାଯାଇଛି। ଦଲିଲ ଅନୁଯାୟୀ, ବିଶ୍ୱର ବିଭିନ୍ନ ଉତ୍ପାଦନକାରୀ କମ୍ପାନୀଗୁଡ଼ିକୁ ଅତ୍ୟାଧୁନିକ ସୁରକ୍ଷା ବୈଶିଷ୍ଟ୍ୟ (ସେଫ୍‌ଟି ଫିଚର୍) ଯୁକ୍ତ ପଲିମର ସବ୍‌ଷ୍ଟ୍ରେଟ୍ ଯୋଗାଇବା ପାଇଁ ନିମନ୍ତ୍ରଣ କରାଯାଇଛି। ଏହି ଟେଣ୍ଡର ଅଧୀନରେ ଆବେଦନ କରିବାର ଶେଷ ତାରିଖ ଅଗଷ୍ଟ ୧୮ ସ୍ଥିର କରାଯାଇଛି।




# ଇଲେକ୍ଟ୍ରିକ୍ ଗାଡ଼ିରେ ନିଆଁ ଲାଗିଲେ ମିଳିବ ଇନସ୍ୟୁରାନ୍ସ ଟଙ୍କା

**ନୂଆଦିଲ୍ଲୀ, ୧୭।୭:** ନୋଏଡାର ସେକ୍ଟର ୬୬ ସ୍ଥିତ ଏକ ବିଲ୍ଡିଂର ପାର୍କିଂରେ ଛିଡ଼ା ହୋଇଥିବା ଇଲେକ୍ଟ୍ରିକ୍ ବାଇକ୍‌ରେ ସ୍ପାର୍କିଂ ହୋଇ ପ୍ରଚଣ୍ଡ ନିଆଁ ଲାଗିଯାଇଥିଲା। ଏହି ଦୁଃଖଦ ଦୁର୍ଘଟଣାରେ ଦୁଇ ଜଣ ପ୍ରାଣ ହରାଇଛନ୍ତି। ଅଗ୍ନିଶମ ବାହିନୀ ଅନେକ ପରିଶ୍ରମ କରି ୧୦୦ ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ଭାବେ ବାହାରକୁ ଆଣିଥିଲେ। ଏହି ଭୟଙ୍କର ଘଟଣା ପ୍ରତ୍ୟେକ ଇଲେକ୍ଟ୍ରିକ୍ ବାହାନ (EV) ମାଲିକଙ୍କ ମନରେ ଏକ ପ୍ରଶ୍ନ ସୃଷ୍ଟି କରିଛି। ପ୍ରଶ୍ନଟି ହେଉଛି; ଯଦି ଆପଣଙ୍କ ଇଲେକ୍ଟ୍ରିକ୍ ସ୍କୁଟର କିମ୍ବା ଗାଡ଼ିରେ ନିଆଁ ଲାଗିଯାଏ, ତେବେ ବୀମା କମ୍ପାନୀ ଏହି କ୍ଷତିପୂରଣ ଦିଏ କି? ଏହାର ସିଧାସଳଖ ଉତ୍ତର ହେଉଛି ହଁ, କିନ୍ତୁ ଏଥିପାଇଁ ଆପଣଙ୍କ ବୀମା ପଲିସି (Insurance Policy) ସଠିକ୍ ହେବା ଅତ୍ୟନ୍ତ ଜରୁରୀ। ବୀମା ବିଶେଷଜ୍ଞ ମନୋଜ ଜୈନଙ୍କ ଅନୁସାରେ, ବର୍ତ୍ତମାନ ସରକାର କିମ୍ବା ଇନ୍ସୁରାନ୍ସ କମ୍ପାନୀଗୁଡ଼ିକ ତରଫରୁ ଇଲେକ୍ଟ୍ରିକ୍ ବାହାନ ପାଇଁ କୌଣସି ଅଲଗା ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ କିମ୍ବା ଭିନ୍ନ ପଲିସି ପ୍ରସ୍ତୁତ କରାଯାଇ ନାହିଁ। ଯେପରି EV ସେକ୍ଟରରେ ବୀମା କ୍ଲେମ୍ ବୃଦ୍ଧି ପାଇବ, ଭବିଷ୍ୟତରେ ନିଶ୍ଚିତ ଭାବେ କୌଣସି ନୂଆ ପଲିସି ଆସିବ। ବର୍ତ୍ତମାନର ବ୍ୟବସ୍ଥାରେ ଆପଣଙ୍କ ଇଲେକ୍ଟ୍ରିକ୍ ବାହାନକୁ କମ୍ପ୍ରିହେନ୍ସିଭ୍ ମୋଟର ଇନ୍ସୁରାନ୍ସ ପଲିସି (Comprehensive Motor Insurance Policy) ଅଧୀନରେ ହିଁ କଭର କରାଯାଉଛି। ଯଦି ଆପଣଙ୍କ ଇ-ବାଇକ୍ କିମ୍ବା କାର୍‌ରେ ଚାର୍ଜିଂ ସମୟରେ ସର୍ଟ-ସର୍କିଟ୍ ହୋଇ ନିଆଁ ଲାଗେ କିମ୍ବା ରାସ୍ତାରେ ଯାଉଥିବା ସମୟରେ ଗାଡ଼ି ଜଳିଯାଏ, ତେବେ ଏସବୁ ଏହି ପଲିସି ଅଧୀନରେ ଆସିଥାଏ। ଯଦି ଆପଣଙ୍କ ଗାଡ଼ିରେ ନିଆଁ ଲାଗିଯାଏ, ତେବେ କ୍ଷତିପୂରଣର ପରିମାଣ ସମ୍ପୂର୍ଣ୍ଣ ଭାବେ ଆପଣଙ୍କ ପଲିସିର ପ୍ରକାର ଉପରେ ନିର୍ଭର କରେ: ଥାର୍ଡ-ପାର୍ଟି ଇନ୍ସୁରାନ୍ସ (Third-Party Insurance): ଯଦି ଆପଣଙ୍କ ପାଖରେ କେବଳ ଏହି ବେସିକ୍ ବୀମା ଅଛି, ତେବେ ନିଆଁ ଲାଗିଲେ ଆପଣଙ୍କୁ ନିଜ ପକେଟରୁ ହିଁ କ୍ଷତି ସହିବାକୁ ପଡ଼ିବ। ଏହି ବୀମା କେବଳ ଅନ୍ୟମାନଙ୍କ (ଥାର୍ଡ ପାର୍ଟି) କ୍ଷତିପୂରଣ ଦେଇଥାଏ, ଆପଣଙ୍କ ଗାଡ଼ିର ନୁହେଁ। କମ୍ପ୍ରିହେନ୍ସିଭ୍ ଇନ୍ସୁରାନ୍ସ / ଓନ୍ ଡ୍ୟାମେଜ୍ (Comprehensive Insurance): ଏହା ଏକ ଅଲ୍-ରାଉଣ୍ଡର୍ କଭର୍। ଏଥିରେ ଦୁର୍ଘଟଣା, ଚୋରି, ପ୍ରାକୃତିକ ବିପର୍ଯ୍ୟୟ ସହିତ ନିଆଁ ଲାଗିବା ଦ୍ୱାରା ହେଉଥିବା କ୍ଷତି ମଧ୍ୟ ସାମିଲ ଥାଏ। EV ମାଲିକମାନଙ୍କୁ ଆର୍ଥିକ କ୍ଷତିରୁ ବଞ୍ଚିବା ପାଇଁ ସବୁବେଳେ ଏହି ପଲିସି ବାଛିବା ଉଚିତ୍।



# ୨,୦୦୦ ଟଙ୍କାରୁ ଅଧିକ କାରବାର ଉପରେ ଲାଗିବ ଚାର୍ଜ !

**ନୂଆଦିଲ୍ଲୀ, ୧୭।୭:** ବର୍ତ୍ତମାନ ସମୟରେ ଡିଜିଟାଲ ପେମେଣ୍ଟର ଏକ ବଡ଼ ମାଧ୍ୟମ ପାଲଟିଛି ୟୁପିଆଇ। ପ୍ରତିଦିନ ଦେଶରେ କୋଟି- କୋଟି ୟୁପିଆଇ ଟ୍ରାଞ୍ଜାକ୍ସନ ହେଉଛି। ଏହି ୟୁପିଆଇ ଭାରତର ଡିଜିଟାଲ ପେମେଣ୍ଟ କ୍ଷେତ୍ରରେ ଏକ ବଡ଼ କ୍ରାନ୍ତି ଆଣିଛି କହିଲ ଅତ୍ୟୁକ୍ତି ହେବନାହିଁ। କିନ୍ତୁ ଆଗକୁ ଭାରତର ଡିଜିଟାଲ୍ ପେମେଣ୍ଟ କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ, କେନ୍ଦ୍ର ସରକାର ବର୍ତ୍ତମାନ ୨,୦୦୦ ଟଙ୍କାରୁ ଅଧିକ ମୂଲ୍ୟର ୟୁପିଆଇ (UPI) କାରବାର ଉପରେ 'ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ୍' (MDR) ବା ମର୍ଚ୍ଚାଣ୍ଟ ଫି' ଲାଗୁ କରିବା ପ୍ରସ୍ତାବ ଉପରେ ଗମ୍ଭୀରତାର ସହ ବିଚାର କରୁଛନ୍ତି। ଏହି ପ୍ରସ୍ତାବିତ ଶୁଳ୍କ ୦.୫ ପ୍ରତିଶତରୁ କମ୍ ହୋଇପାରେ ବୋଲି ଜଣାପଡ଼ିଛି। ସାଧାରଣ ଗ୍ରାହକଙ୍କ ଉପରେ ପଡ଼ିବ କି ପ୍ରଭାବ? ଏହି ଖବର ସାମ୍ନାକୁ ଆସିବା ପରେ ସାଧାରଣ ଗ୍ରାହକଙ୍କ ମନରେ ଆଶଙ୍କା ସୃଷ୍ଟି ହୋଇଛି। ତେବେ ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଏହି ନୂଆ ନିୟମ ଦ୍ୱାରା ସାଧାରଣ ଗ୍ରାହକଙ୍କୁ କୌଣସି ଅତିରିକ୍ତ ଶୁଳ୍କ ଦେବାକୁ ପଡ଼ିବ ନାହିଁ। ଏହି ମର୍ଚ୍ଚାଣ୍ଟ ଫି' କେବଳ ବଡ଼ ବ୍ୟବସାୟୀ ଏବଂ କର୍ପୋରେଟ୍ ପ୍ରତିଷ୍ଠାନଗୁଡ଼ିକ ଉପରେ ହିଁ ଲାଗୁ କରାଯିବ। ତେଣୁ ସାଧାରଣ ଲୋକ ପୂର୍ବପରି ମାଗଣାରେ ୟୁପିଆଇ ସେବାର ଲାଭ ଉଠାଇପାରିବେ। କାହିଁକି ନିଆଯାଉଛି ଏଭଳି ନିଷ୍ପତ୍ତି? ୟୁପିଆଇ ବ୍ୟବସ୍ଥାର ବ୍ୟାପକ ସଫଳତା ସହ ଏହାର ଭିତ୍ତିଭୂମି ବଜାୟ ରଖିବା ପାଇଁ ବ୍ୟାଙ୍କ ଏବଂ ପେମେଣ୍ଟ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକର ଖର୍ଚ୍ଚ କ୍ରମାଗତ ଭାବେ ବୃଦ୍ଧି ପାଉଛି। ଏହି ଡିଜିଟାଲ୍ ଇକୋସିଷ୍ଟମକୁ ଦୀର୍ଘସ୍ଥାୟୀ ଓ ବ୍ୟବସାୟିକ ଦୃଷ୍ଟିକୋଣରୁ ସ୍ୱାବଲମ୍ବୀ କରିବା ପାଇଁ ସରକାର ଏହି ପଦକ୍ଷେପ ନେବାକୁ ଯୋଜନା କରୁଛନ୍ତି। ସୂଚନାଯୋଗ୍ୟ, ସଂସଦୀୟ ସ୍ଥାୟୀ କମିଟି ମଧ୍ୟ ଏକ ରିପୋର୍ଟରେ ଚେତାବନୀ ଦେଇଥିଲେ ଯେ, ଶୂନ୍ୟ ଏମଡିଆର (Zero MDR) ଯୋଗୁ ୟୁପିଆଇ ଭିତ୍ତିଭୂମିର ବିକାଶ ଓ ସୁରକ୍ଷା କ୍ଷେତ୍ରରେ ବିନିଯୋଗ ସୀମିତ ହୋଇଯାଉଛି। ଏହି ପ୍ରସ୍ତାବ ଉପରେ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବାର ସମ୍ଭାବନା ରହିଛି।






## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୨,୫୩୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୦,୬୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୨,୫୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୦,୬୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୨,୫୩୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୦,୬୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୨,୬୮୦ ଟଙ୍କା ଓ ୨୨ କ୍ୟାରଟେ ୧,୩୦,୮୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୨,୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୧,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୨,୫୩୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୦,୬୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୩୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦାମ ହ୍ରାସ ପାଇଛି । ଲଗାତାର କିଛିଦିନ ହେଲାଣି ସ୍ଥିର ରହିଛି ପେଟ୍ରୋଲ କିମ୍ବା ଡିଜେଲ ଦର । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୧୮ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୬୫ ପଇସା ରହିଛି ।

# ତୃତୀୟ ଶ୍ରୀକ୍ଷେତ୍ର ଘୋଷଯାତ୍ରାରେ କାଳିଆ ସାଆନ୍ତଙ୍କ ଦର୍ଶନ ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ



ନୀଳଗିରି,୧୭।୭ (ସଂଚାର ବ୍ୟୁରୋ): ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଘୋଷଯାତ୍ରା

## ବଡ଼ଦାଣ୍ଡ ଅଧା ବାଟରେ ଅଟକିଲେ ଚତୁର୍ଦ୍ଧା ମୂର୍ତ୍ତି

ଆଜି ଅପରାହ୍ନରେ ଭଜନ କୀର୍ତ୍ତନ ଓ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ହରିବୋଲ, ଜୟ ଜଗନ୍ନାଥ ଧ୍ୱନୀରେ ବଡ଼ଦାଣ୍ଡ ପ୍ରକମ୍ପିତ ହୋଇଥିଲା। ପ୍ରଥମଦିନ ଅବସରରେ ଭକ୍ତମାନେ ଶ୍ରୀମନ୍ଦିର ନିକଟରୁ ରଥଟାଣି ଅଧାରାସ୍ତା ତଥା ବଡଦାଣ୍ଡ ସବପୋଷ୍ଟ ଅଫିସ ସମ୍ମୁଖରେ ପହଞ୍ଚାଇ ଥିଲେ। ନୀଳଗିରିର ଆଦିସେବକ ରାଜା ଜୟନ୍ତ ମର୍ଦ୍ଦରାଜ ହରିଚନ୍ଦନ ରଥଟଣାର ପ୍ରଥମେ ଶୁଭାରମ୍ଭ କରିଥିଲେ।

ଏହି ଘୋଷଯାତ୍ରାରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ବାଲେଶ୍ୱର ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ନୀଳଗିରିର ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହି, ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଓ ଚିତ୍ତରଞ୍ଜନ ଷଡ଼ଙ୍ଗୀ,ରେମୁଣା ପୂର୍ବତନ ବିଧାୟକ ସୁଧାଂଶୁ ପରିଡ଼ା,ବାସୁଦେବପୁର ବିଧାୟକ ଅଶୋକ ଦାସ, ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରଦ୍ଧାଳୁଙ୍କ ଭିଡ ନିୟନ୍ତ୍ରଣ ଓ ଶୃଙ୍ଖଳିତ ଦର୍ଶନ ପାଇଁ ବଡ଼ଦାଣ୍ଡ ସମେତ ବିଭିନ୍ନ ସ୍ଥାନରେ ପୋଲିସ ଫୋର୍ସ ନିୟୋଜନ କରାଯାଇଥିଲା। କିନ୍ତୁ ଦୁଃଖର କଥା ୨୦୦ବର୍ଷ ଧରି ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ରଥଯାତ୍ରା ରେ ଚଳିତ ବର୍ଷ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଗାଡିପାଶ କିମ୍ବା କଡ଼ନପାଶ ଉପଖଣ୍ଡ ପକ୍ଷରୁ ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ଦେଇନଥିବା ଯୋଗୁ ଗଣ ମାଧ୍ୟମ ପ୍ରତିନିଧିମାନେ ରଥଦାଣ୍ଡକୁ ସମ୍ବାଦ ସଂଗ୍ରହ କରିବା କୁ ଯିବା ବେଳେ କଦମ୍ବ ସାହି ଛକ, ଏନେସି ଛକ, ହସ୍ପିଟାଲ ଛକ ଓ ଘାଟଘରସାହି ଛକରେ ପୋଲିସ ଠାରୁ ଦୁର୍ବ୍ୟବହାର ଶିକାର ହେବାକୁ ପଡିଥିଲା।

ଅପରପକ୍ଷରେ ରଥ ଦାଣ୍ଡରେ ପୋଲିସ କର୍ମଚାରୀ, ବାଲଶ୍ୱର ଡିଇଓଙ୍କ ଚାରି ଚକିଆ ଯାନ, ବିଧାୟକଙ୍କ ଗାଡି, ବହୁ ନେତା କର୍ମୀ। ସବୁଠାରୁ ଆଶ୍ଚର୍ଯ୍ୟ କଥା ରଥ ସମ୍ମୁଖରେ ୩ଟି କଡ଼ନ କରାଯାଇଥିଲା । ୧ମ କଡ଼ନରେ ମହାରଣା, ଇଂଜିନିୟରିଂ ଥିଲେ। ୨ୟ କଡ଼ନଟି ଭିଆଇପିଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ସେଥିରେ ଭିଆଇପି ସଂଖ୍ୟା କମ ଥିବା ବେଳେ ୱାର୍ଡ ମେମ୍ବର ହୋଇ ନଥିବା ବ୍ୟକ୍ତିଙ୍କ ସଂଖ୍ୟା ବେଶୀ ଥିଲେ ବି ପ୍ରଶାସନ ଚୁପ କାହା ଚାପରେ କାର୍ଯ୍ୟ କରୁଥିଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଚଳିତ ବର୍ଷ ୩ୟ କଡ଼ନ ଗଣମାଧ୍ୟମ ପ୍ରତିନିଧିମାନେ ରହିବାର ବ୍ୟବସ୍ଥା ଯୋଗୁଁ ବିଭିନ୍ନ ବିଭ୍ରାଟଆଜି ଦେଖା ଦେଇଛି। ରଥ ଦାଣ୍ଡରେ ଗାଡି ବୁଲୁଥିଲା ବେଳେ ପୋଲିସ କଣ କରୁଥିଲା ବୋଲି ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ଘଟଣାକୁ ନେଇ ଗଣମାଧ୍ୟମ ପକ୍ଷରୁ ନିନ୍ଦାକରିବା ସହିତ ନ୍ୟାୟ ପାଇଁ ଉତ୍କଳ ସାମ୍ବାଦିକ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଏହାର ସମାଧାନ ପାଇଁ ବାଲେଶ୍ୱର ଜିଲ୍ଲା ପାଳଙ୍କୁ ଜିଲ୍ଲା ସଭାପତି ଲୋକନାଥ ଦଳେଇ ଲିଖିତ ଭାବେ ଅଭିଯୋଗ କରିଛନ୍ତି।

## ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ବନ ମହୋତ୍ସବ




ବାଲିଆପାଳ,୧୭।୭ (ସଂଚାର ବ୍ୟୁରୋ): ଟାଟା ଷ୍ଟିଲ୍ ଫାଉଣ୍ଡେସନ୍, ବାଲେଶ୍ୱର ୟୁନିଟ୍ ପକ୍ଷରୁ ଫେରୋ ଆଲଏଜ୍ ପ୍ଲାଣ୍ଟ (ଏଫ୍ଏପି) କାର୍ଯ୍ୟକାରୀ ଅଞ୍ଚଳ ଅନ୍ତର୍ଗତ ଛାନପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସୁତେଇ ପଞ୍ଚାୟତ ସରପଞ୍ଚ ଓ ପଞ୍ଚାୟତ ସମିତି ସଦସ୍ୟ, ରେମୁଣାସ୍ଥିତ ଫେରୋ ଆଲଏଜ୍ ପ୍ଲାଣ୍ଟର ପରିବେଶ ବିଭାଗ ମୁଖ୍ୟଙ୍କ ସମେତ 'ଦିଶା'ର ନେତୃବୃନ୍ଦ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି ଚାରାରୋପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୁଷ୍ଟିସାଧନର ଆବଶ୍ୟକତା ସମ୍ପର୍କରେ ସଚେତନତା, ଜୈବ ବିବିଧତା ସଂରକ୍ଷଣ ଏବଂ ବିଦ୍ୟାଳୟ ପରିସରକୁ ସବୁଜିମାରେ ଭରିଦେବା ଉଦ୍ଦେଶ୍ୟରେ ସ୍କୁଲ କ୍ୟାମ୍ପସ ଭିତରେ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଛି।

ଏଥିସହିତ ଅଞ୍ଚଳର ସବୁଜ ବଳୟ ବୃଦ୍ଧି ଓ ପରିବେଶ ସୁରକ୍ଷା ଉଦ୍ଦେଶ୍ୟରେ ରାସ୍ତାକଡ଼ରେ ବିଭିନ୍ନ ଜଙ୍ଗଲୀ ବୃକ୍ଷ ଚାରା ମଧ୍ୟ ଲଗାଯାଇଛି। ଏହି ଅଭିଯାନ ଅଧୀନରେ ବାଲେଶ୍ୱର ଏଫ୍ଏପିର ଆଖପାଖ ଗ୍ରାମଗୁଡ଼ିକରେ ମୋଟ ୨,୦୦୦ ଚାରା ରୋପଣ କରିବାକୁ ଲକ୍ଷ୍ୟ ରଖାଯାଇଛି। କେବଳ ବୃକ୍ଷରୋପଣ ନୁହେଁ, ବରଂ ପ୍ରତିଟି ଚାରା ଯେପରି ଏକ ସୁସ୍ଥ ବୃକ୍ଷରେ ପରିଣତ ହେବ, ସେଥିପାଇଁ ନିୟମିତ ପାଣି ଦେବା ଏବଂ ଏହାର ଯତ୍ନ ନେବାକୁ ଅଂଶଗ୍ରହଣକାରୀମାନଙ୍କୁ ଅନୁରୋଧ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଆଗାମୀ ପିଢ଼ି ପାଇଁ ଏକ ସବୁଜ, ସ୍ୱଚ୍ଛ ଓ ସୁସ୍ଥ ପରିବେଶ ଗଠନ କରିବା ସହ ଚାରାଗୁଡ଼ିକର ଯତ୍ନ ନେବାକୁ ସାମୂହିକ ସଂକଳ୍ପ ପାଠ କରାଯାଇଥିଲା।

### ଅଘଟଣ ପରେ ସଫଳ ହେଲା ରଥଟଣା

# ମାଉସୀ ମା' ମନ୍ଦିରରେ ପହଞ୍ଚିଲେ ତିନି ଠାକୁର



ରାଇଘର,୧୭।୭ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକରେ ପବିତ୍ର ରଥଯାତ୍ରା ଅବସରରେ ଘଟିଥିବା ଅଘଟଣ ପରେ ଆଜି ଭକ୍ତମାନଙ୍କ ମନରେ ଖୁସିର ମାହୋଲ ଦେଖିବାକୁ ମିଳିଛି। ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ରଥ ଆଜି ସଫଳତାର ସହ ଟଣାଯାଇ ମାଉସୀମା ମନ୍ଦିର ନିକଟରେ ପହଞ୍ଚିଛି। ଏହି ଦୃଶ୍ୟକୁ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ଭିଡ଼ ଜମିଥିଲା। ସମଗ୍ର ଅଞ୍ଚଳ "ଜୟ ଜଗନ୍ନାଥ" ଧ୍ୱନିରେ ପ୍ରକମ୍ପିତ ହୋଇଯାଇଥିଲା।

ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ ରଥଯାତ୍ରା ସମୟରେ ରଥ ଟଣା ଚାଲିଥିବା ବେଳେ ହଠାତ୍ ରଥର ଏକ ଚକ ଭାଙ୍ଗିଯାଇଥିଲା। ଏହି ଅପ୍ରତ୍ୟାଶିତ ଘଟଣା ଯୋଗୁଁ ରଥଟଣା କିଛି ସମୟ ପାଇଁ ବନ୍ଦ ରଖିବାକୁ ପଡ଼ିଥିଲା। ଭକ୍ତମାନଙ୍କ ମନରେ ସାମୟିକ ନିରାଶା ସୃଷ୍ଟି ହୋଇଥିଲେ ମଧ୍ୟ, ସମସ୍ତେ ଧୈର୍ଯ୍ୟର ସହ ପରିସ୍ଥିତିକୁ ସାମ୍ନା କରିଥିଲେ।ରଥର ଚକ ମରାମତି କାମ ସମାପ୍ତ ହେବା ପରେ ଆଜି ଅପରାହ୍ନ ପ୍ରାୟ ୨ଟା ସମୟରେ ପୁଣିଥରେ ରଥଟଣା ଆରମ୍ଭ କରାଯାଇଥିଲା। ରଥ ଟାଣିବା ପାଇଁ ସକାଳୁ ହିଁ ରାଇଘର ଓ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ପହଞ୍ଚିଥିଲେ। ମହିଳା, ପୁରୁଷ, ଯୁବକ, ବୃଦ୍ଧ ଏବଂ ଶିଶୁମାନଙ୍କ ଉତ୍ସାହ ଦେଖିବା ଯୋଗ୍ୟ ଥିଲା।ପାରମ୍ପରିକ ବାଦ୍ୟ, ହରିବୋଲ, ଭଜନ-କୀର୍ତ୍ତନ ଓ "ଜୟ ଜଗନ୍ନାଥ" ଧ୍ୱନି ମଧ୍ୟରେ ଭକ୍ତମାନେ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ରଥ ଟାଣିଥିଲେ। ପ୍ରଶାସନ, ରଥଯାତ୍ରା କମିଟି, ସେବାୟତ ଓ ସ୍ୱେଚ୍ଛାସେବୀମାନଙ୍କ ସହଯୋଗରେ ରଥଟିକୁ ସୁରକ୍ଷିତ ଭାବେ ମାଉସୀମା ମନ୍ଦିର ନିକଟକୁ ଅଣାଯାଇଥିଲା।ରଥ ମାଉସୀମା ମନ୍ଦିରରେ ପହଞ୍ଚିବା ପରେ ଭକ୍ତମାନଙ୍କ ମଧ୍ୟରେ ଅପାର ଆନନ୍ଦ ଦେଖିବାକୁ ମିଳିଥିଲା। ଅନେକ ଭକ୍ତ ପ୍ରଭୁଙ୍କ ଦର୍ଶନ କରି ନିଜ ପରିବାରର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଥିଲେ। ମନ୍ଦିର ପରିସରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଏହି ଅବସରରେ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଥିଲା। ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ଓ ସ୍ୱେଚ୍ଛାସେବୀମାନେ ନିୟୋଜିତ ଥିଲେ। ସେମାନଙ୍କ ସହଯୋଗରେ ସମଗ୍ର ରଥଟଣା କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାର ସହ ସମାପ୍ତ ହୋଇଥିଲା। ରଥର ଚକ ଭାଙ୍ଗିଯିବା ଘଟଣା ରଥଯାତ୍ରାରେ ସାମୟିକ ବାଧା ସୃଷ୍ଟି କରିଥିଲେ ମଧ୍ୟ, ଶେଷରେ ପ୍ରଭୁଙ୍କ କୃପାରୁ ରଥ ମାଉସୀମା ମନ୍ଦିରରେ ପହଞ୍ଚିବା ସହ ଭକ୍ତମାନଙ୍କ ମନରେ ଆନନ୍ଦର ଲହରୀ ଖେଳିଯାଇଛି।

## ଜଙ୍ଗଲରୁ ୧୧ ବର୍ଷୀୟ ବାଳକର ମୃତଦେହ ଉଦ୍ଧାର



ଯୋଡ଼ା,୧୭।୭ (ସଂଚାର ବ୍ୟୁରୋ):ଯୋଡ଼ା ଥାନା ଅନ୍ତର୍ଗତ ୧୩ ନମ୍ବର ୱାର୍ଡ ଖୁଟପାଣି ଶିବମନ୍ଦିର ନିକଟସ୍ଥ ଜଙ୍ଗଲ ଟାଟା ଷ୍ଟିଲ ଲିଜ ଏରିଆ ଏକ ବରଗଛ ନିକଟରୁ ଜଣେ ୧୧ ବର୍ଷୀୟ ବାଳକଙ୍କ ମୃତଦେହ ଉଦ୍ଧାର ହେବା ପରେ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ମୃତ ବାଳକ ହେଲେ କମରଯୋଡ଼ା ତାରିଣୀ ଛକ ନିକଟସ୍ଥ ବସ୍ତି ଅଞ୍ଚଳର ବାସିନ୍ଦା କୃଷ୍ଣନ କାଳନ୍ଦୀ (୧୧), ପିତା ସ୍ୱର୍ଗତ ଗୁରୁ କାଳନ୍ଦୀ। ସୂଚନା ଅନୁଯାୟୀ, ଗତ ୧୫ ତାରିଖ ସନ୍ଧ୍ୟାରେ କୃଷ୍ଣନ ତାଙ୍କ ଭଉଣୀ ପୂର୍ଣ୍ଣିମା କାଳନ୍ଦୀଙ୍କ ସହ ଜଙ୍ଗଲକୁ ଛତୁ ସଂଗ୍ରହ କରିବାକୁ ଯାଇଥିଲେ। ସେଠାରେ କୃଷ୍ଣନ ଏକ ଉଚ୍ଚ ସ୍ଥାନକୁ ଚଢ଼ିଯାଇଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିବା କୁହାଯାଉଛି। ପରିବାର ସୂତ୍ରରୁ ଜଣାପଡ଼ିଛି ଯେ, ସେ ପୂର୍ବରୁ ଶ୍ୱାସକଷ୍ଟ ଜନିତ ସମସ୍ୟାରେ ପୀଡ଼ିତ ଥିଲେ। ଘଟଣା ସମୟରେ ତାଙ୍କର ନିଶ୍ୱାସ ନେବାରେ ଅସୁବିଧା ହେବା ସହ ସେ ଅଚେତ ହୋଇପଡ଼ିଥିଲେ। ଘଟଣା ଦେଖି ଭୟଭୀତ ହୋଇ ଭଉଣୀ ପୂର୍ଣ୍ଣିମା ଘରକୁ ଫେରି ଆସିଥିଲେ। ଅନ୍ୟପଟେ କୃଷ୍ଣନ ଘରକୁ ନ ଫେରିବାରୁ ପରିବାର ଲୋକେ ରାତିସାରା ଓ ପରଦିନ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ପରେ ପୂର୍ଣ୍ଣିମାଙ୍କ ଠାରୁ ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ପରିବାର ଲୋକେ ପୁଲିସକୁ ଜଣାଇଥିଲେ। ଖବର ପାଇ ଯୋଡ଼ା ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ କୁମାର ସାମଲଙ୍କ ନେତୃତ୍ୱରେ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣାପଡ଼ିଛି।

## ଶାଳପଡ଼ା ଓଭରବ୍ରିଜ୍ ତଳେ କୃତ୍ରିମ ପୋଖରୀ

### ଆମ୍ବୁଲାନ୍ସ, ସ୍କୁଲ ବସ୍ ଚଳାଚଳରେ ବାଧା, ସ୍ଥାୟୀ ମରାମତି ଦାବି



ଆନନ୍ଦପୁର,୧୭।୭ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲାର ୨୦ ନମ୍ବର ଜାତୀୟ ରାଜପଥର ଶାଳପଡ଼ା ଓଭରବ୍ରିଜ୍ ତଳ ରାସ୍ତା ଏବେ ପାଲଟିଛି ମରଣଯନ୍ତା। ଓଭରବ୍ରିଜ୍ ନିର୍ମାଣ ସରିବାର ମାସକ ଭିତରେ ରାସ୍ତା ଭାଙ୍ଗିରୁଜି ଶୋଚନୀୟ ହୋଇପଡ଼ିଛି। ବର୍ଷା ଜଳ ଜମି କୃତ୍ରିମ ପୋଖରୀ ସୃଷ୍ଟି ହେବାରୁ ପ୍ରତିଦିନ ଯାତାୟାତ ବ୍ୟାହତ ହେଉଛି। ଟୋଲ୍ ଆଦାୟ ଚାଲିଥିଲେ ବି ରାସ୍ତା ମରାମତିକୁ ନେଇ କାହିଁକି ଉଦାସୀନତା? ତାହା ଏବେ ଆଲୋଚନାର ବିଷୟବସ୍ତୁ ପାଲଟିଛି। ୨୦ ନମ୍ବର ଜାତୀୟ ରାଜପଥର ଶାଳପଡ଼ା ଓଭରବ୍ରିଜ୍ ତଳ ରାସ୍ତାର ଅବସ୍ଥା ଏବେ ଅତ୍ୟନ୍ତ ଦୟନୀୟ।

ନିର୍ମାଣ କାର୍ଯ୍ୟ ଶେଷ ହେବାର ମାତ୍ର ମାସକ ଭିତରେ ରାସ୍ତା ଭାଙ୍ଗି ଖାଲଖମାରେ ପରିଣତ ହୋଇଛି। ବର୍ଷା ଜଳ ଜମି ରାସ୍ତା ଉପରେ କୃତ୍ରିମ ପୋଖରୀ ସୃଷ୍ଟି ହେବାରୁ ପ୍ରତିଦିନ ଯାତାୟାତରେ ଗୁରୁତର ସମସ୍ୟା ଦେଖାଦେଉଛି। ସବୁଠାରୁ ବଡ଼ କଥା ହେଉଛି, ଏହି ରାସ୍ତା ଦେଇ ପ୍ରତିଦିନ ସ୍କୁଲ, କଲେଜ ଛାତ୍ରଛାତ୍ରୀ, ଆମ୍ବୁଲାନ୍ସ ସମେତ ଶହ ଶହ ଛୋଟ ବଡ଼ ଗାଡ଼ି ଚଳାଚଳ କରୁଛି। କିନ୍ତୁ ରାସ୍ତାର ଦୟନୀୟ ଅବସ୍ଥା ଯୋଗୁଁ ଲୋକମାନେ ଜୀବନକୁ ବାଜି ଲଗାଇ ଯାତ୍ରା କରିବାକୁ ବାଧ୍ୟ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ, ଏହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିଲେ ମଧ୍ୟ ପ୍ରଶାସନ କିମ୍ବା ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ନଜର ପଡୁନାହିଁ। ପ୍ରତିଦିନ ଟୋଲ୍ ଆଦାୟ ହେଉଥିଲେ ବି ରାସ୍ତାର ସ୍ଥାୟୀ ମରାମତି ନ ହେବାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏବେ ସ୍ଥାନୀୟ ବାସିନ୍ଦାଙ୍କ ଦାବି, ଆଉ ବିଳମ୍ବ ନକରି ଶାଳପଡ଼ା ଓଭରବ୍ରିଜ୍ ତଳ ରାସ୍ତାର ସ୍ଥାୟୀ ମରାମତି କରାଯାଉ, ଯାହାଦ୍ୱାରା ଆଗାମୀ ଦିନରେ କୌଣସି ବଡ଼ ଅଘଟଣ ଘଟିବା ପୂର୍ବରୁ ସମସ୍ୟାର ସମାଧାନ ହୋଇପାରିବ।

# ଭକ୍ତିରେ ଭାସିଲା ଯୋଡ଼ା, ନାରୀଶକ୍ତି ଟାଣିଲା ମହାପ୍ରଭୁଙ୍କ ରଥ



ଯୋଡ଼ା,୧୭।୭ (ସଂଚାର ବ୍ୟୁରୋ): ଯୋଡ଼ାରେ ଚଳିତ ବର୍ଷର ରଥଯାତ୍ରା ଭକ୍ତି, ପରମ୍ପରା ଓ ନାରୀଶକ୍ତିର ଏକ ଅନନ୍ୟ ସମାଗମ ପାଲଟିଥିଲା। ଯୋଡ଼ା ଇଷ୍ଟ ଟାଟା ଷ୍ଟିଲ୍ କଲୋନୀସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରୁ ବାହାରିଥିବା ମହାପ୍ରଭୁଙ୍କ ରଥ ଦର୍ଶନ ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ଭକ୍ତଙ୍କ ଭିଡ଼ ଜମିଥିଲା। "ଜୟ ଜଗନ୍ନାଥ" ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା।

ପୁରାତନ ଜଗନ୍ନାଥ ପରମ୍ପରା ଅନୁଯାୟୀ ପହଣ୍ଡି, ଛେରାପହଁରା ଓ ଅନ୍ୟାନ୍ୟ ନୀତିକାନ୍ତି ଶ୍ରଦ୍ଧାର ସହ ସମ୍ପନ୍ନ ହୋଇଥିଲା। ଦୁଇ ପିଢ଼ି ଧରି ଏହି ସେବା ପରମ୍ପରାକୁ ଆଗେଇ ନେଉଥିବା ସୁମନ ଭଟ୍ଟାଚାର୍ଯ୍ୟ ନୀତିକାନ୍ତି ପରିଚାଳନା କରିଥିବା ବେଳେ ମୁଖ୍ୟ ପୂଜକ ପ୍ରଦୀପ ମିଶ୍ର ସମସ୍ତ ଧାର୍ମିକ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

ରଥ ଫେରୋପ୍ଲାଷ୍ଟ ଗେଟ୍, ରାଧାକୃଷ୍ଣ ମନ୍ଦିର, ତାରିଣୀ ଛକ ଓ ଯୋଡ଼ା ବସ୍ଷ୍ଟାଣ୍ଡ ଦେଇ ଯୋଡ଼ା ୱେଷ୍ଟସ୍ଥିତ ମାଉସୀ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲା। ଘଣ୍ଟ, ଶଙ୍ଖ, ମୃଦଙ୍ଗ, ହୁଳହୁଳି ଓ ହରିବୋଲ ସଂକୀର୍ତ୍ତନରେ ପରିବେଶ ଆଧ୍ୟାତ୍ମିକ ମାହୋଲରେ ଭରିଯାଇଥିଲା।

ଚଳିତ ବର୍ଷର ସବୁଠାରୁ ବଡ଼ ଆକର୍ଷଣ ଥିଲା ମହିଳାଙ୍କ ରଥ ଟଣା। ଶତାଧିକ ମହିଳା ଭକ୍ତ ରଥର ଦଉଡ଼ି ଧରି ମହାପ୍ରଭୁଙ୍କ ରଥକୁ ଟାଣିଥିଲେ। ଭକ୍ତିରେ ଭରପୂର ଏହି ଦୃଶ୍ୟ ଉପସ୍ଥିତ ସମସ୍ତଙ୍କୁ ଭାବବିହ୍ୱଳ କରିବା ସହ ନାରୀଶକ୍ତିର ଏକ ଉଜ୍ଜ୍ୱଳ ନିଦର୍ଶନ ସୃଷ୍ଟି କରିଥିଲା।

କାର୍ଯ୍ୟକ୍ରମରେ ଡ଼. ଏ.କେ. ଦାସ, ଗାୟତ୍ରୀ ପରିବାରର ସଦସ୍ୟ, ସାମ୍ବାଦିକ, ବୁଦ୍ଧିଜୀବୀ, ଟାଟା ଷ୍ଟିଲ୍ର ଅଧିକାରୀ, ଦମକଳ ବିଭାଗ ଓ ବହୁ ସଂଖ୍ୟକ ଭକ୍ତ ଉପସ୍ଥିତ ଥିଲେ। ସୁରକ୍ଷା ବ୍ୟବସ୍ଥା ପାଇଁ ଯୋଡ଼ା ଥାନା ପକ୍ଷରୁ ଦୁଇ ପ୍ଲାଟୁନ୍ ପୋଲିସ ମୁତୟନ କରାଯାଇଥିଲା।

## ତିଲକଣା ପଞ୍ଚାୟତରେ ଆବାସ ଯୋଜନାରେ ଅନିୟମିତତା ଅଭିଯୋଗ

ନିଶ୍ଚିନ୍ତକୋଇଲି,୧୭।୭(ସଂଚାର ବ୍ୟୁରୋ): କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ତିଲକଣା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରିତାକୁ ନେଇ ଅନିୟମିତତା ଅଭିଯୋଗ ସାମ୍ନାକୁ ଆସିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ପ୍ରକୃତ ହିତାଧିକାରୀମାନେ ଯୋଜନାର ସୁବିଧାରୁ ବଞ୍ଚିତ ହେଉଥିବା ବେଳେ, ଯୋଗ୍ୟତା ନଥିବା କିଛି ବ୍ୟକ୍ତିଙ୍କ ନାମ ତାଲିକାରେ ସାମିଲ ହୋଇଥିବା ଅଭିଯୋଗ କରାଯାଇଛି। ଏହି ଅଭିଯୋଗକୁ ନେଇ ଅଞ୍ଚଳବାସୀ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ଅଭ୍ୟୁଦୟ ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ ପୁରୀରେ ପବିତ୍ର ରଥଯାତ୍ରା ଉପଲକ୍ଷେ ଅନ୍ନଦାନ କାର୍ଯ୍ୟକ୍ରମ



ପୁରୀ,୧୭।୭ (ସଂଚାର ବ୍ୟୁରୋ):ପବିତ୍ର ରଥଯାତ୍ରା-୨୦୨୬ ଉପଲକ୍ଷେ ଅଭ୍ୟୁଦୟ ଫାଉଣ୍ଡେସନ, ପାଣ୍ଡବ ନଗର, ଭୁବନେଶ୍ୱର ତରଫରୁ ପୁରୀରେ ଭକ୍ତମାନଙ୍କ ପାଇଁ ଏକ ବିଶାଳ ଅନ୍ନଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ ଜଗନ୍ନାଥଙ୍କ ଅପାର କରୁଣାରୁ ଏହି ସେବା କାର୍ଯ୍ୟ ଅତ୍ୟନ୍ତ ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ ହୋଇଛି।

ଆଜି ସକାଳ ୬ଟାରୁ ଭକ୍ତମାନଙ୍କୁ ଜଳଖିଆ ଭାବେ ଉପମା ଏବଂ ଡାଲମା ପରିବେଷଣ କରାଯାଇଥିଲା। ମଧ୍ୟାହ୍ନ ଭୋଜନରେ ଅନ୍ନ, ଡାଲମା, ସାଦା ତରକାରୀ ଏବଂ ଖଟା ପରସାଯାଇଥିଲା। ହଜାର ହଜାର ଭକ୍ତ ଶୃଙ୍ଖଳିତ ଭାବେ ବସି ଏହି ଭୋଜନ ଗ୍ରହଣ କରିଥିଲେ। ଏହି ଅନ୍ନଦାନ ସେବା କାର୍ଯ୍ୟରେ ଅଭ୍ୟୁଦୟ ଫାଉଣ୍ଡେସନର ପ୍ରାୟ ୪୦ ଜଣ କର୍ମକର୍ତ୍ତାନିଷ୍ଠାର ସହଯୋଗ କରିଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଫାଉଣ୍ଡେସନର ସମ୍ପାଦକ ଶ୍ରୀ ପ୍ରବୀର କୁମାର ଆଚାର୍ଯ୍ୟ, ଉପଦେଷ୍ଟା ଶ୍ରୀ ସୁଶୀଲ କୁମାର ସ୍ୱାଇଁ ଏବଂ ଅଧ୍ୟକ୍ଷ ଶ୍ରୀ ତପନ କୁମାର ଶତପଥୀ ପରିଚାଳନା କରିଥିଲେ। ଭକ୍ତମାନେ ଏହି ମହତ୍ ଅନ୍ନଦାନ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହ ଫାଉଣ୍ଡେସନର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

**ବାଘ ନଦୀରେ ପୋଲ ନାହିଁ**

# ପୁଅକୁ ହଣ୍ଡାରେ ବସାଇ ବାଘନଦୀ ପାର କରାଇଲେ ବାପା

ଫୁଲବାଣୀ,୧୭।୭ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ସଲାଗୁଡ଼ା ପଞ୍ଚାୟତର ଡୁମୁରିଗାଟା ଗ୍ରାମ ଗତ ୧୩ ତାରିଖ ଦିନ ସକାଳ ସମୟ ରେ ଭିଡିଓ ଭାଇରାଲ୍ ହେଉଛି ଡୁମୁରିଗାଟା ଠାରୁ ଗୋଛାପଡା ଭିବାନାମଲିକ ଶିଶୁ ପୁତ୍ର ତାର ଦେହ ଖରାପ ହେବା ଯୋଗୁ ମେଡିକାଲ କୁ ଅଣାଯାଇଥିଲା ଅର୍ଜୁନ ମଲିକ ଦୁଇ ବର୍ଷ ଶିଶୁ ପୁତ୍ର ମେଡିକାଲ କୁ ଆସୁଛନ୍ତି ରସ ହଣ୍ଡା ରେ ନଦୀ ପାରି ହେଇ ଆସିଲେ ବିଚ୍ଛିନ୍ନାଞ୍ଚଳରେ ଭାବେ ରହିଛି ଗାଁ ପାଖ ଦେଇ ଯାଇଥିବା ବାଘ ନଦୀ ଉପରେ ପୋଲ ନଥିବାରୁ ଲୋକେ ଯାତାୟାତ ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଲୋକଙ୍କୁ ଭରା ନଈ ଭିତରେ ପଶି ପାର ହେବାକୁ ପଡୁଛି ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ରୋଗୀ, ଗର୍ଭବତୀ, ସ୍କୁଲ ପିଲାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ନଦୀ ପାଣିରେ ପଶି ଯିବାକୁ ପଡୁଛି। ଖରା ଦିନ କୌଣସି ପ୍ରକାରେ ଚଳି ଯାଉଛି କିନ୍ତୁ ବର୍ଷା ଦିନ ଆସିଲେ ନଦୀ ପାର କରିବା ଅସମ୍ଭବ ହୋଇପଡୁଛି।

ପୂର୍ବରୁ ଅନେକ ଥର ଲୋକ ଏହି ନଦୀରେ ରସ ହଣ୍ଡାରେ ବସି ପାରି ହେଉଛନ୍ତି ଗ୍ରାମବାସୀଦୁର୍ଗମ ଗ୍ରାମ ଡୁମୁଗାଟା ରେ ୧୭ ପରିବାର ଜନକ ଭାବେ ପାର ହେଉଛନ୍ତି। ଗର୍ଭବତୀଙ୍କ ଠାରୁ ଶିଶୁ ଙ୍କୁ ରସ ହଣ୍ଡାରେ ବସାଇ ନଦୀ ପାରି କରାଯାଉଛି। ସଲାଗୁଡ଼ା ପଞ୍ଚାୟତର ଅତ୍ୟନ୍ତପରିବାର ରହୁଛନ୍ତି। ବାଘ ନଦୀ ପାରି ହୋଇ ଏହି ଗ୍ରାମକୁ ଯିବାକୁ ପଡ଼େ। ନଦୀ ଉପରେ ପୋଲଟିଏ ନିର୍ମାଣ



### ବର୍ଷାଦିନ ଆସିଲେ ବାହ୍ୟଜଗତରୁ ବିଚ୍ଛିନ୍ନ ଡୁମୁରିଗାଟା

ପାଇଁ ଗ୍ରାମବାସୀ ବହୁ ବର୍ଷ ହେଲା ପ୍ରଶାସନ ନିକଟରେ ଗୁହାରି ଜଣାଉଥିଲେ ମଧ୍ୟ କୌଣସି ଫଳ ମିଳିନାହିଁ। ଗ୍ରାମକୁ ଆଜି ପର୍ଯ୍ୟନ୍ତ ବିଜୁଳି ଆଲୋକ ପହଞ୍ଚି ପାରି ନ ଥିବା ବେଳେ ପାନୀୟ ଜଳ ସୁବିଧା ମଧ୍ୟ ନାହିଁ ଡିଜିଟାଲ ଯୁଗରେ ଗ୍ରାମର ଏଭଳି ସ୍ଥିତି ନେଇ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି।

ସଲାଗୁଡ଼ା ସରପଞ୍ଚ ରୋହିତ କହଁରଙ୍କୁ ପଚାରିବାରୁ ସେ କହିଛନ୍ତି, ଗ୍ରାମ ପାଇଁ ସୋଲାର ଲାଇଟ୍ ଓ କୂଅ ବ୍ୟବସ୍ଥା କରାଯାଇଛି ବାଘ ନଦୀ ଉପରେ ପୋଲ ନିର୍ମାଣ ପାଇଁ ପଞ୍ଚାୟତ ତରଫରୁ ବ୍ଲକ୍ ଏବଂ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି ଶୀଘ୍ର ଏଦିଗରେ ପଦକ୍ଷେପ ନେବା ପାଇଁ ପ୍ରଶାସନ ସହିତ ଆଲୋଚନା କରାଯିବ ବୋଲି ସେ ପ୍ରକାଶ କରିଛନ୍ତି

## ଉମାପଦା ଗାଁ ରାସ୍ତାରେ ଆଣ୍ଠୁଏ ପାଣି



ଯାଜପୁର ରୋଡ଼,୧୭।୭(ସଂଚାର ବ୍ୟୁରୋ): ବର୍ଷା ଏବେ ଛାଡ଼ିଥିଲେ'ବି ବ୍ୟାସନଗର ପୌର ପରିଷଦର ୱାର୍ଡ ନଂ-୧୬ ସ୍ଥିତ ଉମାପଦା ଗାଁର ଶ୍ରୀ ସୁଧିର ନାୟକଙ୍କ ଘର ଠାରୁ ଶ୍ରୀ ରିଙ୍କୁ ସାମଲଙ୍କ ଘର ପର୍ଯ୍ୟନ୍ତ ଗାଁମୁଖ୍ୟରାସ୍ତାଟି ମୌସୁମୀ ବର୍ଷାରେ ବେହାଲ ହୋଇପଡ଼ିଛି। ଡ୍ରେନ ଥିଲେ ମଧ୍ୟ ବର୍ଷାପାଣି ନିଷ୍କାସନ ହୋଇ ପାରୁନାହିଁ। ରାସ୍ତାରେ ଅପରିଷ୍କାର ଡ୍ରେନ୍ ପାଣି ଆଣ୍ଠୁଏ ଉଚ୍ଚର ଚହଲା ମାରୁଅଛି। ଏପରି ଅବସ୍ଥାରେ ଗାଁର ଝିଅ ବୋହୁ ମାନେ ପ୍ରତ୍ୟେକ ଦିନ ଓ ସଂକ୍ରାନ୍ତି ଭଳି ପବିତ୍ର ଦିନରେ ଗାଁ ରତନା ପୋଖରୀ ପାଖେଥିବା ୫ଟି ମନ୍ଦିରକୁ ଯାଇ ପାରୁନାହାନ୍ତି। ଏହି ରାସ୍ତା ଦେଇ ସ୍କୁଲ, କଲେଜ ପିଲା, ବୃଦ୍ଧ ବୃଦ୍ଧା ସମେତ ପଥଚାରୀ ମାନେ ନାନାଦି ପ୍ରକାରର ଅସୁବିଧାକୁ ସମ୍ମୁଖୀନ କରୁଥିବା ବେଳେ ବାଇକ୍ ଆରୋହି ମାନେ ଯାତାୟାତ ସମୟରେ ରାସ୍ତାରେ ଆଣ୍ଠୁଏ ପାଣି ଯୋଗୁଁ ସେମାନଙ୍କ ଗାଡ଼ି ଷ୍ଟାଟ ବନ୍ଦ ହୋଇଯାଉଛି। ଡ୍ରେନ୍ ଥାଇ ମଧ୍ୟ ରାସ୍ତା ଉପରେ ଜମି ରହିଛି ଆଣ୍ଠୁଏ ଆଣ୍ଠୁଏ ପାଣି । ଗାଁରେ ଦେହ କାହାର ଖରାପ ହେଲେ ମଟରସାଇକେଲରେ ହସ୍ପିଟାଲ ମଧ୍ୟ ନେବା ସମ୍ଭବ ହୋଇପାରୁନାହିଁ। ବ୍ୟାସନଗର ପୌର ପରିଷଦର ଅଧିକାରୀ ମହୋଦୟ ଏପରି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେଉନାହାନ୍ତି ବୋଲି ଅଭିଯୋଗ ହେଉଥିବା ବେଳେ ଗାଁ ଲୋକେ ଏପରି ସମସ୍ୟା ଦୂର କରିବା ବିଷୟରେ ଗୁହାରି କଲେ ମଧ୍ୟ କେହି ଶୁଣୁନଥିବା ନେଇ ଅଭିଯୋଗ ହେଉଛି।

## ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ଚାରାରୋପଣ



ନବରଙ୍ଗପୁର/ଉମରକୋଟ,୧୭।୭ (ସଂଚାର ବ୍ୟୁରୋ): ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉମରକୋଟ ଥାନା ଅଧିକାରୀ ଶ୍ରୀ ଯୁଗଳ ଶବର. ସନମାନନୀୟ ଅତିଥି ଭାବେ ବରିଷ୍ଠ ଆଇନଜୀବି ଶ୍ରୀ ପ୍ରଶାନ୍ତ କୁମାର ସାହୁ, ପ୍ରତିଷ୍ଠିତ ସମାଜ ସେବୀ ଶ୍ରୀ ମୋନଜ କୁମାର ପାତ୍ର , ପ୍ରମେୟ ଖବର କାଗଜର ଉମରକୋଟ ପ୍ରତିନିଧି ଶ୍ରୀ ଦେବି ପ୍ରସାଦ ବେହେରା, ନବରଙ୍ଗପୁର ଜିଲ୍ଲା ପ୍ରତିନିଧି ଶ୍ରୀ କିରଣ କୁମାର ପଟ୍ଟନାୟକ, ନିୟୁଜ ସେଭେନ ପ୍ରତିନିଧି କାନ୍ହୁ ନଦିଆ, ସାମ୍ବାଦିକ ସନ୍ତୋଷ ଦଳେଇ,ବନପାଳ ଶ୍ରୀ ଅକୁଳ ବୈରାଗୀ, ଉମରକୋଟ ବିଦ୍ୟୁତ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସ୍ୱରୂପ ପାତ୍ର,ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟ କ୍ରମରେ ସଭାପତି ଭାବରେ ଅନୁଷ୍ଠାନର ଅଧକ୍ଷ ଶ୍ରୀ ସଞ୍ଜୟ କୁମାର ଠାକୁର ଏବଂ ଉପସଭାପତି ଭାବରେ ଶ୍ରୀ ପ୍ରଦୀପ କୁମାର ବୋରମନ ଯୋଗ ଦେଇ ଥିଲେ। ଅନୁଷ୍ଠାନର ସହକାରୀ ତାଲିମ ଅଧିକାରୀ ଶ୍ରୀ ବାବୁ କୁମାର ଦଲାଇ ଏବଂ ବରିଷ୍ଠ ପ୍ରଶିକ୍ଷକ ଶ୍ରୀ ସୌରଭ ମିଶ୍ର ମଞ୍ଚ ପରିଚାଳନା କରିବା ସହିତ ଯୁବ ସମାଜକୁ ବୃକ୍ଷରୋପଣର ଉପକାରିତା ସମ୍ବନ୍ଧରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ର ଛାତ୍ରୀ ବୃକ୍ଷ ରପଣ କାର୍ଯ୍ୟରେ ଯୋଗ ଦେଇଥିଲେ। ଏହି ବାବଦରେ୧୦୦ ରୁ ଅଧିକ ବୃକ୍ଷ ଚାରା ରପଣ କରାଯାଇଥିଲା।

# ଚିଙ୍ଗୁଡ଼ି ଘେରିରେ ଗରିବ ଲହୁଲୁହାଣ

କାକଟପୁର/ଅସ୍ତରଙ୍ଗ,୧୭।୭ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଧୀନରେ ମାଳ ମାଳ ଚିଙ୍ଗୁଡ଼ି ଘେରି। ଆଉ ସେହି ଘେରିରେ ମାଳ ମାଳ ଗରିବ ଶ୍ରମିକଙ୍କ ଲାଶ। ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଗରିବ ଯୁବକମାନଙ୍କୁ ଆଣି ଏଠାରେ ଦିନ ରାତି ଖଟାଉଛନ୍ତି ଚିଙ୍ଗୁଡ଼ି ମାଫିଆ। କିନ୍ତୁ ପାଉଛନ୍ତି କି? କେବଳ ଅତ୍ୟାଚାର ଆଉ ମୃତ୍ୟୁ। ଆଉ ମୃତ୍ୟୁ ପରେ ଗୋଟେ ହିଁ ଉତ୍ତର - "ବିଦ୍ୟୁତ ସଟସର୍କିଟ"।

ଶୁକ୍ରବାର ପୁଣି ଘଟିଛି ଆଉ ଏକ ଦୁଃଖଦ ଘଟଣା। ମାଲକାନଗିରି ଜିଲ୍ଲା ମାଥିଲି ଥାନା ଲକାଗୁଡା ଗ୍ରାମର ମଙ୍ଗରାଜ ଭୂମିଆଙ୍କ ପୁଅ ରାମ ଭୂମିଆ ବୟସ ୨୫ ବର୍ଷ। ସେ ୧୫ ଦିନ ହେବ ଅସ୍ତରଙ୍ଗର ବେଳଙ୍ଗା ଅଞ୍ଚଳର ଗୋଟେ ଚିଙ୍ଗୁଡ଼ି ଘେରିରେ କାମ କରୁଥିଲେ। ଶୁକ୍ରବାର ସେ ମୃତ୍ୟୁ ବରଣ କରିଛନ୍ତି। ଘେରି ମାଲିକ ସଫେଇ ଦେଇଛନ୍ତି ଯେ ସେ ଖସିକି ଯିବାକୁ ଚେଷ୍ଟା କରିଥିଲା। କିନ୍ତୁ ଶେଷରେ ଡାଲୁଅକଣି ସମୁଦ୍ର ନିକଟରୁ ତାଙ୍କର ମୃତ ଦେହ ଉଦ୍ଧାର ହୋଇଛି। ସରପଞ୍ଚ କ୍ଷୀରୋଦ କାଣ୍ଡି ଥାନାରେ ଅଭିଯୋଗ କରିଛନ୍ତି। ଘଟଣାର ସ୍ପଷ୍ଟ ସୂଚନା ପ୍ରଶାସନ ପକ୍ଷରୁ ମିଳୁନାହିଁ। ଏହା ପ୍ରଥମ ଘଟଣା ନୁହେଁ। ଏହା ପ୍ରମାଣିତ ପ୍ୟାଟର୍ନ। ଠିକ୍ ବର୍ଷେ ପୂର୍ବେ ଜୁଲାଇ ୧୪, ୨୦୨୫ ମସିହାରେ ବି ଏମିତି ଗୋଟେ ମୃତ୍ୟୁ ହୋଇଥିଲା। ଅସ୍ତରଙ୍ଗ ଥାନା ଛୁରିଆନା ପଞ୍ଚାୟତ ଆଇସିଣିଆ ଗ୍ରାମ। ସୁନ୍ଦରଗଡ଼ ଜିଲ୍ଲା ବିଶ୍ରା ଥାନା ଅନ୍ତର୍ଗତ କୁରୁମୋଇ ଅଞ୍ଚଳର ୨୩ ବର୍ଷୀୟ ଯୁବକ ଶିବ ଲାଲ ଜୋଜ ସ୍ଥାନୀୟ ଜିଲୁ ରଞ୍ଜନ ବିଶ୍ୱାଳଙ୍କ ଚିଙ୍ଗୁଡ଼ି ଘେରିରେ କାମ କରୁଥିଲେ। ଅପରାହ୍ନ ସମୟରେ ବିଲରେ ପାଣି ମଡ଼ାଇବା ପାଇଁ ମଟର ଲଗାଉଥିବା ବେଳେ "ବିଦ୍ୟୁତ ସଟସର୍କିଟ" ଯୋଗୁଁ ଘଟଣା ସ୍ଥଳରେ ଅଚେତ ହୋଇଯାଇଥିଲେ। ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



ସମ୍ପର୍କୀୟ ଭାଇ ଜୁଲିଆନ ଜୋଜଅଭିଯୋଗ କ୍ରମେ ଅସ୍ତରଙ୍ଗ ଥାନାରେ ଅପମୃତ୍ୟୁ ମାମଲା ୭/୨୫ ରୁଜୁ କରିଥିଲେ। ଉପନିରୀକ୍ଷକ ଅନିରୁଦ୍ଧ ଜାଲ୍ଲୀ ତଦନ୍ତ ଜାରୀ ରଖିଥିଲେ ବୋଲି ସୂଚନା ମିଳିଥିଲା। କିନ୍ତୁ ଶେଷରେ କ'ଣ ହେଲା? ସବୁ ଫାଇଲ ବନ୍ଦ। ଆଉ ଏବେ ଠିକ୍ ବର୍ଷେ ପରେ ପୁଣି ୨୫ ବର୍ଷର ରାମ ଭୂମିଆ। ସମାନ କାହାଣୀ, ସମାନ ପାତ୍ର, ସମାନ ଶେଷ। ଗରିବ ପରିବାର ଲୋକେ ଅର୍ଥ ଅଭାବରୁ ଶବବ୍ୟବଚ୍ଛେଦ ପରେ ମୃତ ଦେହକୁ ଘରକୁ ନେଇ ଫେରୁଛନ୍ତି। ନ୍ୟାୟ? କେଉଁଠି?



# ୨୩ରେ ଥଲାପତିଙ୍କ 'ଜନ ନାୟଗନ'

ସବୁ କଳ୍ପନାଜଳ୍ପନାର ଅନ୍ତ । ୬ମାସର ଲମ୍ବା ଅପେକ୍ଷା ପରେ ସାଉଥ ସୁପରଷ୍ଟାର ଏବଂ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଥଲାପତି ବିଜୟଙ୍କ ଶେଷ ଫିଲ୍ମ 'ଜନ ନାୟଗନ' ରିଲିଜ ହେବାକୁ ଯାଉଛି । ଏହି ଫିଲ୍ମ ୨୩ଜୁଲାଇରେ ଫିଲ୍ମ ହଲରେ ରିଲିଜ ହେବାକୁ ଅଛି । ଏହାର ସୂଚନା ନିଜେ ବିଜୟ ସୋସିଆଲ ମିଡ଼ିଆରେ ଏକ ପୋଷ୍ଟ ସେୟାର କରି ଦେଇଛନ୍ତି । ସେ ସୋସିଆଲ ମିଡ଼ିଆରେ ଫିଲ୍ମର ଏକ ପୋଷ୍ଟର ସେୟାର କରିଛନ୍ତି । ପୋଷ୍ଟରରେ ଫିଲ୍ମର ରିଲିଜ ଡେଟ୍ ୨୩ଜୁଲାଇ ଲେଖିଛନ୍ତି । ଏହାସହ ଥଲାପତି ବିଜୟ କ୍ୟାପଶନରେ ଏକ ହାସଟ୍ୟାଗର ବ୍ୟବହାର କରିଛନ୍ତି #Jananayaganfromjuly23 । ତାଙ୍କର ଏହି ଫିଲ୍ମକୁ ଫ୍ୟାନ୍ସ ଲମ୍ବା ସମୟରୁ ଅପେକ୍ଷା କରିଥିଲେ । କିନ୍ତୁ ଏହା ତାଙ୍କ ଫିଲ୍ମ କ୍ୟାରିୟରର ଶେଷ ଫିଲ୍ମ ଅଟେ । ସେ ଫିଲ୍ମରୁ ସନ୍ନ୍ୟାସ ନେଇ ସାରିଛନ୍ତି । ଏବେ ସେ ତାମିଲନାଡୁର ମୁଖ୍ୟମନ୍ତ୍ରୀ ରହିଛନ୍ତି । ଥଲାପତି ବିଜୟ 'ଜନ ନାୟଗନ'କୁ ପ୍ରଥମେ ୯ ଜାନୁଆରୀରେ ରିଲିଜ କରିବାର ନିଷ୍ପତ୍ତି ନେଇଥିଲେ। ମାତ୍ର ଫିଲ୍ମ ସେନ୍ସର ବୋର୍ଡ଼ରୁ ପାସ୍ ହୋଇପାରିନଥିଲା । ଏଭଳିସ୍ଥଳେ ରିଲିଜ ମାମଲା ଅଟକି ରହିଯାଇଥିଲା। ଏବେ ନିକଟରେ ସିବିଏଫ୍‌ସି ଏହି ଫିଲ୍ମକୁ ସେନ୍ସର ସାର୍ଟିଫିକେଟ ଦେଇଛି । ଯାହାପରେ ବିଜୟ ରିଲିଜ ଡେଟର ଘୋଷଣା କରିଛନ୍ତି । ଏହି ଫିଲ୍ମକୁ ଏ ସାର୍ଟିଫିକେଟ ମିଳିଛି । ଥଲାପତି ବିଜୟଙ୍କ ଏହି ଫିଲ୍ମ ହିନ୍ଦୀ, ତାମିଲ ଏବଂ ତେଲୁଗୁ ଭାଷାରେ ରିଲିଜ ହେବାକୁ ଅଛି । ହିନ୍ଦୀରେ ଏହି ଫିଲ୍ମ 'ଜନ ନେତା'ନାମରେ ରିଲିଜ ହେବ । ଏଚ ବିନୋଦ ଏହାର ନିର୍ଦ୍ଦେଶନା ଦେଇଛନ୍ତି । ସେହିଭଳି ଏହାର ନିର୍ମାଣ କେଭିଏନ ପ୍ରଡକ୍ସନ ବ୍ୟାନରରେ ହୋଇଛି । ଏହାର ରନଟାଇମ୍ ୩ଘଣ୍ଟା ୩ମିନିଟ ଏବଂ ୧୧ସେକେଣ୍ଡ ଅଟେ ।



## ରିଲିଜ୍ ହେଲା 'ଦୁଲ୍‌ହନିଆଁ ଲେ ଆଏଗୀ'ର ମଜାଦାର ଟ୍ରେଲର

ଆକାଶାଦିତ୍ୟ ଲାମାଙ୍କ ଫିଲ୍ମ 'ଦୁଲ୍‌ହନିଆ ଲେ ଆଏଗୀ' ର ଟ୍ରେଲର ଗୁରୁବାର ରିଲିଜ ହୋଇଛି । କମେଡି, ରୋମାନ୍ସ, ପାରିବାରିକ ସମ୍ପର୍କ, ବିବାହ ହଟଚମଟ ତଥା ଟୁଇଷ୍ଟରେ ଭରପୂର ଏହି ଟ୍ରେଲରରେ ଏକ ଫ୍ୟାମିଲି ଏଣ୍ଟରଟେନରର ଝଲକ ଦେଖିବାକୁ ମିଳିଛି । ଏଥିରେ କମେଡି ସହ ରୋମାନ୍ସ ଏବଂ ଅନେକ ମଜାଦାର ମୋଡ଼ ବା ଟୁଇଷ୍ଟ ରହିଛି । ଫିଲ୍ମରେ ଖୁଶାଲି କୁମାର, ମହେଶ ମାଞ୍ଜରେକର ଏବଂ ପିୟୁଷ ମିଶ୍ର ପ୍ରମୁଖ ଭୂମିକାରେ ଅଛନ୍ତି । ସିଦ୍ଧାର୍ଥ ବାନାର୍ଜୀ, ଆକାଶାଦିତ୍ୟ ଲାମା ଏବଂ ବିକାଶ ଅଗ୍ରୱାଲଙ୍କ ଦ୍ୱାରା ପ୍ରଯୋଜିତ 'ଦୁଲ୍‌ହନିଆ ଲେ ଆଏଗୀ' ଆସନ୍ତା । ୨୪ ତାରିଖରେ ଥିଏଟରରେ ମୁକ୍ତିଲାଭ କରିବ । ଫିଲ୍ମର କାହାଣୀ ଏପରି ଜଣେ ଦୁଲ୍‌ହନ୍ ବା କନ୍ୟା ଉପରେ ଆଧାରିତ, ଯାହାଙ୍କ ସମ୍ମୁଖରେ ବଡ଼ ସମସ୍ୟା ରହିଛି ।



## 'ଡୁମ୍ବାର୍ଡ-୨'ରେ ଆଲିଆ

ଡୁମ୍ବାର୍ଡ' ଫ୍ରାଞ୍ଚାଇଜିରେ ସାମିଲ 'ଡୁମ୍ବାର୍ଡ-୨'ରେ ସୋହୁମ ଶାହ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ ପ୍ରକାର ଭୂମିକା ଚୟନରେ ନିର୍ଭୀକତା ଫିଲ୍ମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ । ଏ ପିଢ଼ିର ସବୁଠୁ ଲୋକପ୍ରିୟ କଳାକାର ଟିମ୍‌ରେ ଯୋଗ ଦେବା ପରେ ଆଲିୟା ଦେଖିବା। ପରଠୁ ଏହା ମୋ ସୃଷ୍ଟି କରନ୍ତି, ଯାହା ଏବେ ଏହି ସୋହୁମ ଓ ନୱାଜଙ୍କ ଦୁହେଁ ମୋର ଅନ୍ୟତମ ଲୋକପ୍ରିୟ ହେଉଥିବା ଦେଇଛି 'ଡୁମ୍ବାର୍ଡ' ଆକର୍ଷଣ କରିଆସିଛି । ଆସନ୍ତା ବର୍ଷ ଡିସେମ୍ବର

ହୋଇଛନ୍ତି ଆଲ୍‌ଫା ଗର୍ଲ ଆଲିୟା। ଓ ନୱାଜୁଦ୍ଦିନ ସିଦ୍ଦିକିଙ୍କ ସହ ସେ କରିବେ। ଦମ୍‌ଦାର ଅଭିନୟ ଓ ବିଭିନ୍ନ ପାଇଁ ପରିଚିତ ଆଲିୟାଙ୍କ ଏଣ୍ଟ୍ରି ପରଦାରେ ନିଖୁଣ ପ୍ରଦର୍ଶନ ତାଙ୍କୁ ଭାବେ ପରିଚିତି ଦେଇଛି। 'ଡୁମ୍ବାର୍ଡ' ଗଣମାଧ୍ୟମକୁ କହିଛନ୍ତି, ପ୍ରଥମ ଥର ଫିଲ୍ମ ସହିତ ରହିଛି । ଖୁବ୍ କମ୍ ଫିଲ୍ମ ଏଭଳି ଦୁନିଆ ସହ ମନ ଆପଣାଛାଏଁ ଯୋଡ଼ି ହୋଇଯାଏ । ଦୁନିଆର ଅଂଶ ହେବା ମୋ ପାଇଁ ସ୍ୱତନ୍ତ୍ର ଅନୁଭବ। ସହ କାମ କରିବାକୁ ମୁଁ ଖୁବ୍ ଉତ୍ସାହିତ । ଏ ସବୁଠୁ ପ୍ରିୟ କଳାକାର । ଭାରତରେ ଦ୍ରୁତ ଲୋକକଥା ରୋମାଞ୍ଚକୁ ନୂଆ ପରିଚୟ । ଦୀର୍ଘ ବର୍ଷ ହେଲା ଏହା ଲୋକଙ୍କ ଧ୍ୟାନ ଆଦେଶ ପ୍ରସାଦଙ୍କ ନିର୍ଦ୍ଦେଶିତ 'ଡୁମ୍ବାର୍ଡ-୨' ୩ରେ ମୁକ୍ତିଲାଭ କରିବ ।

## ଗୋବିନ୍ଦାଙ୍କୁ ଇଣ୍ଡଷ୍ଟ୍ରିରୁ ବାହାର କରିବା ପାଇଁ ଚାଲିଥିଲା ଷଡ଼ଯନ୍ତ୍ର

ବଲିଉଡରେ 'ହିରୋ ନମ୍ବର ୧' ଭାବରେ ଜଣାଶୁଣା ସୁପରଷ୍ଟାର ଗୋବିନ୍ଦା ତାଙ୍କ ପ୍ରଶଂସକମାନଙ୍କୁ ଏକ ସ୍ୱତନ୍ତ୍ର ଉପହାର ଦେଇଛନ୍ତି। ଗତ ସାତ ବର୍ଷ ଧରି ବଡ଼ ପରଦାରୁ ଦୂରେଇ ରହିବା ପରେ, ଗୋବିନ୍ଦା ସୋମବାର ଦିନ ମୁମ୍ବାଇରେ ଏକ ସାମ୍ବାଦିକ ସମ୍ମିଳନୀରେ ତାଙ୍କର କମବ୍ୟାକ୍ ବିଷୟରେ ଘୋଷଣା କରିଛନ୍ତି; ସେ ଦୁଇଟି ନୂଆ ଫିଲ୍ମରେ ନଜର ଆସିବେ। ଏଥିମଧ୍ୟରେ, ସୁପରହିଟ୍ ଫିଲ୍ମ 'ପାର୍ଟନର୍' ପରେ ତାଙ୍କ କ୍ୟାରିୟର୍ କାହିଁକି ବୁଡିଗଲ । ଏବଂ ତାଙ୍କୁ କାମ କାହିଁକି ଆସିବା ବନ୍ଦ ହୋଇଗଲା, ଆସନ୍ତୁ ଜାଣିବା। ଗୋବିନ୍ଦାଙ୍କ କ୍ୟାରିୟରକୁ ନେଇ ଦିବଂଗତ ଫିଲ୍ମ ନିର୍ମାତା ଏବଂ ପୂର୍ବତନ ସିବିଏଫ୍‌ସି ଅଧ୍ୟକ୍ଷ ପହଲାଜ ନିହଲାନି ଅନେକ ସାକ୍ଷାତକାରରେ କହିଥିଲେ। ପହଲାଜ ହିଁ ସେହି ବ୍ୟକ୍ତି ଯିଏକି ଗୋବିନ୍ଦଙ୍କୁ ଇଣ୍ଡଷ୍ଟ୍ରିରେ ଲଞ୍ଚ କରିଥିଲେ। ଯେତେବେଳେ ଗୋବିନ୍ଦାଙ୍କ କ୍ୟାରିୟର ପ୍ରାରମ୍ଭିକ ପର୍ଯ୍ୟାୟରେ ଭଲ ଭାବରେ ଆଗକୁ ବଢୁନଥିଲା, ସେତେବେଳେ ପହଲାଜ ତାଙ୍କୁ 'ଶୋଲା ଔର ଶବନମ' ଭଳି ଫିଲ୍ମ ମାଧ୍ୟମରେ ପରିଚିତ କରାଇଥିଲେ।



## 'ଶ୍ରୀରାମଭୂମି'ରେ ଅଶୋକ ସିଙ୍ଘଲ ଭୂମିକାରେ ଅନୁପମ

ଅପକମିଂ ଫିଲ୍ମ ଶ୍ରୀ ରାମଭୂମି ପାଇଁ ଅନୁପମ ଖେରଙ୍କ ଫାଷ୍ଟ ଲୁକ୍ ନଜର ଆସିଛି । ଏଥିରେ ଅନୁପମ ଖେର ଅଶୋକ ସିଙ୍ଘଲଙ୍କ ଭୂମିକାରେ ନଜର ଆସିବେ । ଫିଲ୍ମ ସେଟରୁ କିଛି ଫଟୋ ଆସିବା ପରେ ଫ୍ୟାନ୍ସ ଉତ୍ସାହିତ ହୋଇଯାଇଥିଲେ । ଏହାପରେ ଅଭିନେତା ଜଣକ ସୋସିଆଲ ମିଡିଆରେ କେଉଁ ରୋଲରେ ନଜର ଆସିବେ, ତାହା ଜଣାଇଛନ୍ତି । ଅନୁପମ ଖେର ଫିଲ୍ମ ଶ୍ରୀ ରାମଭୂମିରେ ଅଶୋକ ସିଙ୍ଘଲ ଭୂମିକାରେ ନଜର ଆସିବେ । ସେ କିଛି ଖାସ୍ କଥା ସେୟାର କରି ଭୂମିକା ପାଇଁ ବଡ଼ ଦାୟିତ୍ୱ ବୋଲି କହିଛନ୍ତି । ଶ୍ରୀରାମ ଜନ୍ମଭୂମି ପାଇଁ ଅଶୋକ ସିଙ୍ଘଲଙ୍କ ଯୋଗଦାନ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛି । ନିଜ ପୋଷ୍ଟରେ ଅନୁପମ ଲେଖିଛନ୍ତି, ଫିଲ୍ମର ସୁଟିଂ ଏବେ ଅଯୋଧ୍ୟାରେ ଚାଲିଛି । ସୁଟିଂ କରିବା ପୂର୍ବରୁ ରାମ ମନ୍ଦିର ଏବଂ ହନୁମାନ ମନ୍ଦିରର ଆଶୀର୍ବାଦ ନେଇଥିଲେ ଅନୁପମ ଖେର । ନିଜର ବିଚାର ସେୟାର କରି ଅଭିନେତା କହିଛନ୍ତି, ଆମର ନୂଆ ଫିଲ୍ମର ସୁଟିଂ ଅଯୋଧ୍ୟାରେ ହେଉଛି । ରାମ ଲଲା ଏବଂ ଭଗବାନ ହନୁମାନଙ୍କ ଆଶୀର୍ବାଦ ବିନା କୌଣସି କାମ ଆରମ୍ଭ ହୋଇପାରିବ କି ? ତେଣୁ ତାଙ୍କ ଆଶୀର୍ବାଦ ନେଇ ସମସ୍ତଙ୍କ ସ୍ୱାସ୍ଥ୍ୟ, ଶାନ୍ତି ଏବଂ ଖଉସି ପାଇଁ ପ୍ରାର୍ଥନା କରିବାକୁ ଆସିଛି ।






## ରାଘବ ମୋର କ୍ଲୋଜ ଫ୍ରେଣ୍ଡ

ବଲିଉଡ୍ ଏବଂ ସୋସିଆଲ ମିଡିଆରେ ଗତ କିଛି ଦିନ ଧରି ଗୋଟିଏ ନାମ ଖୁବ ଚର୍ଚ୍ଚାରେ ରହିଛି। ସେ ହେଲେ ଅଭିନେତ୍ରୀ ଶେହନାଜ୍ ଗିଲ୍ ଏବଂ ଅଭିନେତା ତଥା ଡ୍ୟାନ୍ସର ରାଘବ ଜୁୟାଲ । ଉଭୟଙ୍କୁ ଏକାଠି ଦେଖିବା ପରେ ସୋସିଆଲ ମିଡିଆରେ ସେମାନଙ୍କ ସମ୍ପର୍କକୁ ନେଇ ବିଭିନ୍ନ ପ୍ରକାରର ଚର୍ଚ୍ଚା ଆରମ୍ଭ ହୋଇଥିଲା । ଏବେ ପ୍ରଥମ ଥର ପାଇଁ ଶେହନାଜ୍ ଗିଲ୍ ଏହି ଗୁଜବ ଉପରେ ନିଜ ପ୍ରତିକ୍ରିୟା ଦେଇଛନ୍ତି । ଏକ ସାକ୍ଷାତକାରରେ ଯେତେବେଳେ ଶେହନାଜଙ୍କୁ ରାଘବ ଜୁୟାଲଙ୍କ ସହ ତାଙ୍କ ସମ୍ପର୍କ ବିଷୟରେ ପଚରାଯାଇଥିଲା, ସେ ସିଧାସଳଖ ଡେଟିଂ ଗୁଜବ ଉପରେ ମନ୍ତବ୍ୟ କରିନଥିଲେ । ବରଂ କହିଥିଲେ ଯେ ରାଘବ ତାଙ୍କର "ବହୁତ ଭଲ ବନ୍ଧୁ" ଏବଂ ସମସ୍ତେ ତାଙ୍କ ଆଗାମୀ ଫିଲ୍ମ 'ଭାଇ ତେରା ଷ୍ଟାର ହୈ'କୁ ସମର୍ଥନ କରିବା ଉଚିତ୍ । ଏହି ଗୁଜବର ଆରମ୍ଭ ହୋଇଥିଲା ରାଘବଙ୍କ ଜନ୍ମଦିନ ପାର୍ଟି ପରେ । କେତେକ ଭିଡିଓରେ ରାଘବ ଭିଡ଼ ମଧ୍ୟରୁ ଶେହନାଜଙ୍କୁ ସୁରକ୍ଷିତ ଭାବେ ବାହାର କରୁଥିବା ଦେଖାଯାଇଥିଲା । ଏହା ପରେ ଦୁହେଁଙ୍କୁ ନେଇ ଡେଟିଂ ଚର୍ଚ୍ଚା ଆହୁରି ଜୋର ଧରିଥିଲା। କିଛି ଦିନ ପରେ ଆଉ କିଛି ଭିଡିଓ ଏବଂ ଫଟୋ ସାମ୍ନାକୁ ଆସିଥିଲା, ଯାହାକୁ ନେଇ ସୋସିଆଲ ମିଡିଆରେ ଅନେକ ଅନୁମାନ କରାଯାଉଥିଲା କିନ୍ତୁ ଏବେ ଶେହନାଜଙ୍କ ମନ୍ତବ୍ୟ ପରେ ସେ ସ୍ପଷ୍ଟ କରିଛନ୍ତି ଯେ ରାଘବଙ୍କୁ ସେ କେବଳ ଜଣେ ଭଲ ବନ୍ଧୁ ଭାବେ ଦେଖନ୍ତି । ସାକ୍ଷାତକାରରେ ଶେହନାଜ୍ ବ୍ୟକ୍ତିଗତ ଜୀବନ ଉପରେ ଅଧିକ କଥା ନକହି ରାଘବଙ୍କ ନୂଆ ଫିଲ୍ମକୁ ପ୍ରମୋଟ୍ କରିଥିଲେ । ସେ କହିଥିଲେ ଯେ ରାଘବ ବହୁତ ପରିଶ୍ରମୀ ଅଭିନେତା ଏବଂ ଦର୍ଶକମାନେ ତାଙ୍କ କାମକୁ ଦେଖିବା ଉଚିତ୍ । ଉଲ୍ଲେଖଯୋଗ୍ୟ ଯେ, ଶେହନାଜ୍ ଗିଲ୍ ଓ ରାଘବ ଜୁୟାଲ ପୂର୍ବରୁ ମଧ୍ୟ ଏକାଠି କାମ କରିଛନ୍ତି । ଅନେକ ସମୟରେ ସାର୍ବଜନୀନ କାର୍ଯ୍ୟକ୍ରମରେ ମଧ୍ୟ ଏକାଠି ନଜର ଆସିଛନ୍ତି । ଏହି କାରଣରୁ ଫ୍ୟାନମାନେ ସେମାନଙ୍କ ସମ୍ପର୍କକୁ ନେଇ ଅନୁମାନ କରୁଥିଲେ ।







### ଲଗାଣ ବର୍ଷାରେ ବେହାଲ ଘଷିପୁରା

# ପାଣିଘେରରେ ଅନେକ ପରିବାର



## କାନ୍ଥ ପଡ଼ି ଜଣେ ଗୁରୁତର

**କେନ୍ଦୁଝର,୧୭।୭(ସଂଚାର ବ୍ୟୁରୋ):** ଲଗାଣ ବର୍ଷାରେ ବେହାଲ କେନ୍ଦୁଝର ଜିଲ୍ଲା ଘଷିପୁରା। କେଉଁଠି ପାଣି ଘେରରେ ଲୋକେ ତ ଆଉ କେଉଁଠି ଭୁଶୁଡ଼ିଛି ଗରିବର ଆଶ୍ରୟ ସ୍ଥଳୀ। ବିଳମ୍ବିତ ରାତିରେ କାନ୍ଥ ଖସି ଜଣେ ବ୍ୟକ୍ତି ଗୁରୁତର ହୋଇଥିବା ବେଳେ, ଅନ୍ୟପଟେ ଶତାଧିକ ପରିବାର ଏବେ ଜଳବନ୍ଦୀ ଅବସ୍ଥାରେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଲଘୁଚାପ ଜନିତ ବର୍ଷା ଯୋଗୁଁ ଘଷିପୁରା କେଶଦୁରାପାଳ ପଞ୍ଚାୟତ ଅଧିକାରୀ ଏଯାଏଁ ସେମାନଙ୍କ ପାଖରେ ପହଞ୍ଚି ନଥିବା ଗାଁ ଲୋକ ଅଭିଯୋଗ କରିଛନ୍ତି। ଦୁର୍ଦ୍ଦଶାର ଚିତ୍ର ଏତିକିରେ ସରିନାହିଁ। ପ୍ରବଳ ବର୍ଷା ଯୋଗୁଁ ଘଷିପୁରା କେଶଦୁରାପାଳ ପଞ୍ଚାୟତ ଲଗାଣ ବର୍ଷା ଯୋଗୁଁ ଘଷିପୁରା ବ୍ଲକ ନୂଆଗାଁର ସ୍ଥିତି ସଂଗୀନ ହୋଇପଡ଼ିଛି। ଗାଁର ହରିଜନ ସାହି ଏବେ ଜଳବନ୍ଦୀ। ଘରେ ବାହାରେ ସବୁଠି ଚାଲିଛି ଆଣ୍ଠୁଏ ଆଣ୍ଠୁଏ ପାଣି। ରୋଷେଇ ବନ୍ଦ ହୋଇଯାଇଛି। ରହିବେ କେମିତି, ଖାଇବେ କଣ, ତାକୁ ନେଇ ଚିନ୍ତାରେ ଗ୍ରାମବାସୀ। ସ୍ଥିତି ଏଭଳି ସଂଗୀନ ଥିଲେ ମଧ୍ୟ ପ୍ରଶାସନର କୌଣସି ହାଡବନ୍ଧପୁର ସାହିର ପରମେଶ୍ୱର ଦେହୁରୀଙ୍କ ମାଟି କାନ୍ଥ ଭୁଶୁଡ଼ି ପଡ଼ିଛି। ଫଳରେ ଗୁରୁତର ଆହତ ହୋଇଛନ୍ତି ପରମେଶ୍ୱର। ତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରାଯାଇ ପ୍ରଥମେ କେଶଦୁରାପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ପରମେଶ୍ୱରଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇବା ସହ ଆବାସ ଯୋଜନାରେ ସାମିଲ କରିବାକୁ ଦାବି ଜୋର ଧରିଛି। ବର୍ଷା ବିପନ୍ନଙ୍କୁ କେବେ ମିଳିବ ପ୍ରଶାସନିକ ସହାୟତା? ଜଳବନ୍ଦୀ ଲୋକଙ୍କ ପାଖରେ କେବେ ପହଞ୍ଚିବ ପ୍ରଶାସନ? ଆଉ କାନ୍ଥ ଖସି ସର୍ବସ୍ୱ ହରାଇଥିବା ପରିବାରକୁ କେବେ ମିଳିବ ପକ୍କା ଘର? ଏହା ଉପରେ ଏବେ ସମସ୍ତଙ୍କ ନଜର।

# ସରକାରଙ୍କ ଭୋଗ ମଣ୍ଡପରେ ଘୋଟାଲା!



**ତିର୍ତ୍ତୋଲ,୧୭।୭ (ସଂଚାର ବ୍ୟୁରୋ):** ନୂଆ ଡବଲ ଇଞ୍ଜିନ ସରକାର ଆସିବା ଦିନରୁ ଲୋକ ମାନଙ୍କ ସୁବିଧା ପାଇଁ ବିଭିନ୍ନ ପ୍ରକାର ଯୋଜନା ଆରମ୍ଭ କରିଛନ୍ତି। କିନ୍ତୁ ବାସ୍ତବ ରେ ଏହା ଅଲଗା ଦିଗରେ ରେ ଗତି କରୁଛି। ଏଭଳି ଏକ ଘଟଣା ଏବେ ସାମ୍ନାକୁ ଆସିଛି। ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତୁଳଙ୍ଗ ପଞ୍ଚାୟତ ରେ, ସରକାର ଙ୍କ ପକ୍ଷରୁ ଦିଆ ଯାଇଥିବା ଭୋଗ ମଣ୍ଡପ କାର୍ଯ୍ୟରେ ଦୁର୍ନୀତି ହେଉଥିବା ଖବର ସାମ୍ନାକୁ ଆସିଛି ଯାହାକି ସେହି ପଞ୍ଚାୟତ ର ନୀଳମାଧବ ପୀଠ ଠାରେ ସରକାରଙ୍କ ପଞ୍ଚାୟତରାଜ ତରଫରୁ ଚାରି ଲକ୍ଷ ପଚାଶ ହଜାର ଟଙ୍କା ର ଅନୁଦାନ ରାଶି ଆସିଥିବା ବେଳେ ଜନୈକ ଠିକାଦାର ଏହାକୁ ନିମ୍ନମାନର କାମ କରୁଥିବା ବେଳେ ଦିନ କେଇଟାରେ କାନ୍ଥ ମେଲା ହୋଇ ଆଁ କରିବା ଫୋଟୋ ଏବେ ବ୍ଲକ ଯାକ ଘୁରି ବୁଲୁଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଜଣେ ଲୋକ ଏହି ଦୁଇ ବର୍ଷ ଭିତରେ ସେହି ତୁଳଙ୍ଗ ପଞ୍ଚାୟତ କୁ ବ୍ଲକ ତାରଫରୁ କେତେ ଟଙ୍କାର ଯୋଜନା ଆସିଛି ଆଉ କଣ କାର୍ଯ୍ୟକାରୀ ହୋଇଛି ବୋଲି ଏକ ଆର୍.ଟି.ଆଇ. ରିପୋର୍ଟ ମାଗିଥିବା ବେଳେ ଏବେ ହରଡ଼ ଘଣାରେ ପଡ଼ିଛନ୍ତି ବିଡିଓ ଙ୍କ ସହିତ ସ୍ଥାନୀୟ ପ୍ରତିନିଧି ! କେବଳ ସେତିକି ନୁହେଁ କିଛି ଲୋକ ମଧ୍ୟ ପଞ୍ଚାୟତ କାମକୁ ନେଇ ଜିଲ୍ଲାପାଳ ଙ୍କ ଦୃଷ୍ଟି ଆକର୍ଷଣ କରିବା ସାମ୍ନାକୁ ଆସିଛି। ଆଗାମୀ ଦିନରେ ଅଥବା ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏହା ସହିତ ଏହାର ଆଖପାଖ ପଞ୍ଚାୟତ ର ଦୃନିତି ଖୁବଶୀଘ୍ର ଖୋଲିବ ବୋଲି ସାଧାରଣ ରେ ଆଲୋଚନା ଆରମ୍ଭ ହୋଇଛି।

## ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀରେ ପ୍ରାକୃତିକ ଚିକିତ୍ସା ଶିବିର



**ବୈଶିଙ୍ଗା,୧୭।୭(ସଂଚାର ବ୍ୟୁରୋ):** ଇଣ୍ଟର୍ ନେସନାଲ ନେଚରପ୍ୟାଥି ଅର୍ଗାନାଇଜେସନ ଏବଂ ଏସିଆ ମହାଦେଶର ସର୍ବବୃହତ ପ୍ରାକୃତିକ ଚିକିତ୍ସା କେନ୍ଦ୍ର 'ହେଲଥ ଭିଲା' ର ମିଳିତ ଆନୁକୂଲ୍ୟରେ ଏକ ବିଶାଳ ମାଗଣା ପ୍ରାକୃତିକ ଚିକିତ୍ସା ଶିବିର ବହୁ ମୁଖୀ ବନ୍ୟା ଆଶ୍ରୟ ସ୍ଥଳୀ, ବେଲାଣପୁରା ଠାରେ ଆୟୋଜିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ମମତା ନାଏକ ଉଦଘାଟନ କରିଥିଲେ। ଏହାକୁ ଭାରତୀୟ ରେଡକ୍ରସ ସୋସାଇଟି ଓଡିଶା ର ଭାଇସ ପ୍ୟାଟ୍ରୋନ୍ ତଥା ରାଜ୍ୟ ଜୁନିଅର ରେଡକ୍ରସର ସିନିୟର ରିସୋର୍ସ ପାର୍ଶନ ଡକ୍ଟର ରମାକାନ୍ତ ମହାନ୍ତଙ୍କର ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ହେଲଥ ଭିଲାର ମୁଖ୍ୟ ଡାକ୍ତର ମିଲିନ୍ଦ ପରାସର, ମୁଖ୍ୟ ବକ୍ତା ଭାବରେ ସେନଚୁରିଆନ ୟୁନିଭରସିଟିର ଚକ୍ଷୁ ବିଭାଗର ଏସୋସିଏଟ ପ୍ରଫେସର ଚକ୍ଷୁ ବିଭାଗର ମୁଖ୍ୟ ଡାକ୍ତର ଅଙ୍କିତା ବନ୍ଦୋପାଧ୍ୟାୟ, ଶ୍ରୀମା ଶ୍ରୀ ଅରବିନ୍ଦ ଯୋଗ ସାଧନା କେନ୍ଦ୍ର ର ମୁଖ୍ୟ ଅର୍ଥପେଡ଼ିକ୍ସ ଡାକ୍ତର କିଶୋର କୁମାର ମହାପାତ୍ର, ଯୋଗଦେଇଥିଲେ।ସମ୍ମାନିତ ଅତିଥି ଭାବରେ ସଂକଳ୍ପ ର ସମ୍ପାଦକ ପ୍ରଦୀପ କୁମାର ଦାସ ମହାପାତ୍ର, ହେଲଥ ଭିଲ୍ଲା ସ୍ୱାସ୍ଥ୍ୟ ରଥ ର ପ୍ରୋଗ୍ରାମ ମ୍ୟାନେଜର ନାରାୟଣ ମଲ୍ଲିକ ଇଣ୍ଟର ନ୍ୟାସନାଲ ନେଚର ପ୍ୟାଥୀ ସଂଗଠନ ଓଡିଶା ପୂର୍ବ ଭାଗର ସଂଗଠକ ତଥା ପ୍ରାକୃତିକ ଚିକିତ୍ସକ ଡାକ୍ତର ଦେବରାଜ ସାହୁ, ସ୍ୱାସ୍ଥ୍ୟଦୂତ ଶିଶିର କୁମାର ନାୟକ, ଡାକ୍ତର ଧ୍ରୁବ ଚରଣ ପ୍ରଧାନ ପ୍ରମୁଖ ପ୍ରାକୃତିକ ଚିକିତ୍ସାର ଉପାଦେୟତା ଏବଂ ଉପକାରିତା ବିଷୟରେ ଅଲୋଚନା କହିଥିଲେ। କେ ସି ଏସ୍ ଏନ୍ ହାଇସ୍କୁଲର ଜୁନିଅର ରେଡକ୍ରସ ଏବଂ ଇକୋ କ୍ଲବର ଛାତ୍ର ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଏବଂ ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା ପାଇଁ ସଚେତନତା ମୂଳକ ସଙ୍ଗୀତ ପରିବେଷଣ କରିଥିଲେ।

## ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସମସ୍ୟା: ଉପୁଡ଼ିଲା ଗଛ

**ଭଦ୍ରକ,୧୭।୭ (ସଂଚାର ବ୍ୟୁରୋ):** ଗତ ଦୁଇ ଦିନ ଧରି ଲଘୁଚାପଜନିତ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ବର୍ଷା ଜଳ ନିଷ୍କାସନ ହୋଇନପାରି ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇଛି। ଲଗାଣ ବର୍ଷା ଯୋଗୁଁ ମଞ୍ଜୁରୀରୋଡ଼ ବଜାର ନିକଟରେ ଜନୈକ ବ୍ୟକ୍ତିଙ୍କ ଘର ଉପରେ ଗୁରୁବାର ସନ୍ଧ୍ୟାରେ ଗଛ ଉପୁଡ଼ି ପଡ଼ିଥିଲା। ଖବର ପାଇ ଭଣ୍ଡାରିପୋଖରୀ ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ବର୍ଷାରେ ପହଂଚି ଗଛ କାଟି ସଫା କରିବା ସହ ଘରକୁ ବିପଦମୁକ୍ତ କରିଥିଲେ। ବଡ଼ କଂଟାପଡ଼ା ଗ୍ରାମରେ ନାରାୟଣ ପେରେଇଙ୍କ ଘର ଜଳବନ୍ଦୀ ହୋଇଛି। ଜନୈକ ପଡୋଶୀ ସରକାରୀ ଜମି ଜବରଦଖଲ କରି ରଖିଥିବାରୁ ଜଳ ନିଷ୍କାସନ ହୋଇ ନପାରି ସମସ୍ୟା ଉପୁଜିଥିବାରୁ ଅଭିଯୋଗ ପରେ ପୁଲିସ ଘଟଣା ସ୍ଥଳ ଅନୁଧ୍ୟାନ କରିଛନ୍ତି। ନୀଳାଦ୍ରି ପାତାଳ ସିଂ ଗ୍ରାମରେ ମଧ୍ୟ ଜଳ ନିଷ୍କାସନ ହୋଇ ନପାରି ଗ୍ରାମ ରାସ୍ତାରେ ପାଣି ଜମିଥିଲା। ପାଣି ଜମି ରହିବା ଫଳରେ ଅନେକ ସ୍ଥାନରେ ଧାନ ତଳି ନଷ୍ଟ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି।

### ଥୁଆମୂଳ ରାମପୁର ବ୍ଲକ୍‌ରେ ରଥଯାତ୍ରା

# ପ୍ରବଳ ବର୍ଷାରେ ଶ୍ରଦ୍ଧାଳୁ ଟାଣିଲେ ରଥ



**ଥୁଆମୂଳ ରାମପୁର,୧୭।୭ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର ସଦର ମହକୁମା ସମେତ ଗୋପୀନାଥପୁର, ମହୁଲପାଟଣା, କର୍ଲାପାଟ ଓ ଗୁଣୁପୁର ଆଦି ସ୍ଥାନରେ ଗୁରୁବାର ପବିତ୍ର ରଥଯାତ୍ରା ଉତ୍ସବ ବେଶ୍ ଆନନ୍ଦ ଉଲ୍ଲାସର ସହ ସମ୍ପନ୍ନ ହୋଇଯାଇଛି। ବୁଧବାର ରାତିରୁ ଆରମ୍ଭ ହୋଇଥିବା ଝିପିଝିପି ବର୍ଷା ଏବଂ ଗୁରୁବାର ମଧ୍ୟାହ୍ନରେ ପ୍ରବଳ ବର୍ଷା ସତ୍ତ୍ୱେ ମହାପ୍ରଭୁଙ୍କ ଦର୍ଶନ ଓ ରଥ ଟାଣିବା ପାଇଁ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ହୋଇଥିଲା। ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ଅବସରରେ ସକାଳୁ ଜଗନ୍ନାଥ ମନ୍ଦିରରେ ମଙ୍ଗଳ ଆଳତି, ରଥ ପ୍ରତିଷ୍ଠା ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପରେ ପାରମ୍ପରିକ ପହଣ୍ଡି ବିଜେ କରାଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥାରୂଢ଼ କରାଯାଇଥିଲା। ରଥଯାତ୍ରା କମିଟିର ସଭାପତି ଶତ୍ରୁଘ୍ନ ଗହୀର ଓ ସମ୍ପାଦକ ଅକ୍ଷୟ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ନୀତିକାନ୍ତି ସମ୍ପନ୍ନ ହୋଇଥିବା ବେଳେ ଯୁବକ ଲାଲ ପରିଚ୍ଛା ପବିତ୍ର ଛେରାପହଁରା କରିଥିଲେ। ଏହି ଉତ୍ସବରେ ରଥଯାତ୍ରାର ମୁଖ୍ୟ ପୂଜକ ଆଲୋକ ରଞ୍ଜନ ମୁଣ୍ଡ, ମନ୍ଦିର ପୂଜକ ଚିନ୍ମୟ ମୁଣ୍ଡ, ସେବାୟତ ପ୍ରିୟବ୍ରତ ପଣ୍ଡା, ଭାନୁ ପ୍ରତାପ ମୁଣ୍ଡ, ଶ୍ରୀନିବାସ ପାଣିଗ୍ରାହୀ, ସତ୍ୟନାରାୟଣ ପାଣିଗ୍ରାହୀ ଓ ପ୍ରେମା ପାଣିଗ୍ରାହୀଙ୍କ ସମେତ ଅନ୍ୟାନ୍ୟ ପୂଜକମାନେ ଉପସ୍ଥିତ ଥିଲେ।

## ଆଦିବାସୀ ସାନ୍ତାଳ ସମ୍ପ୍ରଦାୟର ଧରମ ଆଶଲା ପକ୍ଷରୁ ରଥଯାତ୍ରା ଅନୁଷ୍ଠିତ

**ବୈଶିଙ୍ଗା,୧୭।୭(ସଂଚାର ବ୍ୟୁରୋ):** ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ ଅଧିନ ମହିଷାଶୋଳ ଠାରେ ଆଦିବାସୀ ସାନ୍ତାଳ ସମ୍ପ୍ରଦାୟର ଧରମ ଆଶଲା ପକ୍ଷରୁ ୪୮ ତମ ରଥଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି।ଏହି ଧରମ ଆଶଲାର ପ୍ରତିଷ୍ଠାତା ହାଁସଦାଃ ଛେରାପହଁରା ନିମିତ୍ତ ରଥ ଉପରକୁ ପହଞ୍ଚି ତିନିଦିଅଁଙ୍କ ଆରତି ଓ ଛେରାପହଁରା କାର୍ଯ୍ୟ ସମାପନ କରିଥିଲେ। ପରେ ଅଳ୍ପ ବାଟ ଟଣା ଯାଇଥିଲା। ପରେ ଶୁକ୍ରବାର ଦିନ ରଥକୁ ଟାଣିଟାଣି ମାଉସୀ ବାଡିରେ ପହଞ୍ଚିଥିଲା। ଏହି ରଥ ତିନିଦିନ ଧରି ହେଉ ଥିବା ବେଳେ ବାହୁଡା ଦୁଇଦିନ ହେବା



ସନାନତ ହେମ୍ବ୍ରମ ପୂର୍ବରୁ ପୂଜା କରି ଆସୁଥିବା ବେଳେ ୧୦ ବର୍ଷ ହେବ ସନାତନଙ୍କ ମୃତ୍ୟୁ ହେବାପରେ ସନାତନଙ୍କ ବିଧବା ପତ୍ନି ବାସନ୍ତି ହେମ୍ବ୍ରମ ଠାକୁରଙ୍କ ପୂଜା କରିଆସୁଛନ୍ତି। ବୁଧବାର ସକାଳ ବେଳା ମନ୍ଦିରର ମୁଖ୍ୟ ପୂଜକ ବାସନ୍ତିଙ୍କ ପରିଚାଳନାରେ ନିତିକାନ୍ତି ହେବାପରେ ଦିବା ୧୧ଟାରେ ଧଡି ପହଣ୍ଡି ଦ୍ୱାରା ତିନି ଦିଅଁ ଭକ୍ତମାନଙ୍କ ଘଣ୍ଟଘଣ୍ଟା ହୁଳହୁଳିରେ ରଥାରୁଢ଼ କରିଥିଲେ। ଗୁରୁବାର ସନ୍ଧ୍ୟା ୫ଟାରେ ଶ୍ୟାମ ନେଇ ବାସନ୍ତି ହେମ୍ବ୍ରମ କହିଛନ୍ତି। ରଥ ଉପରେ ସ୍ୱର୍ଗତ ସନାତନ ହେମ୍ବ୍ରମଙ୍କ ପୁଅ ଜ୍ୟେଷ୍ଠପୁତ୍ର ମିଥୁନ ହେମ୍ବ୍ରମ ରଥାରୁଢ଼ ତିନି ଦିଅଁଙ୍କୁ ପୂଜା କରିଥିବା ଦେଖିବାକୁ ମିଳିଥିଲା। ଏହି ରଥ ସନାତନଙ୍କ ଡାକନାମ ଚଣ୍ଡେୟା ଥିବାରୁ 'ଚଣ୍ଡେୟା' ରଥ ବୋଲି ବେସ ଜଣାଶୁଣା। ଆଖପାଖ ଅଞ୍ଚଳରୁ ଏହି ରଥ ଦେଖିବା ପାଇଁ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ପାରମ୍ପରିକ ନୃତ୍ୟ ଏହି ରଥକୁ ବେଶ ଆକର୍ଷଣ କରିଥିଲା।

## ମୁମ୍ବାଇରେ ମୋ ଓଡ଼ିଆ ସମାଜର ସେବା କାର୍ଯ୍ୟ



**ବୈଶିଙ୍ଗା,୧୭।୭(ସଂଚାର ବ୍ୟୁରୋ):** ବୈଶିଙ୍ଗା ଅଞ୍ଚଳର ଉଦୀୟମାନ ପ୍ରବାସୀ ଓଡିଆଙ୍କ ପାଇଁ ମୁମ୍ବାଇ ଉପନଗରୀରେ ମୀରା ରୋଡଠାରେ ଈମୋ ଓଡ଼ିଆ ସମାଜଈ ପକ୍ଷରୁ ରଥ ଯାତ୍ରା ମହାଆଡମ୍ବରରେ ପାଳନ କରା ଯାଇଥିଲା। ଶ୍ରୀ ଜଗନ୍ନାଥଙ୍କ ରଥ ଉପରକୁ ପୁଷ୍ପ ବର୍ଷା କରି ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରା ଯାଇଥିଲା। ରଥ ଯାତ୍ରାରେ ଭକ୍ତମାନଙ୍କ ପାଇଁ ଜଳ ଦାନ ସେବା, ଫଳ ଓ ଶୁଷ୍କ ଖାଦ୍ୟ ପଦାର୍ଥ ପ୍ରଦାନ କରା ଯାଇଥିଲା। ସଂସ୍ଥାର ସଭାପତି ସମସ୍ତ ଓଡ଼ିଶାବାସୀଙ୍କୁ ରଥ ଯାତ୍ରା ଉପଲକ୍ଷେ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଥିଲେ। ସଂସ୍ଥାର ମୁଖପାତ୍ର ସେବା କାର୍ଯ୍ୟ ପାଇଁ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ପ୍ରଶାସନ କଲା ନାହିଁ, ନିଜେ ତିଆରି କଲେ ରାସ୍ତା



**ଖଡ଼ିଆଳ,୧୭।୭(ସଂଚାର ବ୍ୟୁରୋ):** ଖଡ଼ିଆଳ ଏନ୍‌ଏସି ୱାର୍ଡ ନଂ.୧୧ ପୁଟୁପଡ଼ା ମୁଖ୍ୟ ରାସ୍ତା ଖାଲଖମାପୂର୍ଣ୍ଣ ରହିଥିଲା। ବର୍ଷା ଦିନରେ ରାସ୍ତା କାଦୁଅ ହେବା ସହ ଖାଲରେ ପାଣି ଜମି ଯାତାୟାତ ବାଧାପ୍ରାପ୍ତ ହେଉଥିଲା। ସ୍ଥାନୀୟ ବାସିନ୍ଦାଙ୍କ କହିବାନୁସାରେ, ଏ ନେଇ ବାରମ୍ବାର ଖଡ଼ିଆଳ ଏନ୍‌ଏସି ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ଫଳ ମିଳି ନ ଥିଲା। ଶେଷରେ ସମସ୍ୟା ସମାଧାନ ପାଇଁ ଗ୍ରାମବାସୀ ଏକାଠି ହୋଇଥିଲେ। ନିଜେ ଶ୍ରମ ଦାନକରିବା ସହ ଆର୍ଥିକ ସହଯୋଗକରି କାଦୁଅ ରାସ୍ତାରେ ଡଷ୍ଟ ପକାଇ ଚାଲିବା ଯୋଗ୍ୟ କରିଛନ୍ତି। ସ୍ଥାନୀୟ ପ୍ରଶାସନ ତୁରନ୍ତ ଏହାର ସ୍ଥାୟୀ ପ୍ରତିକାର କରିବାକୁ ପଡ଼ାବାସୀ ଦାବି କରିଛନ୍ତି।

## ୩ ଗାଁର ଲୋକଙ୍କୁ ଭିଟାମାଟି ଛାଡ଼ିବାକୁ ନିର୍ଦ୍ଦେଶ



**ବଲାଙ୍ଗୀର,୧୭।୭(ସଂଚାର ବ୍ୟୁରୋ):** ବଲାଙ୍ଗୀର ଲୋୟର ସୁକତେଲ ଜଳଭଣ୍ଡାର ଭିତରେ ଥିବା କୁମିଆପାଲି ଗାଁର ଲୋକଙ୍କୁ ଗାଁ ଛାଡ଼ିବାକୁ ଲୋୟର ସୁକ୍‌ତେଲ ଥଇଥାନ, ପୁନର୍ବାସ, ଶିବିର ଓ କୋଠା ବିଭାଗ ପକ୍ଷରୁ ଗାଁରେ ସର୍ବସାଧାରଣ ନୋଟିସ୍ ଛପାଯାଇଛି। ଉକ୍ତ ନୋଟିସ୍‌ରେ ଚଳିତ ମୌସୁମୀରେ ଲୋୟର ସୁକତେଲ ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ ଜଳମଗ୍ନ ହୋଇଯିବ। ଏହାଯୋଗୁ ଧନଜୀବନ ହାନି ହେବାର ଆଶଙ୍କା ରହିଛି। ଏଣୁ ଲୋୟର ସୁକତେଲ ଜଳଭଣ୍ଡାର ସୀମାରୁ ଦୂରରେ ଥିବା କପିଳବାହାଲ ବିସ୍ଥାପିତ କଲୋନୀଠାରେ ନିର୍ମିତ ପୁନର୍ବସତି ଥଇଥାନ ଶିବିରକୁ ଯଥାଶୀଘ୍ର ସ୍ଥାନାନ୍ତରିତ ହେବାକୁ କୁମିଆପାଲି ଗ୍ରାମବାସୀଙ୍କୁ ଅନୁରୋଧ କରାଯାଇଛି। ଲୋୟର ସୁକତେଲ ଥଇଥାନ, ପୁନର୍ବାସ, ଶିବିର ଓ କୋଠା ବିଭାଗ ପକ୍ଷରୁ ଅଧୀକ୍ଷଣ ଯନ୍ତ୍ରୀ ଅଜୟ କୁମାର ବେହେରାଙ୍କ ସ୍ୱାକ୍ଷର ଥିବା ଏଭଳି ଏକ ନୋଟିସ ଗୁରୁବାର ଗାଁରେ ଛପା ଯିବା ପରେ ଗ୍ରାମବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଲୋକଙ୍କ ଦାବି ପୂରଣ ନ କରି ସେମାନଙ୍କୁ ବିସ୍ଥାପିତ କରିବା ଠିକ ନୁହେଁ ବୋଲି ସେମାନେ କହିଛନ୍ତି। କୁମିଆପାଲି ଗାଁର ରାମଚନ୍ଦ୍ର ବରିହା କହିଛନ୍ତି ଯେ, ୨୦୧୩ ଭୂମି ଅଗ୍ରହଣ ଆଇନ ଲାଗୁ କରି ବିସ୍ଥାପିତଙ୍କ ଥଇଥାନ ଏବଂ କ୍ଷତିପୂରଣ ଦେବା, କୁମିଆପାଲିରେ ୧୧ (୧) ନୋଟିସ ରଦ୍ଦ କରି ସର୍ଭେ କରିବା ଏବଂ ବିସ୍ଥାପିତଙ୍କୁ ଜମି ବଦଳରେ ଜମି ଯୋଗାଇ ଦେବାକୁ ସେମାନେ ଦାବି କରୁଛନ୍ତି। ତାଙ୍କର ଦାବି ପୂରଣ ହୋଇ ନ ଥିବାରୁ ସେମାନେ ଗାଁ ଛାଡ଼ିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି।

## ପାଟଣେଶ୍ୱରୀ ଦେବୀଙ୍କ ଲାଖରେ ନିର୍ମାଣ ହୋଇଥିବା ଫଟୋଚିତ୍ର ରାଜଭବନ ଯିବ

**ବଲାଙ୍ଗୀର,୧୭।୭(ସଂଚାର ବ୍ୟୁରୋ):** ବଲାଙ୍ଗୀର ପାଟଣା ରାଜ୍ୟର ଇଷ୍ଟଦେବୀ ମା ପାଟଣେଶ୍ୱର ଦେବୀ ୧୫୦ ବର୍ଷ ପୂର୍ତ୍ତି ଅବସରରେ ରାଜଧାନୀରେ ହେବାକୁ ଥିବା ମହୋତ୍ସବ ଅଗଷ୍ଟ ମାସରେ ହେବାକୁ ଥିବା ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ନିଷ୍ପତି ନେଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ନେତୃତ୍ୱରେ ମହାମହିମ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ, ପୁରୀ ଗଜପତି ମହାରାଜ ସମେତ ବିଭିନ୍ନ ବିଭାଗର ମନ୍ତ୍ରୀମାନଙ୍କୁ ବଲାଙ୍ଗିର ମାଁ ପାଟଣେଶ୍ୱରୀ ମହୋତ୍ସବର ଅନୁଷ୍ଠିତ ହେବ ଏବଂ ସ୍ମରଣିକା ପ୍ରଦାନ କରାଯିବ।

## ବିଦ୍ୟାଳୟ ପରିଚଳନା କମିଟି ଗଠିତ

**ନୂଆପଡ଼ା,୧୭।୭(ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ପିଏମ୍ ଶ୍ରୀ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ନୂତନ ପରିଚାଳନା କମିଟି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ଯୋଷୀଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଯାଇଛି। ଉପସ୍ଥିତ ସଦସ୍ୟମାନଙ୍କ ସର୍ବ ସମ୍ମତି କ୍ରମେ ପରିଚାଳନା କମିଟିର ଅଧ୍ୟକ୍ଷ ଭାବରେ ଲବ ରଣା, ଉପ ଅଧ୍ୟକ୍ଷା ଭାବରେ ସେହେନାଜ୍ ବେଗମ୍, ତଫସିଲଭୁକ୍ତ ଜାତି ଶ୍ରେଣୀରୁ ତୁଲାରାମ ସତନମୀ, ତଫସିଲଭୁକ୍ତ ଜନଜାତିରୁ ମାଣିକ୍ୟ ଶବର, ବିଶେଷ ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କ ଅଭିଭାବକରୁ ବାସନ୍ତୀ ବିଭାର ଏବଂ ଅନ୍ୟମାନଙ୍କ ମଧ୍ୟରୁ ନଟରାଜ ଠାକୁର, ସଙ୍ଗୀତା ବିଭାର, ଧନେଶ୍ୱର କୈବର୍ତ୍ତ, ଯଶୋଦା ଧୀବର, ଲଇବନି ସୁନା, ସୁମିତ୍ରା ଜଗତ, ମଞ୍ଜୁଳା ଶବର, ବଲ୍ଲଭ ପଟେଲ ଏବଂ କାଉନସିଲର ରେବତୀ ଶବର, ଅଙ୍ଗନବାଡି କର୍ମୀ ହେମଲତା ପଟେଲ, ଆଶାକର୍ମୀ ଗୀତାଞ୍ଜଳି ହଂସ, ବରିଷ୍ଠ ଶିକ୍ଷୟିତ୍ରୀ ରାଜଶ୍ରୀ ଦଣ୍ଡସେନା, ସଦସ୍ୟ ସଚିବ ଭାବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ଯୋଷୀ ପ୍ରମୁଖ ମନୋନୀତ ହୋଇଛନ୍ତି। ସେହିପରି ବିଦ୍ୟାଳୟ ଶିକ୍ଷାଗତ କମିଟିରେ ଶିକ୍ଷାବିତ୍ ସଦସ୍ୟ ଭାବରେ ସତୀଶ କୁମାର ପଟ୍ଟନାୟକ, ସଦସ୍ୟ ପ୍ରତିନିଧି ଭାବରେ ନିକଟସ୍ଥ ଉଚ୍ଚବିଦ୍ୟାଳୟର ସହକାରୀ ଶିକ୍ଷକ ଗଙ୍ଗାଧର ଭୋଇ, ସଦସ୍ୟ ସମନ୍ୱୟ ଭାବରେ ସିଆରସିସି ଅରୁଣ କୁମାର ନାଗ, ବିଦ୍ୟାଳୟ ଗୃହ ନିର୍ମାଣ କମିଟିର ବୈଷୟିକ ପରାମର୍ଶଦାତା ଭାବରେ କୈଳାଶ ଚନ୍ଦ୍ର ମେହେର ମନୋନୀତ ହୋଇଛନ୍ତି।

## ସାଇନବୋର୍ଡ ବିନା ମଦ ବିକ୍ରିକୁ ନେଇ ବଢ଼ିଲା ସନ୍ଦେହ

**ଝାରସୁଗୁଡ଼ା,୧୭।୭(ସଂଚାର ବ୍ୟୁରୋ):** ଝାରସୁଗୁଡ଼ା ଜିଲ୍ଲାର ବ୍ରଜରାଜନଗର ନିକଟସ୍ଥ ଲମଟିବାହାଲ ଅଞ୍ଚଳରେ ଥିବା ଏକ ବିଦେଶୀ ମଦ ଦୋକାନରେ ସାଇନବୋର୍ଡ଼ ବିନା ମଦ ବିକ୍ରି ହେଉଥିବା ଅଭିଯୋଗ ଉଠିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଓ ସନ୍ଦେହ ପ୍ରକାଶ ପାଇଛି। ଅବକାରୀ ନିୟମ ଅନୁଯାୟୀ, ପ୍ରତ୍ୟେକ ଲାଇସେନ୍ସପ୍ରାପ୍ତ ମଦ ଦୋକାନରେ ଦୋକାନର ନାମ, ଲାଇସେନ୍ସଧାରୀଙ୍କ ନାମ, ଲାଇସେନ୍ସ ନମ୍ବର ଓ ଲାଇସେନ୍ସର ବୈଧତା ସମ୍ପର୍କିତ ସୂଚନା ସ୍ପଷ୍ଟ ଭାବେ ସାଇନବୋର୍ଡରେ ପ୍ରଦର୍ଶିତ କରିବା ବାଧ୍ୟତାମୂଳକ। ସେହିପରି ନିର୍ଦ୍ଧାରିତ ସମୟ ମଧ୍ୟରେ ବିକ୍ରି କରିବା ଏବଂ ଅନୁମୋଦିତ ପରିମାଣର ଷ୍ଟକ୍ ରଖିବା ମଧ୍ୟ ନିୟମର ଅଂଶ। ହେଲେ ଲମଟିବାହାଲ ଅଞ୍ଚଳର ଉକ୍ତ ଦୋକାନରେ କୌଣସି ସାଇନବୋର୍ଡ ନଥିବାରୁ ସାଧାରଣ ଲୋକ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଲୁହା ଗ୍ରୀଲ୍ ପଛପଟୁ ଗୁପ୍ତ ଭାବେ ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଥିବାରୁ ଏହି ଦୋକାନ ବୈଧ ଭାବେ ପରିଚାଳିତ ହେଉଛି କି ନାହିଁ, ସେନେଇ ସ୍ଥାନୀୟ ଲୋକଙ୍କ ମନରେ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ, ଉକ୍ତ ଦୋକାନ ଉପରେ ଅବକାରୀ ବିଭାଗର ଦୃଷ୍ଟି ନ ପଡ଼ିବାକୁ ନେଇ ମଧ୍ୟ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନଙ୍କ ପ୍ରଶ୍ନ, ଯଦି ଦୋକାନଟି ବୈଧ, ତେବେ ସାଇନବୋର୍ଡ କାହିଁକି ଲଗାଯାଇନାହିଁ ? ଅବକାରୀ ବିଭାଗ ବିନା ପରିଚୟରେ ଦୋକାନ ପରିଚାଳନା ପାଇଁ ଅନୁମତି ଦେଇଛି କି ? ଆଉ ଯଦି ଦୋକାନଟି ନିୟମବିରୋଧୀ ଭାବେ ଚାଲୁଛି, ତେବେ ଏପର୍ଯ୍ୟନ୍ତ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ? ଏହି ଘଟଣାର ନିରପେକ୍ଷ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ବାଇକ୍ ସହ ୧୮ ଲିଟର ଦେଶୀ ମଦ ଜବତ, ୧ ଗିରଫ

**ଭୁବନ,୧୭।୭(ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲ୍ଲା ଭୁବନ ଅବକାରୀ ବିଭାଗ ଦ୍ୱାରା ଏକ ବାଇକ ସହିତ ୧୮ ଲିଟର ଦେଶୀ ମଦ ଜବତ ହୋଇଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନାନୁଯାୟୀ, ଢେଙ୍କାନାଳ ଜିଲ୍ଲାପାଳ ଓ ଜିଲ୍ଲା ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଭୁବନ ଅବକାରୀ ଉପ ନିରୀକ୍ଷକ ବୁଲୁ ପାତ୍ର ପାଟ୍ରୋଲିଂରେ ଯାଇଥିବା ବେଳେ ଏକ ବାଇକରେ ବିପୁଳ ଦେଶୀ ମଦ ଆସୁଥିବା ଖବର ପାଇ ଭୁବନ ଥାନା ଅନ୍ତର୍ଗତ ମୃଦଙ୍ଗୀ ପଞ୍ଚାୟତ ନୂଆହାଟଠାରେ ଓଡ଼ି୦୪ ଏଚ ୩୧୫୦ ବିଶିଷ୍ଟ ମୋଟର ସାଇକେଲକୁ ଅଟକ ରଖି ଚଢ଼ଉ କରି ୧୮ ଲିଟର ଦେଶୀ ମଦ ଜବତ କରିବା ସହିତ ପୁରୁଷୋତମ ସାମଲ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ଅବକାରୀ କାର୍ଯ୍ୟାଳୟକୁ ଆଣିଥିଲେ। କେଶ୍ ନଂ ୫୪/୨୦୨୬-୨୭ ରେ ମାମଲା ରୁଜୁ କରାଯାଇଥିଲା। ପରେ ବି ଏନ୍ ଏସ ଧାରା ୩୫(୩) ଆଧାରରେ ତାଙ୍କୁ ଜାମିନରେ ଛଡ଼ା ଯାଇଥିଲା। ଭୁବନ ଅବକାରୀ ସବ୍ ଇନ୍ସପେକ୍ଟର ବୁଲୁ ପାତ୍ରଙ୍କ ତତ୍ତ୍ୱାବଧାନରେ କନଷ୍ଟେବଳ ଶ୍ରଦ୍ଧାଞ୍ଜଳି ସାମଲ, ସୁଜିତ ନାୟକ, ଆଲୋକ କୁମାର ଜେନା ପ୍ରମୁଖ ଏହି ଚଢ଼ଉରେ ସହଯୋଗ କରିଥିଲେ।

## ମରିଚାଇପଦାରେ ରଥଯାତ୍ରା ସମ୍ପନ୍ନ

**ଭଦ୍ରକ,୧୭।୭(ସଂଚାର ବ୍ୟୁରୋ):** ଆଗରପଡ଼ା ସନ୍ନିକଟ ମରଚାଇପଦା ଠାରେ ଥିବା ପ୍ରସିଦ୍ଧ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ସମାରୋହରେ ସମ୍ପନ୍ନ ହୋଇଛି। ପଣ୍ଡିତ ଭକ୍ତ ମୋହନ ତ୍ରୀପାଠି, ପ୍ରସନ୍ନଜିତ ପଣ୍ଡା, ପୃଥିରାଜ ପାଣିଗ୍ରାହି ସକାଳେ ଠାକୁରଙ୍କ ପୂଜାର୍ଚ୍ଚନା ପରେ ଅପରାହ୍ନରେ ପହଣ୍ଡି ବିଜେ କରାଯାଇଥିଲା। ସମାଜସେବୀ ହରମୋହନ ପଣ୍ଡା ଛେରା ପହଁରା କରିଥିଲେ। ଠାକୁରଙ୍କୁ ରଥାରୂଢ଼ କରାଯିବା ପରେ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଘଂଟ ଘଂଟା, ସଂକୀର୍ତ୍ତନ, ହୁଳହୁଳି ଏବଂ ହରିବୋଲ ଧ୍ୱନିରେ ରଥ କାନପୁରସ୍ଥିତ ମାଉସୀ ମା ମନ୍ଦିର ପହଂଚି ଥିଲା। ମରଚାଇପଦା, କାନପୁର ଓ ନିଉଦାଣୀ ଗ୍ରାମବସୀ ସୁରେନ୍ଦ୍ର କୁମାର ସା, ଗୋପାଳ ଚନ୍ଦ୍ର ପେଡ଼ା, ଗୋବର୍ଦ୍ଧନ ରାଉତ ପ୍ରମୁଖଙ୍କ ସହଯୋଗରେ ସୋସୋ ପୋଲିସ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

# ଗୃହ ନିର୍ମାଣ ନ ହେବା ପ୍ରତିବାଦରେ ଗଣଧାରଣା



**ବୈଶିଙ୍ଗା,୧୭।୭(ସଂଚାର ବ୍ୟୁରୋ):** ନୂତନ କେନ୍ଦୁଆ ପଞ୍ଚାୟତ ସୃଷ୍ଟି ହେବାର ଦଶ ବର୍ଷ ବିତି ଗଲାଣି। ନିଜର ନୂତନ କାର୍ଯ୍ୟାଳୟ ନିର୍ମାଣ ପାଇଁ ଆଠ ବର୍ଷ ତଳେ ୩୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲେ ମଧ୍ୟ ସ୍ଥାନ ନିରୁପଣ ନ ହୋଇ ପାହିବାରୁ ନୂତନ ଗୃହ ନିର୍ମାଣ ହୋଇପାରୁନାହିଁ। ଫଳରେ ବୈଶିଙ୍ଗା ପଞ୍ଚାୟତର ପୁରୁଣା ବିଲ୍ଡିଂରେ ଅସ୍ଥାୟୀ କାର୍ଯ୍ୟ ଚାଲୁ ରହିଛି। ଯେଉଁଥି ପାଇଁ କି ଉଭୟ ପଞ୍ଚାୟତ ବାସୀ ଙ୍କୁ ହଇରାଣ ହରକତ ହେବାକୁ ପଡୁଛି। ଭତ୍ତା କିମ୍ବା ଚାଉଳ ନେବା ପାଇଁ ହିତାଧିକାରୀ ଙ୍କୁ ଖରା ବର୍ଷା ସହିବାକୁ ପଡୁଛି। ୨୦୨୪ ମସିହା ନଭେମ୍ବର ୨୨ ତାରିଖରେ ମାନ୍ୟବର ବିଧାୟକ ସନାତନ ବିଜୁଳି ବୈଶିଙ୍ଗା ପଞ୍ଚାୟତ ସଂଲଗ୍ନ କେନ୍ଦୁଆ ମୌଜାରେ ନୂତନ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ଦୁଇ ବର୍ଷ ବିତିବାକୁ ବସିଥିବା ବେଳେ ନୂତନ ଗୃହ ନିର୍ମାଣରେ ପ୍ରଶାସନିକ ତତ୍ପରତା ଦେଖିବାକୁ ମିଳିଲା ନାହିଁ। ପଞ୍ଚାୟତବାସୀ ଙ୍କ ମଧ୍ୟରେ ଧିରେ ଧିରେ ଅସନ୍ତୋଷ ବଢ଼ିବାକୁ ଲାଗିଲା। ଅତିଷ୍ଠ ପଞ୍ଚାୟତ ବାସୀ ଏହାର ଉତ୍ତର ପାଇବା ପାଇଁ କେନ୍ଦୁଆ ପଞ୍ଚାୟତ ବାସୀ ଅସ୍ଥାୟୀ କାର୍ଯ୍ୟାଳୟ ଠାରୁ ଏକ ପଦଯାତ୍ରାରେ ବିଧାୟକ ସନାତନ ବିଜୁଳି ଙ୍କ ଘରକୁ ଯାଇଥିଲେ। ମାତ୍ର ସେଠାରେ ଦେଖା ନ ପାଇ ବିଧାୟକ ହାଏ ହାଏ ଛି ଛି ନାରା ଦେଇ ହତାଶ ହୋଇ ଫେରି ଆସିଥିଲେ। ତହିଁ ପରଦିନ କେନ୍ଦୁଆ ନାଏବ ସରପଞ୍ଚ ନମିତା ସିଂ ଙ୍କ ଜରିଆରେ ସାତ ଦିନ ମଧ୍ୟରେ ଶିଳାନ୍ୟାସ ସ୍ଥାନରେ ନୂତନ ଗୃହ ନିର୍ମାଣ ନ କରିଲେ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ବିଡିଓ, ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ତହସିଲଦାର, ମୁଖ୍ୟମନ୍ତ୍ରୀ, ପଞ୍ଚାୟତରାଜ ମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀ ପ୍ରଭୃତି ଙ୍କୁ ଜଣାଇଥିଲେ। ଆଜି ଶୁକ୍ରବାର ପୂର୍ବାହ୍ନ ଠାରୁ ଏହି ଗଣଧାରଣା ଜାରି ରହିଥିବାର ଦେଖିବାକୁ ମିଳିଛି। ଏହି ଖବର ପାଇ ବିଡିଓ ଙ୍କ ତରଫରୁ ଅତିରିକ୍ତ ବିଡିଓ ଗଗନ ବେହେରା ଧାରଣା ସ୍ଥଳରେ ପହଞ୍ଚି ଧାରଣାରତ ମହିଳା /ପୁରୁଷ ମାନଙ୍କୁ ଧାରଣାରୁ ନିବୃତ ରହିବାକୁ କହିବା ସହିତ ଜୁଲାଇ ୨୪ ତାରିଖରେ ଗ୍ରାମସଭା ପାଇଁ ନୋଟିସ ଜାରି କରାଯାଇଛି, ସେଦିନ ସମସ୍ତଙ୍କର ମତାମତ ନିଆଯିବ, ସର୍ବସମ୍ମତି କ୍ରମେ ଯେଉଁଠାରେ ସ୍ଥାନ ନିରୁପଣ ହେବ ସେହି ସ୍ଥାନରେ କରାଯିବ ବୋଲି ସାନ୍ତ୍ୱନା ଦେଇଥିଲେ। ମାତ୍ର ଧାରଣାକାରୀ ମାନେ ବିଧାୟକଙ୍କ ଶିଳାନ୍ୟାସ ସ୍ଥାନରେ କରାଯିବାକୁ ଅଡି ବସିଥିଲେ। ଏହା ବ୍ୟତୀତ ବର୍ତ୍ତମାନ ଅସ୍ଥାୟୀ କାର୍ଯ୍ୟାଳୟ କେନ୍ଦୁଆ ମୌଜାରେ ହିଁ କାର୍ଯ୍ୟକାରୀ ହେଉଛି ତେବେ ନୂତନ କାର୍ଯ୍ୟାଳୟର ଆବଶ୍ୟକତା ନାହିଁ, ତା ବଦଳରେ ବୈଶିଙ୍ଗା କାର୍ଯ୍ୟଳୟ କୁ କେନ୍ଦୁଆ ମୌଜା ରୁ ଉଠାଇ ଅନ୍ୟତ୍ର ସ୍ଥାନାନ୍ତର କରାଯାଉ ବୋଲି ନାଏବ ସରପଞ୍ଚ ନମିତା ସିଂ ଙ୍କ ସହିତ ଅନ୍ୟମାନେ ମଧ୍ୟ ମତ ପୋଷଣ କରିଥିଲେ।